# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 200 | ମୂଲ୍ୟ ₹୭/-







## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ଗୁଜରାଟର ତପି ବ୍ରିଜ୍

**ଗାନ୍ଧୀନଗର, ୧୪।୬:** ଗୁଜରାଟର ତପି ଦେଇ ପ୍ରବାହିତ ମିନ୍‌ଧୋଲା ନଦୀ ଉପରେ ନିର୍ମିତ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ୨୦୨୧ରେ ୨ କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅତି ନିମ୍ନମାନର ସାମଗ୍ରୀ ଏଥିରେ ବ୍ୟବହାର କରାଯାଇଥିବା କୁହାଯାଉଛି। ତପିର ମାୟାପୁରରୁ ଦେଗାମାକୁ ସଂଯୋଗ କରିବାକୁ ଥିବା ଏହି ବ୍ରିଜ୍ ଭୁଶୁଡ଼ିବା ଫଳରେ ପ୍ରାୟ ୧୫ ଗ୍ରାମ ପ୍ରଭାବିତ ହୋଇଛି।

# ଦୋଷୀ ହେଲେ ବି ଲଢ଼ିପାରିବେ ଟ୍ରମ୍ପ୍

**ୱାଶିଂଟନ୍, ୧୪।୬**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ବେଆଇନ ଭାବେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ ରଖିବା ଅଭିଯୋଗ ସ୍ଥିର ହୋଇଛି। ୭୭ ବର୍ଷୀୟ ଟ୍ରମ୍ପ୍ ୨୦୨୧ରେ ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ଏହି ଗୁପ୍ତ ତଥା ସମ୍ବେଦନଶୀଳ ଦସ୍ତାବିଜଗୁଡ଼ିକୁ ନିଜ ବାଥରୁମ୍ ଓ ଶୟନକକ୍ଷରେ ରଖିଥିଲେ। ମଙ୍ଗଳବାର ଫ୍ଲୋରିଡାସ୍ଥିତ ମିଆମି ଫେଡେରାଲ କୋର୍ଟରେ ସେ ୩୭ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ଦର୍ଶାଇଥିଲେ। ଟ୍ରମ୍ପ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଛାଡ଼ି ଦିଆଯାଇଥିଲା। ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଏପରି ଆପରାଧିକ ମାମଲା ଚାଲିବା ଆମେରିକା ଇତିହାସରେ ପ୍ରଥମ ଘଟଣା।

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରେ



ଡୋନାଲ୍ଡ ଟ୍ରମ୍ପ୍

ଆଗୁଆ ଥିବା ଡୋନାଲ୍ଡ ଟ୍ରମ୍ପ୍ ଗତ ଏପ୍ରିଲରେ ବ୍ୟବସାୟିକ ରେକର୍ଡ ଜାଲିଆତି ଅଭିଯୋଗରେ ଏକ କୋର୍ଟରେ ହାଜର ହୋଇଥିଲେ। ମେ' ୯ରେ ଟ୍ରମ୍ପ୍‌ଙ୍କ ବିରୋଧରେ ଲେଖିକା ଇ. ଜିନ୍ କାରୋଲ୍ ବଳାତ୍କାର ଅଭିଯୋଗ ଆଣିଥିଲେ। ଟ୍ରମ୍ପ୍ ଏହି ଅଭିଯୋଗକୁ ମଧ୍ୟ ସେତେବେଳେ ଖଣ୍ଡନ କରିଥିଲେ। ଟ୍ରମ୍ପ୍ କାରୋଲଙ୍କୁ ବଳାତ୍କାର କରିଥିବା ନେଇ ବିଚାରପତି କୌଣସି ପ୍ରମାଣ ପାଇ ନ ଥିଲେ। ତେବେ ସେ ତାଙ୍କୁ ଯୌନ ଶୋଷଣ କରିଥିବା ପ୍ରମାଣ ମିଳିଥିବାରୁ ଲେଖିକାଙ୍କୁ ୫ ନିୟୁତ ଡଲାର ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ୩ ମାମଲା ପରେ ଟ୍ରମ୍ପ୍ ୨୦୨୪ରେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମିଲ ହୋଇପାରିବେ କି ନାହିଁ ସେନେଇ ଏବେ ବିତର୍କ ଆରମ୍ଭ ହୋଇଛି। ନ୍ୟୁୟର୍କ ହେଉ କି ଫ୍ଲୋରିଡା କୋର୍ଟରେ ଅଥବା କାରୋଲଙ୍କ ମାମଲାରେ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଆଇନ ପ୍ରଧ୍ୟାପକ ରିଚାର୍ଡ ହସେନଙ୍କ ମତରେ ଟ୍ରମ୍ପ୍‌ଙ୍କ ବିରୋଧରେ ଅଭିଯୋଗ ସ୍ଥିର ହେଲେ ମଧ୍ୟ ଏପରି କି ସେ ଦୋଷୀ ସାବ୍ୟସ୍ତ ହେଲେ ବି ନିର୍ବାଚନ ଲଢ଼ିବାରୁ ତାଙ୍କୁ ଅଟକାଯାଇପାରିବ ନାହିଁ। ସମ୍ବିଧାନ ଅନୁସାରେ ଯଦି ଜଣେ ପ୍ରାର୍ଥୀ ଆମେରିକାରେ ଜନ୍ମିତ ହୋଇଥିବେ, ତାଙ୍କୁ ୩୫ ବର୍ଷ ହୋଇଥିବ ଏବଂ ଦେଶରେ ସେ ଅନ୍ୟୁନ ୧୪ ବର୍ଷ ରହିଥିବେ ତେବେ ନିର୍ବାଚନ ଲଢ଼ିପାରିବେ। ଏହାବାଦ୍ ଅନ୍ୟ କେତେକ ସାମ୍ବିଧାନିକ କଟକଣା ରହିଛି, ଯାହାକି ଟ୍ରମ୍ପ୍‌ଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ।

## ସଂକ୍ଷେପରେ

### ଗ୍ରୀସ୍‌ରେ ବୋଟ୍ ବୁଡ଼ି ୭୯ ମୃତ

**ଆଥେନ୍ସ, ୧୪।୬:** ଗ୍ରୀସ୍ ପେଲୋପୋନେସ୍ସର ଲୋନିଆନ୍ ସମୁଦ୍ରରେ ବୋଟ୍ ବୁଡ଼ି ୭୯ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ରେସ୍କ୍ୟୁ ଟିମ୍ ଦ୍ୱାରା ପାଖାପାଖି ୧୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମାତ୍ରାଧିକ ଲୋକ ବୋଟ୍‌ରେ ବସିଥିବା ଯୋଗୁ ଭାରସାମ୍ୟ ହରାଇ ବୋଟ୍‌ଟି ବୁଡ଼ିଯାଇଥିବା କୋଷ୍ଟଗାର୍ଡ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନୌସେନା ଜାହାଜ, ସେନା ବିମାନ ଓ ହେଲିକପ୍ଟର ନିୟୋଜିତ କରାଯାଇଥିଲା। ଘଟଣାରେ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଜମ୍ମୁରେ ଏକକାଳୀନ ୪ ଥର ଭୂକମ୍ପ ଝଟକା

**ଜମ୍ମୁ, ୧୪।୬:** ଜମ୍ମୁରେ ବୁଧବାର ଏକକାଳୀନ ୪ଟି ଭୂକମ୍ପ ଝଟକା ଅନୁଭୂତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଡୋଡା ଓ କିସ୍ତୱାର ଜିଲାର ସମସ୍ତ ସ୍କୁଲ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଡୋଡାରେ ୫.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ତେବେ ଭୂକମ୍ପ ଝଟକାରେ କୌଣସି କ୍ଷୟକ୍ଷତି ସୂଚନା ମିଳିନାହିଁ।

### ଡ୍ରଗ୍ସ ମାମଲାରେ କାବାଲି ଫିଲ୍ମ ପ୍ରଯୋଜକ ଗିରଫ



କେ.ପି. ଚୌଧୁରୀ

**ହାଇଦ୍ରାବାଦ, ୧୪।୬:** ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଫିଲ୍ମ କାବାଲିର ପ୍ରଯୋଜକ କେ.ପି. ଚୌଧୁରୀଙ୍କୁ ବୁଧବାର ଡ୍ରଗ୍ସ ମାମଲାରେ ହାଇଦ୍ରାବାଦ ପୋଲିସ ଗିରଫ କରିଛି। ୯୦ ପ୍ୟାକେଟ୍‌ରୁ ପାଖାପାଖି ୮୨.୭୫ ଗ୍ରାମର କୋକେନ ପୋଲିସ ତାଙ୍କ ନିକଟରୁ ଜବତ କରିଛି। ଜବତ ଡ୍ରଗ୍ସର ବଜାର ମୂଲ୍ୟ ୭୮.୫ ଲକ୍ଷ ଟଙ୍କା ହେବ। ତେଲଙ୍ଗାନା ଖାମ୍ମାମ ଜିଲା ବୋନାକାଲ ମଣ୍ଡଳରେଚୌଧୁରୀଙ୍କ ଘର। ୨୦୧୬ରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ଗୋଆରେ ତାଙ୍କର ଏକ କ୍ଲବ୍ ଥିବାବେଳେ ସେଠାରେ ସେ ଡ୍ରଗ୍ସ କାରବାର କରୁଥିବା ପୋଲିସ କହିଛି।

### ମା'ବାପାଙ୍କ ମୃତଦେହ ନିକଟରୁ ୪ ଦିନର ଶିଶୁ ଉଦ୍ଧାର

**ଡେରାଡୁନ୍, ୧୪।୬:** ଉତ୍ତରାଖଣ୍ଡ ଡେରାଡୁନ୍‌ର ଏକ ବନ୍ଦଘର ଭିତରୁ ଦମ୍ପତିଙ୍କ ମୃତଦେହ ସାଙ୍ଗକୁ ଏକ ୪ ଦିନର ନବଜାତକକୁ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ଉତ୍ତର ପ୍ରଦେଶ ସାହାରନପୁର ଜିଲାର କାଶିଫ (୨୫) ଏବଂ ଆନମ (୨୨)। ଆନମ କାଶିଫଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ। ଘରୁ ଦୁର୍ଗନ୍ଧ ବାହାରୁଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଥିବାବେଳେ ନବଜାତକକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଋଣ ଭାର ଯୋଗୁ ଦମ୍ପତି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆଜି ଲ୍ୟାଣ୍ଡଫଲ୍ କରିବ 'ବିପର୍ଯ୍ୟୟ'

**ନୂଆଦିଲ୍ଲୀ, ୧୪।୬**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁସାରେ ଭୀଷଣ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ଗୁରୁବାର ଗୁଜରାଟର ସୌରାଷ୍ଟ୍ର, କଚ୍ଛ ଏବଂ ପାକିସ୍ତାନ ଉପକୂଳରେ ଲ୍ୟାଣ୍ଡଫଲ୍ କରିବ। ସୁରକ୍ଷା ଦୃଷ୍ଟିରୁ ସମୁଦ୍ରକୂଳିଆ ଅଞ୍ଚଳକୁ ଖାଲି କରିଦିଆଯାଇଛି। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଇଲାକାରେ ହାଇ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପାଇଁ ପଶ୍ଚିମତଟ ରେଲୱେ ପକ୍ଷରୁ ୯୫ଟି ଟ୍ରେନ୍ ବାତିଲ କରାଯାଇଛି। ଗୁଜରାଟ ଉପକୂଳବର୍ତ୍ତୀ ଇଲାକାରୁ ବଦ୍ୟାବଧି ୫୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଘଣ୍ଟାପ୍ରତି ୧୫୦ କି.ମି. ବେଗରେ ପବନ ବହିବ। ଅନ୍ୟପକ୍ଷେ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ପ୍ରଭାବରେ ଦେଭୂମି ଦ୍ୱାରକା ଜିଲାରେ ସର୍ବାଧିକ ୧୨୧ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଛି। ଜାମନଗର,




ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁଜରାଟର କଚ୍ଛ ଜିଲା ଗୁନାଉ ଗ୍ରାମରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ବିଏସ୍‌ଏଫ୍ ଯବାନ ଟ୍ରାକ୍ଟରରୁ ଶିଶୁଙ୍କୁ ଓହ୍ଲାଉଛନ୍ତି।

ଜୁନାଗଡ଼, ରାଜକୋଟ ପୋରବନ୍ଦର ଏବଂ କଚ୍ଛ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଭୀଷଣ ପବନ ବହିବା ଯୋଗୁ ଦ୍ୱାରକାରେ ଥିବା ଆକାଶବାଣୀର ୯୦ ମିଟର ଉଚ୍ଚତାର ଟାୱାର ଭାଙ୍ଗି ଯାଇଛି।

ବାତ୍ୟାର ମୁକାବିଲା ପାଇଁ ଉପକୂଳ ଇଲାକାରେ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ ଏସ୍‌ଡିଆର୍‌ଏଫ୍ ଟିମ୍, ରାଜ୍ୟ ସଡ଼କ ଓ ଗୃହ ନିର୍ମାଣ ବିଭାଗର ୧୧୫

### ଉପକୂଳ ଅଞ୍ଚଳରେ ହାଇ-ଆଲର୍ଟ
### ୫୦,୦୦୦ ଲୋକ ସ୍ଥାନାନ୍ତରିତ

ଟିମ୍ ସାଙ୍ଗକୁ ରାଜ୍ୟ ବିଦ୍ୟୁତ ବିଭାଗର ୩୯୭ ଟିମ୍ ମୁତୟନ କରାଯାଇଛି। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଚ୍ଛ ସ୍ଥିତି ସମୀକ୍ଷା କରିଥିଲେ। ଭୁଜ ଏୟାରଫୋର୍ସରେ ବାତ୍ୟା ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିବା ସହ କେ.କେ. ପଟେଲ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବାତ୍ୟା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାକିସ୍ତାନ ଉପକୂଳ ଅଞ୍ଚଳରେ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସରକାରଙ୍କ ପକ୍ଷରୁ ପାଖାପାଖି ୫୭,୦୦୦ ଲୋକଙ୍କୁ ସୁରକ୍ଷା ଶିବିରକୁ ନିଆଯାଇଛି।

## ପ୍ରାର୍ଥୀପତ୍ର ଦାଖଲ ବେଳେ ହିଂସା

**କୋଲକାତା, ୧୪।୬**

ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ଦକ୍ଷିଣ ୨୪ ପ୍ରଗଣା ଭାଙ୍ଗୋରେ ଅଞ୍ଚଳରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ହିଂସାକାଣ୍ଡ ଘଟିଛି। ନିର୍ବାଚନକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ଜୋର୍‌ଦାର ସଂଘର୍ଷ ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବୋମା ଫୋପଡ଼ା ପିଙ୍ଗା କରାଯାଇଥିବାବେଳେ କାର୍ ଭଙ୍ଗାରୁଜା କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ସଂଘର୍ଷରେ ଉଭୟ ଟିଏମ୍‌ସି ଏବଂ ଆଇଏସ୍‌ଏଫ୍‌ର କର୍ମୀ ଆହତ ହୋଇଥିବା ପୋଲିସ କହିଛି। ସେହିପରି ପ୍ରାର୍ଥୀପତ୍ର ଦାଖଲବେଳେ ବାଙ୍କୁରାରେ ମଧ୍ୟ ଟିଏମ୍‌ସି ଓ ଭାଜପା କର୍ମୀଙ୍କ ମଧ୍ୟରେ ହିଂସା ଦେଖିବାକୁ ମିଳିଥିଲା। ଆସନ୍ତା ଜୁଲାଇ ୮ରେ ପଶ୍ଚିବବଙ୍ଗରେ ପଞ୍ଚାୟତ ନିର୍ବାଚନ ହେବ।



## କୋଲକାତା ଏୟାରପୋର୍ଟରେ ନିଆଁ

**କୋଲକାତା, ୧୪।୬**

କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ରାତି ୯ଟା ୧୦ମିନିଟରେ ଅଗ୍ନିକାଣ୍ଡ ଘଟିଛି। ବିମାନଯାତ୍ରୀମାନେ ବୋର୍ଡିଂ ପାସ୍ ସଂଗ୍ରହ କରୁଥିବା ଦି ପୋର୍ଟାଲ ଏରିଆରେ ନିଆଁ ଲାଗିଥିବାବେଳେ ଏହାକୁ ଆୟତ୍ତ କରିବା ପାଇଁ ୩ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ବିମାନବନ୍ଦରର ସିକ୍ୟୁରିଟି ଚେକ୍ ପଏଣ୍ଟର କିଛି ଭାଗରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି। ସମସ୍ତ ବିମାନଯାତ୍ରୀ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଭାରତ ଛାଡୁଛନ୍ତି ମିଲିଅନେୟାର

**ନୂଆଦିଲ୍ଲୀ, ୧୪।୬**

ଚଳିତବର୍ଷ ଭାରତରୁ ମିଲିଅନେୟାର ମାନଙ୍କ ଗଣପଳାୟନ ହେବ। ୨୦୨୩ରେ ଦେଶ ୬,୫୦୦ ହାଇ-ନେଟ୍-ଓ୍ୱର୍ଥ ଇଣ୍ଡିଭିଜୁଆଲ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କୁ ହରାଇବ ବୋଲି ହେନ୍‌ଲେ ପ୍ରାଇଭେଟ୍ ୱେଲ୍‌ଥ ମାଇଗ୍ରେଶନ୍ ରିପୋର୍ଟରେ ପ୍ରକାଶ ପାଇଛି।

ବିଶ୍ୱବ୍ୟାପୀ ସମ୍ପତ୍ତି ଓ ନିବେଶ ମାଇଗ୍ରେଶନ୍ ଟ୍ରେଣ୍ଡ ଉପରେ ନଜର ରଖୁଥିବା ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ପକ୍ଷରୁ କୁହାଯାଇଛି ଯେ, ୨୦୨୩ରେ ଚାଇନା ସର୍ବାଧିକ ୧୩,୫୦୦ ମିଲିଅନେୟାରଙ୍କୁ ହରାଇବ। ସେହିପରି ଭାରତ ୬,୫୦୦ ଏଚ୍‌ଏନ୍‌ଡବ୍ଲ୍ୟୁଆଇଙ୍କୁ ହରାଇ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହାସତ୍ତ୍ୱେ ଭାରତର ସ୍ଥାନରେ କିଛି ମାତ୍ରାରେ ଉନ୍ନତି ଆସିପାରେ। କାରଣ ଗତବର୍ଷ ଭାରତରୁ ୭,୫୦୦ ମିଲିଅନେୟାର ବିଦେଶକୁ ଚାଲିଯାଇଥିଲେ। ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ଗବେଷଣା ମୁଖ୍ୟ ଆଣ୍ଡ୍ରୁ ଆମୋଇଲ୍ସ କହିଛନ୍ତି, ଭାରତରୁ ପଳାୟନ କରୁଥିବା ମିଲିଅନେୟାରଙ୍କ ତୁଳନାରେ ନୂଆ ସୃଷ୍ଟି ହେଉଥିବା ମିଲିଅନେୟାରଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ବିଶେଷ ଚିନ୍ତାର କାରଣ ନୁହେଁ। ହେନ୍‌ଲି ଆଣ୍ଡ୍ ପାଟନର୍ସ ଅନୁସାରେ ଯେଉଁ ଧନୀ ବ୍ୟକ୍ତିଙ୍କ ନିବେଶଯୋଗ୍ୟ ସମ୍ପତ୍ତିର ମୂଲ୍ୟ ୧ ନିୟୁତ ଡଲାର କିମ୍ବା ତଦୂର୍ଦ୍ଧ୍ୱ ତାଙ୍କୁ ଏଚ୍‌ଏନ୍‌ଡବ୍ଲ୍ୟୁଆଇ କୁହାଯାଏ। ହେନ୍‌ଲି ଆଣ୍ଡ୍ ପାଟନର୍ସ ସିଇଓ ଜୁଏର୍ଗ ଷ୍ଟିଫେନ୍ କହିଛନ୍ତି, ଗତ ୧ ଦଶନ୍ଧି ମଧ୍ୟରେ ଦେଶାନ୍ତରୀ ହୋଇଥିବା ମିଲିଅନେୟାରଙ୍କ ସଂଖ୍ୟା ବଢ଼ିଛି। ସାରା ବିଶ୍ୱରେ ୨୦୨୩ରେ ୧,୨୨,୦୦୦ ଓ ୨୦୨୪ରେ ୧,୨୮,୦୦୦ ମିଲିଅନେୟାର ଦେଶାନ୍ତରୀ ହୋଇପାରନ୍ତି।

## ଲଣ୍ଡନରେ ଭାରତୀୟ ଯୁବତୀଙ୍କୁ ହତ୍ୟା

**ଲଣ୍ଡନ, ୧୪।୬**

ଲଣ୍ଡନର ୱେମବ୍ଲେସ୍ଥିତ ନିଲ୍ଡ କ୍ରିସେଣ୍ଟରେ ଜଣେ ଭାରତୀୟ ଯୁବତୀଙ୍କୁ ହତ୍ୟା କରାଯାଇଛି। ହାଇଦ୍ରାବାଦର ୨୭ ବର୍ଷୀୟା କୋନ୍ଥାମ ତେଜସ୍ୱିନୀଙ୍କୁ ତାଙ୍କ ଫ୍ଲାଟମେଟ୍ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ବ୍ରାଜିଲର। ଘଟଣା ନେଇ ମେଟ୍ରୋପଲିଟାନ୍ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଦିନ ସକାଳ ୧୦ଟାରେ ତେଜସ୍ୱିନୀଙ୍କୁ ଛୁରା ମାଡ଼ କରି ହତ୍ୟା କରାଯାଇଥିଲା। ତେଜସ୍ୱିନୀଙ୍କୁ ଆହତ ଅବସ୍ଥାରେ ଜଣେ ଯୁବତୀ ହସ୍ପିଟାଲ ନେଇଥିଲେ। ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିବା ତେଜସ୍ୱିନୀ କେତେଜଣ ବାନ୍ଧବୀଙ୍କ ସହ ଏକ ଫ୍ଲାଟରେ ରହୁଥିଲେ। ଗତ



କୋନ୍ଥାମ ତେଜସ୍ୱିନୀ

ସପ୍ତାହରେ ଅଭିଯୁକ୍ତ ବ୍ରାଜିଲର ଯୁବକ ଜଣକ ସେଠାକୁ ସିଫ୍ଟ ହୋଇଥିବା ତେଜସ୍ୱିନୀଙ୍କ ସମ୍ପର୍କୀୟ ଭଉଣୀ ବିଜୟା କହିଛନ୍ତି। ତେବେ ମେଟ୍ରୋପଲିଟାନ ପୋଲିସ ଘଟଣା ତଦନ୍ତ ଚଳାଇଛନ୍ତି।

# ଚାପ ଯୋଗୁ ଚାକିରି ଛାଡୁଛନ୍ତି କର୍ମଚାରୀ

**ୱାଶିଂଟନ୍, ୧୪।୬**

କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପରେ ଚାପ କ୍ରମାଗତ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ପଡ଼ିଛି। ଆମେରିକାର ଆନାଲିଟିକ୍ସ ଆଡ୍‌ଭାଇଜରି କମ୍ପାନୀ ଗଲୁପ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ କର୍ମକ୍ଷେତ୍ରରେ ଚାପ ବଢ଼ିବା ଯୋଗୁ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳୁଛି। ଷ୍ଟ୍ରେସ୍‌ରେ ରହୁଥିବା କର୍ମଚାରୀଙ୍କ ଚାକିରି ଓ ବ୍ୟକ୍ତିଗତ ଜୀବନମଧ୍ୟରେ କେଉଁ ପ୍ରକାର ଅନୁଭୂତି ରହୁଛି, ସେ ସମ୍ପର୍କରେ ଗାଲୁପ 'ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ ୱାର୍କ ପ୍ଲେସ୍ ୨୦୨୩'ରେ ଉଲ୍ଲେଖ କରାଯାଇଛି।



ବିଶ୍ୱରେ ମୋଟ ୫୯% କର୍ମଚାରୀଙ୍କ ସ୍ଥିତି କ୍ୱାଇଟ୍ କ୍ୱିଟିଙ୍ଗରେ ରହିଛି ଅର୍ଥାତ୍ ସେମାନେ କୌଣସି ସଂସ୍ଥାରେ କାର୍ଯ୍ୟ କରୁନାହାନ୍ତି। ସେହିପରି ୧୮% ଲାଇଡ୍ କ୍ୱିଟିଙ୍ଗ୍ ସ୍ଥିତିରେ ଅଛନ୍ତି। ସେମାନେ ହେଲେ ଚାକିରି ଛାଡ଼ିବାକୁ ଥିବା କର୍ମଚାରୀ। ୧୬୦ ଦେଶର ୧,୨୨,୪୧୬ ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ସର୍ଭେ କରାଯାଇଛି। ବିଶ୍ୱବ୍ୟାପୀ ପ୍ରତି ୧୦ ଜଣଙ୍କ ମଧ୍ୟରେ ୬ ଜଣ ଚାକିରି ଛାଡୁଛନ୍ତି। ଚାକିରି ଛାଡୁଥିବା କର୍ମଚାରୀଙ୍କ ମଧ୍ୟରୁ ୪୧% ଗୋଟିଏ ସଂସ୍ଥା ଛାଡ଼ି ଅନ୍ୟତ୍ର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ୨୮% ନିଜ ଦରମା ଓ ଲାଭପ୍ରାପ୍ତି ପାଇଁ ଚାକିରି ଛାଡୁଥିବାବେଳେ ୧୬% କାର୍ଯ୍ୟ ଦକ୍ଷତା ହାସଲ ପାଇଁ କର୍ମକ୍ଷେତ୍ର ପରିବର୍ତ୍ତନ କରୁଥିବା ଜଣାପଡ଼ିଛି। କର୍ମଚାରୀଙ୍କ ଅସନ୍ତୋଷକୁ ଦୂର କରିବା ପାଇଁ କମ୍ପାନୀ ମାଲିକ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ସହ ଜଡ଼ିତ ରହିବା ଆବଶ୍ୟକ। ଅନ୍ୟପକ୍ଷେ ଅଫିସରେ ସହଯୋଗ ପ୍ରଦର୍ଶନ କରୁଥିବା ମ୍ୟାନେଜରଙ୍କର ମଧ୍ୟ ଆବଶ୍ୟକତା ରହିଛି। ସୁସମ୍ପର୍କ ସ୍ଥାପନ ଦ୍ୱାରା କର୍ମକ୍ଷେତ୍ରର ବାତାବରଣ ଭଲ ରହିବା ସହ କର୍ମଚାରୀ ଚାକିରି ଛାଡ଼ିବା ଅସୁବିଧା ଦୂର କରାଯାଇପାରିବ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ | Bhubaneswar, Thursday, June 15/2023 | ପୃଷ୍ଠା-୧





**ରେକର୍ଡ ଭାଙ୍ଗିଲେ ଅଦିତି**

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ରେ ଚମତ୍କାର ପ୍ରଦର୍ଶନ କରି ଭାରତର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ୧୪

୧୨ **ବିଜୟଙ୍କ ସହ ଏକାଠି ନଜର ଆସିବେ ମୃଣାଳ**

ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମରେ ସେ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ଏକାଠି ନଜର ଆସିବେ।




# ମା' ଆଗରେ ପୁଅକୁ ଟାଣି ନେଲା କୁମ୍ଭୀର

**■ ନଦୀରୁ ମିଳିଲା କ୍ଷତବିକ୍ଷତ ମୃତଦେହ**
**■ ଉତ୍ତେଜନା, ରାସ୍ତା ଅବରୋଧ**

କେନ୍ଦ୍ରାପଡ଼ା,୧୪ା୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନିମପୁର ଗ୍ରାମରେ ବୁଧବାର ପହିଲି ରଜରେ ଏକ ଅଭାବନୀୟ ଘଟଣା ଘଟିଛି । ମା' ସହିତ ନଦୀକୁ ଗୋଧାଇ ଯାଇଥିବା ପୁଅକୁ କୁମ୍ଭୀର ଟାଣି ନେବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତକ ହେଲେ ଅଶୋକ ଆଚାର୍ଯ୍ୟଙ୍କ ଏକମାତ୍ର ପୁଅ ଆଶୁତୋଷ (୧୦)। ବହୁ ଖୋଜାଖୋଜି ପରେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ପହିଲି ରଜର ଖୁସି ନିମପୁର ଗାଁରୁ ଉଭେଇ ଯାଇଛି ।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ଆଶୁତୋଷ ଓ ତାଙ୍କ ମା' ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତୁଠରେ ହୋଇଥିବା ତାରବାଡ଼ରେ ଉଭୟ ଗାଧୋଉଥିବା ସମୟରେ ଆଗରୁ ଛକି ରହିଥିବା ଏକ ବିରାଟ କୁମ୍ଭୀର ଆଶୁତୋଷଙ୍କୁ ଝାମ୍ପି ନଦୀ ଭିତରକୁ ନେଇଯାଇଥିଲେ। ଏହାଦେଖି ଆଶୁତୋଷଙ୍କ ମା' ଚିତ୍କାର କରିବା ସହିତ ପୁଅକୁ କୁମ୍ଭୀର ମୁହଁରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ସଫଳ ହୋଇ ନ ଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଗ୍ରାମବାସୀ ଡିଙ୍ଗୀ(ଛୋଟ ଡଙ୍ଗା)ରେ ଆଶୁତୋଷଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ହେଲେ ନଦୀର ଆର ପଟେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ



ଆଶୁତୋଷ ଆଚାର୍ଯ୍ୟ

ମିଳିଥିଲା। ପଟ୍ଟାମୁଣ୍ଡାଇ ଦମକଳ ବାହିନୀଙ୍କ ପାଖରେ ପାୱାର ବୋଟ ନ ଥିଲା। ଆଳି ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଆଶୁତୋଷଙ୍କ ମୃତଦେହକୁ କୂଳକୁ ଆଣିସାରିଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ତୁରନ୍ତ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି କରାଯିବା ସହିତ ସମସ୍ତ ତୁଠରେ ବାରିକେଡ୍ କରିବା ପାଇଁ ଜୋର୍ ଦିଆଯାଇଥିଲା । ସ୍ଥାନୀୟ ଲୋକେ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର ☞ପୃଷ୍ଠା-୨

## ନିମ୍ନମାନର ତାରବାଡ଼ ଜୀବନ ନେଉଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପଞ୍ଚମ ଶ୍ରେଣୀ ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ଟାଣି ନେଇଥିଲା। ପ୍ରାୟ ଘଣ୍ଟାଏ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ତୁଠରେ ନିମ୍ନମାନର ତାରବାଡ଼ (ବାରିକେଡ୍) ଯୋଗୁ ଆଶୁତୋଷଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ଶାଖା ନଦୀ ଅଞ୍ଚଳରେ କୁମ୍ଭୀର ଦେଖାଦେବା ସହ ଏମାନଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବନବିଭାଗ ଗତ

**କୁମ୍ଭୀର ଆଁରେ ନଦୀ ତଟବର୍ତ୍ତୀ ଗାଁ**

୧୦ ବର୍ଷ ମଧ୍ୟରେ ମାତ୍ର ୧୬ ଜଣଙ୍କୁ ମୃତ ଦର୍ଶାଇଥିବା ବେଳେ ସ୍ଥାନୀୟ ଅଧିବାସୀ କୁହନ୍ତି, ବହୁ ଲୋକଙ୍କୁ କୁମ୍ଭୀର ଟାଣି ନେଇଥିଲେ ମଧ୍ୟ ମୃତଦେହ ନ ମିଳିବାରୁ ଏହା ମିସିଂ କେସ୍‌ରେ ସୀମିତ ରହିଛି। ଏଭଳି ମିସିଂ ଘଟଣା ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିବ ବୋଲି କୁହନ୍ତି ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା। କୁମ୍ଭୀର ଆକ୍ରମଣର ଶିକାର ସଂଖ୍ୟା ପ୍ରତିବର୍ଷ ୨୦ରୁ ☞ପୃଷ୍ଠା-୨



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ବୁଧବାର ଆୟୋଜିତ ରଜ ଉତ୍ସବରେ ଯୁବତୀମାନେ ଦୋଳି ଖେଳୁଛନ୍ତି। (ଫଟୋ-ମୌସମ)

# ବାଧ୍ୟତାମୂଳକ ହେବ ବୋର୍‌ୱେଲ ପଞ୍ଜୀକରଣ

**ଭୂତଳ ଜଳ ପାଇଁ ଖୁବ୍‌ଶୀଘ୍ର ନୂଆ ନିୟମ**

**■ ଗଠନ ହେବ ଗ୍ରାଉଣ୍ଡ ୱାଟର ଅଥରିଟି**
**■ ପ୍ରଦୂଷଣକାରୀଙ୍କ ବିରୋଧରେ ୨୦ ଲକ୍ଷ ଯାଏ ହେବ ଜରିମାନା**

ଭୁବନେଶ୍ୱର,୧୪ା୬(ଅନିଲ ଦାସ)

ବର୍ଷାଭାବ ରାଜ୍ୟର ଜଳ ଉତ୍ସ ଉପରେ ଗଭୀର ପ୍ରଭାବ ପକାଇଲାଣି। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବର୍ଷର ଅଧିକାଂଶ ଦିନ ନଦୀ, ହ୍ରଦ, ଝରଣା, ପୋଖରୀ ଶୁଖିଲା ପଡୁଛି। ଭୂଗର୍ଭ ଜଳ ଉପରେ ଚାପ ବଢ଼ିଚାଲିଛି। ରାଜ୍ୟର ଅନେକ ଜିଲାରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ତଳକୁ ଖସିବାରେ ଲାଗିଛି। ଏପରି କି କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁ ନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷା ଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ଶୋଷୁଛନ୍ତି ତାହାର ମଧ୍ୟ କିଛି ହିସାବ ନାହିଁ। ଭୂତଳ

**ଭୁବନେଶ୍ୱର ସମେତ ୮ ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି**

ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲ୍ୟୁଆରଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି। ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ।

ଜଳ ସଙ୍କଟ ଜଳଜଳ ହୋଇ ଦିଶିଲାଣି। ମନଇଚ୍ଛା ଭୂଗର୍ଭ ଜଳ ବ୍ୟବହାର ଓ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଛାଟ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ଭୂତଳ ଜଳ ଅଧିନିୟମ(ରୁଲ୍ସ)-୨୦୨୩ କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଆଉ ମନଇଚ୍ଛା ଭୂଗର୍ଭରୁ ପାଣି ଶୋଷି ହେବନି। ଏଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଶିଳ୍ପ, ବ୍ୟବସାୟିକ, ୱାଟର ପାର୍କ, ବୃହତ୍ ଓ ☞ପୃଷ୍ଠା-୨

# ୨୦ ସୁଦ୍ଧା ଓଡ଼ିଶାରେ ମୌସୁମୀ

ଭୁବନେଶ୍ୱର,୧୪ା୬(ଅନିଲ ଦାସ)

ଆସନ୍ତା ୨୦ ତାରିଖ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏ ନେଇ ପାଗ ଅନୁକୂଳ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଦୁଇଦିନ ହେବ ଦକ୍ଷିଣ-ପଶ୍ଚିମ ଦିଗରୁ ବହୁଛି। ପାଗ ଅନୁକୂଳ ହେଉଥିବାରୁ ଆସନ୍ତା ୧୮ରୁ ୨୧ ମଧ୍ୟରେ ମୌସୁମୀ ପୂର୍ବ ଭାରତର କିଛି ଅଂଶକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ତାତି ସାମାନ୍ୟ ହ୍ରାସ ପାଇଛି। ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ୨ରୁ ୩ ଡିଗ୍ରୀ ସେଲ୍‌ସିୟସ କମିଛି। ଆସନ୍ତା ୫ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ମଙ୍ଗଳବାର ଭଳି ବୁଧବାର ଉପକୂଳ ଜିଲାରେ ତାତି କମିଥିଲେ ମଧ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଅଧିକାଂଶ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ତେବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୭, ଝାରସୁଗୁଡ଼ା ୪୩.୬, ହୀରାକୁଦ ୪୩.୭, ଭବାନୀପାଟଣା ୪୩, ବୌଦ୍ଧ ୪୨.୮, ବଲାଙ୍ଗୀର ୪୨.୫, ଟିଟିଲାଗଡ଼ ୪୨.୫, ବରଗଡ଼ ୪୨.୨, ମାଲକାନଗିରି ୪୨, ସୁନ୍ଦରଗଡ଼ ୪୧.୩, ନୂଆପଡ଼ା ୪୧, ତାଳଚେର ୪୦.୬, ଅନୁଗୋଳ ୪୦.୧, ରାଉରକେଲା ୪୦, ନୟାଗଡ଼ ୪୦, ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିରୋଧୀ ଦମନ ପାଇଁ ଇଡି ଅସ୍ତ୍ର

**■ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଗିରଫ**
**■ ହଠାତ୍ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି**
**■ କେନ୍ଦ୍ରକୁ ଘେରିଲେ ବିରୋଧୀ**

ଚେନ୍ନାଇ/ନୂଆଦିଲ୍ଲୀ,୧୪ା୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, କେରଳ, ରାଜସ୍ଥାନ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ସବୁଠି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି



ଥିରୁ ଭି.ସେନ୍ଥିଲ ବାଲାଜୀ ଏବଂ ତାଙ୍କୁ ମେଡିକାଲ ନିଆଯିବା ସମୟର ଦୃଶ୍ୟ।

ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ବୁଧବାର ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ ବାଲାଜୀଙ୍କୁ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଛି। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି।

ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେର କରୁର ଜିଲା ସମ୍ପାଦକ ନେତା ଥିରୁ ଭି.ସେନ୍ଥିଲ ବାଲାଜୀଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ବୁଧବାର ଇଡି ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସି ଏପରି କାର୍ଯ୍ୟାନୁଷ୍ଠାନ ନେବାରେ ଏହା ହେଉଛି ପ୍ରଥମ ଘଟଣା। ୪୭ ବର୍ଷୀୟ କରୁର ଷ୍ଟ୍ରଙ୍ଗ୍‌ମ୍ୟାନ୍ ବାଲାଜୀ ୨୦୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

> ସଚିବାଳୟରେ ଇଡି ଚଢ଼ାଉ ଦେଶର ସଂଘୀୟ ସହଯୋଗିତାର ଉଲ୍ଲଂଘନ। ଭାଜପା ନିଜ ବିରୋଧୀଙ୍କୁ ଧମକ ଦେଉଛି। ଏହାର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଡିଏମ୍‌କେ ନଇଁଯିବ ନାହିଁ। ଜନ ସାଧାରଣ ସବୁ ଦେଖୁଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ମୁହଁତୋଡ଼ ଜବାବ ଦେବେ।
>
> -ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର,୧୪ା୬
(ଅନୁରାଧା ମହାରଣା)

ଭୁବନେଶ୍ୱରର ପୂର୍ବତନ ପୌରାଧ୍ୟକ୍ଷ ତଥା ବିଶିଷ୍ଟ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବୁଧବାର ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବାସଭବନରେ ଶେଷ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ପ୍ରାଣୀ ଯନ୍ତ୍ରଣାର ତୁଳନା


# ୧୬% ବୟସ୍କା ମହିଳା ଦୁର୍ବ୍ୟବହାର ଶିକାର

ନୂଆଦିଲ୍ଲୀ,୧୪ା୬

ଦେଶରେ ମହିଳା ନିର୍ଯାତନାକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳା ସଶକ୍ତୀକରଣ ପାଇଁ ଅନେକ ଯୋଜନା ଗଠନ ସତ୍ତ୍ୱେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର କମିପାରି ନାହିଁ। ଆଜି ବି ଅନେକ ସ୍ଥାନରେ ମହିଳା ନିର୍ଯାତିତା। ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଦେଶରେ ୧୬ ପ୍ରତିଶତ ବୟସ୍କା ମହିଳା ଦୁର୍ବ୍ୟବହାରର ଶିକାର ହେଉଛନ୍ତି।

ଉଭୟ ଶାରୀରିକ ଓ ମାନସିକ ଭାବେ ବୟସ୍କା ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଜୁନ୍ ୧୫ରେ ପାଳନ ହେଉଥିବା ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ ଅବସରରେ ଏନ୍‌ଜିଓ ତରଫରୁ ୬୦ରୁ ୯୦ ବୟସ ବର୍ଗର ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଛି। ମେ'ରୁ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସର୍ଭେରେ ଉଭୟ ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୭,୯୧୧ ଜଣ ମହିଳାଙ୍କୁ ସାମିଲ କରାଯାଇଥିଲା।

ଦୁର୍ବ୍ୟବହାରର ଶିକାର ହେଉଥିବା ମୋଟ ବୟସ୍କ ମହିଳାଙ୍କର ୫୦%ଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ସେହିପରି ୪୬%ଙ୍କୁ ବେଖାତିର ବ୍ୟବହାର ପ୍ରଦର୍ଶନ କରାଯାଉଥିବାବେଳେ ୪୦%ଙ୍କୁ ମାନସିକ ଏବଂ ଆବେଗ ☞ପୃଷ୍ଠା-୨

# ମଣିପୁର ହିଂସାରେ ୯ ମୃତ, ୧୦ ଆହତ

**ଶାନ୍ତି ଆଣିବାରେ କେନ୍ଦ୍ର ବିଫଳ**

ଇମ୍ଫାଲ/ନୂଆଦିଲ୍ଲୀ,୧୪ା୬

ଭାଜପା ଶାସନାଧୀନ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଜାତିଆଣ ସଂଘର୍ଷ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଖାମେନ୍‌ଲୋକ ଅଞ୍ଚଳର କୁକି ଗ୍ରାମରେ ବନ୍ଧୁକଧାରୀମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଛନ୍ତି। ଏହି ହିଂସାରେ ଜଣେ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ସାନି ହିଂସା ପରେ ସମ୍ପୃକ୍ତ ଅଞ୍ଚଳରେ ପୁଣି କର୍ଫ୍ୟୁ ଜାରି କରଯାଇଛି। ରାଜ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ମଣିପୁର ଓ କେନ୍ଦ୍ର ସରକାରଙ୍କ ସବୁ ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି। କଂଗ୍ରେସ ବୁଧବାର ମଣିପୁର ସ୍ଥିତିକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିଳମ୍ବିତ ଗସ୍ତର କିଛି ସୁଫଳ ମିଳିନାହିଁ। ଏପରି କି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ସପ୍ତାହରେ ମଣିପୁର ଯାଇ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କ ସହ ଆଲୋଚନା କରି ସମାଧାନ ଉଦ୍ୟମ କରିଥିଲେ। ହେଲେ ଅଶାନ୍ତି ଦୂର ହୋଇନାହିଁ। ଏସବୁ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଛନ୍ତି। ମଣିପୁରର ସାମ୍ପ୍ରତିକ ସ୍ଥିତି ପାଇଁ ଭାଜପାର ବିଭାଜନବାଦୀ ରାଜନୀତି ଦାୟୀ ବୋଲି ଜୟରାମ ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ମେଇତି ସମ୍ପ୍ରଦାୟର ଲୋକଙ୍କୁ ଏସ୍‌ଟି ବର୍ଗରେ ସଂରକ୍ଷଣ ଦେବା ପାଇଁ ମଣିପୁର ହାଇକୋର୍ଟଙ୍କ ରାୟ ପରେ ମେ' ୩ରୁ ରାଜ୍ୟରେ ହିଂସା ଲାଗିରହିଛି। ଅଦ୍ୟାବଧି ୧୦୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୧୦ ଜଣ ଆହତ ହେଲେଣି। ରାଜ୍ୟର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେନା ଓ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ୧୬ ଜିଲା ମଧ୍ୟରୁ ୧୧ଟିରେ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ**
**କହି ନ ଜାଣିଲେ ମାଗୁର ମାଛ ଚାହିଁଥାଏ ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ । ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**କରୁ ଯଦି ଡରୁ କାହିଁକି ?**
**ଡରୁ ଯଦି କରୁ କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଭାବ ବା ଭୟ ରଖିବା ଅନୁଚିତ । ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତା'ହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କମ୍ପ୍ରୋମାଇଜ୍ ନ କଲେ କାମ ମିଳେନି: ରାଣୀ ପ୍ରିୟଦର୍ଶିନୀ

## ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଝଡ଼

ଭୁବନେଶ୍ୱର, ୧୪।୬ (ସତ୍ୟଜିତ୍ ରାଉତ)

ଓଲିଉଡ୍‌ରେ କାଷ୍ଟିଂ କାଉଚ୍‌କୁ ନେଇ ଲାଗି ରହିଥିବା ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି । ପ୍ରତିଦିନ ଜଣେ ପରେ ଜଣେ ଅଭିନେତ୍ରୀ କାଷ୍ଟିଂ କାଉଚ୍‌କୁ ନେଇ ମୁହଁ ଖୋଲୁଛନ୍ତି । ବୁଧବାର ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ଏ ପ୍ରସଙ୍ଗରେ ବହୁ କଥା କହିଛନ୍ତି । ଏପରିକି କମ୍ପ୍ରୋମାଇଜ୍ ନ କଲେ ନବାଗତା ଅଭିନେତ୍ରୀମାନଙ୍କୁ କାମ ମିଳେ ନାହିଁ । ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ହେଉଛି । ମୁଁ ମଧ କାଷ୍ଟିଂ କାଉଚ୍‌ର ଶିକାର ହୋଇଛି । ଏଠି ଝିଅମାନଙ୍କୁ ଏକ୍ସପୋଜ୍ କରାଯାଉଛି । ନବାଗତା ଅଭିନେତ୍ରୀମାନଙ୍କୁ ହିରୋଇନ୍ କରାଇଦେବା ପାଇଁ ବର୍ଷ ବର୍ଷ ଧରି ୟୁଜ୍ କରାଯାଉଛି । ପ୍ରଥମେ ପାଖରେ ରଖି କମ୍ପ୍ରୋମାଇଜ୍ କରନ୍ତି ଓ ପରେ ସେମାନଙ୍କୁ କାମ ଦିଅନ୍ତି । ବିନା କାଷ୍ଟିଂ କାଉଚ୍ ଓ କମ୍ପ୍ରୋମାଇଜ୍‌ରେ କୌଣସି ପ୍ରଯୋଜକ-ନିର୍ଦ୍ଦେଶକ କାମ ଦିଅନ୍ତି ନାହିଁ । ଯିଏ ବି କାଷ୍ଟିଂ କାଉଚ୍ କରିଛି ବରବାଦ ହୋଇ ଘରେ ବସିଛି ।



କିନ୍ତୁ ବିନା କମ୍ପ୍ରୋମାଇଜ୍‌ରେ କାମ କରିଥିବା ଅଭିନେତ୍ରୀ ଆଜି ଆଗଧାଡ଼ିରେ ରହି ସୁପରହିଟ୍ ବୋଲି ରାଣୀ କହିଛନ୍ତି । ମଙ୍ଗଳବାର ଅଭିନେତ୍ରୀ ରୁପଶ୍ରୀ ପଣ୍ଡା ମଧ ମୁହଁ ଖୋଲି କହିଥିଲେ, ପ୍ରଯୋଜନା ସଂସ୍ଥାର କଥାରେ ରାଜି ନ ହେବାରୁ ତାଙ୍କୁ ସିରିଏଲ୍‌ରେ ସୁଯୋଗ ଦିଆଯାଇ ନ ଥିଲା । ତେବେ ଏଭଳି ଏକାଧିକ ଅଭିଯୋଗ ପରେ ଓଲିଉଡ୍ ଜଗତକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହେଉଛି । ସୂଚନାଯୋଗ୍ୟ, ଫିଲ୍ମରେ କାମ ଦେବାକୁ କହି ପ୍ରଯୋଜକ ସଞ୍ଜୟ ନାୟକ ନବାଗତାଙ୍କୁ ଶୋଷଣ କରିଥିବା ନେଇ ପ୍ରକୃତି କିଛିଦିନ ତଳେ ଗଣମାଧ୍ୟମରେ ଅଭିଯୋଗ କରିଥିଲେ । ଏହାପରେ କୋର୍ଟରେ ମାନହାନୀ ମାମଲା କରିବେ ବୋଲି ସଞ୍ଜୟ ଚେତାବନୀ ଦେଇଥିଲେ । ପରେ ପ୍ରକୃତି ଶନିବାର ମୁମ୍ବାଇ ୱେଷ୍ଟ ଅନ୍ଧେରୀସ୍ଥିତ ଦାଦାଭାଇ ନୋରୋଜି ନଗର ଥାନାରେ ସଞ୍ଜୟଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଛି । ତେବେ ଏହାପରଠାରୁ କାଷ୍ଟିଂ କାଉଚ୍‌କୁ ନେଇ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହୋଇଛି ।

# ଆର୍‌ବିଆଇ ନିର୍ଦ୍ଦେଶକୁ କଂଗ୍ରେସର ବିରୋଧ

## ଜାଣିଶୁଣି ଖିଲାପକାରୀଙ୍କୁ ବୁଝାମଣା ସୁଯୋଗ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୪।୬ (କୁଲ୍‌ଦୀପ୍ ସିଂ)

ଜାଣିଶୁଣି ଋଣ ଖିଲାପ କରିଥିବା ବ୍ୟକ୍ତି ଓ ସଂସ୍ଥା ସହ ବୁଝାମଣା କରି ସେମାନଙ୍କ ଋଣକୁ ଫଇସଲା କରିବାକୁ ଗତ ୮ ତାରିଖରେ ଆର୍‌ବିଆଇ ବ୍ୟାଙ୍କ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ବିରୋଧରେ କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ବୁଧବାର ବର୍ଷିଛି । ଆର୍‌ବିଆଇ ଏହି ନିର୍ଦ୍ଦେଶର ତୁରନ୍ତ ପୁନର୍ବିଚାର କରିବା ପାଇଁ ଦଳ ଦାବି କରିଛି । ଏଥିସହ ଖିଲାପକାରୀଙ୍କ ସହ ଆପୋଷ ବୁଝାମଣା କରି କୋଣସି ଋଣ ସମାଧାନ ନ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି । ଏଥିସହ ଆର୍‌ବିଆଇ ଉପରେ ଏହି ନିର୍ଦ୍ଦେଶ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଚାପ ରିହିଛି କି ସେ ସମ୍ପର୍କରେ ଜଣାଇବାକୁ କଂଗ୍ରେସ ଏମ୍‌ପି ଜୟରାମ୍ ରମେଶ କହିଛନ୍ତି । ଏଥିସହ ଏଭଳି ନିର୍ଦ୍ଦେଶ ଆର୍‌ବିଆଇ କାହିଁକି ଦେଲେ ସେ ସମ୍ପର୍କରେ ଜୟରାମ ଏକ ସ୍ପଷ୍ଟୀକରଣ ମାଗିଛନ୍ତି । ଜୟରାମ କହିଛନ୍ତି ଯେ, ଗତ ୨ବର୍ଷ ତଳେ ଆର୍‌ବିଆଇ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ଜାଣିଶୁଣି ଖିଲାପ କରୁଥିବା ସଂସ୍ଥା ବା ବ୍ୟକ୍ତି ସହ କୌଣସି ପ୍ରକାରେ ଆପୋଷ ବୁଝାମଣା ନ କରିବା ସହ ସାନି ଋଣ ମଞ୍ଜୁର ନ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଏବେ କିପରି ଆର୍‌ବିଆଇ ନିଜ ନିର୍ଦ୍ଦେଶକୁ ବଦଳାଉଛି ତାହା ଆଶ୍ଚର୍ଯ୍ୟ କରୁଛି ବୋଲି ଜୟରାମ୍ କହିଛନ୍ତି ।

# ମୃତଦେହ ଚିହ୍ନଟ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ

## ବାହାନଗା ଟ୍ରେନ୍ ଦୁର୍ଘଟଣା

### ଚିହ୍ନଟ ସମ୍ଭବ ନ ହେଲେ ଗଣଦାହ

ଭୁବନେଶ୍ୱର, ୧୪।୬ (ଅଭିଜିତ ଦାସ)

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୯ରେ ପହଞ୍ଚିଛି । ତେବେ ଚିହ୍ନଟ ଲାଗି ବିଭିନ୍ନ ପର୍ଯ୍ୟାୟରେ ୧୬୨ ମୃତଦେହ ଏମ୍‌ସକୁ ଆସିଥିବାବେଳେ ୮୧ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ଓ ଅବଶିଷ୍ଟ ୮୧ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଏବେବି ଜାରି ରହିଛି । ଅଧିକାଂଶ ମୃତଦେହ କ୍ଷତବିକ୍ଷତ ହେବାସହ କଦାକାର ହୋଇଥିବାବେଳେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ରହିବା ଓ ଡିଏନ୍‌ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି । ତେଣୁ ମୃତଦେହର ଚିହ୍ନଟ ଲାଗି ମୃତକଙ୍କ ପରିବାର ବା ସମ୍ପର୍କୀୟଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯିବ ବୋଲି ଏମ୍‌ସ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ଗତ ୫ ତାରିଖରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଥିଲେ, ମୃତକଙ୍କ ଚିହ୍ନଟ ପ୍ରକ୍ରିୟାରେ ଅସୁବିଧା ଯୋଗୁ ଡିଏନ୍‌ଏ ଟେଷ୍ଟିଂକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛୁ । ୪ରୁ ୫ ଦିନ ମଧ୍ୟରେ ଡିଏନ୍‌ଏ ଟେଷ୍ଟିଂ ରିପୋର୍ଟ ଆସିବ ବୋଲି ଦିଲ୍ଲୀସ୍ଥିତ ଏମ୍‌ସକୁ ଅନୁରୋଧ କରିଛୁ । ତେବେ ୮୧ ମୃତଦେହ ମଧ୍ୟରୁ ୭୫ଟିର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି । ତେବେ ଡିଏନ୍‌ଏ ଟେଷ୍ଟିଂର ରିପୋର୍ଟ ଆସିବାରେ ବିଳମ୍ବ ହେତୁ ମୃତଦେହକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଏନେଇ ସେ କହିଛନ୍ତି, ମୃତଦେହ ନେବା ଲାଗି ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା କରିବାକୁ ପଡିବ । ଏହାସହ ଚିହ୍ନଟ ଲାଗି ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ ସମୟ ମିଳିବ । କିନ୍ତୁ ଏହାପରେ ରହିଯାଇଥିବା ଅଚିହ୍ନା ମୃତଦେହଗୁଡ଼ିକୁ ଏକାଠି ଗଣଦାହ କରିବାକୁ ଯୋଜନା କରାଯାଇଛି । ଏନେଇ ସରକାରଙ୍କ ପକ୍ଷରୁ ସଙ୍କେତ ମିଳିଲେ ଶବଦାହ ପ୍ରକ୍ରିୟା ଆରମ୍ଭ ହେବ । ବିଏମ୍‌ସି ପକ୍ଷରୁ ଶବଦାହ ଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ରାଜଧାନୀର ୫ଟି ଶ୍ମଶାନରେ ସ୍ଥାନ ଚିହ୍ନଟ କରାଯାଇଛି । ଶ୍ମଶାନରେ ମହଜୁତ ପରିମାଣର କାଠ ରଖାଯାଇଛି ବୋଲି ବିଶ୍ୱାସ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ମା' ଆଗରେ ପୁଅକୁ ...

ଦିଲୀପ ସେଠୀ,ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଓ ଗ୍ରାମାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦିନ ସାଢେ ଗୋଟାଏ ବେଳେ ରାସ୍ତାରୋକୋ ହଟିଥିଲା ।

### ନିମ୍ନମାନର ତାରବାଡ଼ ...

ଅଧିକ ହୋଇଛି । କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୪୮ ଜଣ ଆହତ ହୋଇଥିବା ଓ ଗତ ୫ ବର୍ଷ ମଧରେ ମାତ୍ର ୩୬ ପ୍ରାଣୀଙ୍କ ଜୀବନ ଯାଇଥିବା ବନବିଭାଗ ଦର୍ଶାଉଛି ବୋଲି ଜେନା କହିଛନ୍ତି ।

କୁମ୍ଭୀର ଉପଦ୍ରୁତ ନଦୀ ତଟବର୍ତ୍ତୀ ଗାଧୁଆତୁଠରେ ତାରବାଡ଼ ଘେରାଇବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଏସମ୍ପର୍କରେ ନିମପୁର ଗ୍ରାମର ରାମନାଥ ଦାସ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଅଧିକ ଲୁଣା କୁମ୍ଭୀର ଥିବା ବନ ବିଭାଗ ଗଣନା କରିଛି । ବାସ୍ତବରେ ଏମାନଙ୍କ ସଂଖ୍ୟା ଅଧିକ । ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀ ଏମାନଙ୍କ ବାସସ୍ଥାନ ହୋଇଛି । କୁମ୍ଭୀର ହାବୁଡରେ ପଡ଼ିବା ଏହି ଉପାନ୍ତ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି । ଭାଗ୍ୟ ଭଲ ଥିଲେ କୁମ୍ଭୀର ହାବୁଡରୁ ନିସ୍ତାର ମିଳେ । ୨୦୧୭ରେ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗ୍ରାମର ମମତା ଦଳାଇ ନିଜ ଭଉଣୀକୁ ବଞ୍ଚାଇଥିବାବେଳେ କଣ୍ଡିରା ଗ୍ରାମର ସିତୁ ମଲ୍ଲିକ ୨୦୧୮ରେ ଦାଦାଙ୍କୁ କୁମ୍ଭୀର ମୁହଁରୁ ରକ୍ଷା କରିଥିଲେ । ଏହି ଦୁଇଜଣଙ୍କୁ ଶିଶୁ ସାହସିକତା ପୁରସ୍କାର ମିଳିଥିବା ସେ ପ୍ରକାଶ କରିଛନ୍ତି । କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆତୁଠ ନିର୍ମାଣ ଦାୟିତ୍ୱ ବନବିଭାଗ ନେଇଛି । ମାତ୍ର ଭିତରକନିକାସ୍ଥିତ ସମସ୍ତ ୪୧୮ ଗ୍ରାମରେ ଗାଠୁଆତୁଠ ନିର୍ମାଣ ହୋଇ ପାରିନାହିଁ । ଚଣ୍ଡିଆଗଡ଼ି ଗ୍ରାମର କିଶୋର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ କରୁଥିବା ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆତୁଠ ଆବଶ୍ୟକ । ନଦୀ କୂଳରେ ବହ୍ଲା ଓ ତାରଜାଲି ଦେଇ ଏହି ତୁଠ ହେବା କଥା । ତେବେ କେତେକ ସ୍ଥାନରେ ନିମ୍ନଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ଼ ରହୁନାହିଁ । ଗଡ଼ଗଡ଼ି, ବାଳକାଟି, ପତ୍ରପୁର, ନୂଆଗାଁଠାରୁ ଆରମ୍ଭ କରି ରାଜଗଡ଼, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀ ଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡ଼ିଛି । ଅନ୍ୟପକ୍ଷରେ କୁମ୍ଭୀର ଦ୍ୱାରା ମୃତ୍ୟୁ ଘଟିଲେ ୬ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି । କିନ୍ତୁ ତାହା ଯଥେଷ୍ଟ ନୁହେଁ ବୋଲି ଲୋକେ କହୁଛନ୍ତି ।

ଏ ସମ୍ପର୍କରେ ରାଜକନିକା ରେଞ୍ଜର ମାନସ ଦାଶ କୁହନ୍ତି, କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ନଦୀତୁଠରେ ସୁରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ହେଉଛି । ମୃତାହତଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷତିପୂରଣ ଦିଆଯାଉଥିବା ରେଞ୍ଜର ଦାଶ ପ୍ରକାଶ କରିଛନ୍ତି ।

### ବାଧ୍ୟତାମୂଳକ ହେବ ...

କ୍ଷୁଦ୍ର ଶିଳ୍ପ, ଆପାର୍ଟମେଣ୍ଟ କ୍ଷେତ୍ରରେ ବୋର୍‌ୱେଲ(ନଳକୂପ) କିମ୍ବା କୂପ ଖୋଳିବା ସକାଶେ ଅନୁମତି ନେବାକୁ ପଡ଼ିବ । ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଓଡ଼ିଶା ଭୂତଳ ଜଳ କର୍ତ୍ତୃପକ୍ଷ (ଓଡ଼ିଶା ଗ୍ରାଉଣ୍ଡ ୱାଟର ଅଥରିଟି) ଗଠନ ହେବ । ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧ୍ୟକ୍ଷ ରହିବେ ଏବଂ ଭୂତଳ ଜଳ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମେମ୍ବର କନ୍‌ଭେନର, ଆର୍‌ଡବ୍ଲୁଏସ୍‌ଏସ୍, ଆଇଆଇଟି ବିଶେଷଜ୍ଞ ଏହାର ସଦସ୍ୟ ରହିବେ । ଯେଉଁମାନେ ବୋର୍‌ୱେଲ କରିବାକୁ ଚାହିଁବେ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ । ଆବେଦନ ପରେ ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ଆବେଦନକାରୀ ବୋର୍‌ୱେଲ ଖନନ ପାଇଁ ଯୋଗ୍ୟ କି ନୁହେଁ ତାହା ଯାଞ୍ଚ କରିବେ । ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ ତେବେ ସେ ସବୁ ସ୍ଥାନରେ ବୋର୍‌ୱେଲ କିମ୍ବା ଡଗ୍‌ୱେଲ ପାଇଁ ଅନୁମତି ମିଳିବ ନାହିଁ । ଆବେଦନକାରୀଙ୍କୁ ଏଥିପାଇଁ ଏକ ଫି' ଜମା କରିବାକୁ ପଡ଼ିବ । ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ । ରାଜ୍ୟରେ କେତେ ବୋର୍‌ୱେଲ ଅଛି ସେ ନେଇ ଏକ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି । ସେହିପରି ବ୍ୟବସାୟିକ, ବୃହତ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଆପାର୍ଟମେଣ୍ଟ ପାଇଁ ଛାତ ଉପର ବର୍ଷା ଜଳ ସଂରକ୍ଷଣ (ରୁଫ୍ ଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ) ବାଧ୍ୟତାମୂଳକ କରାଯିବ । ଏଥିସହିତ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଅବଜରଭେଶନ ୱେଲ୍ ନିର୍ମାଣ କରିବା ଲାଗି ବାଧ୍ୟତାମୂଳକ କରାଯାଇଛି । ଏହାଦ୍ୱାରା ସେମାନେ ନେଉଥିବା ପାଣିକୁ ଭୂତଳ ଜଳ ନିର୍ଦ୍ଦେଶାଳୟ ଅଧିକାରୀ ପ୍ରତି ୩ ମାସରେ ଥରେ ସ୍ଥିତି ଅନୁଧ୍ୟାନ କରିବେ । ଏହି ନିୟମ କାର୍ଯ୍ୟକାରୀ ହେବା ପରେ ସମସ୍ତ ଶିଳ୍ପାନୁଷ୍ଠାନ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପରିବର୍ତ୍ତେ ଅଥରିଟିଠାରୁ ଅନୁମତି ନେବେ । ଅନ୍ୟପକ୍ଷରେ ଭୂତଳ ଜଳ ପ୍ରଦୂଷଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଏହି ରୁଲ୍‌ସରେ ବ୍ୟବସ୍ଥା ରହିଛି । ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରଦୂଷିତ ଜଳ ଏବଂ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟଗୁଡ଼ିକ ରିଭର୍ସ ବୋରିଂ କରି ଭୂତଳ ଜଳକୁ ପ୍ରଦୂଷିତ କରୁଛନ୍ତି । ସେଗୁଡ଼ିକୁ ଯାଞ୍ଚ କରାଯାଇ ଦଣ୍ଡବିଧାନ ବ୍ୟବସ୍ଥା କରାଯିବ । ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟ ବିରୋଧରେ ୧୦ରୁ ୨୦ ଲକ୍ଷ ଯାଏ ଜରିମାନା କରିବା ବ୍ୟବସ୍ଥା ରହିଛି । ତେବେ ଏଥିରେ ଚାଷ ପାଇଁ ବ୍ୟବହୃତ ଗଭୀର ନଳକୂପକୁ ବାଦ୍ ଦିଆଯାଇଛି । ଚିଠା ରୁଲ୍ସକୁ ଆଇନ ବିଭାଗ ଅନୁମୋଦନ ମିଳିସାରିଛି । କ୍ୟାବିନେଟ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

### ବିରୋଧୀ ଦମନ ...

ଜେ. ଜୟଲଳିଥାଙ୍କ ଏଆଇଏଡିଏମ୍‌କେ ସରକାର ଅମଳରେ ପରିବହନ ମନ୍ତ୍ରୀ ଥିବାବେଳେ 'ନିଯୁକ୍ତି ପାଇଁ ଟଙ୍କା' ନେଇଥିବା ଅଭିଯୋଗ ହୋଇଥିଲା । ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଇଡିକୁ ଅନୁମତି ଦେଇଥିଲେ । ଇଡି ଅଧିକାରୀମାନେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ମଙ୍ଗଳବାର ସଚିବାଳୟ, ବାଲାଜୀଙ୍କ ଭାଇ ଓ ସହଯୋଗୀମାନଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଏହା ପରେ ଅଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିବା ପରେ ଗିରଫ କରିଛନ୍ତି । ଗିରଫଦାରି ପରେ ହଠାତ୍ ସ୍ୱାସ୍ଥ୍ୟରେ ଅବନତି ହେବାରୁ ବୁଧବାର ଭୋର ସମୟରେ ତାଙ୍କୁ ଚେନ୍ନାଇର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୂର୍ବାହ୍ନ ୧୦ଟା ୪୦ର ତାଙ୍କର କୋରୋନାରି ଏଞ୍ଜିଓଗ୍ରାମ କରାଯାଇଛି । ଯଥାଶୀଘ୍ର ସମ୍ଭବ ବାଇପାସ୍ ସର୍ଜରି କରାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଗିରଫ ପରେ ବାଲାଜୀଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା । ଅଦାଲତ ତାଙ୍କୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି । କୋର୍ଟରେ ତାଙ୍କୁ ହାଜର କରାଇବା ନେଇ ମାଡ୍ରାସ୍ ହାଇକୋର୍ଟରେ ପୃଥକ୍ ଭାବେ ଏକ ହେବିଅସ୍ କର୍ପସ୍ ଦାଖଲ ହୋଇଥିଲା ।

ତାମିଲନାଡୁ ଶକ୍ତିମନ୍ତ୍ରୀ ଥିରୁ ଭି. ସେନ୍ଥିଲ ବାଲାଜୀଙ୍କ ଘରେ ଇଡି ଚଢ଼ାଉ ଓ ତାଙ୍କୁ ଗିରଫ କରାଯିବା ଘଟଣାକୁ କଂଗ୍ରେସ ନିନ୍ଦା କରୁଛି । ବିରୋଧୀଙ୍କୁ ଭୟଭୀତ କରିବା ପାଇଁ ଏହା ହେଉଛି ମୋଦି ସରକାରଙ୍କ ଲଜ୍ଜାଜନକ ଉଦ୍ୟମ । ରାଜନୈତିକ ବିରୋଧୀଙ୍କୁ ଚୁପ୍ କରାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ମୋଦି ସରକାର ପରିଚୟ ପାଲଟିଗଲାଣି । କେନ୍ଦ୍ର ବିରୋଧୀ ଅଭିଯାନ ଆହୁରି ମଜଭୁତ କରାଯିବ ।
**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ସିବିଆଇ ଏବଂ ଇଡିର 'ଭାଜପା ସେନା' ନାମକରଣ କରାଯିବା ଉଚିତ । ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଚଢ଼ାଉ ଓ ତାଙ୍କ ଗିରଫଦାରିକୁ ଆମେ ନିନ୍ଦା କରୁଛୁ । ଯେପରି ଭାବେ ତାଙ୍କୁ ଗିରଫ କରାଯାଇଛି ତାହା ମଧ ଅତ୍ୟନ୍ତ ଆପତ୍ତିଜନକ ।
**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାମିଲନାଡୁ ଗସ୍ତ କରି ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ୨୫ ଆସନ ଦଖଲ କରିବ ବୋଲି କହିବା ପରେ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ଭାଜପା ଇଡି ଜରିଆରେ ଏପରି କାର୍ଯ୍ୟାନୁଷ୍ଠାନ ନେଇ ଆସନ ଜିତିବାକୁ ଲକ୍ଷ୍ୟ ରଖିବା ମୂର୍ଖାମି ବ୍ୟତୀତ କିଛି ନୁହେଁ । ତାମିଲନାଡୁ ଭାଜପାକୁ ବରଦାସ୍ତ କରିବ ନାହିଁ ।
**-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

ଇଡି ଅଧିକାରୀମାନେ ମନ୍ତ୍ରୀ ବାଲାଜୀଙ୍କୁ ଗିରଫ ବେଳେ ଯେପରି ବ୍ୟବହାର ଦେଖାଇଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । କେଉଁ ରାଜ୍ୟରେ ଏପରି ଘଟିନାହିଁ ଏବଂ କେଉଁ ଦଳ ଏହାକୁ ସାମ୍ନା କରିନାହିଁ କୁହନ୍ତୁ । କେନ୍ଦ୍ର ସରକାର ଓ ଏହାର ଏଜେନ୍ସିଗୁଡ଼ିକ ନିଜ ଆଚରଣକୁ ନେଇ ପୁନର୍ବିଚାର କରିବା ଉଚିତ ।
**-ଓମାର ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ବାଲାଜୀଙ୍କ ଉପରେ ଇଡି ଚଢ଼ାଉକୁ 'ଦମନମୂଳକ ରାଜନୀତି' କହି ସମାଲୋଚନା କରିଛନ୍ତି । ଷ୍ଟାଲିନ୍ ଓମାଣ୍ଡୁରାର ଏଷ୍ଟେଟ୍‌ସ୍ଥିତ ତାମିଲନାଡୁ ସରକାରୀ ମଲ୍ଟି ସୁପର ସ୍ପେଶାଲିଟି ହସ୍ପିଟାଲରେ ନିଜ କ୍ୟାବିନେଟ୍ ସହଯୋଗୀ ବାଲାଜୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଇଡି ତଦନ୍ତ ନାମରେ ଡ୍ରାମା କରୁଛି । ଅଧିକାରୀମାନେ ବାଲାଜୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଷ୍ଟାଲିନ୍ ଅଭିଯୋଗ ଆଣିଛନ୍ତି । ସେହିପରି ବାଲାଜୀଙ୍କୁ ଗିରଫ ବେଳେ ଆବଶ୍ୟକ ପ୍ରକ୍ରିୟାର ଉପଯୁକ୍ତ ଅନୁସରଣ କରାଯାଇ ନ ଥିବା ଡିଏମ୍‌କେ କହିଛି । ବାଲାଜୀଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ସଙ୍କେତ ମିଳିଥିବା ରାଜ୍ୟର ମନ୍ତ୍ରୀ ପି.କେ. ସେକାର ବାବୁ ପ୍ରକାଶ କରିଛନ୍ତି । ହସ୍ପିଟାଲକୁ ନିଆଯାଉଥିବାବେଳେ ବାଲାଜୀ ଅସୁସ୍ଥ ହୋଇପଡ଼ି କାନ୍ଦୁଥିବା ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି । ବର୍ତ୍ତମାନ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି । ବାଲାଜୀଙ୍କ କାନ ପାଖରେ ଫୁଲିଯାଇଛି । ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଡାକ୍ତର କହିଥିବା ସେକାର ବାବୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଇତିମଧ୍ୟରେ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ) କେନ୍ଦ୍ରର ଭାଜପା ସରକାର ଏବଂ ଇଡି ଉପରେ ବର୍ଷିଛି । ଏହି ପ୍ରସଙ୍ଗରେ ଶୁକ୍ରବାର କୋଏମ୍ବାଟୁରରେ ବିଶାଳ ଜନସଭାର ଆୟୋଜନ କରାଯିବ ବୋଲି ଦଳ କହିଛି । ଏସ୍‌ପିଏ ନେତାଙ୍କ ସମେତ ତାମିଲନାଡୁ କଂଗ୍ରେସ କମିଟି ଅଧ୍ୟକ୍ଷ କେ.ଏସ୍. ଆଲାଗିରି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ସିପିଆଇ(ମାର୍କ୍ସବାଦୀ) ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକ ମିଳିତ ବିବୃତିରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଜନବିରୋଧୀ ଆଖ୍ୟା ଦେଇଛନ୍ତି । ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଲୋକଙ୍କ ପାଇଁ କିଛି କରି ନ ଥିବା ସେମାନେ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷେ ବିରୋଧୀ ଦଳ ନେତା ତଥା ଏଆଇଏଡିଏମ୍‌କେ ମୁଖ୍ୟ ଇ.କେ. ପାଲାନିସ୍ୱାମୀ ନୈତିକତା ଦୃଷ୍ଟିରୁ ବାଲାଜୀ ଇସ୍ତଫା ଦେବା ଉଚିତ ବୋଲି କହିଛନ୍ତି । ରାଜ୍ୟ ଭାଜପା ସଭାପତି କେ.ଏ. ଆନ୍ନାମଲାଇ ଡିଏମ୍‌କେର ଅଭିଯୋଗକୁ ଖଣ୍ଡନ କରି କହିଛି, ଇଡି କାର୍ଯ୍ୟାନୁଷ୍ଠାନ ନିଯୁକ୍ତି ପାଇଁ ଟଙ୍କା ମାମଲାରେ ୫ ବର୍ଷ ଧରି ଚାଲିଥିବା ତଦନ୍ତର ଏକ ଅଂଶ ।

### ୧୬% ବୟସ୍କା ମହିଳା ...

ଜନିତ ନିର୍ଯାତନା ଭୋଗିବାକୁ ପଡୁଛି । ସର୍ଭେ ମୁତାବକ ୪୦% ମହିଳାଙ୍କୁ ସେମାନଙ୍କ ପୁଅ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାବେଳେ ୩୧%ଙ୍କୁ ସେମାନଙ୍କ ସମ୍ପର୍କୀୟ ଏବଂ ୨୭% ବୋହୂମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଜଣାପଡ଼ିଛି । ପରିବାର ଲୋକଙ୍କ ଜରିଆରେ ବୟସ୍କା ମହିଳା ନିର୍ଯାତନାର ଶିକାର ହେଉଥିବା ଏକ ଚିନ୍ତାଜନକ ବିଷୟ । ଭୟରେ ଏ ସମ୍ପର୍କରେ ଥାନାରେ କୌଣସି ପୀଡ଼ିତା ଅଭିଯୋଗ କରିନାହାନ୍ତି । ତେବେ ନିର୍ଯାତନା ବିରୋଧରେ ଥିବା ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ୭୮% ମହିଳା ଅବଗତ ନୁହନ୍ତି । ସମାଜରେ ଦେଖାଯାଉଥିବା ଏ ପ୍ରକାର ବ୍ୟତିକ୍ରମକୁ ରୋକିବା ପାଇଁ ସରକାରଙ୍କ ତରଫରୁ ବୟସ୍କା ମହିଳାଙ୍କ ପାଇଁ ବିଶେଷ ପ୍ରକାର ସ୍କିମ ପ୍ରସ୍ତୁତ କରିବା ସହ ଏହା ବିରୋଧରେ କଠୋର ଆଇନ ଲାଗୁ କରିବାର ଆବଶ୍ୟକତା ଥିବା ହେଲ୍ପଏଜ୍ ଇଣ୍ଡିଆର ସିଇଓ ରୋହିତ ପ୍ରସାଦ କହିଛନ୍ତି ।

### ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ...

ଦର୍ଶନ ପରେ ତାଙ୍କ ପାର୍ଥିବ ଶରୀରକୁ ଜଗନ୍ନାଥ ହସ୍ପିଟାଲ, ବିଏମ୍‌ସି କାର୍ଯ୍ୟାଳୟ ଓ ଶହୀଦନଗର ପୂଜାମଣ୍ଡପକୁ ନିଆଯାଇଥିଲା । ଏହାପରେ ସତ୍ୟନଗର ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ଡା. ମହାପାତ୍ର ୧୯୩୯ ଜାନୟାରୀ ୧୪ରେ ତତ୍କାଳୀନ ଅବିଭକ୍ତ କଟକ ଜିଲାର କରତ ଶାସନରେ ଜନ୍ମ ଗ୍ରହଣ କରିଥିଲେ । ପେସାରେ ଡାକ୍ତର ହୋଇଥିଲେ ମଧ ରାଜନୀତି ଓ ସମାଜସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ୧୯୯୭ ମସିହାରେ ସେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଶେଷ ଚେୟାରମ୍ୟାନ ହୋଇଥିଲେ । ତାଙ୍କ ସମୟରେ ଅର୍ଥାତ୍ ୨୦୦୦ ମସିହାରେ ଭୁବନେଶ୍ୱର ମ୍ୟୁନିସିପାଲିଟିରୁ ମହାନଗର ନିଗମ ହୋଇଥିଲା । ପରେ ସେ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ନନ୍ ଇଲେକ୍‌ଟେଡ୍ ମେୟର ହୋଇଥିଲେ । ଏଥିସହ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଓଡ଼ିଶା ଶାଖାର ସେକ୍ରେଟାରି, ଶହୀଦନଗର ଦୁର୍ଗାପୂଜା କମିଟି ଓ ଭୁବନେଶ୍ୱର ଭସାଣୀ ଉତ୍ସବର ପ୍ରତିଷ୍ଠାତା ଥିଲେ । ତାଙ୍କ ଜନ୍ମ କଟକ ମାଟିରେ ହୋଇଥିଲେ ମଧ କର୍ମକ୍ଷେତ୍ର ରାଜଧାନୀ ଭୁବନେଶ୍ୱର ଥିଲା । ବରିଷ୍ଠ ନାଗରିକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଥିଲେ । ଭୁବନେଶ୍ୱରର ଶିଶୁ ଓ ମହିଳାଙ୍କୁ ସୁଲଭ ଦରରେ ଚିକିତ୍ସା ଲାଗି ଶହୀଦନଗରରେ ଜଗନ୍ନାଥ ହସ୍ପିଟାଲ ନାମରେ ଏକ ଡାକ୍ତରଖାନା ମଧ ନିର୍ମାଣ କରିଥିଲେ । ସେ ଏମ୍‌ବିବିଏସ୍ ପରେ ଏମ୍‌ଡି ଡିଗ୍ରୀ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି । ଡା. ମହାପାତ୍ରଙ୍କ ସ୍ତ୍ରୀ ଡାକ୍ତର ସଂଘମିତ୍ରା ମିଶ୍ର ହେଉଛନ୍ତି ଜଣେ ବିଶିଷ୍ଟ ସାହିତ୍ୟିକା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଟିକିଏ କଥାରେ କ୍ରୋଧ ପ୍ରକାଶ କରି ପରିବେଶକୁ ଗମ୍ଭୀର କରିଦେଇପାରନ୍ତି । କର୍ମକ୍ଷେତ୍ରକୁ ଯିବା ବାଟରେ ଅପ୍ରିୟ ସତ୍ୟ କହିବା ସମସ୍ୟା ସୃଷ୍ଟିର କାରଣ ହୋଇପାରେ । ଧନାଧିପ ବଳହୀନ ମଙ୍ଗଳଙ୍କ ସହ ରହିଥିବାରୁ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ । ଚୁ-ନାମାକ୍ଷର ବ୍ୟକ୍ତି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇବେ ।

**ବୃଷ**
କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି । ବ-ନାମାକ୍ଷର ବ୍ୟକ୍ତିମାନେ ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଖୁସି ରହିବେ । କଳା, ସଙ୍ଗୀତ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି, ତର୍କ ବିତର୍କ ଆଲୋଚନାରେ ଭାଗ ନେଇ ପ୍ରଶଂସିତ ହେବେ । ସନ୍ତାନଙ୍କ ବିବାହ ସମସ୍ୟା ନେଇ ପରିବାରରେ ଦୁଶ୍ଚିନ୍ତା ବଢ଼ିପାରେ ।

**ମିଥୁନ**
ଆଜି ଘ-ନାମାକ୍ଷର ବ୍ୟକ୍ତିମାନେ ବିଶେଷ ଖର୍ଚ୍ଚାନ୍ତ ହେବା କାରଣରୁ ମନ ଭଲ ରହି ନ ପାରେ । ଏଣେ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି । ଅବଶ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ପ୍ରଶାସନିକ ସ୍ତରରେ ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ ।

**କର୍କଟ**
ଆଜି ଆପଣଙ୍କର କୌଣସି କାମ ଅଟକିବ ନାହିଁ ଏବଂ ବିଭିନ୍ନ ଦିଗରୁ ପ୍ରୋତ୍ସାହନ ଲାଭ କରିବା ସହ ଅନୁକୂଳ ବାତାବରଣରୁ ଖୁସି ରହିବେ । ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶାନୁରୂପ ଫଳ ପାଇବେ । ଶତ୍ରୁ ଚେଷ୍ଟା କଲେ ମଧ କ୍ଷତି କରିପାରିବେ ନାହିଁ । ହେ-ନାମାକ୍ଷର ବ୍ୟକ୍ତିଙ୍କ ଲାଗି ଆର୍ଥିକ ଦିଗଟି ଭଲ ରହିବ ।

**ସିଂହ**
ଆଗାମୀ ସମୟକୁ ଆଖିଆଗରେ ରଖି କାମ କରନ୍ତୁ, ସବୁକିଛି ଠିକ୍ ହୋଇଯିବ । ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଅଟକି ରହିଯାଇଥିବା କାମକୁ ତ୍ୱରାନ୍ୱିତ କରିବ । ମ-ନାମାକ୍ଷର ବ୍ୟକ୍ତିମାନେ ପଦାଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ଅସମର୍ଥ ହୋଇପାରନ୍ତି । ବ୍ୟବସାୟ ସମ୍ପର୍କିତ ସମସ୍ୟା ମଧ୍ୟାହ୍ନରେ ଦୂର ହୋଇଯିବ ।

**କନ୍ୟା**
ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ । ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଥିବା ଆଶା ମନରେ ଦୁଃଖ ଦେଇପାରେ । ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ କିନ୍ତୁ ବ୍ୟସ୍ତତା ବଢ଼ିଯିବ । ଅବହେଳିତ କାମ କିମ୍ବା ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ଅବଲମ୍ବନପୂର୍ବକ କାମ କରିବା ଭଲ ହେବ । ବନ୍ଧୁଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ । ପରିବାରରେ ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ରୁ-ନାମାକ୍ଷର ବ୍ୟକ୍ତିମାନଙ୍କୁ ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିପାରେ ।

**ବିଛା**
ନ-ନାମାକ୍ଷର ବ୍ୟକ୍ତିଙ୍କ ସାଧାରଣ କଥାରେ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଦେଖାଦେବ । ସାମାଜିକ ସ୍ତରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ । ପରିବହନରେ ଆଗାମୀ କ୍ଷେତ୍ର ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି । ସମସ୍ୟା ରହିଥିଲେ ମଧ କାମ ସମ୍ପାଦନ କରିବାରେ କୌଣସି ଅସୁବିଧା ହେବନାହିଁ ।

**ଧନୁ**
ଭି-ନାମାକ୍ଷର ବ୍ୟକ୍ତି ମନ୍ଥର ଗତିରେ କର୍ମକ୍ଷେତ୍ରରେ ଆଶାତୀତ ସଫଳତା ପାଇବେ । ପିଲାଙ୍କ ସଫଳତା, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ଯାତ୍ରାର ସୁଯୋଗ ଲାଭରୁ ଖୁସି ରହିବେ । ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ନୂତନ କାର୍ଯ୍ୟାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର**
ଏକାଧିକ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ପାରିବାରିକ ସ୍ତରରେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ । ଖ-ନାମାକ୍ଷର ବ୍ୟକ୍ତିଙ୍କର ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।

**କୁମ୍ଭ**
ଯେତେ ପ୍ରତିବନ୍ଧକ ଆସିଲେ ମଧ ଦୃଢ଼ତାର ସହ କାମ ହାସଲରେ ସମର୍ଥ ହେବେ । ଗୋ-ନାମାକ୍ଷର ବ୍ୟକ୍ତିଙ୍କର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ଜମିଜମା କାରବାର, ନିର୍ମାଣ, ପ୍ରଶାସନ, ଗଣଯୋଗାଯୋଗ କ୍ଷେତ୍ରରେ ଉନ୍ନତ ଫଳ ପାଇବେ ।

**ମୀନ**
ଦ-ନାମାକ୍ଷର ବ୍ୟକ୍ତିମାନଙ୍କର ଆଜିର ପ୍ରତ୍ୟୁଷ ଯାତ୍ରା ଓ ନୂତନ କର୍ମାରମ୍ଭ ପ୍ରୀତିପଦ ରହିବ । ନୂତନ ବନ୍ଧୁ ସମ୍ପର୍କ ଆଜିର ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ସାକାର କରିବାରେ ସାହାଯ୍ୟ କରିବ । କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ଆଜି ରଜ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ ଗୁରୁବାର, ରାଜପ୍ରାସାଦ ବିଜେ, ଜୁନ୍ ୧୫ ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ତିରୋଧାନ ତିଥି, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୧ମି. ଗତେ ଘ.୦୬।୦୪ମି. ମଧ୍ୟେ, ଘ.୦୯।୩୫ମି. ଗତେ ଘ.୧୧।୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୬ମି. ଗତେ ଘ.୦୩।୦୪ମି. ମଧ୍ୟେ ରାହୁକାଳ ।




# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତାହାତୀର ମୃତ୍ୟୁ

**କନ୍ଧମାଳ,୧୪।୬(ଆଦିତ୍ୟେଶ୍ୱର ମିଶ୍ର):** ବୌଦ୍ଧ ଜିଲା କନ୍ଧମାଳ ବନଖଣ୍ଡ ଘୁଚାଙ୍ଗୀ ଗାଁ ନିକଟ ବିଲରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବୁଧବାର ପାହାନ୍ତିଆରେ ଏକ ହାତୀର ଚିତ୍କାର ଶୁଣିଥିଲେ। ସକାଳ ହେବା ପରେ ସେମାନେ ବିଲପଟେ ଯାଇ ସନ୍ଧାନ କରିବାରୁ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଦନ୍ତାହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବାପରେ ବିଦ୍ୟୁତ୍ ବିଭାଗ ସହାୟତା ନେଇ ବିଜୁଳି ସଂଯୋଗ କଟାଯାଇଥିଲା। ଘୁଚାଙ୍ଗୀ ଗ୍ରାମ୍ୟ ଜଙ୍ଗଲରେ ଦୀର୍ଘ ୨ମାସ ହେବ ଏକ ହାତୀପଲ ବିଚରଣ କରୁଛନ୍ତି। ଏମାନେ ମଙ୍ଗଳବାର ରାତିରେ ଗାଁ ନିକଟ ତୋଟାରୁ ଆମ୍ବ ଖାଇସାରି ବାଟରେ ଥବୀର ରଣାଙ୍କ ଆଖୁବାଡ଼ିରେ ପଶି ୧ ଏକର ପରିମିତ ଆଖୁ ନଷ୍ଟ କରିଥିଲେ। ସେଠାରୁ ଫେରିବାବେଳେ ବିଲର ହିଡ ଚଢ଼ିବାକୁ ଯାଇ ଦନ୍ତାହାତୀର ଶୁଣ୍ଢ ୧୧କେଭି ବିଦ୍ୟୁତ୍ ତାରରେ ଲାଗିବାରୁ ତା'ର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। କାରଣ ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗି ପୋଡ଼ାଦାଗ ରହିଛି। ମୃତ ହାତୀଟି ମଧ୍ୟ ବୟସର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫ୍ଓ ଦେବପ୍ରିୟ କମ୍ପ ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟିଥିବା ସେ ସୂଚନା ଦେବା ସହ ଭୁବନେଶ୍ୱରରୁ ଟିମ୍ ଆସି ତଦନ୍ତ କରିବା ପରେ ଠିକ୍ ତଥ୍ୟ ଜଣାପଡିବ ବୋଲି କହିଛନ୍ତି। କନ୍ଧମାଳରୁ ପ୍ରାଣୀଧନ ଚିକିତ୍ସକ ଭବେଶ କୁମାର ବେହେରା ହାତୀର ମୃତଦେହ ବ୍ୟବଚ୍ଛେଦ କରିବା ପରେ ନିକଟ ଜଙ୍ଗଲରେ ପୋତି ଦିଆଯାଇଛି।


ମୃତ ଦନ୍ତାହାତୀ

# ଆଲୁମିନିୟମ ବୋଝେଇ ଟ୍ରେନ୍ ମଝିରୁ ଅଲଗା ହେଲା

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା

**କେସିଙ୍ଗା,୧୪।୬(ତୁମେଶ୍ୱର ସାହୁ)**

ବାହାନଗା ପରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କୁ ଭୟଭୀତ କରୁଛି। ଏଭଳି ସ୍ଥିତିରେ ବୁଧବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏକ ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍‌ର ଏକ ୱାଗନ୍ ମଝି ଭାଗରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ରେଳ ବିଭାଗ ଅଧିକାରୀମାନେ ପହଞ୍ଚିଥିଲେ। ଟିଟିଲାଗଡ଼ରୁ ମେକାନିକ ଦଳ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ରେଲୱେ ପକ୍ଷରୁ ଯାଞ୍ଚ ପରେ ବୋଝେଇ ମାଲବାହୀ ଟ୍ରେନ୍ ସାଢ଼େ ୧୨ଟାରେ ଟ୍ରେନ୍ ଛାଡିଥିଲା। ସୂଚନାଯୋଗ୍ୟ ଯେ, ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍ ଦାମନଯୋଡ଼ିରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ଟ୍ରେନ କେସିଙ୍ଗା ଷ୍ଟେଶନର ୨ନମ୍ବର ପ୍ଲାଟ ଫର୍ମରେ ଅଟକିଥିଲା। କେସିଙ୍ଗାରୁ ଟିଟିଲାଗଡ଼ ଅଭିମୁଖେ ଯିବା ପାଇଁ ସିଗ୍‌ନାଲ ମିଳିଥିଲା। ଲୋକୋପାଇଲଟ ଟ୍ରେନକୁ ଷ୍ଟାର୍ଟ କରିବାରୁ ବଗିର ସଂଯୋଗ ସ୍ଥଳରୁ ପୋକଲିଂ ଛିଣ୍ଡି ଯାଇ ପ୍ରାୟ ୩୦ ମିଟର ଦୂର ବଗି ଅତିକ୍ରମ କରିଯାଇଥିଲା। ଟ୍ରେନ ପାଇଲଟ ନିଜ ଉପସ୍ଥିତ ବୁଦ୍ଧି ବଳରେ ଟ୍ରେନକୁ ଅଟକାଇଥିଲେ। ସାଙ୍ଗେ ସାଙ୍ଗେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନମାଷ୍ଟର ଟିଟିଲାଗଡ଼ର ମେକାନିକ ଦଳକୁ ଖବର ଦେଥିଲେ। ମେକାନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ପୋକଲିଂ କିଭଳି ଛିଣ୍ଡିଲା ସେ ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ରେଳ ବିଭାଗୀୟ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନଟିକୁ ଛାଡିବା ପାଇଁ ସିଗ୍ନାଲ ଦିଆଯାଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ରେଲୱେ ବିଭାଗ ପକ୍ଷରୁ କୁହାଯାଇଛି।


କେସିଙ୍ଗା ଷ୍ଟେଶନରେ ଆଲୁମିନିୟମ ବୋଝେଇ ଟ୍ରେନ୍‌ର ବଗିକୁ ମେକାନିକ ଦ୍ୱାରା ସଂଯୋଗ କରାଯାଉଛି।

**BUYERS REQUIRED FOR VANAMEI SHRIMP**
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ
- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ
- We are a company that is doing high quality farming of **VANAMEI SHRIMP**
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

**DAYANAND PUBLIC SCHOOL**
Padiabahal, Sambalpur, Odisha, Pin-768112
Mob- 9938895475, 7381058813, 9437055175
ADMISSION OPEN FOR 2023-24
+2 SCIENCE (CBSE)
FACILITIES
Hostel facility, Library
Special classes for NEET/JEE
Science/ Maths lab
Sports Campus, Bus facility
Accelerate your preparation with our learning partner
ICI IMMUNITY CAREER INSTITUTE
Special attention for poor performer

# ଟ୍ରେନ୍ ଧକ୍କାରେ ମା'–ଝିଅ ମୃତ, ପୁଅ ଗୁରୁତର

**ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ଧ୍ରପ୍ରଦେଶର ପଲାସା ଜିଆର୍‌ପି ଥାନା ଅଞ୍ଚଳରେ ବୁଧବାର ଟ୍ରେନ୍ ଧକ୍କାରେ ମା' ଓ ୮ ମାସର ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ସେମାନେ ଏକ ଲେଭଲ କ୍ରସିଂ ପାର୍ ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଚିଡ଼ୁପୁଡ଼ି ଗ୍ରାମର ୟୁ. ଶ୍ୟାମଙ୍କ ସ୍ତ୍ରୀ ୟୁ. ଶ୍ରାବଣୀ(୨୫) ତାଙ୍କ ଝିଅ ୟୁ. ଶ୍ରୀ ଓ ପୁଅ ୟୁ. ହର୍ଷିତଙ୍କୁ ଧରି ଅପରାହ୍ନରେ ଇଚ୍ଛାପୁରମ୍ ନିକଟସ୍ଥ ଜଗନ୍ନାଥପୁରମ୍ ରେଲୱେ ଲେଭଲ୍ କ୍ରସିଂ ପାର୍ ହେଉଥିଲେ। ଗେଟ ପଡିଥିଲେ ମଧ ଶ୍ରାବଣୀ ପିଲାଙ୍କୁ ଧରି ରେଳଧାରଣାରେ ଚାଲିଥିଲେ। ଏହି ସମୟରେ ଆସୁଥିବା ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଶ୍ରାବଣୀ ଓ ତାଙ୍କ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ପୁଅ ହର୍ଷିତ ଗୁରୁତର ହୋଇଥିଲେ। ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ହର୍ଷିତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପଲାସା ଜିଆରପି ଥାନା ପୋଲିସ ନଂ.୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଦୁର୍ଘଟଣା ସେ ନେଇ ତଦନ୍ତ ଚାଲିଥିବା ପଲାସା ଜିଆରପି ଥାନା ଏସ୍ଆଇ ଶେଖ୍ ସରିଫ ସୂଚନା ଦେଇଛନ୍ତି।

# ବାହାନଗା ଟ୍ରେନ୍ ଦୁର୍ଘଟଣା | ୧୨ ଦିନ ହେଲା ମିଳୁନି ପତ୍ତା

## ଫେରାଇ ଆଣିବାକୁ ପ୍ରଶାସନକୁ ଗୁହାରି

**କେନ୍ଦୁଝର,୧୪।୬(ନରେଶ ପଟ୍ଟନାୟକ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ନିଖୋଜ ଥିବା ଜଣେ ଯୁବକଙ୍କୁ ଖୋଜୁଛନ୍ତି ପରିବାର ଲୋକେ। ପ୍ରାୟ ୧୨ ଦିନ ହେବ ତାଙ୍କର ପତ୍ତା ମିଳୁନାହିଁ କିମ୍ବା ଫୋନ ଲାଗୁନାହିଁ। ନିଖୋଜ ଯୁବକ ଜଣକ ପଣ୍ଡାପଡ଼ା ଥାନା ଅଧୀନ ପଟାବାରୀ ଗ୍ରାମର କୁମ୍ଭର୍ଣ୍ଣ ନାଏକ ଓ ଉଛୁଳି ନାଏକଙ୍କ ଏକମାତ୍ର ପୁତ୍ର ସିପୁନ୍ ନାଏକ(୨୧)। ଗୁରୁତର ଅବସ୍ଥାରେ ସିପୁନ୍ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏହା ଜାଣି ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନ ସିପୁନ୍‌ଙ୍କୁ ଖୋଜି ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ସିପୁନ୍ ଉତ୍ତର ପ୍ରଦେଶରେ ଜେସିବି ହେଲ୍‌ପର ଭାବେ ୩ ମାସ ହେବ କାର୍ଯ୍ୟ କରୁଥିଲେ। ରେଳ ଦୁର୍ଘଟଣା ପୂର୍ବଦିନ ସେ ଘରକୁ ଫେରୁଥିଲେ। ମାଲିକ ଷ୍ଟେଶନରେ ଛାଡ଼ିଥିବା ସିପୁନ୍ ଫୋନ୍ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ସେଠାରୁ କୋଲକାତାରେ ପହଞ୍ଚି ହାଓ୍ୱଡାରୁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଆସୁଥିଲେ। ଟ୍ରେନ୍ ବାହାନଗାଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଜେସିବି ମଲିକଙ୍କ ଫୋନ୍ ନମ୍ବର ନ ଥିବାରୁ ତାଙ୍କ ସହିତ ସମ୍ପର୍କ ହୋଇପାରୁନାହିଁ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ଗରିବ ଲୋକ ହୋଇଥିବାରୁ ଖୋଜାଖୋଜି କରିପାରୁନାହାନ୍ତି। ଗଣମାଧ୍ୟମରୁ ସିପୁନ୍‌ଙ୍କ ଫଟୋ ଦେଖି ପରିବାର ଲୋକେ ଚିହ୍ନିଥିଲେ। ତାଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ହୋଇଥିବା ବେଳେ କେଉଁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ତାହା ଜଣାପଡୁ ନ ଥିବା ତାଙ୍କ ସ୍ତ୍ରୀ ଉଷା କହିଛନ୍ତି। ସିପୁନ୍‌ଙ୍କ ଦେଢ଼ବର୍ଷର ଝିଅ ଏବଂ ମା',ବାପା ଘରେ ଥିବା ବେଳେ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିବା ସମ୍ପର୍କୀୟ ଭାଇ ରୋହିତ କୁମାର ବାରିକ କହିଛନ୍ତି। ଜିଲା ପ୍ରଶାସନ ସିପୁନ୍‌ଙ୍କୁ ଖୋଜିବାରେ ସହଯୋଗ କରି ଫେରାଇ ଆଣିବାକୁ ପରିବାର ପକ୍ଷରୁ ଗୁହାରି କରାଯାଇଛି। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, କଟକ ଏସ୍‌ସିବି ମେଡିକାଲ ଓ ଭୁବନେଶ୍ୱର ଏମ୍‌ସରେ ରେଳ ଦୁର୍ଘଟଣାର ସମସ୍ତ ଆହତ ଚିକିତ୍ସିତ ହେଉଛନ୍ତି। ସେମାନେ ପଣ୍ଡାପଡ଼ା ଥାନାରେ ତୁରନ୍ତ ଜଣାନ୍ତୁ। ତାଙ୍କୁ ଖୋଜିବା ସହ ଫେରାଇଆଣିବା ପାଇଁ ବ୍ୟବସ୍ଥା କରାଯିବ।


ସିପୁନ୍ ନାଏକ

# ନବବଧୂଙ୍କୁ ନେବାକୁ ଶ୍ୱଶୁରଘରେ ପହଞ୍ଚିଲେ ଜ୍ୱାଇଁ

**ଫୁଲବାଣୀ ଅଫିସ୍ /କୋଟଗଡ଼, ୧୪।୬**
**(ରାକେଶ ରାଉତ/ସରୋଜ ବଳିଆରସିଂ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ପାରିଗଡ଼ ପଞ୍ଚାୟତ ସାରୁପାଟା ଗାଁରେ ଯୌତୁକ ପ୍ରଥାକୁ ବିରୋଧ କରି ନବବିବାହିତା ବାହାଘର ଭାଙ୍ଗିଦେବା ଘଟଣାରେ ବୁଧବାର ଆସିଛି ନୂଆ ମୋଡ଼। ସ୍ୱାମୀ ନବବଧୂଙ୍କ ଘରକୁ ଆସି ଭୁଲ୍ ମାଗିବା ସହ ନିଜ ଘରକୁ ନେବା ପାଇଁ ଅଡ଼ି ବସିଛନ୍ତି। ଯାହା ହୋଇଛି ଭୁଲ୍ ହୋଇଛି, ଚାଲ ଘରକୁ ଯିବା ବୋଲି କହୁଛନ୍ତି। ହେଲେ ଝିଅଘର ପକ୍ଷ ମନା କରିବା ସହ ତୁମ ଗ୍ରାମଲୋକ ଏବଂ ବନ୍ଧୁବାନ୍ଧବ ଆସି ଘଟଣାର ସମାଧାନ କଲେ ଝିଅ ଶାଶୁଘର ଯିବ ବୋଲି କହିଛନ୍ତି। ଅନ୍ୟପଟେ ଜ୍ୱାଇଁଙ୍କୁ ଘରେ ରହିବାକୁ ଶ୍ୱଶୁର ଘର ସ୍ୱୀକୃତି ଦେଇଛନ୍ତି, କିନ୍ତୁ ଜ୍ୱାଇଁଙ୍କୁ ଅଲଗା ଘରେ ରଖିଛନ୍ତି।

ପ୍ରକାଶ ଯେ, ସାରୁପାଟା ଦୁର୍ଗମ ଇଲାକାର ଝିଅ ଦେବକୀ ଦିଗାଲ ଗତ ୯ ତାରିଖରେ ବାଲିଗୁଡ଼ା ଥାନା ବରିକିଆ ଗ୍ରାମର ଅର୍ଜୁନ ଦିଗାଲଙ୍କୁ ବିବାହ କରିଥିଲେ। ପରଦିନ କନ୍ୟାପକ୍ଷ ଲୋକେ ବରଘରକୁ ଆସିଥିବା ସମୟରେ ଯୌତୁକ ବାବଦକୁ ଏକ ମୋଟରସାଇକେଲ ଦେବାକୁ ବର ଦାବି କରିଥିଲେ। କନ୍ୟାପକ୍ଷ ଲୋକେ ବାଇକ୍ ଦେବାକୁ ଅକ୍ଷମ ବୋଲି କହିବାରୁ ଅର୍ଜୁନ ରାଗି



## ବାଇକ୍ ପାଇଁ ବରକୁ ଛାଡ଼ିବା ଘଟଣା

ଯାଇ ତୁମ ଝିଅକୁ ନେଇଯାଅ ବୋଲି ଅତିଥିଙ୍କ ଆଗରେ କହିଥିଲେ। ବରର ଏଭଳି ବ୍ୟବହାର ଦେଖି ନବବଧୂ ଦେବକୀ ଯୌତୁକକୁ ବିରୋଧ କରିବା ସହ ସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ସହ ଶଙ୍ଖା ଓ ଚୁଡ଼ି ଖୋଲିଦେଇ ବାପଘରକୁ ଚାଲିଯାଇଥିଲେ। ଦେବକୀ ଜଣେ ଅଭାବୀ ଘରର ଝିଅ ହୋଇଥିବା ବେଳେ ଅର୍ଜୁନଙ୍କ ଏଭଳି ଯୌତୁକ ଦାବିକୁ ନବବଧୂ ସହ୍ୟ କରି ନପାରି ଏଭଳି ନିଷ୍ପତ୍ତି ନେଇଥିଲେ। ତେବେ ବର ଘର ଲୋକେ ନବବଧୂର ଅଭିଯୋଗକୁ ଖଣ୍ଡନ କରିବା ସହ ଏମିତି ସେମାନେ ଯୌତୁକ ଦାବି କରିନଥିବା କହିଛନ୍ତି। ଖବର ଲେଖାହେବା ସୁଦ୍ଧା ସାରୁପାଟାଗାଁରେ ଦେବକୀ ଓ ଅର୍ଜୁନଙ୍କ ପରିବାର ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଦେବକୀଙ୍କ ପରିବାର ଲୋକେ କୋର୍ଟରେ ପୁଣି ବିବାହ ହେଲେ ଝିଅକୁ ଛାଡ଼ିବୁ ବୋଲି କହିଥିବା ବେଳେ ଅର୍ଜୁନଙ୍କ ପରିବାର ରାଜି ହୋଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ



# ପ୍ରାଣୀ ଯନ୍ତ୍ରଣାର ତୁଳନା



ପିଟର ସିଙ୍ଗର

କିଛି ସପ୍ତାହ ହେଲା ମୁଁ ଆମେରିକା ଓ ବ୍ରିଟେନ ଗସ୍ତରେ ଯାଇ ପ୍ରକାଶ ପାଇବାକୁ ଥିବା ନୂଆ ପୁସ୍ତକ ଆନିମଲ ଲିବରେଶନ (ପ୍ରାଣୀ ମୁକ୍ତି)ର ପ୍ରଚାର କରିଆସୁଛି। ଏଇ ବହିରେ ବିଶେଷକରି କୁକୁଡ଼ା, ଘୁଷୁରି, ମତ୍ସ୍ୟ ପାଳନ କରାଯାଉଥିବା ଫାର୍ମଗୁଡ଼ିକରେ ଅନେକ ପ୍ରାଣୀଙ୍କୁ ଆମେ କିଭଳି ଯନ୍ତ୍ରଣା ଦେଉଛୁ, ସେ ବିଷୟ ସ୍ଥାନିତ ହୋଇଛି। ନିରନ୍ତର ଭାବେ ଏଭଳି ଅତ୍ୟଧିକ ତଥା ଅନାବଶ୍ୟକ ଯନ୍ତ୍ରଣା ଆମ ସମୟର ଏକ ବଡ଼ ନୈତିକ ପ୍ରସଙ୍ଗ। ଏହି ଯୁକ୍ତି ଉପରେ କିଛି ଲୋକ ସନ୍ଦେହ ପ୍ରକାଶ କରିପାରନ୍ତି କାରଣ ସେମାନେ ଭାବନ୍ତି ଯେ ମଣିଷ ପ୍ରାଣୀମାନଙ୍କ ସହ ଅତୁଳନୀୟ ଓ ସେମାନଙ୍କ ତୁଳନାରେ ଏହାର ଗୁରୁତ୍ୱ ଅଧିକ। କିନ୍ତୁ ଏହା ସାଧାରଣରେ ତଥା ନୈତିକତାବାଦୀମାନଙ୍କ ମଧ୍ୟରେ ଅଧିକ ଗ୍ରହଣୀୟ ଯେ, ନୈତିକତା ଦୃଷ୍ଟିରୁ ଯନ୍ତ୍ରଣା ଦୂର କରିବା ଗୁରୁତ୍ୱପୂର୍ଣ୍ଣ, ତାହା ଯେ କୌଣସି ପ୍ରଜାତି ଜୀବର ହେଉ ପଛେ। କିନ୍ତୁ କିଛି ପ୍ରଜାତି ପାଇଁ ଏହି ବିଚାର ଅଧିକ ଜଟିଳ ପ୍ରଶ୍ନ ଉତ୍ଥାପନ କରେ। ଆମେ କିଭଳି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାକୁ ତୁଳନା କରିବା? ସୀମିତ ସମୟ ଓ ସଂସାଧନକୁ ଦେଖିଲେ ଜଣେ ମଣିଷକୁ ସାହାଯ୍ୟ କରିବା ବଦଳରେ ଆମେ କେତେ କୁକୁଡ଼ାଙ୍କୁ ସାହାଯ୍ୟ କରିବା ଉଚିତ? ଆମେ ଅନେକ ପ୍ରାଣୀଙ୍କର କ୍ଷତି କରିଚାଲିଥିବାବେଳେ ଘୁଷୁରି ଭଳି ପ୍ରାଣୀର ଯନ୍ତ୍ରଣା ଦୂର କରିବା ନିଷ୍ପତ୍ତି ଉପରେ ସମାନ ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ପଚରାଯାଇପାରେ। ଆମେ ଏହି ପ୍ରାଣୀର ଅତ୍ୟଧିକ କ୍ଷତି କରୁଛୁ। ଉଦାହରଣସ୍ୱରୂପ, ପ୍ରତିବର୍ଷ ଆମେ ଆବଦ୍ଧ ସ୍ଥାନରେ ବଢାଇ ଯନ୍ତ୍ରଣାକୁ ନଦେଖି ସେମାନଙ୍କୁ ହତ୍ୟା କରିଚାଲିଛୁ। ପୃଥିବୀ ଜନସଂଖ୍ୟା ତୁଳନାରେ ୧୫ ଗୁଣ ଅଧିକ ମାଛଙ୍କୁ ହତ୍ୟାକରୁଛୁ। ସେମାନଙ୍କୁ ଯନ୍ତ୍ରଣା ଦେବାର କ'ଣ ନୈତିକ ଆଧାର ରହିଛି? ଏଠାରେ ଆମେ ଗୁରୁତ୍ୱପୂର୍ଣ୍ଣ ଫିଲୋସୋଫିକ(ତାତ୍ତ୍ୱିକ) ଏବଂ ନ୍ୟୁରୋସାଇଣ୍ଟିଫିକ୍ ବିଷୟଗୁଡ଼ିକ ଉପରେ ବିଚାର କରିବା ଦରକାର। ଯନ୍ତ୍ରଣା ସହିବାରେ ଆମ ନିଜସ୍ୱ କ୍ଷମତା କିଭଳି ଏହିସବୁ ପ୍ରାଣୀମାନଙ୍କଠାରୁ ଅଲଗା ଏବଂ ଆମେ କିପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣା ସହିବାର କ୍ଷମତାକୁ ତୁଳନା କରିପାରିବା? ତେବେ ଯନ୍ତ୍ରଣା ଦୂରକରିବା ଗୁରୁତ୍ୱପୂର୍ଣ୍ଣ ନା ଆଉ କିଛି ବିଷୟ ଯଥା ପ୍ରାଣୀ ପାଳନ ଓ ସେମାନଙ୍କୁ ଯନ୍ତ୍ରଣା ଦେବାରେ ଲୋକମାନଙ୍କ ଭବିଷ୍ୟତର ପସନ୍ଦକୁ ରୋକିବା ଦରକାର, ସେ ବିଷୟରେ ପ୍ରଶ୍ନ କରିବା ଆବଶ୍ୟକ। ଯଦି ଏହି ପସନ୍ଦକୁ ରୋକିବାରେ ଭୁଲ୍ ହୁଏ ତେବେ ମଣିଷ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଅତ୍ୟଧିକ ହୋଇଯିବ।

ଆମେରିକାର ଏକ ଥିଙ୍କ୍ ଟ୍ୟାଙ୍କ୍ ରିଥିଙ୍କ ପ୍ରାୟୋରିଟିଜ୍ ଏହି ସବୁ ପ୍ରଶ୍ନ ଉପରେ ଅନୁଧ୍ୟାନ କରିଆସୁଛି। ପ୍ରାଣୀମାନଙ୍କ ଯନ୍ତ୍ରଣା ସ୍ତରକୁ ମଣିଷଙ୍କ ଯନ୍ତ୍ରଣା ସହ କିଭଳି ତୁଳନା କରିବା ଦରକାର ତାହାର ଆକଳନ ପାଇଁ ଏକ ଆଧାର ଯୋଗାଇଦେବାକୁ ଗବେଷକମାନେ ପ୍ରାଣୀମାନଙ୍କ ଅନୁଭବ ଉପରେ କରାଯାଇଥିବା ଅନୁଧ୍ୟାନଗୁଡ଼ିକର ସମୀକ୍ଷା କରିଥିଲେ। ଏହାକୁ ସରଳ କରିବାକୁ ସେମାନେ ସୁଖକୁ ଉତ୍ସାହିତ କରୁଥିବା ଏବଂ ଯନ୍ତ୍ରଣା ଦୂର କରୁଥିବା ଉପଯୋଗୀ ଦୃଷ୍ଟିକୋଣ ଗ୍ରହଣ କରିଥିଲେ। ସେମାନେ କଳନା କରିଥିଲେ ଯେ, ପ୍ରାଣୀଟି ଭୋଗୁଥିବା ଯନ୍ତ୍ରଣା ଉପରେ ଆମେ କମ୍ ଯତ୍ନଶୀଳ ହୋଇଥାଉ କାରଣ ତାହା ମଣିଷ ନୁହେଁ ବୋଲି ଆମ ଚିନ୍ତାଧାରାରେ ରହିଥାଏ। ଗବେଷକମାନେ ଦର୍ଶାଇଥିଲେ ଯେ, ଯନ୍ତ୍ରଣାର ତୀବ୍ରତା ଓ ଅବଧି ସମାନ। ଏଣୁ ପ୍ରାଣୀ ହେଉ କି ମଣିଷ, ସେମାନେ ଭୋଗୁଥିବା ଯନ୍ତ୍ରଣା ପ୍ରତି ଦୃଷ୍ଟିଦେବା ଉଚିତ।

ମଣିଷ ତୁଳନାରେ ପ୍ରାଣୀମାନେ କେତେ ଯନ୍ତ୍ରଣା ଭୋଗନ୍ତି ତାହା ଉପରେ ଅନୁଧ୍ୟାନ କରିବାକୁ ଗବେଷକମାନେ ଏବକାର ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ସେହି ସିଦ୍ଧାନ୍ତ ହେଉଛି ବେସିକ୍ ନ୍ୟୁରୋକେମିଷ୍ଟ୍ରି ଯାହା ଆବେଗିକ ଭାବନାକୁ ପ୍ରକାଶ କରେ। ଏହି ଭାବନା ପ୍ରାୟ ସବୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସମାନ। ଗବେଷକମାନେ ମଧ୍ୟ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାର ଉଭୟ ବ୍ୟବହାରଗତ ଓ ମନସ୍ତାତ୍ତ୍ୱିକ ପ୍ରାମାଣିକ ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। 'ଅନିମଲ ଲିବରେଶନ'ରେ ବ୍ୟବହାରଗତ ପ୍ରାମାଣିକ ତଥ୍ୟର ଏକ ସ୍ପଷ୍ଟ ଉଦାହରଣ ଉପରେ ଆଲୋଚନା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଗୁଡ଼ିକୁ ଶୀଘ୍ର ବଢ଼ାଯାଉଛି। ଫଳରେ କୁକୁଡ଼ାଗୁଡ଼ିକର ପୂର୍ଣ୍ଣ ବିକାଶିତ ହୋଇ ନଥିବା ଗୋଡ଼ ସେମାନଙ୍କ ଓଜନ ସମ୍ଭାଳି ପାରୁନାହିଁ। ଏହାଦ୍ୱାରା ସେମାନେ ଛୋଟା ହୋଇଯାଆନ୍ତି। ଗବେଷକମାନେ କରିଥିବା ଏକ ଅନୁଧ୍ୟାନରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଙ୍କୁ ଦୁଇପ୍ରକାର ରଙ୍ଗିନ ଖାଦ୍ୟ ଦିଆଯାଏ। ସେଥି ମଧ୍ୟରୁ ଗୋଟିକରେ ଆଣ୍ଟି ଇନଫ୍ଲାମାଟୋରି ଡ୍ରଗ୍ସ ଥାଏ। ଛୋଟେଇ ଚାଲୁଥିବା କୁକୁଡ଼ାଗୁଡ଼ିକ ଏହି ଡ୍ରଗ୍ସ ମିଶା ଖାଦ୍ୟକୁ ବେଶି ଖାଇବାକୁ ପସନ୍ଦ କରନ୍ତି ଏବଂ ସେମାନେ ଖାଦ୍ୟରେ ଗ୍ରହଣ କରୁଥିବା ଡ୍ରଗ୍ସ ଡୋଜ୍ ଅନୁପାତରେ ସେମାନଙ୍କ ଛୋଟାପଣ କମିଯାଏ। ଏହା ସୂଚିତ କରେ ଯେ,ଛୋଟା କୁକୁଡ଼ାଗୁଡ଼ିକ ଚାଲିବାବେଳେ ଅଧିକ ଯନ୍ତ୍ରଣା ଭୋଗିଥାନ୍ତି ଏବଂ ଏହା ଦର୍ଶାଏ ଯେ, ଡ୍ରଗ୍ସର ପ୍ରଭାବରେ ମଣିଷର ଯେଭଳି ଯନ୍ତ୍ରଣା ଉପଶମ ହୁଏ ସମାନୁପାତିକ ଭାବେ ସେମାନଙ୍କର ଯନ୍ତ୍ରଣା କମିଥାଏ।



ଅନ୍ୟ ବ୍ୟବହାରଗତ ପ୍ରମାଣ ଦର୍ଶାଏ ଯେ ଯନ୍ତ୍ରଣା ହୃଦ୍‌ସ୍ପନ୍ଦନ, ରକ୍ତଚାପ, ହର୍ମୋନ ସ୍ତର, ସ୍ୱେଦ ନିର୍ଗମନ, ଚକ୍ଷୁପଟଳ ବୃଦ୍ଧି ଓ ଶରୀରରେ ରାସାୟନିକ କାର୍ଯ୍ୟକଳାପରେ ପରିବର୍ତ୍ତନ କରେ। ବ୍ୟବସାୟିକ ଉଦ୍ଦେଶ୍ୟରେ ଶୀଘ୍ର ବଢ଼ାଯାଉଥିବା କୁକୁଡ଼ାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। କୁକୁଡ଼ାମାନଙ୍କ ଠାରେ ଫୁସ୍‌ଫୁସ୍, ହାର୍ଟ ଏବଂ ଅସ୍ଥି ସମସ୍ୟା ଦେଖାଯାଏ, ଯାହା ସେମାନଙ୍କ ଯନ୍ତ୍ରଣାର ଏକ ପ୍ରମାଣ। ଏହି ପ୍ରମାଣକୁ ଆଧାରକରି ରିଥିଙ୍କ ପ୍ରାୟୋରିଟିଜର ଗବେଷକମାନେ ଅନେକ ଆକଳନଭିତ୍ତିକ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି। କିଛି ପ୍ରାଣୀଙ୍କ ଯନ୍ତ୍ରଣାର ଭାଲ୍ୟୁ ବା ମୂଲ୍ୟାଙ୍କନ ସମ୍ପର୍କରେ ଏଥିରେ ଦର୍ଶାଯାଇଛି। ଯଦି ଯନ୍ତ୍ରଣାର ମୂଲ୍ୟାଙ୍କନ ମଣିଷ ପାଇଁ ୧.୦୦ ହୁଏ ତେବେ ଗବେଷକମାନଙ୍କ ଆକଳନ ଦର୍ଶାଏ ଯେ,ଏହା ଘୁଷୁରିର ୦.୫୨, କୁକୁଡ଼ା ପାଇଁ ୦.୩୩ ଏବଂ ଅକ୍ଟୋପସ ପାଇଁ ୦.୨୧ ବୋଲି ଗ୍ରହଣ କରିବାକୁ ପଡ଼ିବ। ସେମାନେ ଯନ୍ତ୍ରଣାର ମୂଲ୍ୟାଙ୍କନ କରି ମାଛର ୦.୧ରୁ କମ୍, କାର୍ପ (ରୋହି ଭାକୁର ଆଦି ମାଛ)ର ୦.୦୯ ଏବଂ ସାଲ୍‌ମନକୁ ୦.୦୬ ର୍‍ୟାଙ୍କରେ ରଖିଛନ୍ତି। କୌତୂହଳର ବିଷୟ, ମହୁମାଛିର ଏହା ୦.୦୭ ଥିବାବେଳେ କାଟ୍‌ଫିସର ୦.୦୪ରୁ କମ୍ ର୍‍ୟାଙ୍କରେ ରଖାଯାଇଛି। ଏହା ସ୍ପଷ୍ଟ ଯେ, ବିଭିନ୍ନ ପ୍ରଜାତିର ଏବଂ ଏପରିକି ବିଭିନ୍ନ ବର୍ଗର ପ୍ରାଣୀମାନଙ୍କ ଯନ୍ତ୍ରଣା ସହିବା କ୍ଷମତା ତୁଳନା କରିବାରେ କରାଯାଇଥିବା ଗବେଷଣାତ୍ମକ ପ୍ରୟାସକୁ ନେଇ ଆହ୍ୱାନ ଆସିବାରେ। କିନ୍ତୁ ଏହି ପ୍ରୟାସର ଗୁରୁତ୍ୱ ରହିଛି ଓ ଏହା ସମ୍ପୂର୍ଣ୍ଣ ନିର୍ବିବାଦୀୟ। ଏହାକୁ ଗ୍ରହଣ କରିବା ଆମ ନିଜ ନୈତିକ ଅଗ୍ରଗତି ଉପରେ ନିର୍ଭର କରେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

## ନାନା ମୁନି, ନାନା ମତ



ଅନୀତା ପଟ୍ଟନାୟକ

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ରଗଳ୍ପ ଖୁବ୍ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ନେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଆମର ଜୀବନର ଉଦ୍ଦେଶ୍ୟ କ'ଣ?' ବିଷୟଟିକୁ ଉପସ୍ଥାପନ କଲେ। ଆମଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସ୍‌ରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠିକା ପାଠକମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ଠିକ୍ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି? କେଉଁଠାକୁ ଯିବ ଓ ତା'ର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଜଣେ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ମା'ବାପାଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତା'ଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟ ଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଜଣେ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କ'ଣ? ତାଙ୍କର କୌଣସି ଉତ୍ତର ନ ଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କ'ଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର୍'।

ଏଥର ପଲ୍ଲବୀକୁ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।'

ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ଠିକ୍ ଉତ୍ତର ପାଇପାରିନାହିଁ। କେଉଁଟି ଠିକ୍ ଉତ୍ତର ଜଣାଇଲେ ମୁଁ ଚିରୋପକୃତ ହେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସେକ୍ଟର–୧୦, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଗ୍ରୀନ୍ ହାଉସ ଗ୍ୟାସ୍ ବା ସବୁଜ ଗୃହ ବାଷ୍ପ ବିଶ୍ୱତାପନ ବୃଦ୍ଧିର କାରଣ ପାଲଟୁଛି। ଏହାର ନିର୍ଗମନ କମ୍ କରିବା ପାଇଁ ବିଶ୍ୱରେ ପ୍ରୟାସ ଜାରି ରହିଥିବା ବେଳେ ବେଙ୍ଗାଲୁରୁର ଡ. ଏଜିହିଲ ସୁବିୟାନ ମିଥେନ ଗ୍ୟାସ୍‌କୁ ଏକ ସଂସାଧନ ଭାବେ ବ୍ୟବହାର କରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହା ପରିବେଶ ଉପଯୋଗୀ ଖାଦ୍ୟ ଓ ଗୋଖାଦ୍ୟ (ବିଭିନ୍ନ ପ୍ରକାର ଘାସ) ଉତ୍ପାଦନରେ ଚାଷୀମାନଙ୍କୁ ସାହାଯ୍ୟ କରୁଛି। ସୁବିୟାନ ଷ୍ଟ୍ରିଙ୍ଗ୍ ବାୟୋ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୨୦୧୩ରେ ସେ ଏହା ଆରମ୍ଭ କରିଥିଲେ। ବହୁ ଗବେଷଣା ପରେ ସେ ପରିବେଶ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛନ୍ତି। ଏହା ପରିବେଶ ଉପଯୋଗୀ କୃଷିକୁ ଉତ୍ସାହିତ କରିପାରିଛି। ଷ୍ଟ୍ରିଙ୍ଗ୍ ବାୟୋର ଉତ୍ପାଦକୁ ଏବେ ସୁଦ୍ଧା ୨୫୦ କୃଷକ ବ୍ୟବହାର କରିସାରିଲେଣି। ଏହାକୁ ବ୍ୟବହାର କଲେ କୃଷିରୁ କମ୍ ମିଥେନ ନିର୍ଗମନ ହେଉଛି। ପ୍ରସ୍ତୁତ କରାଯାଇଥିବା ଉତ୍ପାଦଗୁଡ଼ିକ ମଧ୍ୟରୁ ୧୫ଟିକୁ ପ୍ୟାଟେଣ୍ଟ ମିଳିସାରିଛି ଓ ଆଉ ୪୦ଟି ପାଇଁ ଆବେଦନ କରାଯାଇଛି। ପ୍ୟାଟେଣ୍ଟ ପାଇଥିବା ଉତ୍ପାଦ ବ୍ୟବହାର କରି କୃଷକମାନେ ଲାଭବାନ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମିଥେନ୍ ଗ୍ୟାସର ବ୍ୟବହାର ବିଶ୍ୱତାପନ ହ୍ରାସରେ ସୁବିୟାନଙ୍କ ଚେଷ୍ଟା ସେତିକି ମହତ୍ତ୍ୱପୂର୍ଣ୍ଣ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୫ ଜୁନ୍ ୧୯୯୮

- ଦ୍ୱୀପାଞ୍ଚଳ ରାଷ୍ଟ୍ର ଗିନିଆ ବିସାଓରେ ସରକାରୀ ସୈନ୍ୟ ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ଲଢ଼େଇ ଭୟରେ ଦେଶ ଛାଡ଼ି ଚାଲିଯାଉଥିବା ବେଳେ ନୌକା ବୁଡ଼ିଯିବାରୁ ୨୦୦ ମୃତ।
- ଭାରତ–ପାକିସ୍ତାନ ପ୍ରସଙ୍ଗ ନେଇ ଶିଳ୍ପ ସମୃଦ୍ଧ ୮ଟି ରାଜ୍ୟଗୋଷ୍ଠୀ (ଜି–୮)ର ପରାମର୍ଶକୁ ଭାରତର ଅଗ୍ରାହ୍ୟ।
- ଅଜ୍ଞାତ ଆତତାୟୀଙ୍କ ଗୁଳିମାଡ଼ରେ ବିହାର ବିଧାନସଭାର ସିପିଏମ୍ ବିଧାୟକ ଅଜିତ କୁମାର ସରକାରଙ୍କ ମୃତ୍ୟୁ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | | 2 | | 4 |
| | | | | | 9 | | 6 | |
| | | | | 7 | 4 | 3 | | |
| | 7 | | 6 | | | | 5 | |
| | | 5 | | 2 | | | | |
| | | 6 | | | 8 | | | 2 |
| | | 1 | 3 | | | 5 | | |
| | | | 4 | 8 | | 9 | | 3 |
| | | | 9 | | 2 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 4 | 2 | 5 | 8 | 6 | 1 |
| 1 | 6 | 4 | 8 | 7 | 9 | 3 | 2 | 5 |
| 2 | 8 | 5 | 6 | 3 | 1 | 7 | 4 | 9 |
| 5 | 2 | 3 | 1 | 9 | 7 | 4 | 8 | 6 |
| 4 | 1 | 6 | 2 | 8 | 3 | 5 | 9 | 7 |
| 8 | 9 | 7 | 5 | 4 | 6 | 1 | 3 | 2 |
| 9 | 4 | 8 | 7 | 5 | 2 | 6 | 1 | 3 |
| 6 | 5 | 2 | 3 | 1 | 4 | 9 | 7 | 8 |
| 7 | 3 | 1 | 9 | 6 | 8 | 2 | 5 | 4 |

ଗତକାଲିର ଉତ୍ତର

# ରାଜନୀତିର ଭାଗ୍ୟରେଖା



ମାୟାଧର ନାୟକ

ବହୁ ପ୍ରାର୍ଥୀ, ବହୁ କ୍ଷମତାପ୍ରାର୍ଥୀ, ବହୁ ଲାଳସୀବିଳାସୀବର୍ଗଙ୍କର ବ୍ୟକ୍ତିଗତ ଭାଗ୍ୟରେଖାର ବିରାଟ ମିଶାଣଫଳ ହୋଇଯାଇଛି ଭାରତୀୟ ରାଜନୀତିର ଭାଗ୍ୟରେଖା। ଆମେ ଯେତେବେଳେ ଅସଲ ରାଜନୀତିର ଭାଗ୍ୟରେଖା ଖୋଜୁଛେ ସେତେବେଳେ ମହା ମହା ଜ୍ୟୋତିଷୀମାନେ ବି ବାଟବଣା। ସେମାନେ ଯେତେବେଳେ ଭାରତୀୟ ରାଜନୀତିର ଭାଗ୍ୟରେଖା ଚିହ୍ନଟ କରନ୍ତି ସେତେବେଳେ ସେମାନଙ୍କୁ ଦିଶେ – ପ୍ରତ୍ୟେକ ରାଜନୈତିକ ଦଳର ମୁଣ୍ଡିଆଳମାନଙ୍କ ଭବିଷ୍ୟତ ଆକଳନର ସମ୍ଭାବନା। ତା' ଅର୍ଥ– ଯଦି ଗୋଟାଏ ସମୟରେ ଆମେ ଶୁଣୁଥିଲୁ 'ଇନ୍ଦିରା ଇଜ୍ ଇଣ୍ଡିଆ' ଇନ୍ଦିରା ହେଉଛନ୍ତି ଭାରତ। ଏବେ ଶୁଣୁଛୁ ମୋଦି ହେଉଛନ୍ତି ମହାଭାରତ ବିଶ୍ୱଗୁରୁ। ଅବଶ୍ୟ ଚାଇନା ରାଷ୍ଟ୍ରପତି ପୃଥିବୀର ଏକନମ୍ବର ନେତା ବୋଲି ତାଙ୍କ ମନ୍ତ୍ରୀମାନେ କହିଲେଣି। ଉତ୍ତରକୋରିଆର କିମ୍ ପ୍ରଚାର କରୁଛନ୍ତି, ସେ ଏ ବିଶ୍ୱର ସର୍ବଶ୍ରେଷ୍ଠ ଯୁବନେତା। ରୁଷିଆର ପୁଟିନ୍ ଯୁଦ୍ଧ ଜିତିଲେ ସେ ପୃଥିବୀର ରାଜା ହୋଇଯିବେ। ହିଟଲର ଦିନେ ପୃଥିବୀର ହିରୋ ହେବାକୁ ଚାହିଁଥିଲେ। ଯୁଦ୍ଧରେ ପରାସ୍ତ ହୋଇ ଆତ୍ମହତ୍ୟା କଲେ। ଆଲେକଜାଣ୍ଡାର ବିଶ୍ୱ ଜୟ କରିବାକୁ ଯାଇ ୩୩ବର୍ଷରେ ନିଃସ୍ୱ ମଣିଷ ହୋଇ ମରିଗଲେ। ଏଇଭଳି ବହୁ ଇତିହାସ ରହିଛି। ଏ ତ ଶେଷରେ ଚାଲିଛି ଏମିତିଗୁଡିଏ କ୍ଷମତାପ୍ରାର୍ଥୀମାନଙ୍କର ଝିମିଟିଖେଳ।

ଆଜି ଭାରତୀୟ ରାଜନୀତି ଭାଗ୍ୟରେଖା କହିଲେ ମନେହୁଏ ଏକ ଅର୍ଦ୍ଧଜ୍ୱଳନ୍ତ ବିଶୁବରେଖାର ଅନ୍ଧକାର ଅଂଶ, ଯେଉଁଠି ଏ ଗ୍ରୀଷ୍ମପ୍ରଧାନ ଦେଶର ଜନଗଣ କୁପକାଠର ଛାଗଛାଗୀ।

ଭାରତ ଏକ ବିଚିତ୍ର ଦେଶ। ଏଠି ସବୁଧର୍ମ, ସବୁଜାତି, ଉପଜାତି, ନାନା ଭାଷା, ନାନା ପରିଧାନ ଅଛି। ତଥାପି ଆମେ ଭାରତୀୟ ବୋଲି ଗର୍ବ କରୁ। ଏଠି କେନ୍ଦ୍ରଠୁ ଆରମ୍ଭକରି ରାଜ୍ୟ ପର୍ଯ୍ୟନ୍ତ ଆଇନକାନୁନ ସମ୍ବିଧାନ ଅଛି। ଶାସକମାନଙ୍କ ସୁବିଧା ଅନୁଯାୟୀ ସମ୍ବିଧାନ–ଆଇନକାନୁନ ବଦଳାଯାଏ। ଏବେ ଆମେ ପୃଥିବୀରେ ଜନସଂଖ୍ୟାରେ ଏକନମ୍ବର। ଆମ ଦେଶ ଗଣତାନ୍ତ୍ରିକ। ଏଠି ଗଣମାନଙ୍କ ଭୋଟରେ ସରକାର ନିର୍ବାଚିତ ହୁଅନ୍ତି। ନିର୍ବାଚିତ ସରକାର ପ୍ରଥମେ ସମ୍ବିଧାନ–ଆଇନକାନୁନକୁ ଭାଙ୍ଗନ୍ତି। ମନଇଚ୍ଛା ବହୁମତରେ ଜିତିଥିବାରୁ ସମ୍ବିଧାନ ବଦଳାନ୍ତି। ସମ୍ବିଧାନ ଯେତେ ମୋଟା ହୋଇଚାଲିଛି– ଆମ ଗଣତନ୍ତ୍ର ସେତେ ଛୋଟା ହୋଇଯାଉଛି। ସମ୍ବିଧାନର ମୁଖଶାଳାରେ ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର– ପରେ ସମାଜତନ୍ତ୍ର ଯୋଡ଼ାଯାଇଛି। ଆମ ଶାସକମାନେ କେହି ସମ୍ବିଧାନକୁ ମାନୁନାହାନ୍ତି। ଜାତି–ଧର୍ମ ନାଁରେ ଏଠି ରାଜନୀତି ଚାଲେ।

ଏଇ ଲୋକଙ୍କ ଭିତରୁ ତ ଜନପ୍ରତିନିଧି। ସମସ୍ତେ ପ୍ରାୟ ଭାଗ୍ୟରେଖାରେ ବେଶି ବିଶ୍ୱାସ କରନ୍ତି। ସେଥିପାଇଁ ଆମର ମଠ, ମନ୍ଦିର ଯେତେ ଅଛି – ସ୍କୁଲ, କଲେଜ, ଡାକ୍ତରଖାନା ସେତେ ନ ଥିବ। ଏପରିକି ଗଛରେ ସିନ୍ଦୂରମାରି ଲାଲ୍‌କନା ଗୁଡ଼ାଇ ମଧ୍ୟ ଆମେ ପୂଜାକରୁ। କେହିକେହି ସୂର୍ଯ୍ୟ, ତୁଳସୀ ଚଉଁରାକୁ ପୂଜା କରନ୍ତି। ସତ୍ୟ–ତ୍ରେତୟା–ଦ୍ୱାପର ଯୁଗର ଦେବଦେବୀ–ଭଗବାନମାନଙ୍କୁ ମନ୍ଦିର–ଫଟୋରେ ପୂଜାକରୁ। ଏ ଘୋର କଳି ଯୁଗରେ ଲୋକମାନେ ବେଶି ଠାକୁରପୂଜା କରୁଛନ୍ତି। ଏଥିପାଇଁ ଆମ ଶାସକମାନେ ମଠମନ୍ଦିର ପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଗୋଟିଏ ଗୋଟିଏ ଛୋଟ ଗାଁରେ ମଧ୍ୟ ଆଉ କିଛି ନ ଥାଉ ପଛେ ମନ୍ଦିର କିମ୍ବା ଗ୍ରାମଦେବତୀ କିଛି ନ ହେଲେ ବୃକ୍ଷଦେବୀ ନିଶ୍ଚୟ ଥିବେ। ସବୁ ଧର୍ମବିଶ୍ୱାସୀ ଲୋକେ ଏତେ ଠାକୁର ପୂଜାକରି ମଧ୍ୟ ଭାଗ୍ୟରେଖା ପାଇଁ ଜ୍ୟୋତିଷୀ, ବାବା, ସନ୍ନ୍ୟାସୀ, ଗୁଣିଆ, କାଳିଶି ପାଖକୁ ଯାଆନ୍ତି। ସେମାନେ ଜାତକ, ହସ୍ତରେଖା, ପାପୁଲି ଦେଖି ଗଣନାକରି ପ୍ରତିକାର ବ୍ୟବସ୍ଥା କହନ୍ତି। ରାଶିଫଳ କ୍ୟାଲେଣ୍ଡର ପ୍ରାୟ ଘରେ ଘରେ ଥିବ। ଖବରକାଗଜରେ ମଧ୍ୟ ରାଶିଫଳ ପ୍ରତିଦିନ ପ୍ରକାଶ ପାଏ। ବହୁ ଲୋକ ରାଶିଫଳ ଦେଖନ୍ତି। ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କର ବାରୋଟି ରାଶି ମଧ୍ୟରୁ ଗୋଟିଏ ନିଶ୍ଚୟ କାହାର ନା କାହାର ହୋଇଥିବ। ରାଶିମାନଙ୍କରେ କ'ଣ ସବୁ ଭଲମନ୍ଦ ଅଛି ସେଇ ଅନୁସାରେ କାମ କରନ୍ତି। ଗଣନାକାରୀ ରାଶିଫଳ ଦେଖି ଯଦି ଆପଣଙ୍କୁ ଡରାଇଦିଏ, ତା'ହେଲେ ଆପଣ ଛାନିଆ ହୋଇଯାଆନ୍ତି। ପ୍ରତିକାର ଯେତେ ବ୍ୟୟବହୁଳ ହେଲେ ବି କରନ୍ତି। ଆଜିକାଲି ରାଜଧାନୀ ଓ ସହରଗୁଡ଼ିକରେ ଜ୍ୟୋତିଷୀମାନେ ପାଞ୍ଜିଧରି ପସରା ମେଲାଇଛନ୍ତି। ଆପଣମାନେ ଜାତକ, ହାତଦେଖାଇ କିଛି ଉପଦେଶ ପାଇଁ ପକେଟରୁ କିଛି ଟଙ୍କା ଗଣନ୍ତି।

ଥରେ ସୁକିନ୍ଦା ଖଣିଅଞ୍ଚଳରେ ଜଣେ ଠିକାଦାର ଆଦିବାସୀ ଶ୍ରମିକବହୁଳ ଗାଁରେ ଶିବମନ୍ଦିର ତୋଳାଇ ପ୍ରତିଷ୍ଠା କରାଇବା ଦିନ ପୂଜାପାଠ କଲେ, ସମସ୍ତଙ୍କୁ ଭୋଜନ ବ୍ୟବସ୍ଥା କରାଇଥିଲେ। ସେଇ ରାସ୍ତାରେ ଏ ଅଧମ ଗଲାବେଳେ ଦଣ୍ଡେ ଠିଆହୋଇ ନିରୀକ୍ଷଣ କଲି ସେଠି ପୂଜକ ମାଇକରେ ମନ୍ତ୍ର ବୋଲୁଛି, ଠିକାଦାର ପାଲି ଧରୁଛି, ମଝିରେ ମାଇକ ବନ୍ଦକରି କହୁଛି ତା' କର୍ମଚାରୀକୁ ୧୦ ଟ୍ରିପ ସେଠିକି ପଠାଇଦେବ। ସେ ନେତା ଆସିଲେ ତାକୁ ଯାହା କହିଥିଲ ଦେଇଦେବ। ତା'ପରେ ପୁଣି ମାଇକ ସାଉଣ୍ଡ ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ। ଭାବିଲି ଏ ମନ୍ଦିରଫନ୍ଦିର, ପୂଜାପାଠ କିଛି ନୁହେଁ, ବେପାରୀ ଲୋକ ଲାଭର ଲୋଭରେ ପାଗଳ। ଆଦିବାସୀମାନଙ୍କୁ ଭୁତାଇବା ପାଇଁ ଏ କାଣ୍ଡ। ଏ ମାଲିକ ମଧ୍ୟ ଭୋଟ ବେଳେ ତାଙ୍କ ପୋଷାନେତା କେମିତି ଜିତିବେ ସେ ବନ୍ଦୋବସ୍ତ କରନ୍ତି। ଶେଷରେ ଠାକୁରଙ୍କ ରାଣ ପକାଇ ଭୋଟଦେବାକୁ ମତାନ୍ତି।

ସାଧାରଣ ମଣିଷ–କୁଲିମୂଲିଆ ଧର୍ମଭୀରୁ। ଭାଗ୍ୟବାଦୀ। ସେମାନେ ଥରେ ଶପଥ କଲେ ଭାଙ୍ଗନ୍ତି ନାହିଁ। ଦଳ–ନେତାମାନେ ଏତେ ଧର୍ମରାଣ ଦେଇ ମଧ୍ୟ ମନରେ ଦ୍ୱନ୍ଦ୍ୱ ରହିଯାଏ। କାଳେ ଲୋକେ ଭୋଟ ନ ଦେବେ ସେଥିପାଇଁ ସେମାନଙ୍କ ପାଇଁ ରାଜକୋଷରୁ ଟଙ୍କା ବରାଦ କରି ନିଜ ଦଳ ଶାସନ ନାଁରେ ମାହାଳିଆ ସବୁ ବାଣ୍ଟନ୍ତି। ଧର୍ମସଂସ୍କୃତି ଭିତରେ ମାଗଣା ସଂସ୍କୃତି ଓଜନିଆ ପଡ଼ିଯାଏ। ମାଗଣାଖିଆମାନେ ମାତିଯାଆନ୍ତି। ସେଇ ରାଜନୈତିକ ନେତାମାନଙ୍କର ଭାଗ୍ୟରେଖାରେ ସୂର୍ଯ୍ୟୋଦୟ ହୁଏ। କେବେ ଅସ୍ତ ହେବ ତା' ମା' ଗଙ୍ଗେଇ ଜାଣନ୍ତି।



ଏତିକିରେ ନେତାମାନେ ଭରସା ପାଆନ୍ତି ନାହିଁ। ଯେଉଁ ଶିଳ୍ପପତିଙ୍କୁ ଦେଶର ଜମି, ଖଣି, ପାଣି, ଜଙ୍ଗଲ, ବନ୍ଦର, ରାସ୍ତାକାମ ଟେକି ଦେଇଥାନ୍ତି ବିକାଶରେ ଯେଉଁ କାର୍ଯ୍ୟ ହେବ ସେମାନଙ୍କ ଦ୍ୱାରା କରାନ୍ତି। ପୁଣି ସେସବୁ କାମରେ ନିଜ ଦଳୀୟ ସମର୍ଥକ ଠିକାଦାର ହୁଅନ୍ତି। ସେଇ ଶିଳ୍ପପତି, ଠିକାଦାରମାନେ ଦେଶର ସାଧାରଣ ଲୋକଙ୍କ ଟିକସରେ ଭର୍ତ୍ତି ରାଜକୋଷରୁ ପ୍ରାୟ ଅଧାଅଧି ମାରିନିଅନ୍ତି। ସେମାନେ ଭୋଟ୍ ବେଳେ ଦଳ ଓ ନେତାମାନଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଏବଂ କୋଟି କୋଟି ଟଙ୍କା ଲୁଚାଛପାରେ ଦେଇଥାନ୍ତି। ସେ ଟଙ୍କାରୁ ଏତେ ମାଗଣା ଦେଇ ଭଗବାନ ରାଣ ପକାଇଥିଲେ ମଧ୍ୟ ଭୋଟ୍ ପିଛା ଏକହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦିଅନ୍ତି। ଏ ନେତାମାନେ ଲୋକଙ୍କୁ ମାଗଣାଖିଆ ଭିକାରି କରିଦେଇ ଶେଷରେ ଲାଞ୍ଛୁଆ କରିଦେଉଛନ୍ତି। ଏଇତ ଭାରତୀୟ ରାଜନୀତିର ଭାଗ୍ୟରେଖା। ଭୋକିଲା ପଟୁଆର ଏମିତି ଚାଲିଛି ରାସ୍ତାରେ ସେ ରାସ୍ତା କୁଆଡେ ଗୋଟେ ଭଙ୍ଗା ବଟିଖୁଣ୍ଟ ପାଖେଥିବା ସେଇ ଦେଶୀ ମଦଭାଟିଆଡେ।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଏଲ୍‌ଇଡି ବଲ୍‌ବ କୁଆଡ଼େ ଗଲା

ମହାଶୟ,

ଓଡ଼ିଶା ଶାସନର ମୋ ସରକାର ଜନଗଣଙ୍କ ହିତାର୍ଥେ ବିନା ମୂଲ୍ୟରେ ଏଲ୍‌ଇଡି ବଲ୍‌ବ ମାଗଣାରେ ଯୋଗାଇ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତର ପଲ୍ଲୀକୁ ଏହି ବଲ୍‌ବ ଯୋଗାଇ ଦିଆଯାଇଥିଲା। ତେବେ ଉକ୍ତ ବଲ୍‌ବ ସମସ୍ତ ଜନତା ପାଇପାରିଲେନାହିଁ କାହିଁକି? ଏହାର ପ୍ରକୃତ ଅନୁସନ୍ଧାନ କରାଯାଉ। ପରିତାପର ବିଷୟ ରାଜ୍ୟର ଏକାଧିକ ଗ୍ରାମାଞ୍ଚଳରେ ଉକ୍ତ ଇଲେକ୍ଟ୍ରି ବଲ୍‌ବ ଜନସାଧାରଣଙ୍କୁ ଦିଆଯାଇନାହିଁ। ମୋ ସରକାରଙ୍କଏଭଳି ପକ୍ଷପାତ ନୀତି ଭବିଷ୍ୟତରେ କଳଙ୍କର କାଳିମା ସଦୃଶ ହେବ। ଏକାଧିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ଦଲାଲମାନେ ଏଥିରେ ଦୁର୍ନୀତି କରିଛନ୍ତି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଉକ୍ତ ବଲ୍‌ବ କୁଆଡ଼େ ଗଲା। ରାଜ୍ୟ ସରକାର ଏ ଘଟଣାର ଉପଯୁକ୍ତ ତଦନ୍ତ କଲେ ବହୁ ରହସ୍ୟ ଉଦ୍‌ଘାଟନ ହେବ।

**–ଆଦିକନ୍ଦ ସାହୁ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳେ ପୁଣି ସିନ୍ଧୁ ବକ୍ଷେ
ଗିରି ଚୂଳେ କାଳାନଳ ସମ !
ଜଡ଼ରୂପୀ ହେ ଅନଳ ଅଗ୍ନି !
ତବ ପଦେ ନମୋନମ !
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩



# ‘ଦର ହ୍ରାସ ନ କଲେ ରାଜ୍ୟବ୍ୟାପୀ ପ୍ରତିବାଦ ଚେତାବନୀ’

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)



ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଦଳର ନେତା ଓ କର୍ମୀ ।

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଗ୍ୟାସ୍ ଦର ନ କମିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମଧ୍ୟ ଶାସକ ଦଳର ନେତାମାନେ ଚେତାବନୀ ଦେଇଛନ୍ତି। ବିଜେଡି ପକ୍ଷରୁ କରାଯାଇଥିବା ଏହି ଆନ୍ଦୋଳନରେ ଶତାଧିକ ମହିଳା, ଯୁବ, ଛାତ୍ର ନେତା ଓ କର୍ମୀମାନେ ଏକାଠି ହୋଇଥିଲେ। ସମସ୍ତେ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସ୍ଲୋଗାନ ଦେବା ସହ କେନ୍ଦ୍ର ସରକାର ବିରୋଧରେ ଗର୍ଜିଥିଲେ। ଏଠାରେ ମହିଳାମାନେ ଗ୍ୟାସ୍ ସିଲିଣ୍ଡର ଥୋଇବା ସହ ଚୁଲି ଜାଳି ପ୍ରତିବାଦ କରିଥିଲେ। ଯଦି କେନ୍ଦ୍ର ସରକାର ଗ୍ୟାସ୍ ଦର ତୁରନ୍ତ ହ୍ରାସ ନ କରନ୍ତି ତେବେ ଆଗାମୀ ଦିନରେ ବିଜେଡି ଏହି ପ୍ରତିବାଦ ରାଜ୍ୟର ସମସ୍ତ ଆର୍‌ଡିସି, ଜିଲାପାଳ, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ସ୍ତରରେ କରିବ ବୋଲି ଚେତାବନୀ ଦିଆଯାଇଛି।

ବିଜେଡି ଅଭିଯୋଗ କରିଛି, କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଏବେ ଅନ୍ଧାର ଯୋଜନାରେ ପରିଣତ ହୋଇଛି। ୨୦୧୪ରେ ଯେଉଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ଦର ୪୧୦ ଟଙ୍କା ଥିଲା ତାହା ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ଗତ ୯ ବର୍ଷ ମଧ୍ୟରେ ଏଲ୍‌ପିଜି ଦର ୩ ଗୁଣା ବୃଦ୍ଧି ପାଇସାରିଲାଣି। ଫଳରେ ଓଡ଼ିଶାର ଅନେକ ପରିବାର ଏବେ ସେମାନଙ୍କ ଉଜ୍ଜ୍ୱଳା ସିଲିଣ୍ଡର ଫେରାଇବାକୁ ଲାଗିଲେଣି। ରାଜ୍ୟର ମହିଳାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସବୁବେଳେ କାମ କରିଆସୁଥିବା ବିଜେଡି ତୁରନ୍ତ ଏଲ୍‌ପିଜି ଦର ହ୍ରାସ କରିବା ପାଇଁ ଦାବି କରିଆସୁଛି। ହେଲେ କେନ୍ଦ୍ର ସରକାର ଏଥିପ୍ରତି

## ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗର୍ଜିଲା ବିଜେଡି

କର୍ଣ୍ଣପାତ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଦରବୃଦ୍ଧି ପ୍ରତ୍ୟେକ ମହିଳାଙ୍କ ହାଣ୍ଡିଶାଳ ଉପରକୁ ମାଡ଼। ରାଜ୍ୟର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ରାଜ୍ୟର ସାଢେ ୪ କୋଟି ଲୋକଙ୍କ ଯନ୍ତ୍ରଣା ସୃଷ୍ଟି କରିଛି। ୨୦୨୨ରେ ବର୍ଷରେ ୩ ଗୁଣା ଗ୍ୟାସ୍ ଦର ବୃଦ୍ଧି ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏହି ଦରବୃଦ୍ଧି କାରଣରୁ ରାଜ୍ୟର ୯୦ ଲକ୍ଷ ମହିଳା ଗ୍ୟାସ୍ ରିଫିଲ୍ କରିପାରୁ ନାହାନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍) ମୁତାବକ ବହୁ ମାତ୍ରାରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ଛାଡ଼ି ଦେଇଛନ୍ତି। ତେଣୁ ମହିଳାଙ୍କ ପାଇଁ କରାଯାଇଥିବା ଉଜ୍ଜ୍ୱଳା ଯୋଜନା ଫେଲ୍ ମାରିଥିବା ଜଣାପଡ଼ିଛି। ଦେଶର ୯୮ ପ୍ରତିଶତ ଘରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ହୋଇଥିବା କେନ୍ଦ୍ରସରକାର ଦାବି କରୁଥିବା ବେଳେ ସିଏଜି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଅଡିଟ୍ କରି ଏହି ଯୋଜନାରେ ହିତାଧିକାରୀ ସେମିତି ଅଧିକ ନ ଥିବାବେଳେ ଯେତିକି ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି ସେମାନେ ରିଫିଲିଂ ମଧ୍ୟ ଠିକ୍ ଭାବେ କରୁନାହାନ୍ତି। କହିବାକୁ ଗଲେ ଦେଶରେ ଉଜ୍ଜ୍ୱଳା ଯୋଜନାର ପ୍ରଦର୍ଶନ ସେତେଟା ଆଖିଦୃଶିଆ ନୁହେଁ ବୋଲି ରପୋର୍ଟରେ ପ୍ରକାଶ କରିଛନ୍ତି। ଉଜ୍ଜ୍ୱଳା ଗ୍ୟାସ୍ ଦର ଯେପରି ଦିନକୁ ଦିନ ବୃଦ୍ଧି ପାଇବାରୁ ଗରିବ ଲୋକଙ୍କ ପାଇଁ ପୁନଃ ରିଫିଲିଂ ସହଜ ହେଉ ନାହିଁ । ଫଳରେ ଏବେ ପ୍ରାୟ ଗ୍ୟାସ୍ ସିଲିଣ୍ଡର ଫେରାଇବାରେ ଲାଗିଛନ୍ତି। ହେଲେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଏହାର କିଛି ଫରକ ପଡୁନାହିଁ। ଦର ହ୍ରାସ କ୍ଷେତ୍ରରେ କେନ୍ଦ୍ର ସରକାର ତୁରନ୍ତ ନିଷ୍ପତ୍ତି ନେଲେ ରାଜ୍ୟର ବହୁ ମହିଳା ରକ୍ଷା ପାଇଯିବେ।

ଅନ୍ୟପଟେ ବିଜେଡିର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି, ବିଜେଡି ସବୁବେଳେ ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସାଙ୍ଗରେ ଅଛି। ତେଣୁ କେନ୍ଦ୍ର ସରକାର ଗ୍ୟାସ୍ ଦର ବୃଦ୍ଧିକରି ଯେଉଁ ଅଧିକ ଟଙ୍କା ନେଇଛନ୍ତି ତାକୁ ଲୋକମାନଙ୍କୁ ଫେରାନ୍ତୁ। ଉକ୍ତ ଟଙ୍କା ଡିବିଟି ମାଧ୍ୟମରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ଫେରାନ୍ତୁ ନଚେତ୍ ସେମାନଙ୍କୁ ମାଗଣା ଗ୍ୟାସ୍ ପ୍ରଦାନ କରନ୍ତୁ। ଲୋକମାନେ ଯେଉଁ ଦର ଦେଇ ଗ୍ୟାସ୍ କିଣିପାରିବେ ସେତିକି ଟଙ୍କା ଗ୍ୟାସ୍ ସିଲିଣ୍ଡର ପିଛା କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ୧୭ରେ ଓଡ଼ିଶା ଆସିବେନି ଶାହ, ୨୨ରେ ଆସିବେ ନଡ୍ଡା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଆସନ୍ତା ୧୭ରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ଏବେ ତାହା ବାତିଲ କରିଦିଆଯାଇଛି। ପୂର୍ବରୁ ମଧ୍ୟ ଶାହଙ୍କ ଭଦ୍ରକ ଆସିବା ସମ୍ପର୍କିତ ଖବର ଦଳ ପକ୍ଷରୁ ଦିଆଯାଇଥିବା ବେଳେ ତାକୁ ମଧ୍ୟ ପରବର୍ତ୍ତୀ ସମୟରେ ସ୍ଥଗିତ ରଖାଯାଇଥିଲା। ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ବିପର୍ଯ୍ୟୟ’ ଗୁରୁବାର ଗୁଜରାଟର ଉପକୂଳବର୍ତ୍ତୀ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ଘଟାଇବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବା ସହ ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହା ମିଳିତ ଭାବେ ପାଣିପାଗ ବିଭାଗ, ଏନ୍‌ଡିଆରଏଫ୍ ସହ ମିଶି ପ୍ରତି ମୁହୂର୍ତ୍ତରେ ସ୍ଥିତିର ସମୀକ୍ଷା କରୁଛନ୍ତି। ପାଖାପାଖି ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତରିତ ହୋଇସାରିଛନ୍ତି। ବିପର୍ଯ୍ୟୟ ବାତ୍ୟାର ଭୟାବହତାକୁ ଉପଲବ୍ଧି କରିବା ସହ ସ୍ଥିତିର ମୁକାବିଲା କରିବା ଦୃଷ୍ଟିକୋଣରୁ ଶାହାଙ୍କ ୧୭ ତାରିଖ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସଙ୍କଟ ଟଳିବା ପରେ ଖୁବ୍‌ଶୀଘ୍ର ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ତାରିଖ ଧାର୍ଯ୍ୟ ହେବ। ଅପରପକ୍ଷରେ ଆସନ୍ତା ୨୨ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ପୃଥ୍ୱୀରାଜ ସୂଚନା ଦେଇଛନ୍ତି।

# ୫ ବର୍ଷ ପରେ ପାଚିକା, ସହାୟିକାଙ୍କ କଥା ମନେପଡ଼ିଲା: ଭାଜପା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଓଡିଶା ସରକାର ରାଜ୍ୟ ବିଦ୍ୟାଳୟଗୁଡିକରେ ନିୟୋଜିତ ହୋଇଥିବା ୧ ଲକ୍ଷ ୯ ହଜାର ପାଚିକା ଏବଂ ସହାୟିକାଙ୍କୁ ଶାଢୀ ପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ୨୦୧୭-୧୮ରେ ସ୍କୁଲରେ ନିୟୋଜିତ ମହିଳାଙ୍କ ପାଇଁ ଶାଢୀ ଭତ୍ତା ବାବଦରେ ୨୫୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଦୀର୍ଘ ୫ ବର୍ଷ ପରେ ରାଜ୍ୟ ସରକାରଙ୍କୁ ସେମାନଙ୍କ କଥା ମନେ ପଡିଛି ବୋଲି ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ସ୍ମୃତି ଟୁଇଟ୍ କରି କହିଛନ୍ତି, ରାଜ୍ୟ ସରକାର ପାଚିକା ଓ ସହାୟିକାଙ୍କ ସେବା ଏବଂ ଦାୟିତ୍ୱକୁ ନ ବୁଝି ଏଭଳି ତାଙ୍କ ସହ ପ୍ରତାରଣା କରିଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ପାଚିକା ଏବଂ ସହାୟିକାମାନେ ଅଧିକ ସହାୟତା ରାଶି ପାଉଥିବା ବେଳେ ଓଡିଶାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଇଛି। ଭାରତ ସରକାର ୧୦୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୪୦୦ ଟଙ୍କା ମାସିକ ପ୍ରଦାନ କରୁଛନ୍ତି। ପିଏମ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ଏବଂ ସହାୟିକାମାନଙ୍କୁ ପୁଡୁଚେରୀ ସରକାରଙ୍କ ଦ୍ୱାରା ମାସିକ ୧୦,୦୦୦ ଟଙ୍କା, ହରିୟାଣାରେ ୭୦୦୦ ଟଙ୍କା, ଉତ୍ତରାଖଣ୍ଡରେ ୩୦୦୦ ଟଙ୍କା, ଗୁଜରାଟରେ ୨୫୦୦ ଟଙ୍କା, ସେହିପରି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ୨୦୦୦ ଟଙ୍କା ପ୍ରଦାନ କରାଯାଉଛି। ସରକାର ରାଜ୍ୟର ୫୦,୮୬୨ଟି ବିଦ୍ୟାଳୟର ନିୟୋଜିତ ଥିବା ୧.୦୯ ଲକ୍ଷ ପାଚିକା ଏବଂ ସହାୟିକାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ଅନ୍ୟ ରାଜ୍ୟ ତୁଳନାରେ ଅତିରିକ୍ତ ସହାୟତା ପ୍ରଦାନ କରନ୍ତୁ ବୋଲି ସ୍ମୃତି କହିଛନ୍ତି।

# ସାଧାରଣ ଲୋକ ହଇରାଣ ହେଲେ ସେମାନଙ୍କର କିଛି ଯାଏ ଆସେ ନାହିଁ: ପୃଥ୍ୱୀରାଜ



ବିଦ୍ୟୁତ୍ କାଟ ପ୍ରତିବାଦରେ ବୁଧବାର କଟକ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଦିଆଯାଇଥିବା ଧାରଣା ।

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଖରାଦିନରେ ବିଜୁଳି କାଟ ଲୋକମାନଙ୍କୁ ବହୁ ବାଧୁଛି। ହେଲେ ଏହାର କିଛି ସମାଧାନ ନାହିଁ। ଯେତେ ଯାହା ହେଲେ ମଧ୍ୟ ପ୍ରତ୍ୟେକ ଦିନ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ବାରମ୍ବାର ବିଜୁଳି କାଟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଅଘୋଷିତ ବିଜୁଳି କାଟକୁ ନେଇ ଭାଜପା ସବୁ ଟାଟା ପାୱାର ଅଫିସ୍ ଆଗରେ ପ୍ରତିବାଦ କରିଛି। ଭାଜପା ପକ୍ଷରୁ ହେବାକୁ ଥିବା ୨ ଦିନିଆ ପ୍ରତିବାଦ ସଭା ମଧ୍ୟରୁ ପ୍ରଥମ ଦିନରେ କଟକ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିଞ୍ଚଣାରେ ବିଞ୍ଚିହୋଇ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିଛନ୍ତି। ଦଳ ପକ୍ଷରୁ ଗୁରୁବାର ରାଜ୍ୟର ସବୁ ଟାଟା

## ଟାଟା ପାୱାର କାର୍ଯ୍ୟାଳୟ ଆଗରେ ପ୍ରତିବାଦକଲା ଭାଜପା

ପାୱାର କାର୍ଯ୍ୟାଳୟ ଆଗରେ ମଧ୍ୟ ଏଭଳି ପ୍ରତିବାଦ କରାଯିବ। ତେବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜୁଳି ବିଭ୍ରାଟକୁ ନେଇ ଭାଜପା ଆନ୍ଦୋଳନ କରିଛି। ଏହାକୁ କାଉଣ୍ଟର କରିବା ଲାଗି ବିଜେଡି ଗ୍ୟାସ୍ ଦର ବୃଦ୍ଧି କଥା ଉଠାଉଛି। ଏକ ମସ୍ତବଡ଼ ଭୁଲ୍ କରୁଛନ୍ତି। ଓଡ଼ିଶାର ଲୋକଙ୍କ ଆଗରେ ପ୍ରମାଣିତ କରୁଛନ୍ତି ଯେ ସେମାନେ କମ୍ପାନୀ ପ୍ରୀତିରେ ଅଛନ୍ତି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସାଧାରଣ ଲୋକ ହଇରାଣ ହେଲେ ମଧ୍ୟ ସେମାନଙ୍କର କିଛି ଯାଏ ଆସେ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ କାଟ ପ୍ରତିବାଦରେ ୧୯ରେ ଗ୍ରୀଡ୍‌କୋ ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୯ରେ ରାଜ୍ୟ ଗ୍ରୀଡ୍‌କୋ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ବକେୟା ବିଲ୍ ଉପରେ ସୁଧ କଷି ଲୋକଙ୍କୁ ଲୁଣ୍ଠନ କରିବା କାମରୁ ଟାଟା ପାୱାର ନିବୃତ ରୁହନ୍ତୁ। ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଜେଡି ସରକାର ଗୋଟିଏ ବି କଥା ପାଳନ କରିପାରିଲେ ନାହିଁ। ଜନଶୋଷଣ ଏ ସରକାରର ମୂଳମନ୍ତ୍ର ପାଲଟିଛି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ବାରମ୍ବାର କହୁଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। କିନ୍ତୁ କାହିଁକି ଏଠି ବିଦ୍ୟୁତ୍ ଦାମ ୟୁନିଟ୍ ପିଛା ଏତେ ଅଧିକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ରାଜ୍ୟ ସରକାର ୨୦ ହଜାର କୋଟି ଟଙ୍କା ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତୀକରଣ କରିବା ପାଇଁ ଗତ ୧୦ ବର୍ଷ ଭିତରେ ଖର୍ଚ୍ଚ କରିଥିବା ଦାବି କରୁଛନ୍ତି। ହେଲେ ଏହି ଟଙ୍କା ମଧ୍ୟରୁ ୫ ହଜାର କୋଟି ଟଙ୍କା ଟାଟା ପାୱାରକୁ ଭିତ୍ତିଭୂମି ସଜାଡ଼ିବା ଓ ଉନ୍ନତୀକରଣ କରିବା ପାଇଁ ଦିଆଯାଇଥିବା କୁହାଯାଇଛି। ତେବେ ବାକି ୧୫ ହଜାର କୋଟି ଟଙ୍କା କେଉଁ କ୍ଷେତ୍ରରେ ଖର୍ଚ୍ଚ ହୋଇଛି ଏବଂ କେଉଁ ବର୍ଷରେ କେତେ ଯାଇଛି ତାହାର ଏକ ସମ୍ପୂର୍ଣ୍ଣ ହିସାବ ରାଜ୍ୟ ସରକାର ଦିଅନ୍ତୁ। ଯଦି ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ପ୍ରତି ବିଶ୍ୱାସ ଅଛି ତେବେ ଅବିଳମ୍ବେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ରାଜ୍ୟରେ ଲୋ ଭୋଲ୍‌ଟେଜ୍ ଯୋଗୁ ଆଲୁଅ ଥାଇ ମଧ୍ୟ ଜନସାଧାରଣ ଅନ୍ଧାରର କଷ୍ଟ ପାଉଛନ୍ତି। ଟାଟା ପାୱାର ପାଖରେ ଏ ସରକାର ସମ୍ପୂର୍ଣ୍ଣ ବନ୍ଧା ପଡ଼ିଛନ୍ତି। ରାଜନୈତିକ ପାଣ୍ଠି ଆଦାୟ ଯୋଗୁ ବର୍ତ୍ତମାନ ଏ ପରିସ୍ଥିତି ସୃଷ୍ଟି ହୋଇଛି। ଟାଟା ପାୱାରର ଗୁଣ୍ଡାମି ଓ ଜୁଲମ ଓଡ଼ିଶାରେ ଚଳିବ ନାହିଁ ବୋଲି ଶରତ କହିଛନ୍ତି।

# ବିହନ ଗ୍ରାମ ଯୋଜନା ଫେଲ୍ ମାରିଛି : କଂଗ୍ରେସ

ଭୁବନେଶ୍ୱର, ୧୪।୬(ଅନିଲ ଦାସ)

ପ୍ରତିବର୍ଷ ବିହନ ଗ୍ରାମ ଯୋଜନାରେ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ଆଜି ପର୍ଯ୍ୟନ୍ତ ଫସଲର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ବିହନର ପ୍ରତିବଦଳ ହାର ବୃଦ୍ଧି କରାଗଲା ନାହିଁ। ସରକାରଙ୍କ ବିହନ ଗ୍ରାମ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଚଳିତବର୍ଷ ଚାଷୀ ବିହନ ପାଇବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଗତ ୨ ବର୍ଷ ହେଲା ସରକାର ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଇବାରେ ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି ଭିତ୍ତିଭୂମି ନ ଥିବା ହେତୁ ଚାଷୀ ବିହନ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି, ତାହା ସ୍ମାର୍ଟଫୋନ୍ ନ

## ବିହନ ପାଇଁ ଚିନ୍ତାରେ ଚାଷୀ

ଥିବା ଅଞ୍ଚଳରେ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ଗ୍ରାମାଞ୍ଚଳର ସବୁ ସ୍ଥାନକୁ ଇଣ୍ଟରନେଟ୍ ପହଞ୍ଚି ପାରୁନାହିଁ। ଏବେ ସୁଦ୍ଧା ରାଜ୍ୟର ୫ ହଜାର ଗ୍ରାମକୁ ମଧ୍ୟ ମୋବାଇଲ ଟାୱାର ସଂଯୋଗ କରାଯାଇ ନାହିଁ। ଏବେ ରାଜ୍ୟରେ ମୌସୁମୀର ପ୍ରାକ୍ ସୂଚନା ଜଣାପଡ଼ିଥିଲେ ମଧ୍ୟ ସରକାର ଚାଷୀଙ୍କୁ ସରକାରୀ ବିହନ ଯୋଗାଇପାରୁ ନାହାନ୍ତି। କେବଳ ପ୍ରଚାର ଓ ପ୍ରସାର ସର୍ବସ୍ୱ ହୋଇଛି। ବାସ୍ତବତା ଦୃଷ୍ଟିରୁ ଚାଷୀ ଏବେ ବିହନ ପାଉନାହିଁ। ଚାଷୀଙ୍କ ନିକଟରେ କିପରି ସହଜ ଉପାୟରେ ଉନ୍ନତମାନର ବିହନ ପହଞ୍ଚା ଯାଇପାରିବ ଏବଂ ଓଡ଼ିଶାରେ ବିହନ ପ୍ରତିବଦଳ ହାର ଅଭିବୃଦ୍ଧି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

“ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।”

R-5154

ଡାକ ବିଭାଗ (ସିଭିଲ ୱିଙ୍ଗ)

ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୬/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭଦ୍ରକ ଡିଭିଜନ ଅଧୀନରେ ସିମୁଳିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୭୯,୪୧,୨୮୪.୦୦ । ଅମାନତ ରାଶି: ଟ.୧,୫୮,୮୨୬.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୨. ଏନ୍‌ଆଇଟି ନଂ.୭/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ମୟୂରଭଞ୍ଜ ଡିଭିଜନ ଅଧୀନରେ କରଞ୍ଜିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ସାଇଜ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୬୩,୨୧,୧୨୨.୦୦ । ଅମାନତ ରାଶି: ଟ.୧,୨୬,୪୨୨.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୩. ଏନ୍‌ଆଇଟି ନଂ.୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ବଲାଙ୍ଗୀର ଡିଭିଜନ ଅଧୀନରେ ବଲାଙ୍ଗୀର କୋର୍ଟ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୪୨,୭୩,୪୨୮.୦୦ । ଅମାନତ ରାଶି: ଟ.୮୫,୪୬୯.୦୦ । ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୪. ଏନ୍‌ଆଇଟି ନଂ.୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭୁବନେଶ୍ୱର ଡିଭିଜନ ଅଧୀନରେ ଆଇଆରସି ଭିଲେଜ୍, ଭୁବନେଶ୍ୱରଠାରେ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୫୩,୩୮,୨୪୦.୦୦ । ଅମାନତ ରାଶି: ଟ.୧,୦୬,୭୬୫.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

कार्यपालक अभियंता का कार्यालय
पथ निर्माण विभाग, पथ प्रमंडल, जामताड़ा

ई-प्रोक्योरमेंट सूचना सं0-02 / 2023-24

ई-निविदा प्रसंग- RCD/JAMTARA/ 548 दिनांक 12.06.2023

| | | |
|---|---|---|
| 1 | कार्य का नाम | Construction of ROB in lieu of Existing Level Crossing No.13/B/E 266.650 Km at Jamtara-Karmatand Laharjori Road (MDR) under Setu Bandhan Sub Scheme (CRIF) in Jamtara District for the year 2023-24 |
| 2 | प्राक्कलित राशि | रू 5395.00 लाख (तिरपन करोड़ पंचानबे लाख) |
| 3. | कार्य पूर्ण करने की अवधि | 24 महीना |
| 4. | ई-निविदा प्राप्त करने की अंतिम तिथि एंव समय | 22.07.2023 के दोपहर 12:00 बजे तक |
| 5 | ई-निविदा का वेबसाईट पर प्रकाशन की तिथि एंव समय | 23.06.2023 के अपराहन 4:30 बजे से |
| 6. | ई-निविदा आमंत्रित करने वाले कार्यालय का नाम एंव पता | कार्यपालक अभियंता, पथ प्रमंडल, जामताड़ा। |
| 7. | ई-प्रोक्यूरमेंट अधिकारी का संपर्क नं0/मोबाईल नं0 | 8210084525 |
| 8. | ई-प्रोक्यूरमेंट सेल का संपर्क सहायता नम्बर | 0651-2401010 |

नोटः- प्राक्कलित राशि घट-बढ़ सकती हैं। निविदा संबंधी अन्य जानकारी http://jharkhandtenders.gov.in पर देखा जा सकता है।

ह0/- कार्यपालक अभियंता
पथ निर्माण विभाग, पथ प्रमंडल, जामताड़ा

PR 299908 Road (23-24)_D

IIIT Bhubaneswar
Imagine, Innovate, Inspire
(A University established by Government of Odisha)

Admission Announcement
B.Tech. Programme

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2023.

Applications are invited for admission to B.Tech. Programme under **Odisha category** in the following disciplines :

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2023 Rank.

For Admission Bulletin and more details visit the following link : **https://www.iiit-bh.ac.in/admission**

Phone : 0674-2653305
E-mail : btechadmission@iiit-bh.ac.in, Home page : www.iiit-bh.ac.in
IIIT Bhubaneswar, Gothapatna, PO: Malipada, Bhubaneswar-751003, India

ODISHA SUB-ORDINATE STAFF SELECTION COMMISSION
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ-3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009
ଦୂରଭାଷ-0674-2597149, 2597152 (ଅଫିସ), ଫାକ୍ସ-0674-2597155, ୱେବସାଇଟ:www.osssc.gov.in

BIDDING

No.IIE-26/2023-1055/OSSSC Date:13.06.2023

FOR SELECTION OF SERVICE PROVIDERS FOR SERVICES RELATING TO RECRUITMENT EXAMINATIONS

No.T:The Odisha Sub-ordinate Staff Selection Commission, Bhubaneswar, set up by the Government of Odisha to conduct recruitment examinations for District Cadre Group- B & C Civil posts, invites Bid for selection of Service Providers for the following examination related services.

1. Examination:- DTP Typing (bilingual - English/ Odia), designing, printing and supply of Question Booklets and Two Part Carbonless blank OMR Answer Sheets.
2. Post Examination:- Scanning of OMR Answer Sheets, validation of data, evaluation, verification and authentication of roll numbers, processing, preparation of merit list of all candidates along with district-wise, category-wise break up.

The selection will remain valid for the next 5 years unless otherwise found wanting in performance. The Commission reserves the right to select up to three service providers, i.e. L1, L2 and L3 bidders for this service provided the L2 and L3 bidders agree to provide the services at L1 rate. In case the Commission selects two or three service providers, the work will be allocated to the service providers on rotation basis as will be decided by the Commission from time to time.

The terms of reference, detailed scope of work, eligibility criteria etc. are available in the full document hosted in the Commission's web portal **www.osssc.gov.in.** BID complete in all respect with documents indicated in the proper proforma should reach **"The Secretary, Odisha Sub-ordinate Staff Selection Commission, Block No.3 & 5, Unit I, Bhubaneswar-751009"** by Registered/Speed Post or private courier in a sealed envelope superscribed on the Top cover **"BID FOR SELECTION OF RECRUITMENT SERVICE PROVIDERS"** latest by 05.00 PM on 20.07.2023.

a) Pre-Bid meeting will be held at 04.00 PM on 21.06.2023 in virtual mode. Agencies/parties, if interested to participate in the pre-bid meeting will have to submit their willingness by Email osssc.od@nic.in to the Commission on or before 19.06.2023. The link to join Pre-Bid meeting will be made available to the parties in advance.
b) After the Pre-Bid meeting required modification, if any, will be incorporated in the document and will be finally published on 26.06.2023.
c) The bidding process will start from 26.06.2023 and close at 05.00 PM on 20.07.2023.
d) The Technical BIDs will be opened at 11.00 AM on 21.07.2023 at OSSSC and Financial bid will be opened at a later date which will be intimated to the parties who qualify in Technical Bid.

The OSSSC, Bhubaneswar reserves rights to cancel or reject any or all the BIDs without assigning any reason thereof.

Sd./- Secretary

OIPR-09007/11/0007/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩



## ସଂକ୍ଷେପରେ

### ଭାଜପାର ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସ୍ଥଗିତ

**ଟିଟିଲାଗଡ଼, ୧୪।୬(ଶରତ ମିଶ୍ର):** ରାଜ୍ୟ ଭାଜପା ପକ୍ଷରୁ ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ବିରୋଧରେ ବୁଧବାର ହୋଇଥିବା ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଟିଟିଲାଗଡ଼ରେ ଦେଖିବାକୁ ମିଳିନାହିଁ। ଭାଜପାର ଟିଟିଲାଗଡ଼ ମୁଖିଆଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ଉତ୍ତର ଆଶ୍ଚର୍ଯ୍ୟଜନକ ଥିଲା। ସେମାନଙ୍କ କହିବା ହେଲା ଆଜି ବରିଷ୍ଠ ନେତା ତଥା ପୂର୍ବତନ ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓଙ୍କ ଜନ୍ମଦିନ ଥିବାରୁ ଆମେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ପ୍ରସ୍ତାବିତ ବିକ୍ଷୋଭରେ ସାମିଲ ହୋଇ ପାରିଲୁ ନାହିଁ। ଗୁରୁବାର ଆମେ ବିକ୍ଷୋଭ କରିବୁ ବୋଲି ଭାଜପା ର ଟିଟିଲାଗଡ଼ ବ୍ଲକ ପ୍ରତିନିଧି ମୁକେଶ ଜୈନ କହିଛନ୍ତି।

### ଚାଷୀ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା, ୧୪।୬(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ମଧ୍ୟମପଡା ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମହିଳା କୃଷି ଉତ୍ପାଦନ କମ୍ପାନୀ ଓ ଏକ୍ସେସଲାଇଭଲିହୁଡ ମିଶନର ମିଳିତ ଆନୁକୂଲ୍ୟରେ ଚାଷୀ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା କୃଷି ଉତ୍ପାଦ କମ୍ପାନୀ ସଭାନେତ୍ରୀ ରୀତା ଗଡୁଆଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ଓ ଏକ୍ସେସ ଲାଇଭଲିହୁଡର କାର୍ଯ୍ୟକର୍ତ୍ତା ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଶତପ୍ରତିଶତ ଚାଷୀ ଅଛନ୍ତି। ସେମାନଙ୍କୁ ସରକାରୀସ୍ତରରେ ଉପଯୁକ୍ତ ସମୟରେ ବିହନ, ସାର ଓ ଔଷଧ ମିଳୁନାହିଁ। ବ୍ୟବସାୟୀମାନେ ଚଢ଼ାଦରରେ ବିକ୍ରି କରୁଛନ୍ତି। ଚାଷୀମାନେ ସଂଗଠିତ ନ ଥିବାରୁ ସବୁସ୍ତରରେ ଠକେଇର ଶିକାର ହେବାକୁ ପଡୁଛି। ଏଣୁ ଚାଷୀମାନେ ସଚେତନ ହୋଇ ସଂଗଠିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମହିଳା କୃଷି ଉତ୍ପାଦ କମ୍ପାନୀ ସହିତ ଜଡିତ ରହି ଉପଯୁକ୍ତ ଦର ଓ ଠିକ ସମୟରେ ବିହନ, ସାର, ଔଷଧ ନେବା ସହ ଉଚିତ ଦରରେ ଅମଳ ଫସଲ ବିକ୍ରି କରିବାକୁ ଆହ୍ୱାନ ଜଣାଇଥିଲେ।

### ଲୋକକଳା ଦିବସରେ କଳାକାର ସମ୍ବର୍ଦ୍ଧିତ

**କଣ୍ଟାବାଞ୍ଜି, ୧୪।୬(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଲୋକ କଳା ଦିବସ ପାଳିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ବର୍ଷ ଜୁନ ୧୪ ତାରିଖ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଲୋକ କଳା ଦିବସ ପାଳନ ହେଉଥିବା ବେଳେ ସ୍ଥାନୀୟ ବିଡିଓ ଦେବାଶିଷ ସାମଲ ଅନୁପସ୍ଥିତ ଥିଲେ। ଏହି ଦିବସ ପାଳନ ଅବସରରେ ବ୍ଲକ ସରପଞ୍ଚ ସଂଘ ସଭାପତି ଜଲନ୍ଧର ମହାକୁଡ ମୁଖ୍ୟ ଅତିଥି, ବ୍ଲକ ଲୋକକଳା ସଂଘ ଉପସଭାପତି କାର୍ତ୍ତିକ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଦିବସ ପାଳନ ଅବସରରେ ଶତାଧିକ କଳାକାର ଯୋଗ ଦେଇଥିଲେ। ଅଞ୍ଚଳରେ କଳାର ବିକାଶ ଉପରେ କଳାକାରମାନେ ଆଲୋଚନା କରିଥିଲେ। ପରିଶେଷରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୋକାନ କର୍ମଚାରୀ, ୨ ସହଯୋଗୀ ଗିରଫ

**କଣ୍ଟାବାଞ୍ଜି, ୧୪।୬(ଗୁରୁଦୟାଲ ହଂସ)**

## କ୍ରିଷ୍ଣା ମେଡିକାଲ ଷ୍ଟୋରରୁ ଚୋରି ଘଟଣା

■ ୯୨ହଜାର ୯ଶହ ଟଙ୍କା ଜବତ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରୋଡ ନଂ. ୪ସ୍ଥିତ କ୍ରିଷ୍ଣା ମେଡିକାଲ ଷ୍ଟୋରରୁ ଗତ ୧୧ତାରିଖ ବିଳମ୍ବିତ ରାତିରେ ୧ଲକ୍ଷ ୩୫ହଜାର ଟଙ୍କା ଚୋରି ହୋଇଥିଲା। ଦୋକାନ ମାଲିକ ଦୀପକ ଠାକୁର ଶୁକ୍ରବାର ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୧୫୫/୨୩) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚୋରି ଘଟଣାରେ ପୋଲିସ ଜଣେ ଦୋକାନ କର୍ମଚାରୀ ଓ ତାଙ୍କର ୨ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଚୋରିର ମାଷ୍ଟରମାଇଣ୍ଡ ହେଉଛନ୍ତି ଦୋକାନ କର୍ମଚାରୀ ତଥା ମୁରିବାହାଲ ଥାନା ଲେଢ଼ାପଦର ଗାଁର ସୁବୋଧ ସୁନାନି। ଗିରଫ ସହଯୋଗୀ ହେଲେ ବେଲପଡା ଥାନା ଅଞ୍ଚଳର ବିଘ୍ନ କୁଅଁର ଓ ହେମନ୍ତ ସେଠ। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କାଙ୍କୁ ପୋଲିସ ପ୍ରଦର୍ଶିତ କରୁଛି।

ଅଭିଯୁକ୍ତଙ୍କଠାରୁ ୯୨ହଜାର ୯ଶହ ଟଙ୍କା ଜବତ କରାଯାଇଛି। ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ବୁଧବାର କଣ୍ଟାବାଞ୍ଜି ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ତାଙ୍କ କହିବାନୁସାରେ ମୁଖ୍ୟ ଅଭିଯୁକ୍ତ ସୁନାନି ଦୀପକ ଠାକୁରଙ୍କ ମେଡିକାଲ ଷ୍ଟୋରରେ ଗତ ୮ବର୍ଷ ହେଲା କାମ କରି ଆସୁଥିଲେ। ଦୋକାନର ଟିକିନିଖି କାମ ଦେଖିବା ସହ ସବୁ କିଛି ତାଙ୍କୁ ଜଣାଥିଲା। ଲୋଭର ବଶବର୍ତ୍ତୀ ହୋଇ ସେ ଚୋରି କରି ଟଙ୍କା ନେବାର ଯୋଜନା କରିଥିଲେ। ଦୁଇ ସହଯୋଗୀଙ୍କ ସହ ସେ ଏହି କାମ କରିଥିବା ପୋଲିସକୁ କହିଛନ୍ତି। ପ୍ରାରମ୍ଭରୁ ପୋଲିସ ତାଙ୍କୁ ସନ୍ଦେହ କରି ତଦନ୍ତ ଆଗକୁ ବଢାଇଥିଲା। କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳରେ ସେ ଥିବା ଜଣା ପଡିଥିଲା। ବଲାଙ୍ଗୀର ଏସ୍‌ପି ରିଷିକେଶ ଖିଲାରିଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଏସ. ଛତ୍ରିଆ, ଏଏସ୍‌ଆଇ. ପି.ଏନ. ମାଝିଙ୍କୁ ନେଇ ଏକ ୬ଜଣିଆ ଟିମ ଗଠନ କରାଯାଇଥିଲା। ପରେ ଏହି ଟିମ କେସିଙ୍ଗା ପହଞ୍ଚି ମୁଖ୍ୟ ଅଭିଯୁକ୍ତ ସୁବୋଧ ସୁନାନିଙ୍କୁ ଏକ ଘରୁ କାବୁ କରିଥିଲା। ତାଙ୍କୁ ଅଧିକ ପଚରାଉଚରା ପରେ ଚୋରିରେ ସହାୟତା କରିଥିବା ଅନ୍ୟ ଦୁଇଜଣଙ୍କ ନାମ ଜଣାପଡିଥିଲା। ପରେ ସହଯୋଗୀ ବିଘ୍ନ କୁଅଁର ଓ ହେମନ୍ତ ସେଠଙ୍କୁ ପୋଲିସ ବେଲପଡା ଥାନା ଅଞ୍ଚଳରୁ ଉଠାଇ ଆଣିଥିଲା। ପଚରାଉଚରା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ।

# ଲୋକକଳା ଦ୍ୱାରା ସଂସ୍କୃତିର ବିକାଶ ହୁଏ



ଲୋକକଳା ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ, ୧୪।୬(ଶ୍ରୀବସ୍ତ ବେହେରା)**

## ମୁରିବାହାଲ ବ୍ଲକ ଲୋକକଳା ଦିବସ ପାଳିତ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଲୋକକଳା ଦିବସ ବ୍ଲକ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି।ବ୍ଲକ କଳାକାର ସଂଘ ସଭାପତି କୈଳାସ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କଳା ଦ୍ୱାରା ସଂସ୍କୃତିର ବିକାଶ ହୋଇଥାଏ। ତେଣୁ ସଂଗଠିତ ହୋଇ କଳାର ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବସ୍ତ ବେହେରା, ବରିଷ୍ଠ କଳାକାର ଫକୀର ପଧାନ, ରାମରତନ ମେହେର, ମହେଶ୍ୱର ଜାଲ, ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ଭଗବାନ ମହାନ୍ତି ଉପସ୍ଥିତ ରହି ଲୋକକଳା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା କଳାକାରଙ୍କ ବିକାଶ ଓ ସେମାନଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହା ପରେ ମୁରିବାହାଲ ବ୍ଲକର ମାର୍କଣ୍ଡ ମହାକୁର, ଅଭିରାମ ମାଝିଙ୍କ ଦ୍ୱାରା ସଂଚାର ବାଦ୍ୟ, ଚନ୍ଦ୍ରହାସ୍ୟ ବାଗଙ୍କ ସଂକୀର୍ତ୍ତନ, ମହେଶ୍ୱର ଜାଲଙ୍କ ଦ୍ୱାରା ଦୁଲଦୁଲି ବାଦ୍ୟ ଓ ରାମରତନ ମେହେରଙ୍କ ରାବଣ ଭୂମିକାର ଅଭିନୟ ପରିବେଶିତ ହୋଇଥିଲା। ମୁରିବାହାଲ ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କ ଉଦ୍ୟମରେ ବିପିଏମ ଗୋପାଳକୃଷ୍ଣ ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀ ଖୋଳାକୁ ନେଇ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ


ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ।

**ଖପ୍ରାଖୋଲ, ୧୪।୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପଞ୍ଚାୟତ କଦଳୀଝରନ ଗାଁ ସୀମାରେ ବାଘମୁଣ୍ଡ ପଞ୍ଚାୟତ ତରଫରୁ ପୋଖରୀ କାମକୁ କଦଳୀଝରନ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ବିଡ଼ିଓଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ କଦଳୀଝରନ ସୀମାରେ ଥିବା ଜଙ୍ଗଲ ପାଖ ଜମିରେ ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଗାଁର ଶ୍ରମିକଙ୍କ ଦାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏକ ପୋଖରୀ କାମ ଆରମ୍ଭ କରାଯାଇଛି। କାମ ବନ୍ଦ କରିବାକୁ ବିଡ଼ିଓଙ୍କଠାରେ କଦଳୀଝରନ ଗାଁର ବୁଧୁ ସାହୁ, ଯୁଗେନ୍ଦ୍ର ସାହୁ, ଭୈରବ ସାହୁ , ରୋହିତ ବରିହା, ଘନଶ୍ୟାମ ସାହୁ, ଗୀତା ସାହୁ , ଜଗଦୀଶ ସାହୁ, ପିତାମ୍ବର୍ ସାହୁ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁଙ୍କୁ ପଚାରିବାରୁ ହିର୍ଲି ଗାଁ ତରଫରୁ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ଚିହ୍ନଟ ପ୍ରକଳ୍ପ ଚାରିପଟେ ଗ୍ରାମବାସୀଙ୍କ ଚାଷ ଜମି ରହିଛି। ଜମି ପାଖରେ ଏକ ଜଳ ଅମଳ ପ୍ରକଳ୍ପ ନିର୍ମାଣ ପାଇଁ ଚାଷୀ ଦାବି କରି ଆସିଥିବାରୁ କାମ ଆରମ୍ଭ ପାଇଁ ପଦକ୍ଷେପ ନିଆ ଯାଇଛି ବୋଲି କହିଥିଲେ। ଏନେଇ ବିଡ଼ିଓ ବିଜୟ ହୋତାଙ୍କୁ ପଚାରିବାରୁ କଦଳୀଝରନ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ଯାଇ ତଦନ୍ତ ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଗଞ୍ଜେଇ ଜବତ, ୨ ମହିଳା ଗିରଫ

**ଲାଠୋର, ୧୪।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ୍ ରେଳଷ୍ଟେଶନରୁ ବୁଧବାର ଅପରାହ୍ନରେ ଲାଠୋର ପୋଲିସ ଗଞ୍ଜେଇ ସହ ଦୁଇ ମହିଳାକୁ ଗିରଫ କରିଛି। ମଧ୍ୟପ୍ରଦେଶର ଜଣେ ବୃଦ୍ଧା ଏବଂ ଜଣେ ଯୁବତୀ ଏକ ବ୍ୟାଗରେ ୪ ରୁ ୬ କେଜି ଗଞ୍ଜେଇ ବିଶାଖାପାଟନମ-ଦିଲ୍ଲୀ ସମତା ସୁପରଫାଷ୍ଟ ଏକ୍ସପ୍ରେସରେ ନେଉଥିଲେ। ଲାଠୋର ପୋଲିସ ସଂପୃକ୍ତ ଦୁଇ ମହିଳାଙ୍କୁ ପଚରା ଉଚରା ବେଳେ ଯୁବତୀ ଜଣକ ଉତ୍କ୍ଷିପ୍ତ ହୋଇ ପୋଲିସକୁ ଗାଳିଗୁଲଜ କରିବା ସହ ରେଳ ଧାରଣାରୁ ପଥର ଉଠାଇ ମାରିବା ଉଦ୍ୟମ କରିଥିଲେ। ପରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେମାନଙ୍କ ନାମ କହି ନଥିଲେ। ଏନେଇ ଲାଠୋର ଥାନା ଅଧିକାରୀ ଝସକେତନ ଭୋଇଙ୍କୁ ପଚାରିବାରେ ଆମେ ମହିଳାଙ୍କ ବିରୁଦ୍ଧରେ ଲାଠୋର ଥାନାରେ ଏକ ମାମଲା(୭୦/୨୩ )ରୁଜୁ କରି ତଦନ୍ତ ଜାରି ରଖିଛୁ ବୋଲି କହିଥିଲେ।

# ଫ୍ରେସରରେ ୧୦ଛାତ୍ରୀଛାତ୍ର


ରତିକ ରଞ୍ଜନ ସାହୁ।


ସତ୍ୟମ ଦେବତା।

## ସର୍ବଭାରତୀୟ ନିଟ୍ ମେଡ଼ିକାଲ ପ୍ରବେଶିକାରେ ଯୁବୋଦୟର ସଫଳତା

**ବଲାଙ୍ଗୀର, ୧୪।୬(ବୀରେନ୍ଦ୍ର ଝାଙ୍କର)**

ଶିକ୍ଷାକ୍ଷେତ୍ରରେ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିଚାଲିଥିବା ଯୁବୋଦୟ ଶିକ୍ଷାନୁଷ୍ଠାନ ଯୁକ୍ତ ୨ ବିଜ୍ଞାନରେ ପଶ୍ଚିମ ଓଡ଼ିଶାରେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବା ପରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଫଳତାର ଏଇ ଧାରାକୁ ଅବ୍ୟାହତ ରଖିବାରେ ସଫଳ ହୋଇଛି। ଚଳିତବର୍ଷ ସର୍ବଭାରତୀୟ ନିଟ୍ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ପୁଣି ଥରେ ସଫଳତା ଦେହରାଇଛି। ନିଜର ଭିନ୍ନ ଧରଣର ଶିକ୍ଷାଦାନ ପାଇଁ ସଫଳତାର ନୂତନ ଫର୍ଦ୍ଦ ଯୋଡ଼ିବାର ସଫଳ ହୋଇଛି। ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ଦେଇଥିବା ସହ ଫ୍ରେସର୍‌ରେ ୧୦ଜଣ ଛାତ୍ରୀଛାତ୍ର ସର୍ବଭାରତୀୟ ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ଲାଭ କରିଛନ୍ତି। ଯୁବୋଦୟର ସତ୍ୟମ ଦେବତା (୬୮୦), ଓଜସ୍ୱିତା ସିଂଦେଓ (୬୫୦), ନୈମିଶ କୁମାର ପଣ୍ଡା (୬୩୫), ଅନିକେଶ ପାଣିଗ୍ରାହୀ (୬୨୪), ତୁଳସୀ ପଣ୍ଡା (୬୧୭), ପ୍ରିୟରଞ୍ଜନ ସାହୁ (୬୦୨), ବୁଦ୍ଧଦେବ ବାଗ (୫୯୮), ସିଦ୍ଧାନ୍ତ ମେହେର (୫୮୪), ସୌମ୍ୟରଞ୍ଜନ ସାହୁ (୫୮୨), ସୌମ୍ୟରଞ୍ଜନ ମହାଲିଙ୍ଗ (୫୧୦) ମାର୍କ ପାଇଥିବା କୃତିତ୍ୱ ହାସଲ କରିଛନ୍ତି। ଯୁବୋଦୟର ଟାର୍ଗେଟ ବ୍ୟାଚ୍ ବଲାଙ୍ଗୀରରୁ ୯ଜଣ ଛାତ୍ରଛାତ୍ରୀ ଦୁର୍ଗେଶ ଖଟୁଆ (୬୪୭), ଲିସା ଅଗ୍ରୱାଲ (୬୪୬), ପ୍ରବୀଣ କୁମାର ଭୋଇ (୬୪୩), ଜ୍ୟୋତିରଞ୍ଜନ ପଣ୍ଡା (୬୨୫), ଅରୁଣିମା ମିଶ୍ର (୬୧୩), ଆକାଂକ୍ଷା ଚୌଧୁରୀ (୬୧୦), ସ୍ୱାଭିମାନ ପଟେଲ (୬୦୨), ଅପର୍ଣ୍ଣା ପ୍ରିୟଦର୍ଶିନୀ ଦାଶ (୫୯୬), ସୁଚିସ୍ମିତା ଜାନୀ (୫୪୩) ମାର୍କ ରଖିଛନ୍ତି। ସେହିପରି ଯୁବୋଦୟ ଭୁବନେଶ୍ୱର କେନ୍ଦ୍ରରୁ ୬୦ଜଣରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଚଳିତବର୍ଷ ନିଟ୍ ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ନିଜର ସଫଳତା ପ୍ରମାଣିତ କରିଛନ୍ତି। ରିତିକ ରଞ୍ଜନ ସାହୁ (୬୮୫), ଦିପ୍ତୀପ୍ରସାଦ ବେହେରା (୬୬୫), ଅଜୟ ମେହେର (୬୬୨), ଆଶୁତୋଷ ସାହୁ (୬୬୦), ପ୍ରଭାଂଶୁ ଶେଖର ଗୌଡ଼ (୬୫୩), ସୂର୍ଯ୍ୟପ୍ରକାଶ ସାହୁ (୬୫୩), ପ୍ରଜ୍ଞାନ ପ୍ରତିକ ନିଆଲ୍ (୬୪୬), ସାହିଲ କୁମାର ବାଗ (୬୪୫), ଶ୍ରିୟାଂଶ କୁମାର ମେହେର (୬୪୫), ସ୍ୱାଗତିକା ସାହୁ (୬୪୪) ମାର୍କ ପାଇ ଏମ୍‌ସରେ ନାମ ଲେଖାଇବାର ଆଶାକୁ ଉଜ୍ଜ୍ୱଳ କରୁଛନ୍ତି। କେବଳ ଯୁବୋଦୟରୁ ଶତାଧିକ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ ଯୁବୋଦୟର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ଓ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ରହିଥିବା ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଛନ୍ତି।

# ଲୋକକଳା ଉତ୍ସବ: ଦୁଲ୍‌ଦୁଲି ବାଦ୍ୟରେ ଦୁଲୁକିଲା ମଞ୍ଚ

**ବେଲପଡା, ୧୪।୬(ମନୋଜ ମିଶ୍ର)**

ଆଧୁନିକତାରେ ପୁରାତନ ଲୋକକଳା ଲୋପ ପାଇ ଯାଉଥିବାବେଳେ ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଲୋକକଳା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଡ଼ିଓ ଭିକ୍ଟୋର ସୋରେନ,ପଞ୍ଚାୟତ ସମିତି ଅଧ୍ୟକ୍ଷା ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ବ୍ଲକ କଳା ସଂସ୍କୃତି ସଂଘ ସଭାପତି ହରେକୃଷ୍ଣ ବାରିକ, ବରିଷ୍ଠ କଳାକାର ହସରାଜ ବୁଡେକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଅନୁଷ୍ଠିତ ସଭାରେ ଅଞ୍ଚଳରେ ପୁରାତନ କଳା ସଂସ୍କୃତି ଗୀତ, ନାଚ, ବାଦ୍ୟ ଆଦି ଲୋପ ପାଇବାକୁ ବସିଥିବାବେଳେ ସେହି ପୁରାତନ କଳାକୁ ଉଜ୍ଜୀବିତ କରି ଲୋକାଭିମୁଖୀ କରିବା ଏହି ଲୋକକଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। କଳାକାର ଶିବ ମହାପାତ୍ର ଓ ଦୃତିବାହନ ସିଂଙ୍କ ଘଣ୍ଟ ଓ ଶଙ୍ଖନାଦ, ଅଏଲାଭଟା ଓ ସିହିନି ଗ୍ରାମର ଦୁଲଦୁଲି ବାଦ୍ୟରେ ସଭା ମଞ୍ଚ ଦୁଲିକି ଉଠିଥିଲା । ରସରାଜ ବୁଡେକ ଓ ସାଥିଙ୍କ ପାଲା,ସଦାଶିବ ବାରିକ ଓ ଭୀଷ୍ମ ବାରିକଙ୍କ ଘୁଡୁକା ବାଦ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ହରେକୃଷ୍ଣ ବାରିକ ଓ ରାଜନ ଗୁଆଲଙ୍କ ଲୋକଗୀତ ଗାୟନ ଓ ସୋନୁ ନିଆଲର ବଂଶୀ ବାଦନା ସଙ୍ଗେ ଅନ୍ୟାନ୍ୟ କଳାକାରମାନେ ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ।


କଳାକାରମାନେ କଳା ପ୍ରଦର୍ଶନ କରୁଛନ୍ତି।

# କଳାକାରଙ୍କ ବିକାଶ ପାଇଁ ପ୍ରୋତ୍ସାହନ ଲୋଡ଼ା

**ଦେଓଗାଁ, ୧୪।୬ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

## ଦେଓଗାଁ ବ୍ଲକରେ ଲୋକକଳା ଦିବସ ପାଳିତ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଲୋକକଳା ଉତ୍ସବ ପାଳିତ ହୋଇଯାଇଛି। ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ । ଏ ଅବସରରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି ଅତିଥି ପରିଚୟ ପ୍ରଦାନ କରିବା ସହ ବ୍ଲକର ବିଭିନ୍ନ ଗାଁରେ ରହିଥିବା କଳାକାରମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ କଳାକାର ଶରତ କୁମାର ପୁଟେଲ କଳାକାରମାନଙ୍କ ପାଇଁ ବ୍ଲକ ପରିସରରେ ଏକ ବୈଠକ ଗୃହ ଯୋଗାଇ ଦେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ କଳାକାର ଗୌରଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ପାଶ୍ଚାତ୍ୟ ସଂସ୍କୃତି ଆମ ପରମ୍ପରା ଓ ଲୋକକଳାକୁ କଳୁଷିତ କରିଦେଉଥିବାରୁ ସମସ୍ତ କଳାକାର ଏଥିପ୍ରତି ଯତ୍ନବାନ ରହିବାକୁ କହିଥିଲେ। ଯୁବ କଳାକାର ସୁରଥ ଧରୁଆ କହିଥିଲେ ଯେ, ଦେଓଗାଁ ବ୍ଲକର ଅନେକ ବରିଷ୍ଠ ଓ କନିଷ୍ଠ କଳାକାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ପାଇ ବ୍ଲକ ତଥା ଜିଲାର ସମ୍ମାନ ବୃଦ୍ଧି କରିଛନ୍ତି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବା ଉଚିତ ବୋଲି କହିଥିଲେ। ଏ ପରିପେକ୍ଷୀରେ ବ୍ଲକର ୨୬ପଞ୍ଚାୟତରୁ ଅନେକ କଳାକାର ଯୋଗଦେଇ ନିଜସ୍ୱ ମତରଖିଥିଲେ। ପରେ ବଲାଙ୍ଗୀର ଲୋକକଳା ଉତ୍ସବରେ ରାମଲୀଳା ନାଟକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚନ୍ଦ୍ରପୁର ରାମଜୀ କଳା ପରିଷଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଡିଓ ପୁଷ୍ପାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଳାକାରଙ୍କ ସମେତ ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ଗ୍ରାମ ପଞ୍ଚାୟତ ଅଧିକାରୀ ବୀଣା ପଧାନ, ସିଆରପିସିଏମ ଓ ଏମବିକେ ବୃନ୍ଦ ଉପସ୍ଥିତ ଥିଲେ।



ରାମଜୀ କଳା ପରିଷଦକୁ ସମ୍ବର୍ଦ୍ଧିତ କରାଯାଉଛି।

# ପାଇପ ସଂଯୋଗ ହୋଇଛି, ପାଣି ଆସୁନି

**ଦେଓଗାଁ, ୧୪।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

■ସାଗରପାଲି କଲୋନୀରେ ପାନୀୟ ଜଳ ପାଇଁ ହାହାକାର

■ପଦକ୍ଷେପ ନେଉନି ବିଭାଗ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି କଲୋନୀପଡାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଡାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ପାଇପ ସଂଯୋଗ ହୋଇଛି। ଅର୍ଡା ନିକଟରେ ସୋନଗଡ ନଦୀରେ କୂପ ଖୋଳାଯାଇ ଗାଁକୁ ଜଳଯୋଗାଣ ବ୍ୟବସ୍ଥା ରହିଛି। ହେଲେ ରତନପୁର ପର୍ଯ୍ୟନ୍ତ ପାଣି ଆସୁଛି। ହେଲେ ସେଠାରୁ କଲୋନୀପଡାକୁ ପାଣି ପହଞ୍ଚୁ ନାହିଁ। କୂପରେ ପାଣି ହେଉ ନ ଥିବାରୁ ଜଳଯୋଗାଣ ବାଧାପ୍ରାପ୍ତ ହେଉଛି ବୋଲି କୁହାଯାଉଛି। ଏହି ପରିସ୍ଥିତିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବେଳେ ଲୋକେ ପାଇପ ପାଣି ପାଇ ପାରୁ ନ ଥିବାରୁ ପଡାବାସୀ ଚିନ୍ତାରେ ରହିଛନ୍ତି। ପଡାରେ ଥିବା ଏକମାତ୍ର ନଳକୂଅ ଉପରେ ୨୫ଟି ପରିବାର ନିର୍ଭର କରୁଛନ୍ତି। ହେଲେ ସେଥିରୁ ଆବଶ୍ୟକ ପାଣି ବାହାରୁନାହିଁ। ଲୋକେ ପାଣି ପାଇଁ ୨କିଲୋମିଟର ଦୂର ଯାଇ ପାଣି ସଂଗ୍ରହ କରି ଆଣୁଛନ୍ତି। ଗାଇବାହାଲ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଡାବାସୀ ଗତ ୨ବର୍ଷ ହେଲା ଅଭିଯୋଗ କରିଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ପଡାର ଅକ୍ଷୟ ପୁଟା, ମଣି ଦୀପ, ପକ୍ଷୀରାଜ ଧରୁଆ, ରାମେଶ୍ୱର ଭୋଇ, ଯୁଗଳ ଭୁଏ, ଟିକ କୁଅଁର, ହେମଲତା ପୁଟା, ବାସନ୍ତୀ ଭୁଏ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ମୁଁ ଛୁଟିରେ ଅଛି। କାର୍ଯ୍ୟରେ ଯୋଗଦେଲା ପରେ ଉକ୍ତପଡାର ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବି ବୋଲି କହିଥିଲେ। ଏଦିଗରେ ଜିଲାପାଳ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେବାକୁ ପଡାବାସୀ ଦାବି ଜଣାଇଛନ୍ତି।


ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପଡାବାସୀ ଦାବି କରୁଛନ୍ତି।

## ସଂକ୍ଷେପରେ

### ଜଳିଗଲା ଆମ୍ବ ବଗିଚା



**ଭେଡେନ,୧୪।୬(ସୁଦନ ମହାକୁର):** ବରଗଡ଼ ଜିଲା ଭେଡେନ ଥାନା ଗୃଷ୍ଟୁଡା ଫାଣ୍ଡି ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବିଲରେ ଲଗାଯାଇଥିବା ନିଆଁ ଭୟଙ୍କର ରୂପ ନେଇ ବହୁ କ୍ଷୟକ୍ଷତି କରିଛି। ଏହି ନିଆଁ ପବନ ବେଗରେ ବ୍ୟାପି ଯିବାରେ ଗ୍ରାମର ଭୁକୁଲାନନ୍ଦ ଦାଶଙ୍କ ଆମ୍ବ ବଗିଚା ପୋଡ଼ି ପାଉଁଶ ହୋଇଯାଇଛି । ବଗିଚାରେ ବିଭିନ୍ନ ପ୍ରଜାତିର ଆମ୍ବ ଗଛ ଥିଲା। ଚଳିତ ବର୍ଷ ଭଲ ଫସଲ ହୋଇଥିବାରୁ ବେଶ ଦୁଇ ପଇସା ରୋଜଗାର ଆଶା ବାନ୍ଧିଥିବା ଆମ୍ବ ଚାଷୀ ଭୁକୁଲାନନ୍ଦ କ୍ଷୟକ୍ଷତି ଦେଖି ଭାଙ୍ଗି ପଡିଛନ୍ତି। ସେହିପରି ଏହି ନିଆଁରେ ତାଙ୍କର ଶାଗୁଆନ, ବାଉଁଶ, ଶାଳ, ପିଆଶାଳ ଗଛ ମଧ ପୋଡ଼ି ଯାଇଛି। ଖବରପାଇ ଭେଡେନ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ।

### ପଦ୍ମପୁର ଏନ୍ଏସିରେ ଭତ୍ତା ବଣ୍ଟନ



**ପଦ୍ମପୁର, ୧୪।୬(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ଏନଏସିରେ ବୁଧବାର ବିଧାୟିକା ବର୍ଷା ସିଂ ବରିହା ବିଭିନ୍ନ ଯୋଜନାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପୂର୍ବରୁ ପଦ୍ମପୁର ଏନଏସିରେ ୧୦୫୧ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପାଉଥିବା ବେଳେ ଏବେ ନୂତନଭାବେ ୧୦ଜଣଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୧୭ଜଣଙ୍କୁ ନଗଦ ଭତ୍ତା ଅର୍ଥ ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଥିଲେ। ଗୁରୁବାରଠାରୁ ଘରକୁ ଘର ଯାଇ ନଗଦ ଭତ୍ତା ଅର୍ଥ ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ସାବିତ୍ରୀ ବାଗ, କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର
#### ୭୬ୟୁନିଟ ରକ୍ତ ସଂଗ୍ରହ

**ବିନିକା,୧୪।୬( ରାମଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକାରେ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳନ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବା ମଞ୍ଚ ବିନିକା ଶାଖା ତରଫରୁ ସ୍ଥାନୀୟ ଦୁର୍ଗା ମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଶିବିର ପ୍ରଥମରେ ପ୍ରଜାପିତା ବ୍ରହ୍ମକୁମାରୀ ସତ୍ୟଭାମା, କିଆଫୁଲ, ଭାରତୀ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତର ମହତ ଦାନ ଉପରେ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ। ଶିବିରରେ ୧୮ ମହିଳା, ୫୭ ପୁରୁଷଙ୍କ ସମେତ ସର୍ବମୋଟ ୭୫ଜଣ ରକ୍ତଦାନ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାରର ବିଜୟ କୁମାର କ୍ଷେତି, ଭୁବନେଶ୍ୱର ସା, ଷ୍ଟାଫ ନର୍ସ ସବିତା ନାୟକ, କାଉନସିଲର ସରୋଜ ସୁନା, ମହେନ୍ଦ୍ର ମେହେର, ଧଳେଶ୍ୱର ଭୁଏ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିର ଆୟୋଜନରେ ଓଡ଼ିଶା ପ୍ରାନ୍ତୀୟ ଯୁବାମଞ୍ଚ ରାଜ୍ୟ ଶାଖା କାର୍ଯ୍ୟକାରୀ କମିଟି ସଦସ୍ୟ ବିକାଶ ଅଗ୍ରୱାଲ,ବିନିକା ଶାଖା ସଭାପତି ସଞ୍ଜୀବ ଅଗ୍ରୱାଲ, ସମ୍ପାଦକ ଅରୁଣ ବଂଶଲ, କୋଷାଧକ୍ଷ ଅଜୟ ଅଗ୍ରୱାଲଙ୍କ ସହ ଯୁବାମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ସାମାଜିକ କର୍ମୀ ରାମ ଗୋପାଳ ବାଘ, ଅର୍ଜୁନ ପଣ୍ଡା, ବିଜୟ ବରାଇ, ଦିପାନିୟୁତା ମାହାଣା ପ୍ରମୁଖ ସହଯୋଗ କରିଥିଲେ ।

### ଅଜଣା ମୃତଦେହ ଜବତ

**ପଦ୍ମପୁର, ୧୪।୬ (ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ଥାନା ପୋଲିସ ଅଙ୍ଗନଦୀର ନାଗେନଦର୍ହା ଗ୍ରାମ ନିକଟରେ ବୁଧବାର ଏକ ମୃତଦେହ ଜବତ କରିଛି। ସକାଳେ ମୃତଦେହ ପାଣିରେ ପଡିଥିବା ଲୋକେ ଦେଖିବାକୁ ପାଥଥିଲେ। ଅତ୍ୟଧିକ ଖରା ଯୋଗୁଁ ଶରୀର ପୋଡିଗଲା ପରି ଦେଖାଯାଉଛି। ମୃତଦେହ ପୋଲିସ ଚିହ୍ନଟ କରି ପାରିନାହିଁ। ଏ ସଂକ୍ରାନ୍ତରେ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (୯/୨୦୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ଡିଇଓଙ୍କ ବାସଗୃହ ଘେରିଲେ ଶିକ୍ଷୟିତ୍ରୀଶିକ୍ଷକ

**ବୌଦ୍ଧ,୧୪।୬(ଅଜିତ ବାରିକ)**

ବୌଦ୍ଧ ଜିଲାରେ ପ୍ରଧାନଶିକ୍ଷକ ପଦୋନ୍ନତି ନେଇ ବୁଧବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ବାସଗୃହ ଘେରାଉ କରିଥିଲେ ଶିକ୍ଷୟିତ୍ରୀଶିକ୍ଷକ। ଜିଲାରେ ଲେବୁଲ ୪ରୁ ଲେବୁଲ ୩ ପ୍ରଧାନଶିକ୍ଷକ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ଶିକ୍ଷା ବିଭାଗର ଖାମଖିଆଲି ନୀତି ଯୋଗୁ ସେମାନେ ପ୍ରତାରିତ ହେଉଥିବା ଅଭିଯୋଗ କରିଛନ୍ତି।

ସରକାରଙ୍କ ନିର୍ଦ୍ଦେଶ ମତେ ୪ରୁ ଲେବୁଲ ୩ ପ୍ରଧାନଶିକ୍ଷକ ପଦୋନ୍ନତି ପାଇବା ପାଇଁ ନିର୍ଦ୍ଦେଶ ଆସିଥିଲା। ଏହା ଆପ୍ରୁଭାଲ ହୋଇଆସିଥିଲା। ଗତ ୩୦ ଓ ୩୧ ମେ'ରେ କାଉନସେଲିଂ ଥିଲା। କିନ୍ତୁ ଏହାକୁ ବାତିଲ କରାଯାଇ ପୁନର୍ବାର ୮।୬।୨୦୨୩ରେ ଶିକ୍ଷା ନିର୍ଦ୍ଦେଶକଙ୍କଠାରୁ ଆପ୍ରୁଭାଲ ହୋଇଆସିଥିଲା ଓ ୧୩।୬।୨୩ରେ କାଉନସେଲିଂ ପାଇଁ ଶିକ୍ଷକମାନଙ୍କୁ କୁହାଯାଇଥିଲା। ହେଲେ ଉକ୍ତ ତାରିଖରେ ହୋଇ ନ ଥିଲା। ପୁନଶ୍ଚ ୧୪।୬।୨୩ରେ ହେବାକୁ କୁହାଯାଇଥିଲା। ବୁଧବାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାଉନସେଲିଂ ପାଇଁ ଆସିଥିବା ବେଳେ ଏହା ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ଆଦେଶ ମୁତାବକ ପୋଷ୍ଟପୋନ କରାଯାଇଥିବା କୁହାଯାଇଥିଲା। ଫଳରେ ଜିଲାରେ ୧୪୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ଜିଲା ଶିକ୍ଷାଅଧିକାରୀଙ୍କ ବାସଗୃହ ଘେରାଉ କରିଥିଲେ। ଜଣେ ଶିକ୍ଷକ ପଦୋନ୍ନତି ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଗୋଡ ଧରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କେତେଜଣ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ ପାଇଁ ସେମାନେ ପଦୋନ୍ନତି ପାଇବାରେ ଅସୁବିଧା ଉପୁଜିଥିବା ଅଭିଯୋଗ କରିଥିଲେ। ଏ ନେଇ ଜିଲା ଶିକ୍ଷାଅଧିକାରୀ ଉଦୟନାଥ ମାଝିଙ୍କ କହିବା କଥା, ୧୩ ତାରିଖରେ ହେବାକୁ ଥିବା କାଉନସେଲିଂ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଯୋଗୁ ହୋଇପାରି ନ ଥିଲା। ଏହା ୧୪ ତାରିଖରେ ହେବାକୁ ଥିଲା। କିନ୍ତୁ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଡବ୍ଲୁପି(ସି) ୧୮୫୨୫/ତା୧୨।୬।୨୩ରେ ମାମଲା ଯୋଗୁ ଏହାକୁ ସ୍ଥଗିତ କରାଯାଇଥିବା କହିଥିଲେ। ଦୀର୍ଘ ୧୦ ଘଣ୍ଟା ପରେ ଉପଜିଲାପାଳ ରବୀନ୍ଦ୍ର କୁମାର କହଁର ଘଟଣାସ୍ଥଳରେ ପହଞ୍ଚି ଉଚ୍ଚ ନ୍ୟାୟାଳୟରେ ମାମଲା ରହିଥିବାରୁ ରାୟ ଆସିବା ପରେ ପଦୋନ୍ନତି କଥା ବିଚାର କରାଯିବ ବୋଲି କହିଥିଲେ। ଏହାସହ ଆପାଣମାନେ ଯଦି ନ ମାନିବେ ତେବେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶେଷର ନିରାଶ ହୋଇ ଫେରିଥିଲେ ।



ଜିଲା ଶିକ୍ଷା ଅଧିକାରୀଙ୍କ ବାସଗୃହ ଆଗରେ ଧାରଣାରେ ଶିକ୍ଷୟିତ୍ରୀ ଶିକ୍ଷକ

■ ପଦୋନ୍ନତିରେ ବିଳମ୍ବ
■ ଗୋଡ ଧରିଲେ ଶିକ୍ଷକ

# 'ପରୀକ୍ଷା ପାଇଁ ଦୈନିକ ୬ରୁ ୮ଘଣ୍ଟା ପରିଶ୍ରମ କରୁଥିଲି'

**ଅମରପାଲି,୧୪।୬(ପୀତାମ୍ବର ସାହୁ)**

ନିଟ୍‌ରେ ଉଲୁଣ୍ଡାର ଦେବାଶିଷ ପୁରୋହିତଙ୍କ ସଫଳତା



ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ଅଞ୍ଚଳର ଦେବାଶିଷ ପୁରୋହିତଙ୍କୁ ମିଳିଛି ସଫଳତା। ସେ ନିଟ୍ ପରୀକ୍ଷାରେ ସମୁଦାୟ ୭୨୦ରୁ ୬୩୧ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ସର୍ବଭାରତୀୟ ସ୍ତରରେ ସେ ୧୩ ହଜାର ୩ଶହ ୭୧ (୧୩୩୭୧) ର୍ୟାଙ୍କ ହାସଲ କରି ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦେବାଶିଷ ଉଲୁଣ୍ଡା ବ୍ଲକ ଖେମାଲୋଏ ପଞ୍ଚାୟତର ସିନ୍ଦିରିଆବାହାଲ ଗ୍ରାମର ଶିବନାରାୟଣ ପୁରୋହିତ ଓ ସନ୍ତୋଷିନି ପଣ୍ଡାଙ୍କ ପୁଅ ଅଟନ୍ତି। ତାଙ୍କ ବାପା ଜଣେ ଚାଷୀ ହୋଇଥିବା ବେଳେ ମାଆ ଜଣେ ଅଙ୍ଗନୱାଡି କର୍ମୀ। ଦେବାଶିଷ ନିଜ ଗ୍ରାମ ସିନ୍ଦିରିଆବାହାଲ ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ସେ ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲରୁ ଦଶମରେ ୯୫ ପ୍ରତିଶତ ନମ୍ବର ରଖି ପାସ କରିଥିବାବେଳେ ଭୁବନେଶ୍ୱର ଆଦ୍ୟାନ୍ତ ଘରୋଇ କଲେଜରୁ ଯୁକ୍ତ ଦୁଇରେ ୮୭ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ନିଟ ପାଇଁ ପ୍ରସ୍ତୁତି କରୁଥିଲେ। ସେ ତାଙ୍କର ତୃତୀୟ ପ୍ରଚେଷ୍ଟାରେ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ଶ୍ରେଣୀ ଶିକ୍ଷା ବ୍ୟତୀତ ଦୈନିକ ୬ରୁ ୮ ଘଣ୍ଟା ପରିଶ୍ରମ କରୁଥିବାବେଳେ ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କ ମାତା ପିତା ,ବଡ ଭାଇ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। କଠିନ ପରିଶ୍ରମ ଓ ଏକାଗ୍ର ମନଯୋଗ ଦ୍ୱାରା ସଫଳତା ମିଳିବ ବୋଲି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। ସେ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଅଞ୍ଚଳର ଲୋକଙ୍କ ସେବା କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ଧରିତ୍ରୀକୁ ନିଜ ମତ ପ୍ରକାଶ କରିଛନ୍ତି।

# ମାରୱାଡି ଯୁବା ମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର

**ସୋନପୁର,୧୪।୬(ମୃତ୍ୟୁଞ୍ଜୟ ଶତପଥୀ)**

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବା ମଞ୍ଚ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ବୁଧବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋନପୁର ମାରୱାଡି ଧର୍ମଶାଳା ସ୍ଥିତ ଅଗ୍ରସେନ ଭବନରେ ଏହି ଶିବିର ଆୟୋଜିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ଓ ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ମହତ୍ ଦାନ। ତେଣୁ ସୁସ୍ଥ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଜିଲାପାଳ ଓ ଏସ୍‌ପି ଆହ୍ୱାନ ଦେଇଥିଲେ। ମାରୱାଡି ଯୁବାମଞ୍ଚର ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ରଜତ ଅଗ୍ରୱାଲ, ସମ୍ପାଦକ ଅଙ୍କିତ ଅଗ୍ରୱାଲ, ଆବାହକ ନନ୍ଦଲାଲ ଅଗ୍ରୱାଲ, ସହ ଆବାହକ ଅଭିଶେକ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଜିଲା ରକ୍ତଦାତା ସଂଘର ସଭାପତି ମନୋଜ କୁମାର ପଣ୍ଡା, ମାରୱାଡି ସମାଜର ସଭାପତି ଗୋପାଳ ଭୂତ, ମାରୱାଡି ଯୁବା ମଞ୍ଚର ପ୍ରାକ୍ତନ ସଭାପତି ମନୋଜ ଅଗ୍ରୱାଲ, ନନ୍ଦକିଶୋର କମାଣି, ଆନନ୍ଦ ଭୂତ, ଆଶିଷ ଅଗ୍ରୱାଲ ଓ ବୁଦ୍ଧିରାମ ଅଗ୍ରୱାଲ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ମୃତ୍ୟୁ ପରେ ଗବେଷଣା ପାଇଁ ନିଜ ଶରୀର ଦାନ କରିବାକୁ ଘୋଷଣା କରିଥିବା ଉଲୁଣ୍ଡା ବ୍ଲକ କୁଦୋପାଲିର ଲଳିତା ଦେହୁରୀ ଓ ସ୍ୱାମୀ ଆଦିକନ୍ଦ ଦେହୁରୀଙ୍କୁ ଜିଲାପାଳ ଓ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମାରୱାଡି ସମାଜର ଏଭଳି ସମାଜସେବା ମୂଳକ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ବ୍ଲଡ ବ୍ୟାଙ୍କର ଅଧିକାରୀ ଓ ଟେକ୍‌ନିସିଆନ ରକ୍ତ ସଂଗ୍ରହ କରିଥିଲେ। ସ୍ୱଚ୍ଛ ଭାରତ ସଙ୍ଗଠନ, ରକ୍ତଦାତା ସଂଘ ଓ ବୁଢାରାଜା ୟୁଥ୍ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



ଶିବିରରେ ଜଣେ ଯୁବକ ଅତିଥିଙ୍କ ଉପସ୍ଥିତିରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

୮୦ ୟୁନିଟ୍ ରକ୍ତ ସଂଗ୍ରହ

# ୫-ଟି ସଚିବଙ୍କ ପାଇକମାଳ ଗସ୍ତ ପାଇଁ ପ୍ରସ୍ତୁତି

**ପାଇକମାଳ, ୧୪।୬(ବଡ ଶତପଥୀ)**

୫ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଆଗାମୀ ବରଗଡ ଜିଲା ପରିଦର୍ଶନ ପରିପ୍ରେକ୍ଷୀରେ ବୁଧବାର ପାଇକମାଳ ସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କୁଲତା ସମାଜର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ପଦ୍ମପୁର କୁଲତା ସମାଜର କାର୍ଯ୍ୟକାରିଣୀ ସଭାପତି ମହେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡିଶା ପଣ୍ୟାଗାର ସଭାପତି ମହେନ୍ଦ୍ର ବଢେଇ ଯୋଗଦେଇ ୫ଟି ସଚିବ ପାଇକମାଳ ଅଞ୍ଚଳ ଗସ୍ତ ସମ୍ପକରେ ସୁଚନା ଦେଇଥିଲେ। ଏହି ବୈଠକରେ ପାଇକମାଳ, ପଦ୍ମପୁର, ବିଜେପୁର ଓ ଝାରବନ୍ଧ ବ୍ଲକ କୁଲତା ସମାଜ ସଭାପତି ଓ କୁଲତା ଯୁବ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ମା' ରାମଚଣ୍ଡୀ ମନ୍ଦିରର ଉନ୍ନତିକରଣ ନିମନ୍ତେ ୫ଟି ସଚିବଙ୍କ ନିକଟରେ ବିଭିନ୍ନ ଦାବି ପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ବଢେଇ ପାଇକମାଳ ଧର୍ମଶାଳାଠାରେ ବରିଷ୍ଠ ନାଗରିକମାନଙ୍କୁ ଭେଟି ପାଇକମାଳର ବିଭିନ୍ନ ଉନ୍ନତିମୂଳକ କାମ କଣ କଣ କରାଯିବ ସେ ନେଇ ୫ଟି ସଚିବଙ୍କୁ ଭେଟି ଦାବିପତ୍ର ଦେବା ପାଇଁ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଦିଲ୍ଲୀପ ଅଗ୍ରୱାଲ, ବିନୋଦ କାଳିଆ, ସୁଶୀଲ ଅଗ୍ରୱାଲ, କୁସୁମ ରାଓ, ଶଙ୍କର ଦାସ, ଯୁଗଳ ମେହେର, ମହେଶ ଅଗ୍ରୱାଲଳ ଅଲତାବ ମହମ୍ମଦ, ନିମାଁଇ ନନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ

**ପଦ୍ମପୁର, ୧୪।୬(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ସରକାରୀ ଡାକ୍ତରଖାନା ପରିସରରେ ବିଶ୍ୱ ରକ୍ତଦାତା ଦିବସ ବୁଧବାର ପାଳିତ ହୋଇଯାଇଛି। ଡାକ୍ତରଖାନା ପରିଚାଳକ ଦିବ୍ୟକିଶୋର ମେହେର ସମସ୍ତ ଅତିଥି, ରକ୍ତଦାତା ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ସେଠ ବିଶ୍ୱ ରକ୍ତଦାତା ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ଗୀତା ପିୟୁସ ମିଶ୍ର ଲୋକଙ୍କ ରକ୍ତ ଯେମିତି ନଷ୍ଟ ନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଯଦୁମଣି ସାହୁ ରକ୍ତଦାନର ମହତ୍ତ୍ୱ ତଥା ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ କିପରି ଜନଜାଗରଣ ହେବ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦ୍ମପୁର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର କେ.ସି.ମେହେର ପଦ୍ମପୁର ରକ୍ତଭଣ୍ଡାର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆଡଭୋକେଟ ଅଜିତ କୁମାର ଶତପଥୀ, ଚିନ୍ମୟ ପଣ୍ଡା ପଦ୍ମପୁର ରକ୍ତଭଣ୍ଡାର ଓ ନିଜର ରକ୍ତଦାନ ସମ୍ପର୍କରେ ଅନୁଭୂତି ପ୍ରକାଶ କରିଥିଲେ । ଏହି ଅବସରରେ ୪୨ ଜଣ ରକ୍ତଦାତା ଓ ବିଭିନ୍ନ ଅନୁଷ୍ଠାନ ସଦସ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନୀତ କରିଥିଲେ । ଶେଷରେ ରକ୍ତଭଣ୍ଡାର ଟେକେନିସିଆନ ସଂଗ୍ରାମ କେଶରୀ ମହନ୍ତ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରକ୍ତଭଣ୍ଡାର କର୍ମଚାରୀ ଦୀପକ କୁମାର ସାହୁ, ହିତେଶ ସାହୁ, ଶ୍ୟାମସୁନ୍ଦର ସାହୁ, ପପୁ ମାଝି, ଚିନ୍ତାମଣି ପଣ୍ଡା, ଜିତେନ୍ଦ୍ର ଗୁର୍ଲା ସହଯୋଗ କରିଥିଲେ।



ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାତାଙ୍କୁ ସମ୍ମାନିତ କରାଯାଉଛି।

# ଟାଟା ପାୱାର କମ୍ପାନୀ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

**ବୌଦ୍ଧ,୧୪।୬(ଅଜିତ ବାରିକ)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୁଧବାର ଟାଟା ପାୱାର କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ଆନ୍ଦୋଳନ ହୋଇଥିଲା। କର୍ମକର୍ତ୍ତା ଅଭିଯୋଗ କରିଥିଲେ, ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର ଅରାଜକତା ଚଳାଇବା ସହ ସରକାରଙ୍କ ନିୟନ୍ତ୍ରଣ ବାହାରେ ଅଛି। ଫଳରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସତ୍ତ୍ୱେ ସାମାନ୍ୟ ବର୍ଷା, ପବନ ହେଲେ ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି। ବିକ୍ଷୋଭରେ ଶ୍ୟାମା ସୁନ୍ଦର ପୁରୋହିତ, ମନରଞ୍ଜନ ଦାସ, ନମିତା ରାଣୀ ଦାସ, ତାପସ ପଟ୍ଟନାୟକ, ନିରଞ୍ଜନ ଦାନି, ରାଜୀବ ଦେହୁରି, ରାଜକୁମାର ମେହେର ପ୍ରମୁଖ ସାମିଲ ଥିଲେ ।

# ଦିଲ୍ଲୀରେ ଅତାବିରାର ଉମା ସମ୍ମାନିତ

**ସରଣ୍ଡା,୧୪।୬(ଯୁଧିଷ୍ଠିର ମହାପାତ୍ର)**

ନୂଆଦିଲ୍ଲୀରେ ଯୁବକଂଗ୍ରେସ ପକ୍ଷରୁ ଆୟୋଜିତ ୟଙ୍ଗ ଇଣ୍ଡିଆ କେ ବୋଲ ସିଜନ-୩ କାର୍ଯ୍ୟକ୍ରମରେ ବରଗଡ ଜିଲା ଅତାବିରା ବ୍ଲକ କାଦୋବାହାଲ ନିବାସୀ କଂଗ୍ରେସ ଯୁବନେତା ଉମାଶଙ୍କର ଭୋସାଗରଙ୍କୁ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ଯୁବ କଂଗ୍ରେସ ମହାସଚିବ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉମାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉମା ଅତାବିରା ଯୁବକଂଗ୍ରେସର ଜଣେ ସଦସ୍ୟ। ଅତାବିରା ରୁ ଦିଲ୍ଲୀ ଯାଇ ସମସ୍ତଙ୍କ ଗହଣରେ କିଛି କହିବାପାଇଁ ସୁଯୋଗ ମିଳିଥିବାରୁ ବରଗଡ ଜିଲା କଂଗ୍ରେସ ସଭାପତି ତଥା ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ

**ତରଭା, ୧୪।୬(ମାନଭଞ୍ଜନ ମିଶ୍ର )**

ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ତରଭା ବ୍ଲକ କଳା ସଂସ୍କୃତି ସଭାପତି ତଥା ବିଡ଼ିଓ ଅନିଲ କୁଲୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ନିରଞ୍ଜନ ନାଏକ, ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମାନଭଞ୍ଜନ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥିମାନେ ତରଭା ଅଞ୍ଚଳର ଲୋକକଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କଳାକାରଙ୍କୁ ଉତ୍ସାହିତ କରିଥିଲେ। ବିଡ଼ିଓ କୁଲୁ ଲୋକକଳାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମସୁନ୍ଦର ସାହୁଙ୍କ ସମେତ ବିକ୍ରମ ସାହୁ, ପବିତ୍ର ମୋହନ ସାହୁ, ସଞ୍ଜିବ ସାହୁ, ପ୍ରମୋଦ ପଣ୍ଡା, ଦୁଃଖୀରାମ ମନହିରା, ମିନି ପଣ୍ଡା, ନୀଳାଞ୍ଚଳ ପାଢ଼ୀ, ଇତିଶ୍ରୀ ସାହୁଙ୍କୁ ମାନପତ୍ର ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବାବେଳେ ବିଏସଏସଓ ପ୍ରଭାସ କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତରଭା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ବିକ୍ରମ ବିଶି, ଶାହାନାବଜ ଖାନ, ସରିତା ସାହୁ, ଗଣ୍ଡା ରାମ ବାଘଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଲୋକକଳା ଦିବସରେ ଜଣେ କଳକାରଙ୍କୁ ପୁରସ୍କୃତ କରାଯାଉଛି।

# ଲୁକ୍କାୟିତ ଲୋକକଳା ବଞ୍ଚାଇବାର ମାଧ୍ୟମ ହୋଇପାରିବ

**ବୌଦ୍ଧ,୧୪।୬(ଅଜିତ ବାରିକ)**

ବୌଦ୍ଧରେ ଲୋକକଳା ଦିବସ ବୁଧବାର ପାଳିତ ହୋଇଛି। ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣନଗର ଠାରେ ଜିଲା ସଂସ୍କୃତି ପରିଷଦ, ଜିଲା କଳା ସଂସ୍କୃତି ସଂଘ ଓ ପ୍ରଶାସନ ପକ୍ଷରୁ ମିଳିତ ଭାବରେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ କଳାକାର ସଂଘ ସଭାପତି ତଥା ବିଡିଓ ଅନିବାଶ ପାଣ୍ଡିଆ ଅଧକ୍ଷତା କରିଥିଲେ। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଓ ସୂଚନା ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଜିଲ ପରିଷଦସଭ୍ୟା କଳ୍ପନାରାଣୀ ସାହୁ, ଗନ୍ଧରାଢୀ ଲୋକକଳା ମହୋତ୍ସବ କମିଟି ସଭାପତି ଅଶୋକ କୁମାର ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ସମ୍ମାନିତ ଅତିଥି ଏବଂ ମୁଣ୍ଡାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଅମାତ ଗ୍ରାମାଞ୍ଚଳରେ ଥିବା ଲୁକାୟିତ ଲୋକ କଳାକୁ ବଞ୍ଚାଇ ରଖିବାର ଏକ ମାଧ୍ୟମ ଲୋକକଳା ଦିବସ ଦ୍ୱାରା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ନାରାୟଣନଗର ଗ୍ରାମରେ ୮୦ ପ୍ରତିଶତ ବୁଣାବୁଣି ପରିବାର ହୋଇଥିବାରୁ ଏହି ଗ୍ରାମକୁ ଜିଲାର ଲୋକକଳା ଗ୍ରାମ ଭାବେ ପରିଗଣିତ କରାଯାଇଛି। ଉତ୍ସବରେ ବୁଣାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତର



ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନାରାୟଣନଗରଠାରେ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

### ବୌଦ୍ଧରେ ଲୋକକଳା ଦିବସ ପାଳିତ

କରଡି ଶୈବପୀଠଠାରେ ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଛି। ବିଡିଓ ସ୍ୱପ୍ନିତା ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟ ଅତିଥି ଓ ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ଉପାଧକ୍ଷ ସରୋଜ କୁମାର ପ୍ରଧାନ, ବୀରନରସିଂହପୁର ସରପଞ୍ଚ ଚନ୍ଦନା ବେହେରା, ସମିତିସଭ୍ୟା କଲ୍ୟାଣୀ ଦଣ୍ଡସେନା, ଲୋକକଳା ସଂଘ ଉପସଭାପତି ବାଞ୍ଛାନିଧି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଅମାତ କଳାକାର ସମ୍ମାନ ଭତ୍ତା ପାଇବାକୁ ଥିବା କଳାକାରମାନେ ନିଶ୍ଚିତ କଳାକାର ଭତ୍ତା ପାଇବେ ବୋଲି କହିଥିଲେ। ମୁଖ୍ୟ ଅତିଥି କୃତୀ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବାରକୋଟ ଚମ୍ପିୟାନ

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର ): ବାରକୋଟ ବ୍ଲକ ଗୋପପୁର ଖେଳପଡ଼ିଆରେ ରାଧାକ୍ରିଷ୍ଣନ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୋପପୁର କ୍ରିକେଟ କ୍ଲବକୁ ୩ ଉଇକେଟରେ ପରାସ୍ତ କରି ବାରକୋଟ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ସରୋଜ କୁମାର ପ୍ରଧାନ ଓ ମାନସ କୁମାର ପ୍ରଧାନ ଖେଳ ପରିଚାଳନା, ଦୁର୍ବାଦଳ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ନରହରି ପ୍ରଧାନ, କୈଳାଶ ଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

କୁତ୍ରା,୧୪।୬(ଦେବାଶିଷ ସାହୁ): ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡ଼ା ମଙ୍ଗାପଡ଼ା ଗ୍ରାମର ଆରତି ଯାଦବ(୨୬)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁରକୁ ପଠାଇଛି। ଘଟଣାରୁ ଜଣାପଡ଼ିଛି ଝାଡ଼ଖଣ୍ଡ ମଧୁପୁର ଗ୍ରାମର ରାମ କୁମାର ଓ ତାଙ୍କ ସ୍ତ୍ରୀ ଆରତି କୁତ୍ରା ବରତଲ ପଡ଼ାରେ ଜଣଙ୍କ ଘରେ ଭଡ଼ାରେ କିଛିଦିନ ହେବ ରହୁଥିଲେ। ବୁଧବାର କୁଲରରେ ପାଣି ଭର୍ତ୍ତି କରୁଥିବାବେଳେ କିଛି ପାଣି ତଳେ ପଡ଼ିଥିଲା। ତେବେ ମହିଳା ଜଣକ କୁଲର ତାରକୁ ପ୍ଲଗ୍‌ରେ ଲଗାଉଥିବାବେଳେ ଘର ଚଟାଣରେ ପାଣିଲାଗି ଓଦା ଥିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ମହିଳା ଜଣଙ୍କ ହାତ ପୋଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଏନ୍‌ଇଇଟି ପରୀକ୍ଷାରେ କୁଲଦୀପଙ୍କ ସଫଳତା



ବଡ଼ଗାଁ,୧୪।୬(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମର ପ୍ରକାଶ ମେହେର ଓ ମା' ଜାହ୍ନବୀଙ୍କ ପୁଅ କୁଲଦୀପ ଏନ୍‌ଇଇଟି ପରୀକ୍ଷାରେ ଅଲ୍ ଇଣ୍ଡିଆ ଓବିସି ର୍‌ୟାଙ୍କ ୧୪୮୨ ସଫଳତା ପାଇଛନ୍ତି। ଏହା ବଡ଼ଗାଁ ବ୍ଲକ ତଥା ଜିଲା ପାଇଁ ଗୌରବର ବିଷୟ। ଗାଁ ସ୍କୁଲରେ ପଢ଼ିବାବେଳୁ କୁଲଦୀପ ମେଧାବୀ ଛାତ୍ର ଥିଲେ। ତାଙ୍କର ଏହି ସଫଳତା ପାଇଁ ନିଖିଳ ଓଡ଼ିଆ ମେହେର ସମାଜର ସଭାପତି ବୈଶମ୍ପାୟନ ମେହେର, ଜିଲା ସମ୍ପାଦକ ସୁରେଶର ମେହେର, ଗଙ୍ଗାଧର ସାରସ୍ୱତ ସମିତି ସିନାପାଲିର ସଭାପତି ବୈଷ୍ଣବ ମେହେର, ରୂପେଶ ଚନ୍ଦ୍ର ମେହେର, ନବୀନ ଚନ୍ଦ୍ର ମେହେର, ତରୁଣ କୁମାର ମେହେର ଓ ଅଲ୍ ଇଣ୍ଡିଆ ଯୁବା ଭୁଲିଆ ସମାଜର ସମ୍ପାଦକ ଲବନିଧର ମେହେର, ସଭାପତି ଅତୁଲ ମେହେର, କାର୍ଯ୍ୟକାରୀ ସଭାପତି ଜିତେନ ମେହେରଙ୍କ ସହ ସମାଜର ବହୁ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

### ଧରିତ୍ରୀ ଗାଡ଼ିରୁ ଲୁଟ୍ ଘଟଣା, ୨ଗିରଫ

କୁତ୍ରା,୧୪।୬(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଝାରବେଡ଼ାଠାରେ ଦୈନିକ ଖବରକାଗଜ ଧରିତ୍ରୀ ଗାଡ଼ିରୁ ଲୁଟ୍ ଘଟଣାରେ କୁତ୍ରା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଉରକେଲା ବେଦବ୍ୟାସ ଅଞ୍ଚଳର ବିଜୟ ପ୍ରଧାନ(୨୧) ଓ କାଲୋକୁନ୍ଦର ଗ୍ରାମର ଦୀପକ କିଷାନ(୩୧)। ତାଙ୍କ ପାଖରୁ ୫ଟି ମୋବାଇଲ, ଗୋଟେ ଭୁଜାଲି, ଚାକୁ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ମେ ୩୧ରେ ସମ୍ବଲପୁରରୁ ଦୈନିକ ଧରିତ୍ରୀ ଖବର କାଗଜ ନେଇ ଏକ କାର (ଓଡ଼ି୧୫ଏଚ୍୫୧୫୬)ଯୋଗେ ଆସୁଥିବା ବେଳେ ଭୋର ୩.୩୦ ସମୟରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଝାରବେଡ଼ା ଡାଲମିଆ ମହାବିଦ୍ୟାଳୟ ସମ୍ମୁଖରେ ଗାଡ଼ି ଛିଡ଼ା କରି ବିଶ୍ରାମ ନେଉଥିଲେ। ହଠାତ୍ ୨ଜଣ ଦୁର୍ବୃତ୍ତ ଭୁଜାଲି ଦେଖାଇ ଡ୍ରାଇଭରଙ୍କ ପାଖରୁ ୩୦୦୦ଟଙ୍କା, ମୋବାଇଲ, ପର୍ସ, ଏଟିଏମ୍ ଲୁଟ କରି ନେଇଥିଲେ। ଏହାକୁ ନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରୁଥିଲା।

### ରଜ ପର୍ବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା

ଦେବଗଡ଼,୧୪।୬(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଶିବବାଲା କ୍ଲବ ଆନୁକୂଲ୍ୟରେ ରଜ ପର୍ବ ଅବସରରେ ଏକ କ୍ରିକେଟ୍ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳ ହାତୀଶାଳ ସାହି ଖେଳ ପଡ଼ିଆଠାରେ ମୋଟ ୮ଦଳକୁ ନେଇ ମ୍ୟାଚ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚ ଶିବବାଲା କ୍ଲବ 'କ' ଏବଂ ଶିବବାଲା କ୍ଲବ'ଖ' ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିବବାଲା କ୍ଲବ 'କ'କୁ ପରାସ୍ତ କରି ଶିବବାଲା କ୍ଲବ'ଖ'ଚମ୍ପିୟାନ ହୋଇଥିଲା। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇଥିଲେ। ଚମ୍ପିୟାନ ଶିବବାଲା କ୍ଲବ'ଖ'କୁ ଟ୍ରଫି ସହ ନଗଦ ୩ହଜାର ଟଙ୍କା ଓ ରନର୍ସ ଅପ୍ ଶିବବାଲା କ୍ଲବ 'କ'କୁ ନଗଦ୧୫୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଶିବବାଲା କ୍ଲବର କର୍ମକର୍ତ୍ତା ସୁକେନ ମୁଖି, ମୁକେଶ ମୁଖି ଓ ବାପୁନ ମୁଖି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# କଳା ସଂସ୍କୃତି ସମୃଦ୍ଧିରେ ସମସ୍ତଙ୍କ ସହଯୋଗ ଲୋଡ଼ା

ବଡ଼ଗାଁ,୧୪।୬(ଅଶୋକ ଷଡ଼ଙ୍ଗୀ)



### ଲୋକକଳା ଦିବସ, ରଜ ମହୋତ୍ସବ ପାଳନ

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ଲକ୍ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋକକଳା ଦିବସ ଓ ରଜ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବିଡିଓ, ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ସହ ଶତାଧିକ କଳାକାର ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘର ସଭାପତି କ୍ଷମାନିଧି ଭୋଇ, ପାଲାଗୁରୁ ତଥା କଳା ସଂସ୍କୃତି ସଂଘର ଉପ ସଭାପତି ଫକିର ବାଡ଼ା, ଆକାଶବାଣୀ ସଙ୍ଗୀତକାର ରମେଶ ସୁନା, ବ୍ଲକ୍ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ବ୍ଲକ ସରପଞ୍ଚ ସଂଘ ସଭାପତି ଜୋଗିନ୍ଦ୍ର କିଷାନ, ବଡ଼ଗାଁ ରାମଲୀଳା ଯାତ୍ରା କମିଟି ସଭାପତି ସତ୍ୟ ନାରାୟଣ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା କବି ଛବିଲ ସେଠ୍ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିବା ବରିଷ୍ଠ କଳାକାର ଅଶୋକ ରାଜ ଅତିଥିପରିଚୟ ପ୍ରଦାନ ପରେ ସଭା ଆରମ୍ଭ ହୋଇଥିଲା। ସଂଘ ଉପ ସଭାପତି ବାଡ଼ା କହିଥିଲେ, ଲୋକଙ୍କ ଦୈନନ୍ଦିନ ଜୀବନରୁ ଆରମ୍ଭ ହୋଇଥିବା କଳା ହିଁ ଲୋକକଳା। ଓଡ଼ିଶାର ମାଟି, ଗୋଡ଼ି, ପାଣି ପବନରେ ଭରି ରହିଛି କଳା। ରାଜ୍ୟ ସରକାର କଳାକାରଙ୍କୁ ଭତ୍ତା, ଆବଶ୍ୟକ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଉଛନ୍ତି। କଳା ସଂସ୍କୃତିକୁ ଆଗେଇନେବା ଓ ସମୃଦ୍ଧ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ରାମଲୀଳା ଯାତ୍ରା କମିଟି ସଭାପତି ନାୟକ ଜଗନ୍ନାଥ ସଂସ୍କୃତିରେ କଳାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କଳାକାରଙ୍କ ପାଇଁ କରିଥିବା ଯୋଜନା ଓ କଳାର ବିକାଶ ପାଇଁ କରୁଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସରପଞ୍ଚ ସଂଘର ସଭାପତି କିସାନ ଓ ଉପାଧ୍ୟକ୍ଷା ପଟେଲ କଳାକୁ ଦୁଃଖ ହରଣକାରି ବୋଲି କହିଥିଲେ। କଳାର ବିକାଶ ଦିଗରେ ସମସ୍ତଙ୍କ ଆନ୍ତରିକତା ରହିବା ଆବଶ୍ୟକ ବୋଲି ବୁଝାଇଥିଲେ। ମୁଖ୍ୟବକ୍ତା ସେଠ୍ କହିଥିଲେ ସବୁ ଯୁଗରେ କଳା ଓ କଳାକାର ରହିଛନ୍ତି। କଳା କ୍ଷେତ୍ରରେ ଉତ୍କୃଷ୍ଟତା ଯୋଗୁଁ ଆମ ରାଜ୍ୟର ନାମ ଉତ୍କଳ ହୋଇଛି। କଳା ସଂସ୍କୃତି ସହିତ ଆମ ଧର୍ମ କିପରି ଯୋଡ଼ିହୋଇ ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ସଂଗୀତଜ୍ଞ ତାନସେନଙ୍କ ସଙ୍ଗୀତରେ କିପରି ଶକ୍ତି ଥିଲା ବୁଝାଇଥିଲେ। ଗାଁରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କବି ତଥା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ ଏଭଳି କଳା, ସଂସ୍କୃତି ମହୋତ୍ସବ ବ୍ୟକ୍ତିଗତ ସମ୍ପର୍କ ଓ କଳା ସଂଗଠନଗୁଡ଼ିକ ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିଥାଏ। ଏହା ଶୁଭ ସଙ୍କେତ ଯେ , ରାଜ୍ୟ ସରକାର ଏ ଦିଗରେ ଚିନ୍ତାକରି କଳା ସଂସ୍କୃତିର ବିକାଶ ପାଇଁ ସହଯୋଗ କରୁଛନ୍ତି। ଉପସ୍ଥିତ କଳାକାରଙ୍କୁ କଳା ସଂସ୍କୃତିର ବିକାଶ ପାଇଁ ପ୍ରମୁଖ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଳାର ବିକାଶ ଓ ସମାଜ ପ୍ରତି ଅବଦାନ ପାଇଁ ୫ ବରିଷ୍ଠ କଳାକାର ଅଶୋକ ରାଜ, ପୁରୁଷୋତ୍ତମ ପୃଷେଟ, ନରେନ୍ଦ୍ର କୁମାର ବାରିକ୍, ଘନଶ୍ୟାମ ସା, ପ୍ରତାପ କୁମାର ବେଜୀ ଓ ପ୍ରଫୁଲ୍ଲ ସାହୁଙ୍କୁ ଅତିଥିମାନେ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ଶେଷରେ ସାହାଜବାହାଲ, ମହପଡ଼ା, ପଟୁଆବେଡ଼ା, ଯାଜପୁର ଆଦି ବିଭିନ୍ନ ଗ୍ରାମର ସାଂସ୍କୃତିକ ଦଳ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

## ବ୍ଲକସ୍ତରୀୟ ଲୋକକଳା ଦିବସ

କୁଆଁରମୁଣ୍ଡା,୧୪।୬ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡାରେ ବ୍ଲକସ୍ତରୀୟ ଲୋକକଳା ଦିବସ ବୁଧବାର ଆୟୋଜିତ ହୋଇଯାଇଛି। ବ୍ଲକ କଳା ସମିତି ଆନୁକୂଲ୍ୟରେ ୩ଟି ନୃତ୍ୟ ଦଳ ବିଶେଷ କରି ୨ଟି ଓରାମ ସମାଜ ଓ ୧ଟି କିଷାନ ସମ୍ପ୍ରଦାୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଉପସ୍ଥିତ ରହି ନୃତ୍ୟଦଳଙ୍କୁ ୨ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହାସହ ଆଦିବାସୀ ଲୋକକଳାକୁ କିଭଳି ଆହୁରି ଲୋକାଭିମୁଖୀ କରାଯାଇପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ଡୁମେରଯୋର ସରପଞ୍ଚ ସଂଯୁକ୍ତା ମାହାଲି, କାଲୋସିହିରିଆ ସରପଞ୍ଚ ବିଜିତା କିଷାନ ଉପସ୍ଥିତ ଥିଲେ। ବ୍ଲକ ସାଂସ୍କୃତିକ ସମିତିର ସଭାପତି ବିଡିଓ ତୃପ୍ତି ବରେଇ, ଉପସଭାପତି ଦାସା ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡବ୍ଲ୍ୟୁଇଓ ଅଭିଜିତ୍ ପ୍ରଧାନ, ଏପିଇଓ ବିଷ୍ଣୁମୋହନ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

# ଜିଲା କଂଗ୍ରେସ ସଭାପତି ପରିବର୍ତ୍ତନ



ଇସ୍ତଫା ପତ୍ର ଧରି ଠିଆହୋଇଥିବା ପଦାଧିକାରୀ।

### ପିସିସି ନିଷ୍ପତ୍ତି ପ୍ରତିବାଦରେ ୧୯ ପଦାଧିକାରୀଙ୍କ ଇସ୍ତଫା

ଦେବଗଡ଼,୧୪।୬ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କଂଗ୍ରେସରେ ଦେଖାଦେଇଛି ଅଶାନ୍ତି ଓ ଅସନ୍ତୋଷର ସ୍ୱର। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ତରବରିଆ ଜିଲା କଂଗ୍ରେସ ସଭାପତି ପରିବର୍ତ୍ତନ ନିଷ୍ପତ୍ତି ପ୍ରତିବାଦରେ ବୁଧବାର କଂଗ୍ରେସ ମହିଳା ସଭାନେତ୍ରୀ ମଞ୍ଜୁଲତା ନାୟକ, ନଗର ମହିଳା କଂଗ୍ରେସ ସଭାପତି ସତ୍ୟବତୀ ଭୁକ୍ତା, ତିଲେଇବଣି ବ୍ଲକ ମହିଳା ସଭାନେତ୍ରୀ ମାର୍ଗରେଟ ବାର୍ଲା, ରିଆମାଳ ବ୍ଲକ ମହିଳା ସଭନେତ୍ରୀ ରୀନା ରାଣୀ ମିତ୍ର, ବାରକୋଟ ବ୍ଲକ ମହିଳା ସଭାନେତ୍ରୀ ସବିତା ନାୟକ, ଜିଲା କଂଗ୍ରେସ କମିଟି ଉପ ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ କ୍ଷିତୀଶ କୁମାର ପ୍ରଧାନ, ଜୟନାରାୟଣ ସାହୁ, ରାକେଶ କୁମାର ବେହେରା, କୋଷାଧ୍ୟକ୍ଷ ସୁଶୀଲ କୁମାର ନାୟକ, ଓବିସି ସେଲ ଜିଲା ସଭାପତି ଡିଲେଶ୍ୱର ସାହୁଙ୍କ ସମେତ ସମସ୍ତ ବ୍ଲକ ଓବିସି ସେଲ ସଭାପତି, ସୋସିଆଲ ମିଡିଆ ସେଲ ମୁଖ୍ୟ ପଞ୍ଚୁଲାଲ ବରାଇ, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, କାର୍ଯ୍ୟକାରୀ ସଦସ୍ୟ ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ନଗର ସଭାପତି ପ୍ରକାଶ କୁମାର ଦେବତା, ନଗର ଉପ ସଭାପତି ବିକାଶ ଖଡ଼ିରତ୍ନ, ନଗର କଂଗ୍ରେସ ସମ୍ପାଦକ ଶମ୍ଭୁନାଥ ପ୍ରଧାନ ଓ ଆଶିଷ କୁମାର ଦାଣ୍ଡିଆଙ୍କ ସମେତ କଂଗ୍ରେସର ବିଭିନ୍ନ ୱିଙ୍ଗର ପଦାଧିକାରୀ ନିଜନିଜ ପଦବୀରୁ କମିଟି ସହ ଇସ୍ତଫା ପ୍ରଦାନ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲା ମହିଳା ସଭାନେତ୍ରୀ ମଞ୍ଜୁଲତା ନାୟକଙ୍କ ଆବାହକତ୍ୱରେ ଏକ ଘରୋଇ ହୋଟେଲରେ ଉପରୋକ୍ତ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ହୋଇ ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତିକୁ ପ୍ରତିବାଦ କରିଥିଲେ। ଏଥିସହ ପିସିସିର ନିଷ୍ପତ୍ତି ଫଳରେ ଜିଲାରେ କଂଗ୍ରେସ ସଂଗଠନ ଦୃଢ଼ ନେତୃତ୍ୱ ଅଭାବରେ ଭୁଶୁଡ଼ିବା ନିଶ୍ଚିତ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିବା ସହ କଂଗ୍ରେସ ଦଳରେ ରହି ଲୋକଙ୍କ ପାଇଁ ସେବା କରିବା ଅସମ୍ଭବ ମନେହେବାରୁ ସେମାନେ ଇସ୍ତଫା ଦେଇଥିବା କହିଛନ୍ତି। ଜିଲା କଂଗ୍ରେସରେ ଏତେ ସଂଖ୍ୟକ କର୍ମୀ ଓ ପଦାଧିକାରୀ ଏକ ସମୟରେ ଇସ୍ତଫା ଦେବା ଜିଲାରେ ପ୍ରଥମଥର ଦେଖିବାକୁ ମିଳିଥିବା ବେଳେ ୨୦୨୪ ନିର୍ବାଚନ ପାଇଁ ଦଳର ଶକ୍ତି ହ୍ରାସ ବିରୋଧୀଙ୍କ ମନୋବଳକୁ ସୁଦୃଢ଼ କରିଛି।

## ବ୍ଲକ ସ୍ତରୀୟ ଲୋକକଳା ଦିବସ

ଲହୁଣୀପଡ଼ା,୧୪।୬(ଦାସରଥୀ ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକରେ କଳା ସଂସ୍କୃତି ସଂଘ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଲୋକକଳା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ କଳା ସଂସ୍କୃତି ସଂଘ ସଭାପତି ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ସଂଘ ଉପ ସଭାପତି ତଥା ବିଶିଷ୍ଟ ପାଲା ଗାୟିକା ପ୍ରଫୁଲା ପଲେଇ, ସଂଘ ସମ୍ପାଦିକା ଜାହ୍ନବୀ ମାହାନ୍ତ, ସଦସ୍ୟ ହରିହର ମାହାନ୍ତ, ଜୟନ୍ତୀ ମାହାନ୍ତ ଓ ଶୁକଦେ ପଲେଇ ମଞ୍ଚାସିନ ଥିଲେ। ପୂର୍ବତନ ବ୍ଲକ ଉପ ସଭାପତି ସରଜିନି ମାହାନ୍ତଙ୍କ ମଞ୍ଚ ପରିଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଥିବା ଲୋକକଳା ଓ ସଂସ୍କୃତିକୁ ପୁନରୁଦ୍ଧାର କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଉତ୍ସାହିତ କରାଯାଉଥିବା ବେଳେ ଯୋଗ୍ୟ ଲୋକ କଳା କଳାକାରଙ୍କୁ ମାସିକ ପ୍ରୋତ୍ସାହନ ଦିଆଯାଉଛି ବୋଲି ଅତିଥିମାନେ କହିଥିଲେ। ଏହି ଲୋକ କଳା ଦିବସକୁ ବିଗତ ବର୍ଷ ମାନଙ୍କରେ ଜିଲା ମୁଖ୍ୟାଳୟଠାରେ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବ୍ଲକ ସ୍ତରୀୟ ଲୋକକଳା ଦିବସ ପାଳନ କରାଯାଉଛି। ଆୟୋଜିତ ଲୋକକଳା ଦିବସ ଉପଲକ୍ଷେ କଳାକାରମାନେ କଳା ପ୍ରଦର୍ଶନ କରିଥିବା ବେଳେ ବହୁ କଳାକାର ଉପସ୍ଥିତ ଥିବା ଜଣାପଡ଼ିଛି। ଶେଷରେ ସମ୍ପାଦିକା ଜାହ୍ନବୀ ମାହାନ୍ତ ଧନ୍ୟବାଦ ଦେଇଥିଲେ।

## ପାୱାର ଗ୍ରୀଡ୍ ବିରୋଧରେ ଗର୍ଜିଲେ ଗ୍ରାମବାସୀ

ସୁନ୍ଦରଗଡ଼,୧୪।୬ (ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ମହୁଲପାଲି ପଞ୍ଚାୟତରେ ଥିବା ପାୱାର ଗ୍ରୀଡ଼ର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ସ୍ଥାନୀୟ ଅଞ୍ଚଳରେ କୌଣସି ବିକାଶ ମୂଳକ କାର୍ଯ୍ୟ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ବିଭିନ୍ନ ସମୟରେ କୁହାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ଗ୍ରାମବାସୀ କେନାପାଲିସ୍ଥିତ ପାୱାର ଗ୍ରୀଡ଼ ଡିଜିଏମ୍ ଜ୍ୟୋତିର୍ମୟ ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପାରିପାର୍ଶ୍ୱିକ ପାଣ୍ଠିରୁ ମହୁଲପାଲି ପଞ୍ଚାୟତର ଅନେକ ଗୁଡ଼ିଏ ସମସ୍ୟା ଯଥା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର, ରାସ୍ତା ଉନ୍ନତିକରଣ, ବନୀ କରଣ, ପୋଖରୀ ପୁନରୁଦ୍ଧାର, ଗାଧୁଆ ତୁଠ, ସ୍ୱର୍ଗଦ୍ୱାର ନିର୍ମାଣ, ସ୍ଥାନୀୟ ବେକାରୀଙ୍କୁ ନିଯୁକ୍ତି ପ୍ରଦାନ ନେଇ ଗ୍ରାମବାସୀ ଦାବି କରିଥିଲେ। ଏହି ଆଲୋଚନାରେ ଗ୍ରାମବାସୀଙ୍କ ସହ ଟାଙ୍ଗରପାଲି ଭାଜପା ଯୁବମୋର୍ଚ୍ଚା ସଭାପତି ଶମ୍ଭୁ ପଟେଲଙ୍କ ନେତୃତ୍ୱରେ ଟାଙ୍ଗରପାଲି ମଣ୍ଡଳ ସଭାପତି ଦୁବରାଜ ନାୟକ, କୁର୍ଗା ଗ୍ରାମର ୱାର୍ଡମେମ୍ବର ସୀମାରାଣୀ ପଟେଲ, ରାଧାକାନ୍ତ ସା, ସୁରଜ ପଟେଲ, ରାଜୁ ଗୋଆଳ, ଅନେକ ଗ୍ରାମବାସୀ ଓ ମହିଳା ଉପସ୍ଥିତ ଥିଲେ।

## ଗୋମାଂସ କଟାଯାଉଥିବା ବେଳେ ଚଢ଼ାଉ, ୩ ଅଟକ



ଟେନ୍‌ସା,୧୪।୬(ସମୀର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅଧୀନ ଜିରୋପଏଣ୍ଟ ପାହାଡ଼ ଉପରେ ଗୋ ମାଂସ କଟାଯାଉଥିବା ଖବର ପାଇ ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରି ଚଢ଼ାଉ କରି ୩ ଜଣଙ୍କୁ ଅଟକ ରଖିଛନ୍ତି। ଏଥିସହ ୬ ଟି ବାଇକ୍ ଏବଂ ଗୋ ମାଂସ ମଧ୍ୟ ଜବତ ହୋଇଛି। ଗତ କିଛିଦିନଧରି ଗାଈ ଚୋରି ଏବଂ ହତ୍ୟା ଅଭିଯୋଗ ହୋଇ ଆସୁଥିଲା। ଅନେକ ଥର ପୋଲିସ ଚଢ଼ାଉ କରି ବିଫଳ ହୋଇଥିଲା। ଗତ ୧୧ରେ ଜିରୋପଏଣ୍ଟ ନିବାସୀ ସୁରେଶ ଯାଦବଙ୍କ ୨ଟି ଗାଈ ଘର ପାଖରୁ କୌଣସି ବ୍ୟକ୍ତି ଚୋରି କରିନେଇଥିଲେ। ଅନେକ ଖୋଜାଖୋଜି ପରେ ଜିରୋପଏଣ୍ଟ ପାହାଡ଼ ଉପରି ଭାଗରେ କିଛି ଲୋକ ଗାଈକୁ କାଟୁଥିବା ଖବର ପାଇଥିଲେ। ତୁରନ୍ତ ଉକ୍ତ ସ୍ଥାନକୁ ଯାଇ ଦେଖିଥିଲେ। ସେହି ସ୍ଥାନରେ ଥିବା ଲୋକେ ତାଙ୍କୁ ଗାଳି କରିବା ସହିତ ଜୀନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ସୁରେଶ ଡରି ଯାଇ ଜିରୋପଏଣ୍ଟରୁ ଫେରି ଆସିଥିଲେ। ପରେ ଟେନ୍‌ସା ହିନ୍ଦୁଜାଗରଣ ମଞ୍ଚ, ଲହୁଣୀପଡ଼ା ବଜରଙ୍ଗ ଦଳ ଏବଂ ଟେନ୍‌ସା ଫାଣ୍ଡି ଅଧିକାରୀ ଦେହୁରିଙ୍କୁ ଜଣାଇଥିଲେ। ସମସ୍ତେ ଜାଣିବା ପରେ ସ୍ଥାନୀୟ ଲୋକେଙ୍କୁ ନେଇ ଚଢ଼ାଉ କରିଥିଲେ। ଚଢ଼ାଉ ଦେଖି ଉକ୍ତ ସ୍ଥାନ ଛାଡ଼ି ଗୋ ଚାଲାଣକାରିମାନେ ଛତ୍ର ଭଙ୍ଗ ଦେଇଥିଲେ। ମାତ୍ର ପୋଲିସ ୩ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା।

# ରାଜଗାଙ୍ଗପୁରରେ ଲୋକକଳା ଦିବସ, ରଜ ମହୋତ୍ସବ

ରାଜଗାଙ୍ଗପୁର,୧୪।୬(ଅଶୋକ ପାଣି)




ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ବ୍ଲକ ସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ– ୨୦୨୩ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଆନୁକୂଲ୍ୟରେ ସ୍ଥାନୀୟ ସମିତି ଗୃହରେ ମହା ଆଡ଼ମ୍ବରରେ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କିଶାନ, ଓରାମ ଓ ମୁଣ୍ଡା ସମ୍ପ୍ରଦାୟର କଳା, ସଂସ୍କୃତି, ପାରମ୍ପରିକ ଲୋକ ନୃତ୍ୟ ବିଭିନ୍ନ ଦଳ ଦ୍ୱାରା ପରିବେଷଣ କରାଯାଇଥିଲା। ଏଠାରେ ରଜପର୍ବ ଭିନ୍ନ ଶୈଳୀରେ ପାଳନ ହୋଇଥିଲା। ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୀୟୁସ ଲୁହାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ସରପଞ୍ଚ ଚୈତନ୍ୟ ମହାନ୍ତି, ବିକ୍ରମ ଟପ୍ପୋ, ନୃତ୍ୟ ଗୁରୁ ସମାଜ ସେବକ ଲିଟୁ ଧନୱାର, ସମିତି ସଭ୍ୟ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ଲକ ଅଧ୍ୟକ୍ଷା ସାବିନା ମିଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କୁତ୍ରାରେ ଲୋକକଳା ଦିବସ

କୁତ୍ରା,୧୪।୬(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ଲୋକକଳା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଓ କଳା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠି, କୁତ୍ରା ସରପଞ୍ଚ ଭୁବନ କୁଜୁର, ବ୍ଲକ କଳା ସାଂସ୍କୃତିକ ସଂଘ ଉପାଧ୍ୟକ୍ଷ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଓଡ଼ିଶାର କଳା ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ୧୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରି ନିଜନିଜ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ କର୍ମାବାହାଲ କିଷାନ ନୃତ୍ୟ ପ୍ରଥମ, ଡାହିଜିରା ମୁଣ୍ଡା ନୃତ୍ୟ ଦ୍ୱିତୀୟ ଓ ଲିଟିବେଡା କିଷାନ ନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଦଳଙ୍କୁ ସାର୍ଟିଫିକେଟ ଓ କପ୍ ଦିଆଯାଇଥିଲା। ଜିପିଓ ନଗେନ୍ଦ୍ର ଦାସ, ପିଇଓ ଗୋପୀ ସାହୁ, ମଦନ ସିଂ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଇବ୍ ଜଳାଧାର ଶୁଖିବାପରେ ଚେତିଲା ପୌର ପ୍ରଶାସନ

ସୁନ୍ଦରଗଡ଼,୧୪।୬ (ଜୟନାରାୟଣ ମେଣ୍ଡୁଲି)



ପୌରାଧ୍ୟକ୍ଷା ଓ ବୈଷୟିକ ଟିମ୍ ଇବ୍ ନଦୀ ପରିଦର୍ଶନ କରୁଛନ୍ତି।

### ସହରବାସୀଙ୍କୁ ସ୍ୱଚ୍ଛ ଜଳ ଯୋଗାଇବା ପାଇଁ ଉଦ୍ୟମ

ଇବ୍ ନଦୀର ଜଳାଧାର ଶୁଖିଯିବାପରେ ସୁନ୍ଦରଗଡ଼ ସହରବାସୀ ଭୟଙ୍କର ଜଳକଷ୍ଟର ଶିକାର ହୋଇଛନ୍ତି। ନଦୀରେ ବାଲିବନ୍ଧ ନିର୍ମାଣ ନେଇ ପୌର ପ୍ରଶାସନ ଧ୍ୟାନ ଦେଇ ନ ଥିବାରୁ ଜଳାଧାରା ଶୁଖି ଯାଇଛି। ଫଳରେ ସହରବାସୀଙ୍କୁ ଆବଶ୍ୟକ ଅନୁଯାୟୀ ଜଳଯୋଗାଣରେ ବାଧାସୃଷ୍ଟି ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୌର ପ୍ରଶାସନର ଚେତା ପଶିଛି। ବୁଧବାର ପୌରଅଧ୍ୟକ୍ଷା ତନୟା ମିଶ୍ର ଜଳ ଯୋଗାଣ ପାଇଁ ଏକ ବୈଷୟିକ ଦଳ ସହ ଇବ୍ ନଦୀ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ସୁନ୍ଦରଗଡ଼ ୱାଟକୋ ଏସ୍‌ଡିଓ, ୱାଟକୋ କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିଅର ପୂର୍ତ୍ତ ବିଭାଗର ସମସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ପକଲିନ ସାହାଯ୍ୟରେ ବାଲିଖୋଳା ଯାଇ ପାଣି ସ୍ରୋତ ବାହାର କରାଯାଇଥିଲା। ଏହା ଦ୍ୱାରା ସହରବାସୀଙ୍କୁ ବର୍ତ୍ତମାନ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ବୈଷୟିକ ଦଳ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩



## ସଂକ୍ଷେପରେ

### ଏଟିଏମ୍ ଲୁଟର ଦୃଶ୍ୟ ସିସିଟିଭିରେ କଏଦ



**ଭବାନୀପାଟଣା,୧୪।୬ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା-କେସିଙ୍ଗା ୨୬ ନମ୍ବର ଜାତୀୟ ପଥର କଣ୍ଟାବାଞ୍ଜି ଛକ ନିକଟରେ ଥିବା ଏସ୍‌ବିଆଇ ଏଟିଏମରେ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ଦେଖିବାକୁ ମିଳିଛି। ୩ଜଣ ଦୁର୍ବୃତ୍ତ ଗ୍ୟାସ କଟର ସାହାଯ୍ୟରେ ଏଟିଏମ୍ ମେଶିନକୁ କାଟିବା ସହ ଟଙ୍କା ଥିବା ବାକ୍ସକୁ ନେଇ ଚମ୍ପଟ ମାରିଛନ୍ତି। ତେବେ ଦୁର୍ବୃତ୍ତଙ୍କ ଏହି କାରନାମା ପ୍ରଥମରୁ ଶେଷ ଯାଏଁ ସିସିଟିଭି କ୍ୟାମେରାରେ ଏବେ କଏଦ ହୋଇଛି। ବୁଧବାର ସକାଳେ ଏହି ଘଟଣା ଜଣାପଡିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କେତେ ଟଙ୍କା ଏଟିଏମ୍‌ରେ ଥିଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ।

### ଉଦ୍‌ଘାଟନ ପରେ ବି ହେଉନି କାର୍ଯ୍ୟକ୍ଷମ

**ମିଶନ ଶକ୍ତି ଭବନକୁ ବିଦ୍ୟୁତ ସଂଯୋଗ ହୋଇନି**



**ଜୁନାଗଡ଼,୧୩।୬(ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ କନ୍ୟାଶ୍ରମ ସ୍କୁଲ ନିକଟ ସ୍ଥାନୀୟ ବ୍ଲକ ମିଶନ ଶକ୍ତି ଭବନ ଉଦ୍‌ଘାଟନର ୩ମାସ ପରେ ବି କାର୍ଯ୍ୟକ୍ଷମ ହେଉ ନ ଥିବା ଜଣାପଡିଛି। ଫଳରେ ଜୁନାଗଡ ସିଡିପିଓ ଅଫିସର ପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ କୋଠାରେ ଦୀର୍ଘ ବର୍ଷ ଧରି ମିଶନ ଶକ୍ତି ଭବନ କାର୍ଯ୍ୟ ପରିଚାଳନା ହେଉଛି। ଗତ ମାର୍ଚ୍ଚ ୫ ତାରିଖରେ ଜିଲାର ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ହାଇସ୍କୁଲ ପଡିଆଠାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମଧରେ ଏହାର ଉଦଘାଟନ କରିଥିଲେ। ଉଦଘାଟନର ୩ ମାସ ପରେ ମଧ କୋଠାରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ରାଜ୍ୟ ସରକାର ମିଶନ ଶକ୍ତିର ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ କରୁଥିବା ବେଳେ ଏଠାରେ ସାମାନ୍ୟ ବିଦ୍ୟୁତ ସଂଯୋଗ ନ ହେବା ଯୋଗୁ ମିଶନ ଶକ୍ତି ଭବନ କୋଠା କାର୍ଯ୍ୟକ୍ଷମ ନ ହେବା ସ୍ଥାନୀୟ ପ୍ରଶାସନ ତଥା ଶାସକ ଦଳ ନେତାଙ୍କ ଅପାରଗତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ଉପାନ୍ତ ଇଲାକା ପାଇଁ ପକ୍କା ରାସ୍ତା ସ୍ୱପ୍ନ

ଭବାନୀପାଟଣା,୧୪।୬
(ଉତ୍ତମ କୁମାର ଦାଶ)

ଗାଁକୁ ବିକାଶ ଦିଗରେ ନେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଗାଁକୁ ଚାଲ ଗାଁକୁ ଗଢ ଏଭଳି କିଛି ସ୍ଲୋଗାନ ନେଇ ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଯୋଗୁ ଆଜି ବି ଉପାନ୍ତ ଅଞ୍ଚଳରେ ପହଞ୍ଚିପାରି ନାହିଁ ସରକାରଙ୍କ ବିକାଶ। ଏପରି ଏକ ଗାଁ ହେଉଛି କଳାହାଣ୍ଡି ଜିଲାର ଅପହଞ୍ଚ ଇଲାକା ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକ ଡୁମୁନିଖୋଲ ଗାଁ। ଯେଉଁଠାରେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଏଠାକାର ଲୋକେ। ଗାଁକୁ ଖାଲଖମା ପଥୁରିଆ ଘାଟି ରାସ୍ତାରେ ଯିବାକୁ ପଡିଥାଏ। ଯେଉଁଠି ସାଇକେଲ କିମ୍ବା ଦୁଇ ଚକିଆ ଯିବା ତ ଦୂରର କଥା ଚାଲିକି ଯିବା ବି ମୁସ୍କିଲ। ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ



ଖାଲଖମା ପଥୁରିଆ ଘାଟି ରାସ୍ତାରେ ଯାତାୟାତ।

୪୦ କିଲୋମିଟର ଦୂରରେ ଥିବା ଗାଁର ରାସ୍ତାକୁ ଦେଖିଲେ ମନେ ହେଉଛି ସରକାରଙ୍କ ବିକାଶ ମାନଚିତ୍ରରୁ ଅଦୃଶ୍ୟ ଏହି ଉପାନ୍ତ ଗାଁ। କେବଳ ଏ ଗୋଟିଏ ଗାଁ ନୁହେଁ ବରଂ ଏମିତି ଅନେକ ଗାଁ ଅଛି ଯେଉଁଠିକି ଆଜି ବି ପକ୍କା ରାସ୍ତା ପାଇଁ ଲୋକେ ସଂଘର୍ଷ କରୁଛନ୍ତି। ସେହିପରି ଦୁଇଟି ନାଳ ଓ ନାଗାବଳୀ ନଦୀ ଦେଇ ଘାଟି ରାସ୍ତା ଦେଇ ଗଲେ ପଡେ ବିଲାମାଲ ଗାଁ। କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତ ଏହି ଗାଁ ବ୍ଲକଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଥିବା ବେଳେ

**ପଥୁରିଆ ଘାଟି ରାସ୍ତାରେ ଯାତାୟାତ**

ଏହି ଗ୍ରାମବାସୀ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ରାୟଗଡା ଜିଲା ଉପରେ ନିର୍ଭର କରନ୍ତି। କୌଣସି ପଟୁ ଗାଁକୁ ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଫଳରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗାଁକୁ ରାସ୍ତା ନିର୍ମାଣ ନେଇ ବାରମ୍ବାର ଉପାନ୍ତ ଇଲାକାର ଲୋକେ ସରକାରୀ ବାବୁଙ୍କଠାରୁ ଆରମ୍ଭ କରି ନିର୍ବାଚିତ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ଲୋକେ। ହେଲେ ଲୋକଙ୍କ ଏହି ସମସ୍ୟା ପ୍ରତି ସତେ ଯେମିତି ସରକାରୀ ବାବୁଙ୍କ ନଜର ନାହିଁ। ତେବେ ଏ ନେଇ ସ୍ଥାନୀୟ ବିଡିଓ ଶୁଭ୍ରକାନ୍ତ ନାୟକଙ୍କୁ ପଚାରିବାରୁ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

# ଓଡ଼ିଶା ପାଇଁ କାଂସ୍ୟ ପଦକ ଆଣିଲେ କଳାହାଣ୍ଡିର ସଞ୍ଜୟ, ବିକ୍ରମ

ଲାଞ୍ଜିଗଡ,୧୪।୬ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଏସ୍‌ଏସ୍‌ସଡି ସ୍କୁଲର ୨ଜଣ ଛାତ୍ର ସଞ୍ଜୟ ମାଝି ଓ ବିକ୍ରମ ମାଝି ଜାତୀୟ ଜନଜାତିୟ ଖେଳ ମହୋତ୍ସବ ଆଦିବାସୀ ତିରନ୍ଦାଜ ପ୍ରତିଯୋଗିତାରେ ରାଜ୍ୟ ପାଇଁ କାଂସ୍ୟ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର କିଟ/କିସର ତିରନ୍ଦାଜ ଖେଳପଡିଆଠାରେ ଜାତୀୟ ଜନଜାତୀୟ ଖେଳ ମହୋତ୍ସବ ଆଦିବାସୀ ତିରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ଆଦିବାସୀ ତିରନ୍ଦାଜ ପ୍ରତିଯୋଗିମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଞ୍ଜୟ ୬୧୫ ସ୍କୋର କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିକ୍ରମ ମ ୫୮୦ ସ୍କୋର କରି ଦ୍ୱିତୀୟ ସ୍ଥାନ ଅଧିକାର କରି ଜାତୀୟ ଖେଳ ମହୋତ୍ସବ ପାଇଁ ମନୋନୀତ ହୋଇଥିଲେ। ତିରନ୍ଦାଜ କୋଚ୍ ସୀମାଞ୍ଚଳ କାତ୍ରାକାଙ୍କ ନେତୃତ୍ୱରେ ଏହି ପ୍ରତିଯୋଗୀମାନେ ଭାଗ ନେଇ ରାଜ୍ୟ ତଥା ଜିଲା ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି। କୋଚ୍ ସୀମାଞ୍ଚଳ ଲାଞ୍ଜିଗଡ ଏସଏସଡି ସ୍କୁଲରେ ବେଦାନ୍ତ ଆଲୁମିନା ଦ୍ୱାରା ପରିଚାଳିତ ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବେ କାର୍ଯ୍ୟ କରୁଛନ୍ତି। ଏହି ୨ଜଣ ଖେଳାଳିଙ୍କୁ ଜିଲା ଆଥଲେଟିକ୍




କାଂସ୍ୟ ପଦକ ହାସଲ କରିଥିବା ୨ ଖେଳାଳି ସଞ୍ଜୟ ଓ ବିକ୍ରମ।

ଆସୋସିଏଶନ୍ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଆଇପି ମହେନ୍ଦ୍ର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ବେଦାନ୍ତ ସିଏସଆର ଅଭିନଭ ପ୍ରତାପ, ଲାଞ୍ଜିଗଡ଼ କରାଟେ କୋଚ୍ କ୍ଷମାନିଧି ମହାଖୁଡ ଓ ଏସଏସଡି ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବେଦାନ୍ତ ଲିମିଟେଡ଼ କର୍ମଚାରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଧାନ ଉଠାଣ ବିଳମ୍ବ, ଦାଉ ସାଧୁଛି ବର୍ଷା

ଭବାନୀପାଟଣା,୧୪।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ରବି ଧାନ କିଣା ବର୍ତ୍ତମାନ ସୁଦ୍ଧା ମଧ ଶେଷ ହୋଇନାହିଁ। ଏବେ ମଧ ଜିଲାର ଅନେକ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡିରହିଛି। ଧାନ ଉଠାଣ ପ୍ରକିୟା ମନ୍ଥରତା ଯୋଗୁ ଚାଷୀଙ୍କ ମଧରେ ତୀବ୍ର ଉଦବେଗ୍ ପ୍ରକାଶ ପାଇଛି। ଏପରିସ୍ଥଳେ ବର୍ଷା ଚାଷୀଙ୍କ ପାଇଁ ଏବେ ଦାଉ ସାଧୁଛି। ବୁଧବାର ଅପରାହ୍ନରେ ଜିଲାର ଜୁନାଗଡ ବ୍ଲକ ଅଞ୍ଚଳରେ ଜୋରରେ ପବନ ବୋହିବା ସହ ଘଡଘଡି ବର୍ଷା ହୋଇଥିଲା। ଫଳରେ ଅଞ୍ଚଳର ଖୋଲା ଆକାଶ ତଳେ ଚାଲିଥିବା ମଣ୍ଡିଗୁଡିକରେ ଧାନ କିଣା ପ୍ରଭାବିତ ହୋଇଥିଲା। ବର୍ଷାର ବେଗ ଅଧିକ ଯୋଗୁ ମଣ୍ଡିରେ ଥିବା ଧାନ ଗୁଡିକୁ ଚାଷୀ ତାରପୋଲିନ ସାହାଯ୍ୟରେ ଢାଙ୍କିଲେ ମଧ ତଳ ଆଡୁ ଭିଜିଯାଇଥିବା ଜଣାପଡିଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧରେ ଚିନ୍ତାର କାରଣ ପାଲଟିଛି। ଟୋକନର



ବିଧାୟକ ଚିଟୈଗୁଡା ମଣ୍ଡିରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

- ଭଗବାନ ଭରସାରେ ଚାଷୀ
- ମଣ୍ଡି ପରିଦର୍ଶନ କଲେ ବିଧାୟକ

ଧାର୍ଯ୍ୟ ସମୟ ପରେ ମଧ ଧାନ ନ ଉଠିବା ଓ ଏବେ ବର୍ଷା ହେଉଥିବା ଯୋଗୁ ଧାନ କେବେ ଉଠିବ ତାହାକୁ ନେଇ ଏବେ ଭଗବାନ ଭରସାରେ ଚାଷୀ ରହିଛନ୍ତି। ସେହିପରି ଅପରାହ୍ନରେ ଜୁନାଗଡ ବ୍ଲକ ଚିଟୈଗୁଡା, ଆଟିଗାଁ ଆଦି ବିଭିନ୍ନ ମଣ୍ଡି ସ୍ଥାନୀୟ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପରିଦର୍ଶନ କରିବା ସହ ମଣ୍ଡିରେ ଗଚ୍ଛିତ ଥିବା ଧାନକୁ କିପରି ଶୀଘ୍ର ଉଠାଣ କରାଯିବ ସେ ନେଇ ପ୍ରଶାସନିକ ଅଧିକାରୀ, ମିଲର୍ସଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଚାଷୀଙ୍କୁ ଶୀଘ୍ର ତାଙ୍କ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେରଙ୍କ ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ।

## କର୍ଲାମୁଣ୍ଡା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ

କର୍ଲାମୁଣ୍ଡା,୧୪।୬(ପ୍ରଦୀପ ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ କିଛିଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏଥିଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଟିକିଏ ପବନ ବହିଲେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ଚାଲିଯାଉଛି। ପୂର୍ବରୁ ମଦନପୁର ସବ୍‌ଷ୍ଟେଶନରୁ ବ୍ଲକର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା। ଏବେ ବିଦ୍ୟୁତ୍ ସେବାରେ ସୁଧାର ଆଣିବା ପାଇଁ କର୍ଲାମୁଣ୍ଡାଠାରେ ସବ୍‌ଷ୍ଟେଶନ ବସାଇ ବେଲଗା-କେସିଙ୍ଗା ଲାଇନରୁ ସଂଯୋଗ କରି ବିଦ୍ୟୁତ୍ ସେବା ପ୍ରଦାନ କରାଯାଉଛି। ତେବେ ବେଲଗା-କେସିଙ୍ଗାରୁ ବିଦ୍ୟୁତ ସଂଯୋଗ ହେବା ଦିନଠାରୁ ଅଘୋଷିତ ବିଦ୍ୟୁତ୍ କାଟ କମିବା ପରିବର୍ତ୍ତେ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଅନ୍ୟଅଟେ ପ୍ରବଳ ଗରମ ସାଙ୍ଗକୁ ଗୁଳଗୁଳି ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ରାତିରେ ବିଦ୍ୟୁତ୍ ନ ରହିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଥିପ୍ରତି ସ୍ଥାୟୀ ପ୍ରତିକାର କରିବାକୁ ଦାବି ହେଉଛି।

## ଛାତ୍ରୀଛାତ୍ରଙ୍କ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ ଦାବିପତ୍ର



ସଂରକ୍ଷଣ ଦାବି କରି ଦାବିପତ୍ର ପ୍ରଦାନ କରାଯାଉଛି।

କୋକସରା,୧୪।୬
(ଦୁଷ୍ମନ୍ତ କୁମାର ପାଇଯୋଶୀ)

ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସି, ଏସଟି, ଏସସି ବର୍ଗର ଛାତ୍ରୀଛାତ୍ରଙ୍କ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ ଦାବି କରାଯାଇଛି। ଏହିକ୍ରମରେ ବୁଧବାର କଳାହାଣ୍ଡି ଜିଲା କୋକସରା ବ୍ଲକ ନିକଟରେ ଓବିସି, ଏସଟି, ଏସସି ମିଳିତ ମହାସଂଘ କୋକସରା ଶାଖା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ଅନୁପସ୍ଥିତ ଥିବାରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ପ୍ରତିବାଦ ସଭାରେ ଦିଗାମ୍ବର ଦୁରିଆ, ଡମ୍ବୁରୁଧର ଲହଜଳ, ଡାକେଶ୍ୱର ଲହଜଳ, ଲିଙ୍ଗରାଜ ବେହେରା, କ୍ଷୀରସିନ୍ଧୁ ବୋଡକିଆ, ଦିଗାମ୍ବର ନାଗ, ଜୟହରି ପଟେଲ, କୃଷ୍ଣ ନାଏକ, ପ୍ରଧାନୀ ବାଗ, ତେଜରାଜ ଦୁରିଆ, ଗଜିନ୍ଦ୍ର ନାଗ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଓବିସି, ଏସଟି, ଏସସିବର୍ଗ ପାଇଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଅଣଦେଖାକୁ ନେଇ ପ୍ରତିବାଦ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ବୃତ୍ତିଗତ ଓ ବୈଷୟିକ ଶିକ୍ଷା ସରକାରୀ ନିଯୁକ୍ତିରେ ଜନସଂଖ୍ୟା ଅନୁସାରେ ସଂରକ୍ଷଣ, ତୃତୀୟ, ଚତୁର୍ଥ ଶିକ୍ଷକ କିରାଣୀ ପଦବୀକୁ ଜିଲା ଭିତ୍ତିକ କରାଯିବା, ସିଟି, ବିଇଡି ଯୁକ୍ତ ୨ ଓ ଡିଗ୍ରୀ ମହାବିଦ୍ୟାଳୟରେ ୯୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଶିକ୍ଷାର ଘରୋଇକରଣ ବନ୍ଦ କରିବା, ସମାଜ ମଙ୍ଗଳ ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ଯୁକ୍ତ ୨ ଓ ଯୁକ୍ତ ୩ ଆବାସ କଲେଜ ଖୋଲାଯାଉ, ସିଟି, ସିୟୁସିଇଟି, ୟୁପିଏସସି, ଓପିଏସସି ପରୀକ୍ଷା ଜିଲାସ୍ତରରେ କରାଯାଉ, ପ୍ରଶାସନିକ ସେବା ଚୟନ ପାଇଁ ପ୍ରତ୍ୟେକ ଜିଲାର ୧୦୦ଜଣ ଓବିସି, ଏସଟି, ଏସସି ବର୍ଗର ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ବ୍ୟବସ୍ଥା, ପ୍ରତିବର୍ଷ ରାଜ୍ୟସ୍ତରରେ ୧୦୦ ଜଣ ଓବିସି, ଏସଟି, ଏସସି ବର୍ଗର ଛାତ୍ରୀଛାତ୍ରଙ୍କୁ ବିଦେଶରେ ଅଧ୍ୟୟନ ବ୍ୟବସ୍ଥା ଭଳି ଦାବି କରାଯାଇଛି। କ୍ଷୀରସିନ୍ଧୁ ବୋଡ଼କିଆ ମଞ୍ଚ ପରିଚାଳନା କରିଥିଲେ।

## ସରକାରୀ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ

## ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୧୪।୬
(ମକାରୁ ବେମାଲ)

ନୂଆପଡା ଜିଲାରେ ଶ୍ରମିକମାନଙ୍କୁ ରୋଜଗାର ନିଶ୍ଚିତ କରିବା ପାଇଁ ଚଳିତବର୍ଷ କୋଟି କୋଟି ଟଙ୍କାର ବ୍ୟୟ ବରାଦରେ କାମ ଚାଲିଛି। ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ମଜୁରୀ ଦେବା ପାଇଁ ସରକାରୀ ସ୍ପଷ୍ଟ ଭାବେ ନିର୍ଦ୍ଦେଶ କରିଛନ୍ତି। ହେଲେ ନୂଆପଡା ଜିଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା କାମଗୁଡିକରେ କମ ମଜୁରୀ ଦେଇ ଶ୍ରମିକ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାପାଳଙ୍କଠାରେ ଦଳିତ ଅଧିକାର ମଞ୍ଚ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଜିଲାପାଳ ହେମକାନ୍ତ ସାଏ ଉଚିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେଇଛନ୍ତି। ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ରାସ୍ତା କାମରେ ହେଉଥିବା ଶ୍ରମିକ ଶୋଷଣ ସମ୍ପର୍କରେ ଦାବିପତ୍ର ଦେବା ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଏଥିରେ ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଲାଞ୍ଜିଠାରୁ ବୁଢାପଡା ପର୍ଯ୍ୟନ୍ତ ହେଉଥିବା କାମର କୌଣସି ସୂଚନା ଫଳକନାହିଁ। ଏଠାରେ ସରକାରଙ୍କ ନିୟମଗୁଡିକ ଖୋଲାଖୋଲି ଉଲ୍ଲଂଘନ କରିଥିବା ଅଭିଯୋଗ ହେଉଛି। ଏଠିକାର କାମରେ ୧୪ରୁ ୧୫ ବର୍ଷର ଶିଶୁ ଶ୍ରମିକମାନଙ୍କ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ଅଣକୁଶଳୀ ଶ୍ରମିକଙ୍କ ବର୍ଦ୍ଧିତ ମଜୁରୀ ୩୩୩ ଟଙ୍କା ହୋଇଥିବା ବେଳେ କୁଶଳୀ ଶ୍ରମିକଙ୍କ ମଜୁରୀ ୪୩୮ ଟଙ୍କାକୁ ବୃଦ୍ଧି କରାଯାଇଛି। କିନ୍ତୁ ଏହା ବଦଳରେ ସମସ୍ତ ଶ୍ରମିକଙ୍କୁ ୨୦୦ ଟଙ୍କା ଦିଆଯାଉଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଏହିଭଳି ବୋଡେନ ବ୍ଲକର ଟିକଲବୂଆଁରୁ ବୋଡେନ, କନକପୁରଠାରୁ ରୋକାଲଘାଟି ପର୍ଯ୍ୟନ୍ତ ରାସ୍ତା କାମରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ

ନୂଆପଡ଼ା,୧୪।୬
(ମକାରୁ ବେମାଲ)

ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡା ସଭାଗୃହରେ ସମଗ୍ର ଶିକ୍ଷା ନୂଆପଡା ପକ୍ଷରୁ ଜିଲାସ୍ତରୀୟ ଜନ ଭାଗୀଦାରି କାର୍ଯ୍ୟକ୍ରମ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ବିକ୍ରମାଦିତ୍ୟ ବରିହା ମୁଖ୍ୟ ଅତିଥି, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଅବେନ୍ଦ ପାତ୍ର, ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲା ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜାକ, ଶିକ୍ଷୟିତ୍ରୀ, ଶିକ୍ଷକ, ଜନପ୍ରତିନିଧି, ଅଭିଭାବକ ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଅତିଥି ଢ଼ାନେ ମୌଳିକ ସାକ୍ଷରତା ଓବଂ ସଂଖ୍ୟାଜ୍ଞାନର ଆବଶ୍ୟକତା, ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାମଗ୍ରୀକ ବିକାଶ ଓ ଏଥିପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଲିଖନ, ରାଲି, ରଙ୍ଗୋଲି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଓ ସାଲେଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜକ ହେମନ୍ତ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। କମଳା କୁମ୍ଭାର, ପ୍ରତାପ ଚନ୍ଦ୍ର ପାତ୍ର, ସେଖ ୱାସିପ, ସଞ୍ଜୟ କୁମାର ବଗର୍ତ୍ତି, ଅଭିନାଶ ମିଶ୍ର, ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବା ବେଳେ ଜିଲା ବିଜ୍ଞାନ ନିରିକ୍ଷକ ଗିରିଧାରୀ ସା ଧନ୍ୟବା ଦଅର୍ପଣ କରିଥିଲେ।




ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନକୁ ଗୁରୁତ୍ୱ

ଭବାନୀପାଟଣା,୧୪।୬
(ଉତ୍ତମ କୁମାର ଦାଶ)

ଜି ୨୦ ଏଜୁକେସନ୍ ୱାର୍କିଂ ଗ୍ରୁପ୍ ପ୍ରୋଗ୍ରାମ୍ ଅନ୍ତର୍ଗତ କଳାହାଣ୍ଡି ଜିଲାସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ ଭବାନୀପାଟଣା ପୋଲିସ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ସମ୍ପର୍କିତ ସଚେତନତାକୁ ଗୁରୁତ୍ୱ ଦେଇ ଉକ୍ତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା, ଜବାହର ନବୋଦୟ ବିଦ୍ୟାଳୟ ନର୍ଲା ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କଳାହାଣ୍ଡିର ମିଳିତ ସମନ୍ୱୟରେ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପାଳିକା ଅଧକ୍ଷା ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ




ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ଜନ ଭାଗୀଦାରି କାର୍ଯ୍ୟକ୍ରମ**

ଅଧକ୍ଷା ଡ. ସ୍ନେହପ୍ରଭା ମହାପାତ୍ର, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରୋତ୍ତମ ଭୋଇ, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟକୁମାର ମାଝି, ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟରାମ ସାହୁ, ସମଗ୍ର ଶିକ୍ଷା ପେଡାଗୋଜି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଯୋଗଦେଇଥିଲେ। ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଦୁବେ ଉଦ୍ଦେଶ୍ୟ ଜ୍ଞାପନ ଓ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଏଫ୍‌ଏଲ୍‌ଏନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଘରେ ଅଭିଭାବକମାନେ ପିଲାଙ୍କ ସାକ୍ଷରତା ଓ ସଂଖ୍ୟାଜ୍ଞାନ କୌଶଳ ବିକାଶରେ କିପରି ସହାୟକ ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସଚେତନତା ସୃଷ୍ଟି ପାଇଁ ଏଫ୍‌ଏଲ୍‌ଏନ୍ ସମ୍ପର୍କିତ ଷ୍ଟାଣ୍ଡି, ପ୍ଲାକାର୍ଡ, ପୋଷ୍ଟର୍ ଆଦି ପ୍ରଦର୍ଶିତ ହୋଇଥିଲା। ଅଭିଭାବକମାନଙ୍କୁ ଏଫ୍‌ଏଲ୍‌ଏନ୍ ସମ୍ପର୍କିତ ଲିଫଲେଟ୍ ଓ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷୟିତ୍ରୀ ମେରିଲିନ୍ ସୁଧାଂଶୁମୟୀ ମହାନ୍ତିଙ୍କ ନେତୃତ୍ୱରେ ଏଫ୍‌ଏଲ୍‌ଏନ୍ ସମ୍ପର୍କିତ ପପେଟ୍ ଶୋ' ପରିବେଷଣ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ମନ୍ମଥ କୁମାର ମିଶ୍ର ମୌଳିକ ସଂଖ୍ୟାଜ୍ଞାନ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚଣ୍ଡ ମୌଳିକ ସାକ୍ଷରତା ସମ୍ପର୍କିତ ଶିକ୍ଷଣକାର୍ଯ୍ୟ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### କ୍ୟାରିୟର ପଏଣ୍ଟ ଛାତ୍ରଙ୍କ ସଫଳତା

ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ): ମେଡ଼ିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଅନୁଷ୍ଠିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ୟୁଜି ପରୀକ୍ଷାରେ ବରଗଡ଼ କ୍ୟାରିୟର ପଏଣ୍ଟର ଛାତ୍ର ପ୍ରିୟାଂଶୁ କୁମାର ବଡ଼ାଇ ୬୪୦ମାର୍କ ରଖି ସଫଳତା ଅର୍ଜନ ସହିତ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । କୃତୀଛାତ୍ର ପ୍ରିୟାଂଶୁ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଗମ୍ଭାରକଟା ଗ୍ରାମ ନିବାସୀ ପ୍ରମୋଦ କୁମାର ବଡ଼ାଇଙ୍କ ପୁତ୍ର ଅଟନ୍ତି। ତାଙ୍କ ଏହି ସଫଳତାରେ ମହାବୀର ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡା. ପ୍ରବୀଣ କୁମାର ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଚେୟାରମ୍ୟାନ ଶିରିଷ କୁମାର ସାହୁ, ସମ୍ପାଦକ ସଙ୍ଗୀତା ସାହୁ, ବର୍ଦ୍ଧମାନ ମହାବୀର କଲେଜର ଅଧ୍ୟକ୍ଷ ଡଃ ରବି ନାରାୟଣ ସାହୁ, ଶାଖା ପ୍ରବନ୍ଧକ ବିପିନ ଗୁପ୍ତା ଏବଂ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ କୃତୀଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ଲୋକକଳା ବିନା ଭାଷା, ସଂସ୍କୃତି ଅଧୁରା

ବରଗଡ଼,୧୪।୬ (ପ୍ରେମାନନ୍ଦ ଖମାରୀ)



ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କଳାକାର ।

ଲୋକକଳା ଏବଂ କଳାକାର ସମାଜ ପାଇଁ ବରଦାନ। ଲୋକକଳା ହିଁ ସାଧାରଣ ଜନତାଙ୍କ ହୃଦୟର ଭାଷା ପରିପ୍ରକାଶ କରିଥାଏ। ଲୋକକଳା ବିନା ଭାଷା, ସାହିତ୍ୟ, ସଂସ୍କୃତି ଅଧୁରା ବୋଲି ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ଲୋକକଳା ଦିବସରେ ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥିଭାବେ ମତପ୍ରକାଶ କରିଛନ୍ତି। ବରଗଡ଼ ରାଣାପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ପଶ୍ଚିମାଞ୍ଚଳ ମିଳିତ କଳାକର ମଞ୍ଚର ସମ୍ପାଦକ ଡ. ଡୋଲାମଣି ଶତପଥୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନବୀନ ସାବତ ମୁଖ୍ୟବକ୍ତାଭାବେ ଯୋଗଦାନ କରି କଳାକାରମାନେ ହିଁ ଲୋକକଳାକୁ ବଞ୍ଚାଇ ରଖିଥିବା ଯୋଗୁ ଆଜି ସମାଜ ଆନନ୍ଦ ଲାଭ କରୁଛି ବୋଲି କହିଥିଲେ। ଜିଲା ସଂକୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ନିଗମାନନ୍ଦ ବିହାର ଉନ୍ନୟନ କମିଟିର ଅଧ୍ୟକ୍ଷ ଟିକେଲାଲ ନାଏକ, ସଙ୍ଗୀତଜ୍ଞ ତାହୀର ଖାନ୍, ନୃତ୍ୟ ନିର୍ଦ୍ଦେଶକ ସୁରଥ କୁଅଁର, ରାଜେଶ ବାରିକ, ଜିଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍, ଦିବ୍ୟରୂପା କଳା ପରିଷଦର ନିର୍ଦ୍ଦେଶକ ରବି ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ।

ଏହି ଅବସରରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲୋକକଳାର ପ୍ରଚାର, ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳାଜୀବୀର ଲୋକ କଳାକାର ଢୁଲିଆ ଦିଲ୍ଲିପ କୁମାର ସାହୁ ଏବଂ ବିଶିଷ୍ଟ ଘୁଡୁକା ବାଦକ ଉମାକାନ୍ତ ବେହେରାଙ୍କୁ କଳା ଗୌରବ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ସଂଘମିତ୍ରା ପଟେଲ ଏବଂ ଶିକ୍ଷୟିତ୍ରୀ ସୁନିତା ମିଶ୍ର ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କାବିହାରୀ ସାହୁ, ପ୍ରଦୀପ ସାହୁ, ଆଲୋକ ରଞ୍ଜନ ଦାଶ, ରାଧାରାଣୀ ପଟ୍ଟନାୟକ, ବାସମତୀ ବନଛୋର, ଚନ୍ଦ୍ରଶେଖର କମ୍ପ, କମଳ ଲୋଚନ ପଟେଲ, ସନ୍ତୋଷ ସାହୁ, ଚନ୍ଦ୍ରକାନ୍ତ ସାହୁ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଲୋକକଳା ଦିବସ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଟିକେଲାଲ ନାଏକଙ୍କ ବିଭିନ୍ନ ସ୍ୱରରେ ବିଗୁଲ୍ ବାଦନ, ଉମାକାନ୍ତ ନାଏକଙ୍କ ଘୁଡୁକା ନୃତ୍ୟକଳା ଉପସ୍ଥିତ ସମସ୍ତ କଳାକାରଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନିରୁଦ୍ଧ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବ୍ଲକ ପ୍ରଶାସନ ପକ୍ଷରୁର ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଲୋକକଳା ଦିବସ ପାଳନ କରାଯାଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକକଳାକୁ ବଞ୍ଚାଇ ରଖିବାରେ ପଶ୍ଚିମ ଓଡ଼ିଶାର କଳାକାରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସେହିପରି ଅବଲୁପ୍ତପ୍ରାୟ ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ସେ କଳାକାରଙ୍କ ଆହ୍ୱାନ କରିଥିବାବେଳେ ଏଥିରେ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ବିଧାୟକ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକକଳା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଜିଲା କଳା, ସଂସ୍କୃତି ସଂଘର ସଭାପତି ଅମୃତ ବାରିକ ଅନ୍ୟତମ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ହୋଇ ପଶ୍ଚିମ ଓଡ଼ିଶାର ଲୋକକଳା କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଇଥିଲା।

## ଜଳ ସଂରକ୍ଷଣ ଉପରେ ସଚେତନତା

ଭେଡ଼େନ,୧୪।୬ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ବରଗଡ଼ ପକ୍ଷରୁ ବୁଧବାର ଜଳ ସଂରକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣ୍ଡତୁରୁମ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚୋଳଗଙ୍ଗ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଳ ସଂରକ୍ଷଣର ଆବଶ୍ୟକତା ଓ ଏହାର ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ପ୍ରକାଶ କୁମାର ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଯୁବା ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ ପରାମର୍ଶଦାତା ରହିଛନ୍ତି। ଜାତୀୟ ପର୍ବତାରୋହୀ ଆର୍ଶୀବାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମେଧାବୀ ଛାତ୍ରୀ ବନିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ



ପଦ୍ମପୁର, ୧୪।୬(ପ୍ରଦୀପ୍ତ ଦାଶ): ବରଗଡ ଜିଲା ପଦ୍ମପୁର ସରେଇକେଲା ନିକଟଲଖମରା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ବନିତା ପ୍ରଧାନ ନିଜର ଆର୍ଥିକ ଦୁସ୍ଥିତି ମଧରେ ଯୁକ୍ତ ୨କଳାର ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ପ୍ରକାଶିତ ରେଜଲ୍ଟରେ ତାଙ୍କୁ ୭୩ପ୍ରତିଶତ ନମ୍ବର ମିଳିଛି। ଦାରିଦ୍ର୍ୟତା ଉଚ୍ଚଶିକ୍ଷା ପାଇଁ ବାଧକ ସାଜିଥିବା ଏହି ଖବର ଗଣମାଧମରେ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ୫ଟି ସଚିବ ମନିତାଙ୍କୁ ସହାୟତା କରିଥିଲେ। ବୁଧବାର ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷ ମହେନ୍ଦ୍ର ବଢେଇ ନିଜ ବାସଭବନକୁ ଡାକି ବନିତାଙ୍କୁ ଦଶ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆଗକୁ ଆବଶ୍ୟକତାସ୍ଥଳେ ବହିପତ୍ର ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ପାଇଁ ମଧ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ବନିତାଙ୍କ ବାପା ବଢେଇଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଚିନିକଳ ପୁନରୁଦ୍ଧାର ଦାବିକଲା ଏଏପି

- ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀଙ୍କୁ ସ୍ମାରକପତ୍ର
- ଚିନିକଳ ବିକ୍ରି ନିଷ୍ପତ୍ତିକୁ ଦୃଢ଼ ବିରୋଧ

ବରଗଡ଼,୧୪।୬ (ପ୍ରେମାନନ୍ଦ ଖମାରୀ)



ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀଙ୍କୁ ଏଏପି ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ସମବାୟ ଚିନିକଳକୁ ବିକ୍ରି କରିବା ପାଇଁ ରାଜ୍ୟ ସରକାର ଆପାତତଃ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ସାରିଥିବା ସୂଚନା ମିଳିଛି। ତେବେ ଏଭଳି ଏକ ଶିଳ୍ପାନୁଷ୍ଠାନକୁ ହରାଇବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଅନ୍ୟପକ୍ଷେ ଏହା ଏବେ ଏକ ରାଜନୈତିକ ପ୍ରସଙ୍ଗ ମଧ୍ୟ ପାଲଟି ଯାଇଛି। ଆମ୍ ଆଦମୀ ପାର୍ଟି(ଏଏପି) ଚିନିକଳ ବିକ୍ରିକୁ ବିରୋଧ କରିଛି। ବିକ୍ରି ବଦଳରେ ଚିନିକଳର ପୁନରୁଦ୍ଧାର କରାଯାଉ ବୋଲି ଦଳ ଦାବି କରିଛି। ଏହି କ୍ରମରେ ବୁଧବାର ଦଳର ଜିଲା ଆବାହକ ଭବାନୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି ବରଗଡ଼ ସମବାୟ ଚିନିକଳ ଏକ ଲାଭଜନକ ଶିଳ୍ପଭାବେ ସୁଖ୍ୟାତି ଅର୍ଜନ କରି ସାରିଛି। ଏହି ଚିନିକଳ ୧ଲକ୍ଷରୁ ଅଧିକ ମେଟ୍ରିକ ଟନ୍ ଆଖୁ କ୍ରସିଂ କରି ରେକର୍ଡ଼ ସୃଷ୍ଟି କରିଛି। ସେହିପରି ଲକ୍ଷାଧିକ ଲୋକଙ୍କ ରୋଜଗାରର ସାଧନ ମଧ୍ୟ ହୋଇପାରିଛି। ଉକ୍ତ କାରଖାନାର ବର୍ତ୍ତମାନ ବଜାର ମୂଲ୍ୟ ୩୦୦ କୋଟିରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ଏବେ ଶାଗମାଛ ଦରରେ ବିକ୍ରି ପାଇଁ ମସୁଧା କରିବା ଦୁର୍ଭାଗ୍ୟଜନକ ବୋଲି ଏଏପି କହିଛି। ବିକ୍ରି ନ କରି ଉକ୍ତ ଚିନିକଳକୁ ପୁନରୁଦ୍ଧାର କରାଯାଉ ଏବଂ ଏହା ହେଲେ ଲୋକେ ରୋଜଗାର ପାଇବା ସହିତ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି।

ବରଗଡ଼ ସମବାୟ ଚିନିକଳକୁ ପୁନରୁଦ୍ଧାର କରିବା ପାଇଁ ୨୦୧୮-୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଉକ୍ତ ଶିଳ୍ପ ଲାଭଜନକ ଥିବା ଦୃଷ୍ଟିରୁ ସରକାର ସେଭଳି ଘୋଷଣା କରିଥିଲେ। କିନ୍ତୁ ତାହା ଘୋଷଣାରେ ହିଁ ରହିଯାଇଛି। ସେହିପରି ବରଗଡ଼ ଚିନିକଳ ପୁନରୁଦ୍ଧାର ପାଇଁ ଅନେକଥର ସଚିବ ଏବଂ ମନ୍ତ୍ରୀସ୍ତରୀୟ ବୈଠକ ମଧ୍ୟ ବସିଥିଲା ଏବଂ ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ଜିଲାବାସୀ ଆଶା ବାନ୍ଧିଥିଲେ। ମାତ୍ର ଏବେ ଉକ୍ତ ଚିନିକଳକୁ ରାଜ୍ୟ ସରକାର ବିକ୍ରି କରିବା ପାଇଁ ନିଷ୍ପତ୍ତି ନେବା ଘଟଣାରୁ ବରଗଡ଼ ଜିଲାବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଦଳ କହିଛି। ଚିନିକଳ ପୁନରୁଦ୍ଧାର କରାଯାଇ ଆଖୁଚାଷ ଏବଂ ଚାଷୀଙ୍କୁ ପ୍ରୋତ୍ସାହନ ମିଳିବ ଏବଂ ଜିଲାର ପୂର୍ବ ଗୌରବ ଫେରି ଆସିବ। ଫଳରେ ବିକ୍ରିକରା ନଯାଇ ଚିନିକଳକୁ ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନେବାକୁ ଏଏପି ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସମ୍ପାଦକ ଅଭିତାଭ ପାତ୍ର, ଅବିନାଶ ବାଗ, ମରିୟମ ବାର୍ଲା, ସ୍ୱରୂପ ଭୋଇ, ରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ଏସ୍ଆଇ ସ୍ତରରେ ଅଦଳବଦଳ

ବରଗଡ଼,୧୪।୬, ପ୍ରେମାନନ୍ଦ ଖମାରୀ

ବରଗଡ଼ ଜିଲା ପୋଲିସ ସବଇନ୍ସପେକ୍ଟର(ଏସଆଇ)ସ୍ତରରେ ଅଦଳବଦଳ କରାଯାଇଛି। ପୂର୍ବରୁ ବରଗଡ଼ ଟାଉନ ଥାନାକୁ ବଦଳି ହୋଇଥିବା ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗଙ୍କ ବଦଳି ଆଦେଶକୁ ବାତିଲ କରି ତାଙ୍କୁ ବୁଢ଼େନ ଥାନା ଓଆଇସିଭାବେ ବଦଳି ହୋଇଛି। ସେହିପରି ରୁଷୁଡ଼ା ଫାଣ୍ଡି ଅଧିକାରୀ ଅରୂପ ରଞ୍ଜନ ବରାଇଙ୍କୁ ସୋହେଲା ଥାନାକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ବିଜେପୁର ଥାନାର ଏସଆଇ ପ୍ରମୋଦ କୁମାର ସାହୁଙ୍କୁ ଅବସ୍ଥାପିତ କରାଯାଇଛି । ସେହିପରି ପଦ୍ମପୁର ଥାନାରେ କାର୍ଯ୍ୟରତ ଏସଆଇ ପ୍ରକାଶ କୁମାର ପାତ୍ରଙ୍କୁ ବରଗଡ଼ ଟାଉନ ଥାନା ବଦଳି ହୋଇଥିବାବେଳେ ଝାରବନ୍ଧ ଥାନାରେ କାର୍ଯ୍ୟରତ ଏସଆଇ ଜଗା ବରିହାଙ୍କୁ ବିଜେପୁର ଥାନାକୁ ବଦଳି ହୋଇଛି। ବରଗଡ଼ ସଦର ଥାନାରେ କାର୍ଯ୍ୟରତ ଏସଆଇ ବିରେନ୍ଦ୍ର ବାଗଙ୍କୁ ବରପାଲି ଏବଂ ବରଗଡ଼ ସଦର ଥାନାର ଏସଆଇ ପ୍ରଦୀପ କୁମାର ଶବରଙ୍କୁ ଝାରବନ୍ଧ ଥାନାକୁ ବଦଳି ହୋଇଛି।

## ଉପଯୁକ୍ତ ମଞ୍ଚ ମିଳିଲେ ମୌଳିକତା ସୁରକ୍ଷିତ ରହିବ



କଳାକାର ଦିବସରେ ଉପସ୍ଥିତ ଅତିଥି ଓ କଳାକାର।

ପଦ୍ମପୁର, ୧୪।୬ (ପ୍ରଦୀପ୍ତ ଦାଶ)

**ପଦ୍ମପୁରରେ ଲୋକକଳା ଦିବସ ପାଳନ**

ଓଡିଶା ଭାଷା ସଂସ୍କୃତି ଓ ସାହିତ୍ୟ ବିଭାଗ ଦ୍ୱାରା ପଦ୍ମପୁର ବ୍ଲକସ୍ତରୀୟ ଲୋକ କଳା ଦିବସ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧକ୍ଷ ରଞ୍ଜିତ ସିଂ ବରିହାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ନାଟ୍ୟକାର ଅଶୋକ କୁମାର ବହିଦାର, ଚଳଚ୍ଚିତ୍ର ଅଭିନେତା ଜଗନ୍ନାଥ ସେଠ, ଜିପିଇଓ ମୌଧ ମୁଣ୍ଡା, ପ୍ରୋଗ୍ରାମ ସହାୟକ ସନ୍ତୋଷ ବେହେରା,ଏକାଉଣ୍ଟାଣ୍ଟ ପ୍ରାର୍ଚୁର୍ଯ୍ୟ ସାହୁ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ମା' ସମଲେଇଙ୍କଠାରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରମେଶ ଗୁର୍ଲା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ସୁରେନ୍ଦ୍ର ସାହୁ ଓ ସାଥି ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ କଳାକାର ସଂଘ ଉପସଭାପତି ଅଶ୍ୱିନୀ ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭାରତ ସଂସ୍କୃତି ବିଭାଗ ଦ୍ୱାରା ଛାତ୍ରବୃତ୍ତି ପାଇଥିବା ସୁଶ୍ରୀ ବିଦ୍ୟା କଣ୍ଟାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକକଳା ଓ ଲୋକ କଳାକାରଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିପାରିଲେ ପାରମ୍ପରିକତା ଓ ମୌଳିକତା ସୁରକ୍ଷିତ ରହି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କୃଷ୍ଟ କଳା ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସମିତି ସଭ୍ୟ ସୁଦାମ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ସେବାରେ ସମର୍ପିତ ହେବାକୁ ଆହ୍ୱାନ



ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିଙ୍କ ଗହଣରେ ଆୟୋଜକବୃନ୍ଦ ।

ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ କଲ୍ୟାଣୀର ରୌପ୍ୟ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ରକ୍ତଦାତା ଦିବସ ଅବସରରେ ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ଏବଂ ୧୦ଟି ସକ୍ରିୟ ଅଗ୍ରଣୀ ସଂଘକୁ ନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ କଲ୍ୟାଣୀ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦୀର୍ଘ ୨୫ବର୍ଷ ଧରି ସେବାରେ ସମର୍ପିତ କଲ୍ୟାଣୀ ଅନୁଷ୍ଠାନର ରକ୍ତଦାନ ଭଳି ସାମାଜିକ କାର୍ଯ୍ୟ, ସେବାକୁ ଅତିଥିବୃନ୍ଦ ପ୍ରଶଂସା କରିବା ସହିତ ଉକ୍ତ ଅନ୍ୟ ଅନୁଷ୍ଠାନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି ବୋଲି ଅତିଥିମାନେ କହିବା ସହିତ ସେବାକାର୍ଯ୍ୟରେ ଆଗେଇ ଆସିବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଥିଲେ।

ଏହି ଅବସରରେ କଲ୍ୟାଣୀ ଅନୁଷ୍ଠାନର ମୁଖ୍ୟ ପାଣ୍ଡବ କର୍ଣ୍ଣଙ୍କ ପରିଚାଳନାରେ ରକ୍ତଦାନ, ଚକ୍ଷୁଦାନ ଏବଂ ଶରୀର ଦାନ ଶିବିର ହୋଇଥିଲା। ଶିବିରରେ ୨୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାବେଳେ ୨୫ଜଣ ଲେଖାଏ ଚକ୍ଷୁଦାନ ଏବଂ ଶରୀର ଦାନ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଥିଲେ। ରକ୍ତଦାତା ତଥା ଚକ୍ଷୁ, ଶରୀର ଦାନ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିବା ସ୍ୱେଚ୍ଛାସେବୀଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଜିଲା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କର୍ମଚାରୀମାନେ ଚକ୍ଷୁଦାନ, ଶରୀର ଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବରିଷ୍ଠ ନାଗରିକ ସଂଘ, ଜନ କଲ୍ୟାଣ ସେବା ଟ୍ରଷ୍ଟ, ସମ୍ବିଧାନ ସୁରକ୍ଷା ମଞ୍ଚ, ଜୟନ୍ତୀ ଯୁବକ ସଂଘ, ମା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି, ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ପାୱାର ଅଫ୍ ଦିବ୍ୟାଙ୍ଗ, ଏଡିଭର୍ସ ହେଲପିଂ ଫାଉଣ୍ଡେଶନ, ବରଗଡ଼ ଅଟୋ ମାଲିକ ସଂଘ, କୋସଲ ସେନା, କୃଷକ ସଂଗଠନ, ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ, ଦ ପାଓନିୟର ସମେତ ଆଦି ଅନୁଷ୍ଠାନ ତଥା ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ନିଟ୍ (ୟୁଜି-ମେଡିକାଲ)ରେ ବିକାଶର ରେକର୍ଡ ସଫଳତା

ବରଗଡ଼,୧୪।୬(ପ୍ରେମାନନ୍ଦ ଖମାରୀ)



ସଫଳତା ପରେ ବିକାଶ ଶିକ୍ଷାନୁଷ୍ଠାନରେ ଖୁସି ମନାଉଛନ୍ତି ।

ଏନଟିଏ ନିଟ୍(ୟୁଜି-ମେଡ଼ିକାଲ) ୨୦୨୩ ପରୀକ୍ଷାରେ ବିକାଶ ଶିକ୍ଷାନୁଷ୍ଠାନର ମୋଟ୍ ୨୧୦ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ରେକର୍ଡ଼ ସୃଷ୍ଟି କରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୧୨ଜଣ ଛାତ୍ରୀଛାତ୍ର ୬୦୦ ଏବଂ ୨୫ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି ବୋଲି ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗାମର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ସୂଚନା ଦେଇଛନ୍ତି । ଉକ୍ତ ଶିକ୍ଷାନୁଷ୍ଠାନର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ତଥା ବଲାଙ୍ଗୀର ଜିଲା ପାଟଣାଗଡ଼ ମେହେରପଡ଼ାର ରୀନା ଓ ହରିହର ମେହେରଙ୍କ ପୁଅ ଦେବ ଶ୍ରୀୟାଂଶୁ ମେହେର ୬୬୬ ମାର୍କ ସହିତ ସର୍ବଭାରତୀୟ ଓବିସି ବର୍ଗରେ ୧୦୫୫ ର୍ୟାଙ୍କ, ବିକାଶ ସୁପର୍ ୪୦ନିଟ୍ ୨୦୨୨-୨୩ ବ୍ୟାଚର ଛାତ୍ର ତଥା ବରଗଡ଼ କଟାବାହାଲ ନିବାସୀ ବୈଷ୍ଣବୀ ଓ ବିପିନ ବିହାରୀ ନନ୍ଦଙ୍କ ପୁଅ ଚନ୍ଦନ ୬୬୬ମାର୍କ ସହିତ ସର୍ବଭାରତୀୟ ସାଧାରଣ ବର୍ଗରେ ୧୯୨୬ ର୍ୟାଙ୍କରେ ରହିଛନ୍ତି। ସେହିପରି ଉକ୍ତ ଅନୁଷ୍ଠାନର ଜି. ଉଦୟ କିରନ ୬୬୫ ମାର୍କ ସହିତ ସର୍ବଭାରତୀୟ ଓବିସି ବର୍ଗରେ ୧୨୫୨ ର୍ୟାଙ୍କ, ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରୀ ପରିମିତା ଭୋଇ ୬୬୩ ମାର୍କ ସହିତ ଓବିସି ବର୍ଗରେ ୧୩୦୬ ର୍ୟାଙ୍କ ସହିତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ପ୍ରକାଶ କରିଛନ୍ତି । ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରିତିକ କୁମାର ଅଗ୍ରୱାଲ ୬୫୫ ମାର୍କ, ବିଜୟାନନ୍ଦ ପାଣ୍ଡେ ୬୪୬ ମାର୍କ, ରୋଶନୀ ସାହୁ ୬୩୮ ମାର୍କ, ସ୍ମୃତିରାଣୀ ପଧାନ ୬୩୩ ମାର୍କ, ହର୍ଷିତ ରେଖାନୀ ୬୨୫ ମାର୍କ, ସୁରଥ ସାହୁ ୬୧୨ ମାର୍କ, ରୋହିତ କୁମାର ମିଶ୍ର ୬୧୧ ମାର୍କ, ରିତିକ କୁମାର ଦାଶ ୬୦୩ ମାର୍କ ସହିତ ୬୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି ବୋଲି ପରୀକ୍ଷାଫଳର ସମ୍ପୂର୍ଣ୍ଣ ବିବରଣୀ ଦେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ କହିଛନ୍ତି ।



ଦେବ ଶ୍ରୀୟାଂଶୁ ମେହେର



ଚନ୍ଦନ ନନ୍ଦ



ଜି. ଉଦୟ କିରନ୍



ପରିମିତା ଭୋଇ ।

ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ଶିକ୍ଷାବର୍ଷ ୨୦୨୨-୨୩ର ସମସ୍ତ ପରୀକ୍ଷାର ଫଳାଫଳ ଉପରେ ବିଶେଷ ବିବରଣୀ ଦେଇ ଜେଇଇ ମେନ୍ସ ପରୀକ୍ଷାରେ ୬୫ଜଣ ଛାତ୍ରୀଛାତ୍ର, ସିବିଏସଇ ଦ୍ୱାଦଶ ଶ୍ରେଣୀର ୭୨ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ, ସିବିଏସଇ ଦଶମ ଶ୍ରେଣୀର ୭୩ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ, ସିଏଚଏସଇ ଯୁକ୍ତଦୁଇ ପରୀକ୍ଷାରେ ୩ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରୁ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ବୋର୍ଡ଼ ତଥା ପ୍ରବେଶିକା ପରୀକ୍ଷା ପାଇଁ ଗୁଣାତ୍ମକ ମାନର ଶିକ୍ଷାଦାନ ସହିତ ସଫଳତା କୌଶଳ ନିମନ୍ତେ କରାଯାଉଥିବା ଶିକ୍ଷାଦାନ ହିଁ ସଫଳତାର ରହସ୍ୟ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅନନ୍ୟ ସଫଳତାରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି ପ୍ରମୁଖ ସମସ୍ତ ସଫଳ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିକାଶ ଗ୍ରୁପର ତରଫରୁ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସମସ୍ତ ସଫଳ ନିଟ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

- ଅନୁଷ୍ଠାନର ୨୧୦ ଛାତ୍ରୀଛାତ୍ର ସଫଳ
- ସଫଳତା ଶୀର୍ଷରେ ଦେବ ଶ୍ରୀୟାଂଶୁ, ଚନ୍ଦନ
- ୧୨ ଛାତ୍ରୀଛାତ୍ରଙ୍କ ମାର୍କ ୬୦୦ରୁ ଊର୍ଦ୍ଧ୍ୱରେ
- ୫୦୦ମାର୍କରୁ ଊର୍ଦ୍ଧ୍ୱରେ ୨୫ଜଣ ଛାତ୍ରୀଛାତ୍ର

## ସଂକ୍ଷେପରେ

### ଏମ୍‌ସିଏଲ୍ ପକ୍ଷରୁ ରକ୍ତଦାତା ଦିବସ



ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି। ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସମୁଦାୟ ୩୧୮ ୟୁନିଟ୍ ରକ୍ତଦାନ କରିଥିଲେ। କମ୍ପାନୀ ମୁଖ୍ୟାଳୟରେ କେଶବ ରାଓ, ନିର୍ଦ୍ଦେଶକ (ପର୍ସନାଲ), ଏମସିଏଲ ଏବଂ ମେଡିକାଲ ସର୍ଭିସର ମୁଖ୍ୟ ପି.କେ. ପଟେଲ ଉପସ୍ଥିତ ରହିଥିଲେ। ଏହି ଶିବିରରେ ଅତି କମରେ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଯେଉଁଥିରେ ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାର ଲୋକଙ୍କ ଜୀବନ ରକ୍ଷା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ।

### ଜିଏମ୍‌ୟୁର ପରୀକ୍ଷା ଫଳ ପ୍ରକାଶିତ

ସମ୍ବଲପୁର,୧୪।୬ (ଶୁଭାଶିଷ ପାଢୀ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଯୁକ୍ତ ୩ ସ୍ନାତକୋତ୍ତର, ବିବିଏ, ଆଇଏସ୍‌ପି, ଏମସିଏ, ଏମ୍‌ବିଏ, ବିଇଡି ପରୀକ୍ଷା ଫଳ ପ୍ରକାଶ ପାଇଛି। କୁଳପତି ପ୍ରଫେସର ଏନ୍ ନାଗାରାଜୁ ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଉପକୁଳସଚିବ ଉମାଚରଣ ପତି, ବିତ୍ତ ଅଧିକାରୀ କନକଲତା ଏକ୍କା, ଉପ ପରୀକ୍ଷା ନିୟନ୍ତ୍ରକ କନକଲତା ଏକ୍କା, ହେମକୁମାର ନାୟକ ଉପସ୍ଥିତ ଥିଲେ। ଯୁକ୍ତ ୩ କଳାରେ ୯୨.୫୧, ବିଜ୍ଞାନରେ ୮୮.୮୯, ବାଣିଜ୍ୟରେ ୮୪.୮୬, ବିବିଏରେ ୯୧.୯୪, ବିଏସ୍‌ସି-ଆଇଏସ୍‌ଟିରେ ୯୩.୭୫, ସ୍ନାତକୋତ୍ତର କଳା ବିଭାଗରେ ୯୬.୭୭, ବିଜ୍ଞାନରେ ୯୫.୮୫, ବାଣିଜ୍ୟରେ ୯୨, ଏମ୍‌ସିଏରେ ୧୦୦, ଏମ୍‌ବିଏରେ ୯୮.୨୯, ଏମ୍‌ବିଏ (ଏଫ୍‌ଏମ୍)ରେ ୯୧.୫୩, ସ୍ନାତକୋତ୍ତର କଳା ବିଇଡିରେ ୯୮ ଏବଂ ବିଜ୍ଞାନ ବିଇଡ଼ିରେ ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଗତମାସ ୧୬ ତାରିଖରେ ପରୀକ୍ଷା ହୋଇଥିବାବେଳେ ଠିକ୍ ସମୟ ମଧରେ ପରୀକ୍ଷାଫଳ ପ୍ରକାଶ ପାଇଛି। ଯୁକ୍ତ ୩ କଳାର ବିଭିନ୍ନ ବିଷୟରେ ଲୋଚନା ପ୍ରଧାନ, ଅଙ୍କିତା ପ୍ରିୟଦର୍ଶିନୀ ଧର, ଅନ୍ୱେଷା ପଣ୍ଡା, ମେଘା ଡାଗା, କିରଣମୟୀ ସାହୁ, ଅଭିଷେକ ମହାପାତ୍ର, ଦୀନେଶ ମେହେର, କଳ୍ପନା ସା, ରାଜାରାମ ନାୟକ, ସୁସ୍ମିତା ରୋହିଦାସ, ସୁସନ୍ନ ଦାଶ, ହେମାଙ୍ଗିନୀ ପ୍ରଧାନ, ସୌରଭ ପାଢ଼ୀ ଏବଂ ବିଜ୍ଞାନରେ ଜଗଦାନନ୍ଦ ସାହୁ, ସୁଧର୍ମା କୁମାରୀ ସିଂ, ସିପୁନ୍ ମେହେର, ସୋନାଲୀ ଦାଶ, ସଂଜନା ଦାଶ, ସୁଚରିତା ପୂଜାରୀ, ଅନୁରାଗ ରଥ, ବାଣିଜ୍ୟରେ ଶ୍ୱେତା ଚାଟର୍ଜୀ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି।

### ଗୁଲୁଣ୍ଡାରେ ଶିବରାମ ଉତ୍ସବ ଉଦ୍‌ଯାପିତ

ସମ୍ବଲପୁର,୧୪।୬ (ଶୁଭାଶିଷ ପାଢୀ): ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ନିକଟ ଗୁଲୁଣ୍ଡା ଗ୍ରାମରେ ଶିବରାମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ରାମଲୀଳା, ନୃତ୍ୟ, ଗୀତ, ସଞ୍ଚାର, ସମ୍ମାନ ଭଳି କାର୍ଯ୍ୟକ୍ରମ କରାଯାଇ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଗୋପାଳ ପଣ୍ଡା ରାବଣ, ପାର୍ଥ ଭାଟି ରାମ, ତୁଷାର ରଞ୍ଜନ ବାରିକ ଲକ୍ଷ୍ମଣ, ଦମୟନ୍ତୀ ବାରିକ ସୀତା, କିରଟି ମିଶ୍ର ହନୁମାନ ଭୂମିକାରେ ଅଭିନୟ କରିଥିଲେ। ରବୀନ୍ଦ୍ର ପଣ୍ଡା, ଚେନନାମୟୀ ବେହେରା ସଙ୍ଗୀତ ପରିବେଷଣ କରିଥିବା ବେଳେ ସିମରନ ମେହେର ନୃତ୍ୟ ପରିବେଷଣ କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସଙ୍ଗୀତଜ୍ଞ ସନ୍ତୋଷ କୁମାର ମିଶ୍ର, ଚିତ୍ରକାର କୁଳଦିପ ବର୍ମା, ବ୍ୟବସାୟୀ ଶଙ୍କର ପ୍ରସାଦ ଅଗ୍ରୱାଲ, ନୃତ୍ୟଗୁରୁ ମୋହିତ ସ୍ୱାଇଁ, କଣ୍ଠଶିଳ୍ପୀ ପଦ୍ମିନୀ ଡୋରା, ଚାଷୀନେତା ହରିଶଙ୍କର ପୁରୋହିତ, ଶ୍ରୀକର ମିଶ୍ରଙ୍କ ସମେତ ଓଡ଼ିଶା ସାଂସ୍କୃତିକ ସମାଜ, ଉତ୍ସର୍ଗ, ସମ୍ବଳ ଭଳି ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଭିସୁଟ କୁଳପତି ବଂଶୀଧର ମାଝି, ଇଂ ଆଶୋକ ଜଲାନ, ଜ୍ଞାନ ପ୍ରକାଶ ଅଗ୍ରୱାଲ, ଶିଳା ଶିବ ପ୍ରସାଦ, ଡ. ପ୍ରମୋଦ କୁମାର ରଥ, ଗୋପି ରଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

# ଦନ୍ତାହାତୀ ମୃତ୍ୟୁକୁ ନେଇ ବଢ଼ିଲା ସନ୍ଦେହ

## ଟାକ୍ସଫୋର୍ସ ଯାଞ୍ଚ ବିନା ପୋତିଦେଲେ

ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବସିଆପଡା ଗ୍ରାମ ରାସ୍ତାପାର୍ଶ୍ୱ ନାଳ ନିକଟରେ ମଙ୍ଗଳବାର ଏକ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଠାବ କରିଥିଲା। ପେଟଜନିତ ରୋଗରେ ଦନ୍ତାର ମୃତ୍ୟୁ ହୋଇଥିବା ନେଇ ଗଣମାଧ୍ୟମରେ ଏସିଏଫ୍ ତେଜରାଜ ନାୟକ ସୂଚନା ଦେଇଥିଲେ। ହେଲେ ଏବେ ହାତୀମୃତ୍ୟୁ ଘଟଣାକୁ ନେଇ ବନ ବିଭାଗ ଉପରେ ସନ୍ଦେହ ସୃଷ୍ଟି ହୋଇଛି । ସରକାର ହାତୀମୃତ୍ୟୁ ଘଟଣାରେ ତଦନ୍ତ କରିବା ପାଇଁ ମିଳିତ ଟାକ୍ସଫୋର୍ସ ଗଠନ କରିଛନ୍ତି। କୌଣସି ସ୍ଥାନରେ ହାତୀ ମୃତ୍ୟୁ ଘଟିଲେ ଏହି ଟାକ୍ସଫୋର୍ସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପରେ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ଏହି ଟିମ୍‌ରେ ବିଶେଷଜ୍ଞ ରହିଥାନ୍ତି। ଅନେକ ସ୍ଥାନରେ ବନ ବିଭାଗ ଅଧିକାରୀ ନିଜ ଦୋଷ ଦୁର୍ବଳତାକୁ ଚପାଇବାକୁ ଉଦ୍ୟମ କରି ମିଥ୍ୟା ରିପୋର୍ଟ ଦେଇଥାନ୍ତି। ତାହାକୁ ରୋକାଯିବା ଓ ସତ୍ୟାସତ୍ୟ ସାମ୍ନାକୁ ଆଣିବା ଲାଗି ଏହି ଟାକ୍ସଫୋର୍ସ ଗଠନ କରାଯାଇଛି। ହେଲେ ଟାକ୍ସଫୋର୍ସ ଯାଞ୍ଚ ନ କରି ଦନ୍ତାର ମୃତଦେହକୁ ପୋତି ଦିଆଯାଇଥିବା ପରିବେଶ ପ୍ରେମୀ ଅଭିଯୋଗ କରିଛନ୍ତି। ପୋତିବା ସମୟରେ ବନ ବିଭାଗ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ନ ଥିବା ଅଭିଯୋଗ ହେଉଛି। କେବଳ ଏସିଏଫ୍ ନାୟକ, ଦୁଇଜଣ ରେଞ୍ଜ ଅଫିସର ଓ ତଳିଆ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଣିଧନ ବିଭାଗ ଦଳ ବ୍ୟବଚ୍ଛେଦ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ରିପୋର୍ଟ ଦାଖଲ କରି ନାହାନ୍ତି। ପେଟ ରୋଗରେ ପୀଡିତ ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ବନ ବିଭାଗ କହୁଥିଲା। ହେଲେ ହାତୀ ମୁହଁରୁ ରକ୍ତ ବାହାରୁଥିବାରୁ ଏହାକୁ ଶିକାର କରାଯାଇଥିବା, ବିଶାକ୍ତ ଖାଦ୍ୟ, କିମ୍ବା ଆକ୍ରମଣ କରି ଶିକାରୀମାନେ ଆହତ କରିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏସିଏଫ୍ ନାୟକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ। ଆର୍‌ସିସିଏଫ୍ କେ. ଆଶିଷ କୁମାର କହିଛନ୍ତି, ଦନ୍ତା ମୃତ୍ୟୁ ପରେ ଟାକ୍ସଫୋର୍ସ ଯାଞ୍ଚ କରିବା ନିୟମ ରହିଛି। ଘଟଣାକୁ ନେଇ ଟାକ୍ସଫୋର୍ସକୁ ଅବଗତ କରାଯାଇଥିଲା। ଶିକାର ହୋଇ ନ ଥିବା ନେଇ ସୂଚନା ଦେବା ପରେ ପୋତିବା ପାଇଁ ଅନୁମତି ଦେଇଥିଲେ। ଶିକାର ମାମଲରେ ବିଶେଷ ଭାବେ ଟାକ୍ସଫୋର୍ସ ଯାଞ୍ଚ କରିଥାନ୍ତି । ପ୍ରାଣିଧନ ବିଭାଗ ବୃତାନ୍ତ ରିପୋର୍ଟ ଦାଖଲ କରିନାହିଁ ବୋଲି କହିଥିଲେ।

# ପାଉଁଶ ଡମ୍ପିଂ କାମ ବନ୍ଦକଲେ ଜନପ୍ରତିନିଧି

ସମ୍ବଲପୁର୧୪।୬(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ନିଲଡୁଙ୍ଗୁରୀଠାରେ ପାଉଁଶ ଡମ୍ପିଂକୁ ନେଇ ଜୁନ ୧୨ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜନପ୍ରତିନିଧିମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବେଆଇନ ତଥା ସର୍ତ୍ତାବଳୀ ପାଳନ ନ କରି ପାଉଁଶ ପକାଯାଉଥିବା ଦେଖି ସେମାନେ କାମ ବନ୍ଦ କରିଥିଲେ। ଏହାସହ ସଦର ଥାନାରେ କଲ୍ୟାଣି ଟ୍ରାନ୍ସପୋର୍ଟର ନାମରେ ଏତଲା ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଏହି ବ୍ୟବସାୟରେ ଏକ ନିର୍ଦ୍ଦିଷ୍ଟ ରାଜନୀତି ଦଳର ନେତାଙ୍କ ସମ୍ପୃକ୍ତି ରହୁଛି। ପାଉଁଶ ଡମ୍ପିଂ ବେଆଇନ ଭାବେ ଚାଲୁଥିବା ବେଳେ ସରକାରୀ ନିୟମକୁ ବେଖାତିର କରାଯାଇଛି। ସାମାନ୍ୟ ପବନ ହେଲେ ପାଉଁଶ ଉଡି ନିକଟ ଗ୍ରାମ ଏପରି କି ଘରଭିତରେ ପଶୁଛି। ଏଡା ଦ୍ୱାରା ସବୁଜ ବଳୟ ନଷ୍ଟ ହେଉଥିବାବେଳେ ବନ୍ୟପ୍ରାଣୀ ଅସୁରକ୍ଷିତ ମନେକରୁଛନ୍ତି। ଏହାକୁ ନେଇ ନିକଟସ୍ଥ ଗ୍ରାମବାସୀ ବିରୋଧ କରିବା ସହ ଜିଲାପାଳ ଓ ପ୍ରଦୂଷଣ ବିଭାଗରେ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ହୋଇପାରିଲା ନାହିଁ। ନିକଟରେ କୃଷି ବିଭାଗର ତାଲିମ କେନ୍ଦ୍ର, ଜାତୀୟ



ସଦର ଥାନାକୁ ଅଭିଯୋଗ ପାଇଁ ଆସିଥିବା ଜନପ୍ରତିନିଧି।

## ଥାନାରେ ଏତଲା

ରାଜପଥ, ଗ୍ରାମ୍ୟ ଜଙ୍ଗଲ, ଲୋକମାନଙ୍କ ରୟତି ଜମି ରହିଛି। ଏସବୁ ସତ୍ତ୍ୱେ କିଭଳି ଅନୁମତି ଦିଆଯାଇଛି ତାହା ସନ୍ଦେହ ସୃଷ୍ଟି କରୁଛି। ଏହି ଡମ୍ପିଂୟାର୍ଡ ଯୋଗୁ ନୀଳଡୁଙ୍ଗୁରୀ, କୁଡାପଡା, ବାଡାପଡା, ପଇଦାମାଳ, ବେଲଡୁଙ୍ଗୁରୀ, ଡୁରିପଡା, କୁଟୁରାଜୁରି, ବାହାମ, ମାଳିପଡା ଆଦି ଗ୍ରାମ ପ୍ରଭାବିତ ହେଉଛି। ତେଣୁ ଏହି ପାଉଁଶ ଡମ୍ପିଂ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, କବରାପାଲି ସରପଞ୍ଚ ଅନ୍ତର୍ଯାମି ପ୍ରଧାନ, ସମିତି ସଭ୍ୟା ବନିତା ଓରାମ, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଟାମ୍ପରଗଡ ସରପଞ୍ଚ କ୍ଷୀରୋଦ ରାଉଳ, ଜୟନ୍ତପୁର ସମିତି ସଭ୍ୟା ଅନିତା ପ୍ରଧାନ, ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, ପୂର୍ବତନ ସରପଞ୍ଚ ମିତ୍ରଭାନୁ ପ୍ରଧାନ, ସସ୍ମିତା ଦେହୁରି, ଦେବାନନ୍ଦ ଭୋସାଗର ପ୍ରମୁଖ ଉପସ୍ଥିତ ରହିଥିଲେ। ସଦର ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଛି। ହେଲେ ସେଠାରେ ଲାଗିଥିବା ହାଇୱା ଓ ଅନ୍ୟ ଗାଡି ଫେରାର ହୋଇଯାଇଥିଲା। ପୋଲିସ ତଦନ୍ତ ଆରମ୍ଭ କରି ଟ୍ରାନ୍ସପୋର୍ଟର ସଂସ୍ଥାକୁ କାଗଜପତ୍ର ସହ ଥାନାକୁ ଆସିବାକୁ କହିଛି।

# କେନାଲ କାମ ବନ୍ଦ କଲା ଏମ୍‌ଆଇ ବିଭାଗ

ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ)

ଯୁଯୁମୁରା ବ୍ଲକରେ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୮୦ ଲକ୍ଷ ଟଙ୍କାରେ କେନାଲ ନିର୍ମାଣ ଚାଲିଥିଲା। ଚାଷୀଙ୍କ ଅଭିଯୋଗ ଆଧାରରେ ଧରିତ୍ରୀରେ ଜୁନ ୭ ତାରିଖରେ ଖବର ପ୍ରକାଶ ପାଇଥିଲା। ଏହା ପରେ ବିଭାଗୀୟ ତତ୍ପରତା ଦେଖାଦେଇଥିଲା। ଘଟଣାସ୍ଥଳ ପରିଦର୍ଶନ କରି ଅସ୍ଥାୟୀ ଭାବେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନେ ମଧ ଉପସ୍ଥିତ ରହି ଆରମ୍ଭରୁ ହୋଇଥିବା ନିମ୍ନମାନର କାମ ଭାଙ୍ଗି ଆଉଥରେ କରିବାକୁ ଦାବି କରିଥିଲେ। ନଚେତ୍ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିବେ ବୋଲି ଚେତବାନୀ ଦେଇଥିଲେ। ଚାଷୀଙ୍କ ଅଭିଯୋଗକ୍ରମେ ଏତେ ଟଙ୍କାର କାମ ହେଉଥିଲେ ବି ବିଭାଗୀୟ ଅଧିକାରୀ



## ଧରିତ୍ରୀ ପ୍ରଭାବ

ଘଟଣା ସ୍ଥଳକୁ ଆସୁନାହାନ୍ତି। ତେଣୁ ନିମ୍ନମାନର କାମ କରିବାକୁ ଠିକାଦାରଙ୍କୁ ସୁବିଧା ହେଉଛି। ଏହି କେନାଲ ନିର୍ମାଣ ହେଲେ ଶହ ଶହ ଚାଷୀ ଉପକୃତ ହୋଇପାରିବେ। ଯେଉଁଭଳି କାମ ହୋଇଛି ଗୋଟିଏ ବର୍ଷ ପାଣି ଚାଲିଲେ କଂକ୍ରିଟ ଉଠିଯିବ। ଗତବର୍ଷ କାମରେ ତାହା ଦେଖିବାକୁ ମିଳିଛି। ଯଦି କାମ ଚାଲିଥିବା ସମୟରେ ବିଭାଗ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ ନ କରେ ତା'ହେଲେ କେନାଲ ସ୍ଥାୟିତ୍ୱ ରହିବ ନାହିଁ ବୋଲି ଚାଷୀମାନେ କହିଥିଲେ। ଶେଷରେ କାମ ବନ୍ଦ ହୋଇ ରହିଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଲକ୍ଷ୍ମଣ ମାଝି କହିଛନ୍ତି, ଚାଷୀମାନେ ଅଭିଯୋଗ କରିବା ପରେ କାମ ବନ୍ଦ କରାଯାଇଛି। ଚାଷୀଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ପରାମର୍ଶ ସହିତ ଯାହା ବ୍ୟୟ ଅଟକଳ ରହିଛି ସେ ଅନୁସାରେ କାମ ହେବ ବୋଲି କହିଥିଲେ।

# ଡାକ୍ତରଖାନା କୋଠା ନିର୍ମାଣର ତଦନ୍ତ



କୋଠା ନିର୍ମାଣ ସ୍ଥଳରେ ବିଧାୟକ, ଉପଜିଲାପାଳ ଓ ବ୍ଲକ ଅଧ୍ୟକ୍ଷ।

କୁଚିଣ୍ଡା,୧୪।୬(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ଡୁରେଇନିକ୍ରିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ୨କୋଟି ଟଙ୍କା ବ୍ୟୟ ଅଟକଳରେ ଏନ୍‌ବିସିସି ନାମକ ଠିକା ସଂସ୍ଥା ପକ୍ଷରୁ ନିର୍ମାଣ ଚାଲିଛି। ସୋମବାର କୁଚିଣ୍ଡା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ପାଇଁ ଆସିଥିବା ସମ୍ବଲପୁର ଜିଲାପାଳଙ୍କୁ ନିମ୍ନମାନର କାମ ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ବୁଧବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଉପଜିଲାପାଳ

## ଧରିତ୍ରୀ ପ୍ରଭାବ

ବିଭୂତିଭୂଷଣ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ନିର୍ମାଣ କାମର ପ୍ରାଥମିକ ତଦନ୍ତ କରିଛନ୍ତି। କାର୍ଯ୍ୟସ୍ଥଳରେ ଠିକା ସଂସ୍ଥାର କର୍ମଚାରୀ ନ ଥିବାରୁ ଏହାର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏଥିରେ ଉପଜିଲାପାଳ ବିରକ୍ତି ପ୍ରକାଶ କରି ତାଙ୍କ ଅଫିସକୁ ଆସି ଏ ସମ୍ପର୍କିତ କାଗଜପତ୍ର ନ ଦେଖାଇବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ତାଗିଦ କରିଥିଲେ। ଏହାଛଡା ଉପଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଏକ ବୈଷୟିକ କମିଟି ମଧ୍ୟ ଗଠନ କରିଛନ୍ତି।

## ନାନୋ ୟୁରିଆ ଓ ଡିଏପି ସାର ବ୍ୟବହାର ଉପରେ ସମ୍ମିଳନୀ

କୁଚିଣ୍ଡା,୧୪।୬(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ଟାଉନ ହଲଠାରେ ତରଳ ନାନୋ ୟୁରିଆ ଓ ଡିଏପି ସାର ବ୍ୟବହାର ଉପରେ ମଙ୍ଗଳବାର ଇଫ୍‌କୋ କମ୍ପାନୀ ଓ କୃଷି ବିଭାଗ ପକ୍ଷରୁ ଉପଖଣ୍ଡ ସ୍ତରୀୟ ସଚେତନତା ସମବାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଇଫ୍‌କୋ ସମ୍ବଲପୁର ଏରିଆ ମ୍ୟାନେଜର ଗୁନା ସାହୁଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଉପଜିଲାପାଳ ବିଭୂତିଭୂଷଣ ନାୟକ, ସମ୍ବଲପୁର ସିଡିଏଓ ଗୌରୀ ଶଙ୍କର ସିଂ, ଏଆର୍‌ସିଏସ୍ ଭବାନୀକାନ୍ତ ନାଏକ, ରାଜ୍ୟ ଇଫ୍‌କୋ ମାର୍କେଟିଂ ମ୍ୟାନେଜର ସୌରଭ କୁମାର ଚାଟାର୍ଜୀ, କୁଚିଣ୍ଡା ଉପଖଣ୍ଡ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତରଳ ୟୁରିଆ ଓ ଡିଏପି ବ୍ୟବହାର ଉପରେ ଆଲୋଚନା କରିଥିଲେ। ନାନୋ ତରଳ ୟୁରିଆ ଓ ଡିଏପି ଦାନାଦାର ସାରଠାରୁ କମ୍‌ମୂଲ୍ୟ ହୋଇଥିବା ବେଳେ ଏହା ଫସଲକୁ ଅଧିକ ପୋଷକତତ୍ତ୍ୱ ଯୋଗାଇଥାଏ ବୋଲି ଅତିଥି ମାନେ ଆଲୋଚନା କହିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର କୃଷି ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ।

## ପଞ୍ଚାୟତ ସମିତି ବୈଠକରେ ପାନୀୟ ଜଳକୁ ଗୁରୁତ୍ୱ

କୁଚିଣ୍ଡା,୧୪।୬(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାଏକ, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ଦିବ୍ୟରାଜ କିଷାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ କୁମାର ସା, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଜିପିଇଓ ଶିବନାଥ ପଟେଲଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ବିଦ୍ୟୁତ୍, ପାନୀୟ ଜଳ, କୃଷି, ଉଦ୍ୟାନ, ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ପାନୀୟ ଜଳ ଉପରେ ଆଲୋଚନା କରାଯାଇ ଯେଭଳି କୌଣସି ଗ୍ରାମରେ ଜଳ ସମସ୍ୟା ଦେଖା ନ ଦିଏ ସେଥିପ୍ରତି ଜନ ପ୍ରତିନିଧି ନଜର ରଖିବାକୁ ନିଷ୍ପତ୍ତି ହୋଇଥିଲା।

# ସମ୍ବଲପୁର ବିକାଶର ନିଟ୍ ୨୦୨୩ ସଫଳତା



ସମୀର କୁମାର ମେହେର



ସ୍ୱୟଂଜିତ ପାଣିଗ୍ରାହୀ



ଆର୍ଯ୍ୟନ କୁମାର

ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ)

ଏନ୍‌ଟିଏ ଦ୍ୱାରା ପ୍ରକାଶ ପାଇଥିବା ନିଟ୍ -୨୦୨୩ ପରୀକ୍ଷା ଫଳାଫଳରେ ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଏକାଡେମିକ୍ ଡାଇରେକ୍ଟର ଜି. ରାମକୃଷ୍ଣଙ୍କ ସୂଚନା ଅନୁସାରେ, ସ୍କୁଲର ସମୀର କୁମାର ମେହେର ୭୨୦ରୁ ୬୩୮ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍ୱୟଂଜିତ ପାଣିଗ୍ରାହୀ ୫୪୨ ଓ ଆର୍ଯ୍ୟନ କୁମାର ୫୨୫ ମାର୍କ ରଖି ସ୍କୁଲର ଖ୍ୟାତି ବଢ଼ାଇଛନ୍ତି। ଏହା ପୂର୍ବରୁ ଜେଇଇ ମେନ୍ସ ୨୦୨୩ ପରୀକ୍ଷାରେ ୧୩ ଛାତ୍ରୀଛାତ୍ର ସଫଳତା ଅର୍ଜନ କରି ସ୍କୁଲର ନାଁ ରଖିଛନ୍ତ। ୩୦ ଜଣ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ୍ କଲେଜରେ ସିଟ୍ ପାଇବା ସମ୍ଭାବନା ରହିଛ। ଛାତ୍ରୀଛାତ୍ରଙ୍କ ଏହି କୃତୀ ପାଇଁ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଖୁସି ବ୍ୟକ୍ତ କରିଛନ୍ତ। ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ, ସେଣ୍ଟ୍ରାଲ୍ ଏକାଡେମିକ୍ ସିଷ୍ଟମ୍ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଏକାଡେମିକ୍ ଅଧିକାରୀ ପୁଷ୍ପିତା ପଣ୍ଡା ଅଭିଜ୍ଞ ଶିକ୍ଷକମାନଙ୍କ ବିଶେଷ ଧ୍ୟାନ ଯୋଗୁ ଏହା ସମ୍ଭବ ହୋଇପାରିଛ। ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି।

# ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଙ୍ଗଠନ ସଜାଡୁଛି ଭାଜପା

ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ)

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏବେ ଦଳକୁ ମଜବୁତ କରିବାକୁ ପୁରୁଣା କର୍ଯ୍ୟକର୍ତ୍ତାଙ୍କ ମାର୍ଗଦର୍ଶନ ନିହାତି ଆବଶ୍ୟକ। ଯୁବବର୍ଗଙ୍କୁ ସଂଗଠନ କରିବା ନେଇ ପୁରୁଣା କାର୍ଯ୍ୟକର୍ତ୍ତା ସହଯୋଗ କରନ୍ତୁ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଭାଜପା ସମ୍ବଲପୁର ବିଧାନସଭା ସ୍ତରୀୟ ବୈଠକରେ ମତପ୍ରକାଶ ପାଇଥିଲା। ଭାଜପା ଜିଲା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ବିଧାନସଭା ଅନ୍ତର୍ଗତ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ଅଞ୍ଚଳର ବହୁ ଦଳୀୟ ପୁରାତନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବୈଠକରେ ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବରିଷ୍ଠ ଭାଜପା ନେତା ଶଶିଭୂଷଣ ତ୍ରିପାଠୀ, ରାମଚନ୍ଦ୍ର ମେହେର, ସୁନିଲ ନନ୍ଦ ମଞ୍ଚାସୀନ ଥିଲେ। ଏଥିସହ ମୋଦି ସରକାରଙ୍କ ୯ବର୍ଷର ସେବା ସୁଶାସନ ଓ ଗରିବ କଲ୍ୟାଣ ବର୍ଷରେ କରାଯାଇଥିବା କାର୍ଯ୍ୟ ନେଇ ମଧ୍ୟ ଆଲୋଚନା କରାଯାଇଥିଲା ।

# ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ

ଜମନକିରା,୧୪।୬(ରବୀନ୍ଦ୍ର ଦାନି)

ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ କୁମ୍ଭୀଆଚୁଆଁ ଗ୍ରାମ ବଡ଼କଛାର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, କଟଙ୍ଗପାଣି ସରପଞ୍ଚ ଡୁଲେଶ୍ୱରୀ ମାଝି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କୁମ୍ଭୀଆଚୁଆଁ ବିକେସି କ୍ଲବ ପକ୍ଷରୁ ଶିବିର ଆୟୋଜନ କରାଯାଇଥିବା ବେଳେ ଜମନକିରା ଯୁବ ସଚେତନ ନାଗରିକ ସଂଘ ଓ କୁଚିଣ୍ଡା ଚାଇଲ୍ଡ ଲାଇନ ପକ୍ଷରୁ ସହଯୋଗ କରାଯାଇଥିଲା। ଶିବିରରେ ମୋଟ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କୁଚିଣ୍ଡା ରକ୍ତଭଣ୍ଡାର ଟେକ୍ନିସିଆନ ପ୍ରମୋଦ କୁମାର ପଟେଲ, ମାନସ କୁମାର ମହଲା, କର୍ମଚାରୀ ମିତ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ।





ଜଣେ ରକ୍ତଦାତାଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

# ନଦୀ ଶୁଖିଲା, ୧୫ଦିନ ଜଳଯୋଗାଣ ଠପ୍

ସମ୍ବଲପୁର,୧୪।୬(ଶୁଭାଶିଷ ପାଢୀ)

ଘରେ ଘରେ ଜଳ ପହଞ୍ଚାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ବଲପୁର ମହାନଗର ନିଗମ ୪୦ ନମ୍ବର ୱାର୍ଡ ମାନେଶ୍ୱର ବାସୀଙ୍କ ପାଇଁ ଅପହଞ୍ଚ ହୋଇରହିଛି। ପ୍ରାୟ ୧୫ବର୍ଷ ଧରି ମାନେଶ୍ୱର ମାଳତୀ ନଦୀରେ ଏକ ବ୍ୟାରେଜ ନିର୍ମାଣ କରି ମାନେଶ୍ୱର ସମେତ ସହରକୁ ଜଳ ଯୋଗାଣ କରିବାକୁ ଯୋଜନା କରଯାଇଥିଲା। ହେଲେ ଏହା ଶୀତଳ ଭଣ୍ଡାରରେ ରହିଛି।

ୱାର୍ଡବାସୀଙ୍କ ଅଭିଯୋଗ କ୍ରମେ ମାନେଶ୍ୱର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଭୂତଳଜଳ ହ୍ରାସ ଯୋଗୁ ବୋରୱେଲ ଖୋଳିଲେ ସଫଳ ହେଉ ନାହିଁ। ତେଣୁ ପିଏଚ୍‌ଡି ପାଣି ଉପରେ ଲୋକଙ୍କ ଭରସା। ମାନେଶ୍ୱର, ହାଲିପାଲି, ବ୍ରାହ୍ମଣିପାଲି, ମିର୍ଗାମୁଣ୍ଡା, ମାନେଶ୍ୱର ହରିଜନପଡା, ପୂଜାରୀପଡା, ସୁଡୁଙ୍ଗା ଭଳି ଗ୍ରାମ ଗୁଡିକରେ ପାଣି ସମସ୍ୟା ସଙ୍ଗିନ। ମାଳତୀ ନଦୀରେ ଇନ୍‌ଟେକ୍ ୱେଲ କରାଯାଇ ପିଏଚ୍‌ଡି ବିଭାଗ ପକ୍ଷରୁ କେତେକ ଗ୍ରାମକୁ ପାଣି ଦିଆଯାଉଥିଲା। ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ। ହେଲେ ମଧ୍ୟ ଲୋକମାନଙ୍କ ସୁବିଧା ପାଇଁ ପାଣି ଛଡାଯାଉଥିଲା। ଏବେ ମାଳତୀ ନଦୀ ଶୁଖିଲା ପଡିଥିବାରୁ ପାଣି ଯୋଗାଣ ବନ୍ଦ ହୋଇଯାଇଛି। କେବଳ ମାନେଶ୍ୱର ନୁହେଁ, ଏହି ଇନ୍‌ଟେକ ୱେଲରୁ ନକ୍ସାପାଲି, ଭତରା, ମଠପାଲି ପର୍ଯ୍ୟନ୍ତ ପାଣି ଯୋଗାଣ ହେଉଥିଲା। ଏବେ ନିର୍ଭର କରୁଥିବା ସମସ୍ତ ଅଞ୍ଚଳରେ ଜଳକଷ୍ଟ ଦେଖାଦେଇଛି। ଏହି ପ୍ରକଳ୍ପ ଆରମ୍ଭ ସମୟରେ ପିଏଚ୍‌ଡି ପକ୍ଷରୁ ଗୋଟିଏ ପମ୍ପ ହାଉସ ଖରାପ ହେଲେ କିମ୍ବା ପାଣି ସମସ୍ୟା ହେଲେ ନିକଟସ୍ଥ ପମ୍ପ ହାଉସରୁ ପାଣି ପମ୍ପିଂ କରି ଯୋଗାଣ କରାଯିବ ବୋଲି କୁହାଯାଇଥିଲା। ହେଲେ ନଦୀ ଶୁଖିଲା ଯୋଗୁ ଏବେ ମାନେଶ୍ୱର



ମାଳତି ନଦୀ ଶୁଖିଲା ପଡିଥିବା ବେଳେ ଅଚଳ ଇନ୍‌ଟେକ ୱେଲ।

## ମାଳତୀ ନଦୀରେ ବ୍ୟାରେଜ ନିର୍ମାଣ ଦାବି

ଇନ୍‌ଟେକ ୱେଲରୁ ପାଣି ଯୋଗାଣ ବନ୍ଦ ହୋଇଛି। ଏପରି ସମୟରେ ନିକଟସ୍ଥ ପମ୍ପହାଉସରୁ କିଭଳି ପାଣି ଯୋଗାଇ ଦିଆଯାଉ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଏସବୁକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସରକାର ଅନୁଦାନ ଦେଇ ମାଳତୀ ନନୀରେ ଏକ ବ୍ୟାରେଜ ନିର୍ମାଣ କରି ପାନୀୟ ଜଳ ସମସ୍ୟା ଦୂର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପିଏଚ୍‌ଡି ନିର୍ବାହୀଯନ୍ତ୍ରୀ ପରମେଶ୍ୱର ଦାସ କହିଛନ୍ତି, ନଦୀ ଶୁଖିଲା ଥିବାରୁ ଜଳ ଯୋଗାଣ ବନ୍ଦ ହୋଇଛି। ଏବେ ଗାଡି ଯୋଗେ ପାନୀୟ ଜଳ ଦିଆଯାଉଛି। ୨ଦିନ ଭିତରେ ଅନ୍ୟ ପମ୍ପହାଉସରୁ ପମ୍ପିଂ କରି ପାଣି ଦିଆଯିବାକୁ ଯୋଜନା ରହିଛି ବୋଲି ସେ କହିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩

**ବିଶ୍ୱ ରକ୍ତଦାତା ଦିବସ ପାଳିତ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ବିଶ୍ୱ ରକ୍ତଦାତା ଦିବସ ବୁଧବାର ପାଳିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କୁବେର ଚନ୍ଦ୍ର ମହନ୍ତ ମୁଖ୍ୟ ଅତିଥି, ରକ୍ତଭଣ୍ଡାର ପରିଚାଳନା ସମିତି ସଭାପତି ତଥା ତହସିଲଦାର ଅମୃତଲାଲ ବେହେରା ସମ୍ମାନିତ ଅତିଥି, ରକ୍ତ ଭଣ୍ଡାର ଅଫିସର ଡା.ଏମ୍.ଶ୍ରଦ୍ଧାଞ୍ଜଳି, ମେଡିକାଲ ଅଫିସର ରାକେଶ ପଣ୍ଡିତ, ମାରୱାଡି ଯୁବାମଞ୍ଚ ସଭାପତି ମଞ୍ଚାସୀନ ଥିଲେ । ଏହି ଅବସରରେ ଯୁବାମଞ୍ଚ ବିକାଶ ଶାଖା ତରଫରୁ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।



## ସଂକ୍ଷେପରେ

### ୨୨ରେ ଭବାନୀପାଟଣା ଆସିବେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ

ଭବାନୀପାଟଣା,୧୪।୬ (ଉତ୍ତମ କୁମାର ଦାଶ): ଭବାନୀପାଟଣା ଆସିବେ ଭାଜପା



ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା। ଆସନ୍ତା୨୨ରେ ସେ ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମରେ ଭାଜପା ପକ୍ଷରୁ ଅନୁଷ୍ଠିତ ମହା ଜନ ସମ୍ପର୍କ ଅଭିଜାନରେ ଯୋଗଦେଇ ଲୋକଙ୍କୁ ୯ବର୍ଷର ମୋଦି ସରକାରଙ୍କ ସଫଳତାର ବାର୍ତ୍ତା ଦେବେ। ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ଭବାନୀପାଟଣା ଗସ୍ତକୁ ନେଇ ଏବେଠୁ ଜିଲାର ଭାଜପା ଶିବିର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଦଳୀୟ ନେତା, କର୍ମକର୍ତ୍ତାଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି।

### ବାଇକ୍ ଡିକିରୁ ଅଢେ଼ଇ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ



ଭବାନୀପାଟଣା,୧୪।୬ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଏକ ପେଟ୍ରୋଲ ପମ୍ପରେ ବୁଧବାର ମଧାହ୍ନରେ କିଶୋରୀ ମେହେରାଙ୍କ ବାଇକ ଡିକିରୁ ଅଢେଇ ଲକ୍ଷ ଟଙ୍କା ଲୁଟିନେଇ ଦୁର୍ବୃତ୍ତ ଚମ୍ପଟ ମାରିଛନ୍ତି। ଏ ନେଇ କିଶୋରୀ ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମର କିଶୋରୀ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମେହେର ଏସବିଆଇରୁ ଅଢେଇ ଲକ୍ଷ ଟଙ୍କା ଉଠାଇ ଡିକିରେ ରଖି ଘରକୁ ଆସୁଥିଲେ। ସହର ମଧ ଭାଗରେ ଥିବା ଏକ ପମ୍ପକୁ ପେଟ୍ରୋଲ ପକାଇବା ପାଇଁ ଯାଇଥିଲେ। ଶୋଷ ଲାଗିବାରୁ ଡିକିରୁ ପାଣି ବୋତଲ କାଢି ପମ୍ପରେ ଥିବା ନଳକୂପକୁ ଉଭୟେ ପାଣି ଆଣିଯାଇଥିଲେ। ପୂର୍ବରୁ ବାଇକ୍‌ରେ ପିଛା କରୁଥିବା ୨ ଦୁର୍ବୃତ୍ତ ହଠାତ୍ କିଶୋରୀଙ୍କ ବାଇକ୍ ପାଖକୁ ଆସି ଡିକିରେ ଥିବା ଅଢେଇ ଲକ୍ଷ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏହି ସମସ୍ତ ଘଟଣାର ଚିତ୍ର ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ତିନୋଟି ସ୍ଥାନରେ ଜଳିଲା ଜୁଇ

ବଲାଙ୍ଗୀର, ୧୪।୬(ବୀରେନ୍ଦ୍ର ଝାଙ୍କର)


ଆତ୍ମଜ ନାଏକ


ଇପସିତା ସାଏ


ଦୀପ୍ତିରଞ୍ଜନ ସାଏ


ରିଆ ସାଏ


ଆର୍‌ଭି ସାଏ

**ଟ୍ରକ୍ ପଛ ପଟେ କାର୍ ପିଟିହେବା ଘଟଣା**
- ଅଶ୍ରୁଳ ବିଦାୟ ଦେଲେ ସମ୍ପର୍କୀୟ, ଗ୍ରାମବାସୀ
- ବୁର୍ଲା ସ୍ଥାନାନ୍ତର ହେଲେ ୨ ଗୁରୁତର

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବୀରମୁଣ୍ଡା ଛକରେ ମଙ୍ଗଳବାର ରାତିରେ ବଲାଙ୍ଗୀର ପଟକୁ ଆସୁଥିବା ଏକ କାର୍ ରାସ୍ତାକଡରେ ଛିଡା ହୋଇଥିବା ଟ୍ରକ୍ ପଛପଟେ ପିଟି ହୋଇଯିବାରୁ କାରରେ ଥିବା ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ବଲାଙ୍ଗୀର ସହର ରାମଜୀପଡା ନିବାସୀ ଡା. ଜୟନ୍ତ ନାଏକଙ୍କ ପୁଅ ଆତ୍ମଜ ନାଏକ(୨୫), ଝିଅ ତଥା କନ୍ଧପାଲିପଡା ନିବାସୀ ସୀତାକାନ୍ତ ସାଏଙ୍କ ସ୍ତ୍ରୀ ଇପସିତା ସାଏ (୨୭), ଇପସିତାଙ୍କ ଝିଅ ରିୟା ସାଏ (୫), ମୃତ ଆତ୍ମଜଙ୍କ ମାମୁଁ ତଥା ସଦାଇପାଲି ନିବାସୀ ଦୀପ୍ତିରଞ୍ଜନ ସାଏ (୩୫), ଦୀପ୍ତିରଞ୍ଜନଙ୍କ ଝିଅ ଆର୍‌ଭି (୬)ଙ୍କ ମୃତ୍ୟୁ ଘଟିଥିଲା। ଦୀପ୍ତିରଞ୍ଜନଙ୍କ ସ୍ତ୍ରୀ ରଶ୍ମିତା ସାଏ (୩୦) ଓ ଡାକ୍ତର ନାଏକଙ୍କ ସ୍ତ୍ରୀ ଆରତୀ ନାଏକ (୫୦) ଗୁରୁତର ଅବସ୍ଥାରେ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ଦୁଇ ଗୁରୁତରଙ୍କୁ ବିଳମ୍ବିତ ରାତିରେ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଥିଲା। ୫ ଜଣଙ୍କ ମୃତଦେହକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଥିଲା। ମଙ୍ଗଳବାର ଆଗଲପୁର ଥାନାର ଡୁଡୁକା ଗାଁରେ ଅନୁଷ୍ଠିତ ଏକ ବିବାହ ଭୋଜିରେ ଯୋଗଦେଇ ଏକ କାରରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବୁଧବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାର ପାଖ ଲୋକାରଣ୍ୟ ହୋଇଥିଲା। ବଲାଙ୍ଗୀର ସହର ରାମଜୀପଡା, ଜଗନ୍ନାଥପଡା, କନ୍ଧପାଲିପଡା, ସହର ଉପକଣ୍ଠ ସଦାଇପାଲି, ମାଧିଆପାଲି ଗାଁର ଶତାଧିକ ଲୋକ ଏବଂ ସମ୍ପର୍କୀୟ ରୁଣ୍ଡ ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମାଧିଆପାଲି ନିକଟରେ ମୃତ ଆତ୍ମଜ ନାଏକଙ୍କୁ ଦାହ ସଂସ୍କାର କରାଯାଇଥିଲା। କନ୍ଧପାଲିପଡା ଶ୍ମଶାନରେ ସୀତାକାନ୍ତ ସାଏଙ୍କ ମୃତ ସ୍ତ୍ରୀ ଇପସିତା ସାଏ ଓ ଝିଅ ରିୟା ସାଏଙ୍କ ଦାହସଂସ୍କାର କରାଯାଇଥିଲା। ସଦାଇପାଲିଠାରେ ଦୀପ୍ତିରଞ୍ଜନ ସାଏ ଓ ତାଙ୍କ ଝିଅ ଆର୍‌ଭିଙ୍କ ଦାହସଂସ୍କାର କରାଯାଇଥିଲା। ଗୋଟିଏ କାର ଦୁର୍ଘଟଣା ତିନୋଟି ପରିବାରକୁ ଦୋହଲାଇ ଦେଇଛି। ଜନସାଧାରଣ ଅଶ୍ରୁଳ ବିଦାୟ ଦେଇଛନ୍ତି ମୃତକଙ୍କୁ ଏବଂ ସମବେଦନା ଜଣାଇଛନ୍ତି ପୀଡିତ ପରିବାରକୁ। ପୁଅ ଆତ୍ମଜ, ଝିଅ ଇପସିତା, ନାତୁଣୀ ରିଆ, ଶାଳ ଦୀପ୍ତିରଞ୍ଜନ, ଶଳାଝିଅ ଆରଭିଙ୍କୁ ହରାଇ ଡା. ଜୟନ୍ତ ନାଏକ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ସେପଟେ ବୁର୍ଲା ମେଡିକାଲରେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ସ୍ତ୍ରୀ ଆରତୀ। ଗୋଟିଏ କାର ଦୁର୍ଘଟଣା ଡା ଜୟନ୍ତଙ୍କ ପରିବାରକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ଦୁଇ ଛୋଟ ଶିଶୁଙ୍କ ମୃତ୍ୟୁ ଅନେକଙ୍କ ଆଖିରେ ଲୁହ ଭରିଦେଇଛି। ଆଉ ତିନି କିଲୋମିଟର ଆସିଥିଲେ ଘରେ ପହଞ୍ଚିଥାନ୍ତେ ସପରିବାର। ହେଲେ ସବୁଦିନ ପାଇଁ ଆଖି ବୁଜିଦେଲେ ପୁଅ, ଝିଅ, ନାତୁଣୀ, ଶଳା, ଶଳାଝିଆ ଏହି ଘଟଣା ବଲାଙ୍ଗୀରବାସୀଙ୍କୁ ଦାରୁଣ ଦୁଃଖ ଦେଇଛି।

# ବିଶ୍ୱ ରକ୍ତଦାତା ଦିବସ ପାଳିତ

ନୂଆପଡ଼ା,୧୪।୬(ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଜିଲା ଷ୍ଟୁଡେଣ୍ଟ ରକ୍ତଦାତା ମହାସଂଘ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ୨୧୬ ବାଟାଲିଆନ ସିଆଇପିଏଫ କମାଣ୍ଡେଣ୍ଟ ଏରିକ ଗିଲବଟ ଯୋଶ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ବ୍ଲଡବ୍ୟାଙ୍କ ଅଧିକାରୀ ଡା. ଚିତ୍ତରଞ୍ଜନ ବାରିକ, ଡା.ଅନୀଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ସର୍ବ ପ୍ରଥମେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ରକ୍ତଦାନ କରିଥିବା ବେଳେ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ନିୟମିତ ରକ୍ତଦାତା କିଶୋର କୁମାର ପରିଡା ପରିଚାଳନା କରିଥିଲେ। କଳାହାଣ୍ଡି ଜିଲା ନର୍ଲାସ୍ଥିତ ସେବାକାରୀ କିନ୍ନର ମହାସଂଘର ୫ଜଣ ସଦସ୍ୟ ରକ୍ତଦାନ କରିଥିବା ବେଳେ ପୁରି ଜିଲାର ଅଲଟାଇମ ହେଲ ଗ୍ରୁପର ୩ଜଣ ସହ ୨୧୬ ବାଟାଲିଆନ ସିଆରପିଏଫ ଯବାନମାନେ ମଧ୍ୟ ରକ୍ତଦାନ କରିଥିଲେ। ଷ୍ଟୁଡେଣ୍ଟ ରକ୍ତଦାତା ମହାସଂଘ ସଭାପତି ମନୋଜ କୁମାର ସାହୁ, ଦିପ୍ତି ରଞ୍ଜନ ପଣ୍ଡା, ବିକି ଗୁପ୍ତା, ହର୍ଷବର୍ଦ୍ଧନ ବାଗ, ପବିତ୍ର ମହାନନ୍ଦ, ପ୍ରତିଭା ପଟେଲ, ତିଳକ ସତନାମୀ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଗୃହରକ୍ଷୀଙ୍କୁ ଆର୍ଥିକ ସହାୟତା

ନୂଆପଡ଼ା,୧୪।୬(ମକାରୁ ବେମାଲ)

ନୂଆପଡା ଜିଲାରେ କାର୍ଯ୍ୟରତ ଗୃହରକ୍ଷୀମାନଙ୍କ ମଧ୍ୟରୁ ଜଣେ ଅବସର ଗ୍ରହଣ କରିଥିବା ଗୃହରକ୍ଷୀଙ୍କୁ ଜିଲା ଗୃହରକ୍ଷୀ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାରେ କାର୍ଯ୍ୟରତ ୧୩୧ଜଣ ଗୃହରକ୍ଷୀ ମଧ୍ୟରୁ ବୋଡେନ ବ୍ଲକ ରୋକାଲ ଗାଁର ସଦାନନ୍ଦ ଦାସ ଜୁନ ୫ରେ ଅବସର ନେଇଛନ୍ତି। ଗୃହରକ୍ଷୀମାନଙ୍କ ପାଇଁ ପେନସନ କିମ୍ବା କୌଣସି ସରକାରୀ ସୁବିଧା ନ ଥିବାରୁ ଜିଲା ଗୃହରକ୍ଷୀ ସଂଘ ପକ୍ଷରୁ ସମସ୍ତ ଗୃହରକ୍ଷୀଙ୍କ ଗୋଟିଏ ଦିନର ଦରମା ମୋଟ ୫୩ ହଜାର ୨୯୮ ଟଙ୍କା ଅବସର ନେଇଥିବା ଗୃହରକ୍ଷୀ ଦାସଙ୍କୁ ପ୍ରଦାନ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ରଙ୍କ ଅନୁମତିକ୍ରମେ ଜିଲା ଗୃହରକ୍ଷୀ ସଂଘ ସଭାପତି ଶରତ ହଂସଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ଅବସର ଗୃହରକ୍ଷୀ ଦାସଙ୍କ ରୋକାଲ ଗାଁକୁ ଯାଇ ଜଣେ ସାମାଜିକ କର୍ମୀ ଗୟା ପ୍ରସାଦ ଦାସଙ୍କ ଉପସ୍ଥିତିରେ ନଗଦ ରାଶି ପ୍ରଦାନ କରାଯାଇଥିଲା। ଏହି ସମୟରେ ସଂଘ ସମ୍ପାଦକ ଧବଳେଶ୍ୱର ଜଗତ, କୋଷାଧ୍ୟକ୍ଷ ଗୋପାଳ ଦାସ ବାବା, ଗୃହରକ୍ଷୀ ହାବିଲଦାର ମନୁଲାଲ ବେହେରା, ସେନ କୁମାର ସାହୁ, ଦିନବନ୍ଧୁ ବାଗ, ତ୍ରିନାଥ ସତନାମୀ, ତୋଫାନ ସିଂ କୁମ୍ଭାର, ଉଗ୍ରେସନ ସାହୁ, ମହେନ୍ଦ୍ର ଦଣ୍ଡସେନା, ପୁରୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।


ଅବସରଗ୍ରହଣ କରିଥିବା ଗୃହରକ୍ଷୀଙ୍କୁ ନଗଦ ରାଶି ପ୍ରଦାନ କରାଯାଉଛି।

# ବ୍ଲକ୍‌ସ୍ତରୀୟ ଲୋକକଳା ଦିବସ ପାଳିତ

ଖଡ଼ିଆଳ,୧୪।୬(ସୁଜିତ୍ ପ୍ରଧାନ)



ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ଲକ୍ କଳା ସଂସ୍କୃତି ସଂଘ ଖଡ଼ିଆଳ ଦ୍ୱାରା ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଳନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସଭାପତି ବ୍ଲକ୍ କଳା ସଂସ୍କୃତି ସଂଘ ଖଡ଼ିଆଳ ବୀରସେନ ବେହେରା ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲା ପରିଷଦ ସଦସ୍ୟ ବୃନ୍ଦ ଯଥା ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ତନୟା ଶବର, ଉପସଭାପତି ଜଗତରାମ ନାଗ ତଥା ବ୍ଲକ୍ ଆକାଉଣ୍ଟ ଅଫିସର ରମାକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସରକାରଙ୍କ ଏଭଳି ପଦକ୍ଷେପକୁ ସଭାପତି ବେହେରା ପ୍ରଶଂସା କରିଥିଲେ। ଏହା କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ଲୋକାଭିମୁଖୀ ହେବ ବୋଲି କହିଥିଲେ। ଅତିଥିମାନେ ଲୋକକଳାର ପ୍ରଚାର ପ୍ରସାର, ଉନ୍ନତି ସାଧନ, ସମସ୍ତ ପ୍ରକାର ଲୋକକଳା କଳାକାରମାନଙ୍କୁ ସଂଘ ଅନ୍ତର୍ଭୁକ୍ତ କରିବା, ପଞ୍ଚାୟତସ୍ତରରୁ ସଙ୍ଗଠନକୁ ମଜଭୁତ କରିବା, ସମସ୍ତଙ୍କ ସହ ସୁସମ୍ପର୍କ ରଖିବା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଧେଶ୍ୟାମ ବିଶି, ଯଜ୍ଞେଶ୍ୱର ଦାସ, ଧନମତ ଦୀପ, ଗଣ୍ଡାରାମ ନିଆଲ, କବିରାଜ ଛତ୍ରିଆ, ଦେବେନ୍ଦ୍ର ଶବର, ଫଗନୁ ପୋଡ଼, ତୀବ୍ର ମୋହନ ପୋଡ଼, ଭୁଷଣ୍ଡ ଜଗତ, ହଳଧର ତାଣ୍ଡି, ଅର୍ଜୁନ ବାଗ, ପଞ୍ଚୁ ବାଗଙ୍କ ସମେତ ଶତାଧିକ କଳାକାର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରାଯାଇଥିଲା। ଜିଲା ସଂଘ ସଦସ୍ୟ ତଥା ପୂର୍ବତନ ଉପସଭାପତି ପାଲାଗାୟକ ଅମୂଲ୍ୟ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ପାଲା ଗାୟକ ଡୋଳାମଣି ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ଜଣେ ମହିଳା ମୃତ, କାରଣ ଅସ୍ପଷ୍ଟ

ଲାଞ୍ଜିଗଡ଼,୧୪।୬
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା କୁମଖାଲ ପଞ୍ଚାୟତ ଖଜୁରଗୁଡା ଗ୍ରାମର ସସ୍ମିତା ହରିଜନ (୨୪) ବଜ୍ରପାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ବୁଧବାର ଅପରାହ୍ନରେ ସସ୍ମିତା ନିଜ ଗାଁ ଖଜୁରଗୁଡା ନିକଟ ନିଜ ଚାଷ ଜମିକୁ ଯାଇଥିଲେ। କିଛି ସମୟ ପରେ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ଷା କମିଯିବା ପରେ ପରିବାର ଲୋକେ ଚାଷ ଜମିକୁ ଯାଇଥିଲେ। ସେଠାରେ ସସ୍ମିତାଙ୍କୁ ଏକ ଗଛ ମୂଳେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବର୍ଷା ଯୋଗୁ ସେ ଗଛକୁ ଯାଇ ଲୁଚି ରହିଥିବା ବେଳେ ବଜ୍ରପାତରେ ଅଚେତ ହୋଇଥିବା ପରିବାର ଲୋକଙ୍କୁ ସନ୍ଦେହ ହୋଇଥିଲା। ଏହା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଓ ଡାକ୍ତର ସୂଚନା ଅନୁସାରେ ସସ୍ମିତାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

# ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ଜୁନାଗଡ଼,୧୪।୬(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଅଗ୍ରସେନ ଭବନଠାରେ ବୁଧବାର ସ୍ଥାନୀୟ ମାରୱାଡି ଯୁବା ମଞ୍ଚ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନଗରପାଳ ମୁକେଶ ଅଗ୍ରୱାଲଙ୍କ ସମେତ ସ୍ଥାନୀୟ ପାରିଷଦମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିର ଯୁବା ମଞ୍ଚ ସଭାପତି ଯୋଗେଶ ଖେମକା, ଉପସଭାପତି ଅତୁଲ ଅଗ୍ରୱାଲ, ସମ୍ପାଦକ ପଙ୍କଜ ଖେମକା, ଯୁଗ୍ମ ସମ୍ପାଦକ ବିଶାଳ ସ୍ୱର୍ଣ୍ଣକାର, କୋଷାଧ୍ୟକ୍ଷ ସୁରଜ ଅଗ୍ରୱାଲ, ଯୁଗ୍ମ କୋଷାଧ୍ୟକ୍ଷ ମିଲନ ଅଗ୍ରୱାଲ, ରକ୍ତ ସଂଯୋଜକ ପ୍ରଣବ ଗୋଏଲ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦେଉଛନ୍ତି।

# ଆମ୍ବୁଲାନ୍ସ ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଲୋଇସିଂହା,୧୪।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗାଣ ଦାବିରେ ବିଜେଡିର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳର ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ମନୋଜ ପଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସେମାନେ କହିଥିଲେ ଯେ, ଲୋଇସିଂହା ଡାକ୍ତରଖାନା ଉପରେ ଲୋଇସିଂହା, ଆଗଲପୁର ବ୍ଲକ ସମେତ ପଡୋଶୀ ବରଗଡ ଜିଲା ଗାଇସିଲାଟ ଓ


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ପ୍ରତିନିଧି ଦଳ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଲୋକେ ନିର୍ଭର କରନ୍ତି। ଏହାବ୍ୟତୀତ ୨୬ନଂ ଜାତୀୟ ରାଜପଥ, ଲୋଇସିଂହା-ପଦ୍ମପୁର, ବୁର୍ଡାଛକ-ସୋନପୁର, ସାଲେଭଟା-ଆଗଲପୁର ଆଦି ରାସ୍ତାରେ ନିୟମିତ ଦୁର୍ଘଟଣାମାନ ଘଟୁଛି। ଦୁର୍ଘଟଣାରେ ଆହତ ଏବଂ ଡାକ୍ତରଖାନାରେ ଭର୍ତ୍ତି ଗୁରୁତର ରୋଗୀଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଉଛି। ହେଲେ ଲୋଇସିଂହା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନାହିଁ । ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ କୁଶଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଡାକୁ ଅବସ୍ଥାପିତ କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଭଡାରେ ଯାଉଥିବା ଆମ୍ବୁଲାନ୍ସ ଦୀର୍ଘବର୍ଷ ହେଲା ଅଚଳ ହୋଇପଡିଛି। ପାଟଣାଗଡରୁ ପୁରୁଣା ଏକ ଅଚଳ ଆମ୍ବୁଲାନ୍ସ ଯୋଗାଣ ହୋଇଛି। ଆବଶ୍ୟକ ବେଳେ ତାହା କାମରେ ଆସୁନାହିଁ। ୧୦୮କୁ ଜରୁରୀ ଫୋନ କଲେ କୁଶଙ୍ଗ, ବଲାଙ୍ଗୀର କିମ୍ବା ସୁବର୍ଣ୍ଣପୁର ଜିଲା ଲଛିପୁର ଡାକ୍ତରଖାନାରୁ ଆମ୍ବୁଲାନ୍ସ ପଠାଇବାର ବ୍ୟବସ୍ଥା କରାଯାଇଥାଏ। ୨୦ରୁ ଓ ୪୦କିମି ଦୂରତାରୁ ଆମ୍ବୁଲାନ୍ସ ଆସୁଥିବାରୁ ଅନେକ ସମୟରେ ରୋଗୀ ହଟହଟା ହେବା ସହ ମୃତ୍ୟୁମୁଖରେ ପଡିଥାନ୍ତି। ଏଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିଜେଡି ପ୍ରତିନିଧି ଦଳ କହିଛନ୍ତି।

# ଝାଡୁକରି ପ୍ରତିବାଦ କଲେ ଆନ୍ଦୋଳନରତ ଅମଲା କର୍ମଚାରୀ

କୋକସରା,୧୪।୬(ଦୁଷ୍ମନ୍ତ ପାଟ୍ଟଯୋଶୀ)

ରାଜ୍ୟ ସଂଘର ଡାକରାରେ ଅମଲା କର୍ମଚାରୀଙ୍କ ଆନ୍ଦୋଳନ ଜାରି ରହିଛି। କୋକସରା ବ୍ଲକ ଅମଲା କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ ମଙ୍ଗଳବାର କର୍ମଚାରୀମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ହାତରେ ଝାଡୁ ଧରି ଜଗନ୍ନାଥ ମନ୍ଦିର ଓ ଶିବମନ୍ଦିର ପରିସରରେ ସଫେଇ କରୁଥିବା ଦେଖିବାକୁ ମିଳିଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ମଙ୍ଗଳବାର ୧୩ ଦିନରେ ଆନ୍ଦୋଳନ ପହଞ୍ଚିଥିବା ବେଳେ ରାଜ୍ୟ ସରକାର ଅମଲା କର୍ମଚାରୀଙ୍କ ଦାବିକୁ ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ଅମଲା କର୍ମଚାରୀଙ୍କ ଗୋଟିଏ ମାତ୍ର ପ୍ରମୁଖ ଦାବି ରହିଛି ସ୍ନାତକ ଶିକ୍ଷା ଗତ ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟଙ୍କ ଦରମା ଗ୍ରେଡ ୪ ରୁ ଗ୍ରେଡ ୯ ବୃଦ୍ଧି ପାଇଁ ଆନ୍ଦୋଳନ ଜାରି ରହିଛି। ଅମଲା କର୍ମଚାରୀଙ୍କ ଛୁଟିରେ ରହିବା ଫଳରେ ବିଭିନ୍ନ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟ ଠପ ହୋଇପଡ଼ିଛି। ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ସାଧାରଣ ଲୋକ ପ୍ରଭାବିତ ହୋଇଛନ୍ତି। ଆଗକୁ ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ନ ମିଳିବାରୁ ଅନେକ ହଇରାଣ ହେଉଛନ୍ତି। ଆଗକୁ ରଥଯାତ୍ରା ଆସୁଥିବା ବେଳେ ବିଭିନ୍ନ ବିଭାଗୀୟ ଉନ୍ନୟନ କାର୍ଯ୍ୟର ବିଲ ନ ହେବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ବ୍ଲକର ଶିକ୍ଷା ବିଭାଗ, ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅଚ୍ୟୁତାନନ୍ଦ ନାଗ, ମିହିର କୁମାର ବେହେରା, ରାଜୀବ କୁମାର ନାଏକ, ସୁନ୍ଦର ନାଏକ, ରୂକଚନ ପାତ୍ର, ଶେଷଦେବ ସିଂ, ଯୁଧିଷ୍ଠିର କର, ଉପେନ୍ଦ୍ର ନାଏକ, ଶୁଭେନ୍ଦୁ ରାଉତ, ବୃଷଭ ନାଏକ, ବୈକୁଣ୍ଠ ବାଗ, ବିଜୟ କୁମାର ବେହେରା, ଅମୀୟ କୁମାର ପ୍ରଧାନୀ ପ୍ରମୁଖ କର୍ମଚାରୀ ସାମିଲ ରହିଛନ୍ତି।


ଅମଲା କର୍ମଚାରୀ ଝାଡୁ କରି ପ୍ରତିବାଦ କରୁଛନ୍ତି।

# ଗରା, ମାଠିଆ ଧରି ମହିଳାଙ୍କ ପ୍ରତିବାଦ

ଲୋଇସିଂହା, ୧୪।୬(ସୁଶାନ୍ତ ବାରିକ)


ପଞ୍ଚାୟତ ଅଫିସ ସମ୍ମୁଖରେ ଗରା, ମାଠିଆ ଧରି ମହିଳାମାନେ ପ୍ରତିବାଦ କରୁଛନ୍ତି।

**ନଳକୂପ, ପାନୀୟ ଜଳ ପ୍ରକଳ୍ପ ଅଚଳ**

ଜୁନ ମାସ ଅଧା ବିତିଲା । ମୌସୁମିର ଦେଖାନାହିଁ । ନିର୍ଘାତ ଖରା, ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏପରିସ୍ଥଳରେ କେତେକ ନଳକୂପ, ପାନୀୟ ଜଳ ପ୍ରକଳ୍ପ କାମ କରୁ ନଥିବାରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପାଇଁ ଦାବି ହେଉଛି । ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗରା, ମାଠିଆ ଧରି ବୁଧବାର ପ୍ରତିବାଦ କରିଥିଲେ । ୫ ୱାର୍ଡ ବିଶିଷ୍ଟ ବାଦିବାହାଲ ପଞ୍ଚାୟତ ସଦର ଗାଁର ଜନସଂଖ୍ୟା ପ୍ରାୟ ୫ ହଜାର। ଗାଁ କଟାଁରେ ଏକ କୂପ ଖନନ କରି ଜଳ ଯୋଗାଣ ହେଉଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପରେ ପଟୁମାଟି ଜମା ହୋଇଯାଇଛି। ଫଳରେ ଗତ କିଛି ଦିନ ହେଲା ପ୍ରକଳ୍ପରୁ ଜଳଯୋଗାଣ ହେଉନାହିଁ। ଅପରପକ୍ଷେ ଗ୍ରାମର ଉପରପଡା ଅଞ୍ଚଳରେ ଥିବା ୩ଟି ଯାକ ନଳକୂପ ଅଚଳ ହୋଇ ପଡିଛି। ଏକମାତ୍ର ଭରସା ଗ୍ରାମଠାରୁ ୧ କିମି ଦୂର ଯୋଗୀସର୍ଡା-ଖୁଣ୍ଟଲିମୁଣ୍ଡା ରାସ୍ତାର ହନୁମାନ ଛକରେ ଥିବା ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ପଞ୍ଚାୟତଠାରୁ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟିଆକର୍ଷଣ କରାଯାଉଛି, ହେଲେ ନଳକୂପ ମରାମତି ହେଉନାହିଁ। ବିକଳ୍ପ ନଥିବାରୁ ଉକ୍ତ ନଳକୂପ ପାଣିକୁ ବାଧ୍ୟ ହୋଇ ଲୋକେ ବ୍ୟବହାର କରୁଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଗୌର ସେଠ, ଲୋଚନ ସେଠ,ସନ୍ତୋଷ ଧରୁଆ ପ୍ରମୁଖ କହିଛନ୍ତି। ପଞ୍ଚାୟତ ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ବାଦିବାହାଲରେ ଟ୍ୟାଙ୍କରେ ପାଣି ଯୋଗାଣ କରାଯାଉ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନଳକୂପ ମରାମତି ଓ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା ଯାଏ ଟ୍ୟାଙ୍କର ଜଳଯୋଗାଣ କରିବାକୁ ଦାବି ହେଉଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ଜୁନ୍, ୨୦୨୩

## ବିଶ୍ୱ ରକ୍ତଦାତା ଦିବସ ପାଳିତ

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ବିଶ୍ୱ ରକ୍ତଦାତା ଦିବସ ବୁଧବାର ପାଳିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କୁବେର ଚନ୍ଦ୍ର ମହନ୍ତ ମୁଖ୍ୟ ଅତିଥି, ରକ୍ତଭଣ୍ଡାର ପରିଚାଳନା ସମିତି ସଭାପତି ତଥା ତହସିଲଦାର ଅମୃତଲାଲ ବେହେରା ସମ୍ମାନିତ ଅତିଥି, ରକ୍ତ ଭଣ୍ଡାର ଅଫିସର ଡା.ଏମ.ଶ୍ରଦ୍ଧାଞ୍ଜଳି, ମେଡିକାଲ ଅଫିସର ରାକେଶ ପଣ୍ଡିତ, ମାରୱାଡି ଯୁବାମଞ୍ଚ ସଭାପତି ମଞ୍ଚାସୀନ ଥିଲେ । ଏହି ଅବସରରେ ଯୁବାମଞ୍ଚ ବିକାଶ ଶାଖା ତରଫରୁ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



## ସଂକ୍ଷେପରେ

### ଲଖମରା ସେତୁ ବିଜୁ ସେତୁ ଯୋଜନାରେ ହେଉଛି

**କେନ୍ଦ୍ରମନ୍ତ୍ରୀଙ୍କ ବୟାନକୁ ମିଛ କହିଲା ବିଜେଡି**

ପଦ୍ମପୁର,୧୪।୬(ପ୍ରଦୀପ୍ତ ଦାଶ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଜିଲା ପଦ୍ମପୁର ଗସ୍ତରେ ଆସି ନୃସିଂହନାଥରେ ଏକ ଜନସଭାକୁ ସମ୍ବୋଧନ କରିଥିଲେ। ଏହି ସଭାରେ କେନ୍ଦ୍ର ସରକାରଙ୍କର ବିଗତ ୯ ବର୍ଷର ଶାସନ ବାବଦରେ ଅନେକ କିଛି କହିବା ସହିତ ପାଇକମାଲ ବ୍ଲକ ଲଖମରା ଓ ଚରଦାପାଳି ପଞ୍ଚାୟତକୁ ସଂଯୋଗ କରିବା ପାଇଁ ନିର୍ମାଣ ହେଉଥିବା ବହୁ ପ୍ରତୀକ୍ଷିତ ସେତୁ ବାବଦରେ କହିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କୁଆଡେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କର, ଅର୍ଥ ମଞ୍ଜୁର ପରେ ଲଖମରା ବ୍ରିଜ କାମ ହେଉଛି, ହେଲେ ରାଜ୍ୟ ସରକାର ଏହି କାମର ଶ୍ରେୟ ନେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ ମତ ରଖିଛନ୍ତି ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା। ବୁଧବାର ପଦ୍ମପୁର ବିଜେଡି ଅଫିସରେ ଏକ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି ଲଖମରାଠାରେ ନିର୍ମାଣାଧୀନ ସେତୁ ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନା ଅନ୍ତର୍ଗତ। କେନ୍ଦ୍ରମନ୍ତ୍ରୀଙ୍କର ଗସ୍ତ ଅବସରରେ ଅଞ୍ଚଳବାସୀ ଭାବୁଥିଲେ ଯେ କେନ୍ଦ୍ରମନ୍ତ୍ରୀ ଏହି ଅଞ୍ଚଳ ପାଇଁ କିଛି ନୂଆ ପ୍ରୋଜେକ୍ଟ ଘୋଷଣା କରିବେ। କିନ୍ତୁ ତାଙ୍କ ପଦ୍ମପୁର ଗସ୍ତ ଅଞ୍ଚଳବାସୀଙ୍କୁ ନିରାଶ କରିଛି ବୋଲି ଘିବେଲା କହିଛନ୍ତି। ଖାଲି ସେତିକି ନୁହେଁ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଗାଡି ଡ୍ରାଇଭର ସ୍ୱର୍ଗତ ଧନୁର୍ଜ ପାଣ୍ଡେଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମାବେଦନା ଜଣାଇବେ ବୋଲି ଲୋକେ ଆଶା କରୁଥିଲେ। ହେଲେ ଏପରି କିଛି ହୋଇ ନ ଥିଲା। ଏଥିରୁ ମନ୍ତ୍ରୀଙ୍କ ସମ୍ବେଦନଶୀଳତା ବୁଝା ପଡୁଛି ବୋଲି ଘିବେଲା କଟାକ୍ଷ କରିଛନ୍ତି।

### କୃଷି ସମବାୟ ସମିତି ଉଦ୍‌ଘାଟିତ

ପଦ୍ମପୁର,୧୪।୬(ପ୍ରଦୀପ୍ତ ଦାଶ): ବରଗଡ ଜିଲା ପାଇକମାଲ ବ୍ଲକ ବୁକୁରାମୁଣ୍ଡାଠାରେ ଏକ ନୂତନ କୃଷି ସମବାୟ ସମିତିର ଶୁଭାରମ୍ଭ ହୋଇଛି। ଏହାକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପାଇକମାଲ ବ୍ଲକ ଅଧକ୍ଷା ଭାବାନା ସିଂ ସମ୍ମାନୀତ ଅତିଥି ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଅଞ୍ଚଳର ଚାଷୀମାନଙ୍କୁ ପୂର୍ବରୁ ଲଖମରା ସମବାୟ ସମିତିକୁ ଯିବାକୁ ପଡୁଥିଲା। ଏଣିକି ଚାଷୀମାନେ ନିଜ ଘର ପାଖରେ କୃଷି ସମବାୟ ସମିତିର ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରିବେ ବୋଲି ବିଧାୟିକା କହିଛନ୍ତି। ଅନ୍ୟମାନଙ୍କ ମଧରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ବରିଷ୍ଠ ନେତା ହୃଦାନନ୍ଦ ବାରିକ,ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଉପସ୍ଥିତ ଥିଲେ।

# ତିନୋଟି ସ୍ଥାନରେ ଜଳିଲା ଚୁଇ

ବଲାଙ୍ଗୀର, ୧୪।୬(ବୀରେନ୍ଦ୍ର ଝାଙ୍କର)

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ବୀରମୁଣ୍ଡା ଛକରେ ମଙ୍ଗଳବାର ରାତିରେ ବଲାଙ୍ଗୀର ପଟକୁ ଆସୁଥିବା ଏକ କାର୍ ରାସ୍ତାକଡରେ ଛିଡା ହୋଇଥିବା ଟ୍ରକ୍ ପଛପଟେ ପିଟି ହୋଇଯିବାରୁ କାରରେ ଥିବା ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ବଲାଙ୍ଗୀର ସହର ରାମଜୀପଡା ନିବାସୀ ଡା. ଜୟନ୍ତ ନାଏକଙ୍କ ପୁଅ ଆତ୍ମଜ ନାଏକ (୨୫), ଝିଅ ତଥା କନ୍ଧପାଲିପଡା ନିବାସୀ ସୀତାକାନ୍ତ ସାଏଙ୍କ ସ୍ତ୍ରୀ ଈପସିତା ସାଏ (୨୭), ଈପସିତାଙ୍କ ଝିଅ ରିୟା ସାଏ (୫), ମୃତ ଆତ୍ମଜଙ୍କ ମାମୁଁ ତଥା ସଦାଇପାଲି ନିବାସୀ ଦୀପ୍ତିରଞ୍ଜନ ସାଏ (୩୫), ଦୀପ୍ତିରଞ୍ଜନଙ୍କ ଝିଅ ଆର୍‌ଭି (୬)ଙ୍କ ମୃତ୍ୟୁ ଘଟିଥିଲା। ଦୀପ୍ତିରଞ୍ଜନଙ୍କ ସ୍ତ୍ରୀ ରଶ୍ମିତା ସାଏ (୩୦) ଓ ଡାକ୍ତର ନାଏକଙ୍କ ସ୍ତ୍ରୀ ଆରତୀ ନାଏକ (୫୦) ଗୁରୁତର ଅବସ୍ଥାରେ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ଦୁଇ ଗୁରୁତରଙ୍କୁ ବିଳମ୍ବିତ ରାତିରେ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଥିଲା। ୫ ଜଣଙ୍କ ମୃତଦେହକୁ


ଆତ୍ମଜ ନାଏକ


ଈପସିତା ସାଏ


ଦୀପ୍ତିରଞ୍ଜନ ସାଏ


ରିଆ ସାଏ


ଆର୍‌ଭି ସାଏ

**ଟ୍ରକ୍ ପଛ ପଟେ କାର୍ ପିଟିହେବା ଘଟଣା**

- ଅଶ୍ରୁଳ ବିଦାୟ ଦେଲେ ସମ୍ପର୍କୀୟ, ଗ୍ରାମବାସୀ
- ବୁର୍ଲା ସ୍ଥାନାନ୍ତର ହେଲେ ଦୁଇ ଗୁରୁତର

ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଥିଲା। ମଙ୍ଗଳବାର ଆଗଲପୁର ଥାନାର ଡୁଡୁକା ଗାଁରେ ଅନୁଷ୍ଠିତ ଏକ ବିବାହ ଭୋଜିରେ ଯୋଗଦେଇ ଏକ କାରରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

ବୁଧବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାର ପାଖ ଲୋକାରଣ୍ୟ ହୋଇଥିଲା। ବଲାଙ୍ଗୀର ସହର ରାମଜୀପଡା, ଜଗନ୍ନାଥପଡା, କନ୍ଧପାଲିପଡା, ସହର ଉପକଣ୍ଠ ସଦାଇପାଲି, ମାଧିଆପାଲି ଗାଁର ଶତାଧିକ ଲୋକ ଏବଂ ସମ୍ପର୍କୀୟ ରୁଣ୍ଡ ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମାଧିଆପାଲି ନିକଟରେ ମୃତ ଆତ୍ମଜ ନାଏକଙ୍କୁ ଦାହ ସଂସ୍କାର କରାଯାଇଥିଲା। କନ୍ଧପାଲିପଡା ଶ୍ମଶାନରେ ସୀତାକାନ୍ତ ସାଏଙ୍କ ମୃତ ସ୍ତ୍ରୀ ଈପସିତା ସାଏ ଓ ଝିଅ ରିୟା ସାଏଙ୍କ ଦାହସଂସ୍କାର କରାଯାଇଥିଲା। ସଦାଇପାଲିଠାରେ ଦୀପ୍ତିରଞ୍ଜନ ସାଏ ଓ ତାଙ୍କ ଝିଅ ଆର୍‌ଭିଙ୍କ ଦାହସଂସ୍କାର କରାଯାଇଥିଲା। ଗୋଟିଏ କାର ଦୁର୍ଘଟଣା ତିନୋଟି ପରିବାରକୁ ଦୋହଲାଇ ଦେଇଛି। ଜନସାଧାରଣ ଅଶ୍ରୁଳ ବିଦାୟ ଦେଇଛନ୍ତି ମୃତକଙ୍କୁ ଏବଂ ସମବେଦନା ଜଣାଇଛନ୍ତି ପୀଡିତ ପରିବାରକୁ। ପୁଅ ଆତ୍ମଜ, ଝିଅ ଈପସିତା, ନାତୁଣୀ ରିଆ, ଶାଳ ଦୀପ୍ତିରଞ୍ଜନ, ଶଳାଝିଅ ଆରଭିଙ୍କୁ ହରାଇ ଡା. ଜୟନ୍ତ ନାଏକ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ସେପଟେ ବୁର୍ଲା ମେଡିକାଲରେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ସ୍ତ୍ରୀ ଆରତୀ। ଗୋଟିଏ କାର ଦୁର୍ଘଟଣା ଡା ଜୟନ୍ତଙ୍କ ପରିବାରକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ଦୁଇ ଛୋଟ ଶିଶୁଙ୍କ ମୃତ୍ୟୁ ଅନେକଙ୍କ ଆଖିରେ ଲୁହ ଭରିଦେଇଛି। ଆଉ ତିନି କିଲୋମିଟର ଆସିଥିଲେ ଘରେ ପହଞ୍ଚିଥାନ୍ତେ ସପରିବାର। ହେଲେ ସବୁଦିନ ପାଇଁ ଆଖି ବୁଜିଦେଲେ ପୁଅ, ଝିଅ, ନାତୁଣୀ, ଶଳା, ଶଳାଝିଆ ଏହି ଘଟଣା ବଲାଙ୍ଗୀରବାସୀଙ୍କୁ ଦାରୁଣ ଦୁଃଖ ଦେଇଛି।

# ରକ୍ତଦାନ ସେବାର ଉତ୍କୃଷ୍ଟତମ ସୋପାନ



ରକ୍ତଦାତା ଦିବସରେ ସାମିଲ ହୋଇଥିବା ଅତିଥି ଓ ସ୍ୱେଚ୍ଛାସେବୀ।

ସୋନପୁର,୧୪।୬(ମୃତ୍ୟୁଞ୍ଜୟ ଶତପଥୀ)

- ସୁବର୍ଣ୍ଣପୁରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ
- ସମ୍ବର୍ଦ୍ଧିତ ହେଲେ ୮ ରକ୍ତଦାତା, ୨ ଅନୁଷ୍ଠାନ

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ରରେ ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଯୋଗଦେଇ ରକ୍ତଦାନକୁ ସେବାର ଉତ୍କୃଷ୍ଟତମ ସୋପାନ ବୋଲି କହିଥିଲେ। ଏଣୁ ସମସ୍ତେ ରକ୍ତଦାନ ପାଇଁ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ସମାଜସେବୀ ଶ୍ରୀବସ୍ତ ମଲ୍ଲିକ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ରକ୍ତଦାତାଭାବେ ସ୍ୱାଧୀନ ନାଏକ, ଶୈଳେନ୍ଦ୍ର ବାରିକ, ଗୋପେଶ ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ସସ୍ମିତା ହୋତା, ତ୍ରିଲୋଚନ ପାଣିଗ୍ରାହୀ, ଅଞ୍ଜଳି ପାଣିଗ୍ରାହୀ, ଜନାର୍ଦ୍ଦନ ଖମାରୀ ଏବଂ ରକ୍ତଦାନ ଶିବିର ଆୟୋଜନରେ ସଫଳତା ପାଇଁ ଦିବ୍ୟ ଉର୍ଜା ରକ୍ତଦାତା ସେବା ସଂଘ ଓ ବୁଢାରଜା ଯୁବକ ସଂଘଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପରେ ଏକ ସଚେତନତା ବାଇକ ରାଲିକୁ ଆରକ୍ଷୀ ଅଧୀକ୍ଷକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ, ବୁଢାରଜା ଯୁବକ ସଂଘ, ଦିବ୍ୟ ଉର୍ଜା ରକ୍ତଦାତା ସେବାସଂଘ, ମାରୱାଡି ଯୁବକ ସଂଘ ଆଦିର ସଭ୍ୟମାନେ ଏହି ରାଲିରେ ଭାଗ ନେଇଥିଲେ । ରାଲି ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଜିଲା ରକ୍ତଦାତା ସଂଘର ସଭାପତି ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମନୋରଞ୍ଜନ ତ୍ରିପାଠୀ, ପ୍ରମୋଦ ସାହୁ ପ୍ରମୂଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ବଜ୍ରପାତରେ ଜଣେ ମହିଳା ମୃତ, କାରଣ ଅସ୍ପଷ୍ଟ

ଲାଞ୍ଜିଗଡ଼,୧୪।୬
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା କୁମଖାଲ ପଞ୍ଚାୟତ ଖଜୁରଗୁଡା ଗ୍ରାମର ସସ୍ମିତା ହରିଜନ (୨୪) ବଜ୍ରପାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ବୁଧବାର ଅପରାହ୍ନରେ ସସ୍ମିତା ନିଜ ଗାଁ ଖଜୁରଗୁଡା ନିକଟ ନିଜ ଚାଷ ଜମିକୁ ଯାଇଥିଲେ। କିଛି ସମୟ ପରେ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ଷା କମିଯିବା ପରେ ପରିବାର ଲୋକେ ଚାଷ ଜମିକୁ ଯାଇଥିଲେ। ସେଠାରେ ସସ୍ମିତାଙ୍କୁ ଏକ ଗଛ ମୂଳେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବର୍ଷା ଯୋଗୁ ସେ ଗଛକୁ ଯାଇ ଲୁଚି ରହିଥିବା ବେଳେ ବଜ୍ରପାତରେ ଅଚେତ ହୋଇଥିବା ପରିବାର ଲୋକଙ୍କୁ ସନ୍ଦେହ ହୋଇଥିଲା। ଏହା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଓ ଡାକ୍ତର ସୂଚନା ଅନୁସାରେ ସସ୍ମିତାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅମିତ୍


@ ସୁରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ।

ସୋନପୁର,୧୪।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ(ଜି-୨୦ ଜନଭାଗୀଦାରି) ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅଧକ୍ଷତା କରିଥିଲେ। ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଖ୍ୟାଜ୍ଞାନ ଆହରଣ କରିବାର ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ସୁଶାନ୍ତ କୁମାର ଭୋଇ ଯୋଗଦାନ କରି ସମସ୍ତ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଜି-୨୦, ନିପୁନ ଭାରତ ଓ ଜାତୀୟ ଶିକ୍ଷାନୀତି ୨୦୨୦ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶୈକ୍ଷିକ ସଂଯୋଜକ ଡ. ଅକ୍ଷୟ କୁମାର ସାହୁ ପରିଚାଳନା କରିଥିଲେ। ପ୍ରୋଗ୍ରାମର ରାଜନାରାୟଣ ମିଶ୍ର ସହଯୋଗ କରିଥିଲେ। ଭିଡିଓ କନଫେରେନ୍ସି ଜରିଆରେ ଜିଲାର ସମସ୍ତ ୬ଟି ବ୍ଲକର ଏବିଇଓ, ସିଆରସିସି, ଶିକ୍ଷୟତ୍ରୀ ଶିକ୍ଷକ, କେତେକ ଅଭିଭାବକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ପଳଶାଗୋରା ବସ୍‌ଷ୍ଟାଣ୍ଡରେ ହତ୍ୟାକାଣ୍ଡ

କନ୍ଧମାଳ, ୧୪।୬(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନାର ପଳଶାଗୋରା ବସ୍‌ଷ୍ଟାଣ୍ଡରେ ବୁଧବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ସ୍ଥାନୀୟ ଅଞ୍ଚଳର ବାବୁଲା ପାଢୀ (୩୭)। ଗଣମାଧ୍ୟମ ଓ ପୋଲିସ ପାଖରେ ମୃତକଙ୍କ ମାଆ ବାସନ୍ତୀ ପାଢୀ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ସକାଳ ପ୍ରାୟ ୭ଟା ବେଳେ ପଳଶାଗୋରା ବସଷ୍ଟାଣ୍ଡ ନିକଟରେ ବାବୁଲାଙ୍କୁ ଗୋଡାଇ ଗୋଡାଇ ଦୁଇଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁଇଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଝାଡୁ କରି ପ୍ରତିବାଦ କଲେ ଆନ୍ଦୋଳନରତ ଅମଲା କର୍ମଚାରୀ

କୋକସରା,୧୪।୬(ଦୁଷ୍ମନ୍ତ ପାଙ୍ଗଯୋଶୀ)

ରାଜ୍ୟ ସଂଘର ଡାକରାରେ ଆଜକୁ ୧୩ ଦିନ ହେବ ଅମଲା କର୍ମଚାରୀ ଆନ୍ଦୋଳନ ଜାରି ରହିଛି। କୋକସରା ବ୍ଲକ ଅମଲା କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ ମଙ୍ଗଳବାର କର୍ମଚାରୀମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ହାତରେ ଝାଡୁ ଧରି ଜଗନ୍ନାଥ ମନ୍ଦିର ଓ ଶିବମନ୍ଦିର ପରିସରରେ ସଫେଇ କରୁଥିବା ଦେଖିବାକୁ ମିଳିଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ମଙ୍ଗଳବାର ୧୩ ଦିନରେ ଆନ୍ଦୋଳନ ପହଞ୍ଚିଥିବା ବେଳେ ରାଜ୍ୟ ସରକାର ଅମଲା କର୍ମଚାରୀଙ୍କ ଦାବିକୁ ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ଅମଲା କର୍ମଚାରୀଙ୍କ ଗୋଟିଏ ମାତ୍ର ପ୍ରମୁଖ ଦାବି ରହିଛି ସ୍ନାତକ ଶିକ୍ଷା ଗତ ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟଙ୍କ ଦରମା ଗ୍ରେଡ ୪ ରୁ ଗ୍ରେଡ ୯ ବୃଦ୍ଧି ପାଇଁ ଆନ୍ଦୋଳନ ଜାରି ରହିଛି। ଅମଲା କର୍ମଚାରୀଙ୍କ ଛୁଟିରେ ରହିବା ଫଳରେ ବିଭିନ୍ନ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟ ଠପ ହୋଇପଡ଼ିଛି। ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ସାଧାରଣ ଲୋକ ପ୍ରଭାବିତ ହୋଇଛନ୍ତି। ଆଗକୁ ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ନ ମିଳିବାରୁ ଅନେକ ହଇରାଣ ହେଉଛନ୍ତି। ଆଗକୁ ରଥଯାତ୍ରା ଆସୁଥିବା ବେଳେ ବିଭିନ୍ନ ବିଭାଗୀୟ ଉନ୍ନୟନ କାର୍ଯ୍ୟର ବିଲ ନ ହେବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ବ୍ଲକର ଶିକ୍ଷା ବିଭାଗ, ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅଚ୍ୟୁତାନନ୍ଦ ନାଗ, ମିହିର କୁମାର ବେହେରା, ରାଜୀବ କୁମାର ନାଏକ, ସୁନ୍ଦର ନାଏକ, ରୂକଚନ ପାତ୍ର, ଶେଷଦେବ ସିଂ, ଯୁଧିଷ୍ଠିର କର, ଉପେନ୍ଦ୍ର ନାଏକ, ଶୁଭେନ୍ଦୁ ରାଉତ, ବୃଷଭ ନାଏକ, ବୈକୁଣ୍ଠ ବାଗ, ବିଜୟ କୁମାର ବେହେରା, ଅମୀୟ କୁମାର ପ୍ରଧାନୀ ପ୍ରମୁଖ କର୍ମଚାରୀ ସାମିଲ ରହିଛନ୍ତି।


ଅମଲା କର୍ମଚାରୀ ଝାଡୁ କରି ପ୍ରତିବାଦ କରୁଛନ୍ତି।

## ଗରା, ମାଠିଆ ଧରି ମହିଳାଙ୍କ ପ୍ରତିବାଦ

ଲୋଇସିଂହା, ୧୪।୬(ସୁଶାନ୍ତ ବାରିକ)

ଜୁନ ମାସ ଅଧା ବିତିଲା । ମୌସୁମିର ଦେଖାନାହିଁ । ନିର୍ଘାତ ଖରା, ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏପରିସ୍ଥଳରେ କେତେକ ନଳକୂପ, ପାନୀୟ ଜଳ ପ୍ରକଳ୍ପ କାମ କରୁ ନଥିବାରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପାଇଁ ଦାବି ହେଉଛି । ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗରା, ମାଠିଆ ଧରି ବୁଧବାର ପ୍ରତିବାଦ କରିଥିଲେ ।

୫ ୱାର୍ଡ ବିଶିଷ୍ଟ ବାଦିବାହାଲ ପଞ୍ଚାୟତ ସଦର ଗାଁର ଜନସଂଖ୍ୟା ପ୍ରାୟ ୫ ହଜାର। ଗାଁ କଟାଁରେ ଏକ କୂପ ଖନନ କରି ଜଳ ଯୋଗାଣ ହେଉଛି।


ପଞ୍ଚାୟତ ଅଫିସ ସମ୍ମୁଖରେ ଗରା, ମାଠିଆ ଧରି ମହିଳାମାନେ ପ୍ରତିବାଦ କରୁଛନ୍ତି।

**ନଳକୂପ, ପାନୀୟ ଜଳ ପ୍ରକଳ୍ପ ଅଚଳ**

ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପରେ ପଟୁମାଟି ଜମା ହୋଇଯାଇଛି। ଫଳରେ ଗତ କିଛି ଦିନ ହେଲା ପ୍ରକଳ୍ପରୁ ଜଳଯୋଗାଣ ହେଉନାହିଁ। ଅପରପକ୍ଷେ ଗ୍ରାମର ଉପରପଡା ଅଞ୍ଚଳରେ ଥିବା ୩ଟି ଯାକ ନଳକୂପ ଅଚଳ ହୋଇ ପଡିଛି। ଏକମାତ୍ର ଭରସା ଗ୍ରାମଠାରୁ ୧ କିମି ଦୂର ଯୋଗୀସର୍ଡା-ଖୁଣ୍ଟଲିମୁଣ୍ଡା ରାସ୍ତାର ହନୁମାନ ଛକରେ ଥିବା ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ପଞ୍ଚାୟତଠାରୁ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟିଆକର୍ଷଣ କରାଯାଉଛି, ହେଲେ ନଳକୂପ ମରାମତି ହେଉନାହିଁ। ବିକଳ୍ପ ନଥିବାରୁ ଉକ୍ତ ନଳକୂପ ପାଣିକୁ ବାଧ୍ୟ ହୋଇ ଲୋକେ ବ୍ୟବହାର କରୁଥିବା ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଗୌର ସେଠ, ଲୋଚନ ସେଠ,ସନ୍ତୋଷ ଧରୁଆ ପ୍ରମୁଖ କହିଛନ୍ତି। ପଞ୍ଚାୟତ ପକ୍ଷରୁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗଣ ବ୍ୟବସ୍ଥା କରାଯାଇଛି। ହେଲେ ବାଦିବାହାଲରେ ଟ୍ୟାଙ୍କରେ ପାଣି ଯୋଗଣ କରାଯାଉ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନଳକୂପ ମରାମତି ଓ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା ଯାଏ ଟ୍ୟାଙ୍କର ଜଳଯୋଗାଣ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ରଜ ଅବସରରେ ଅନ୍ତର୍ଜାତୀୟ ନୃତ୍ୟ କାର୍ଯ୍ୟକ୍ରମ

ରାଉରକେଲା, ୧୪।୬ (ବିପ୍ଳବ ରଞ୍ଜନ ଦାଶ): ରଜ ପର୍ବରେ ମହକ ରାଉରକେଲା ସହରରେ ମଧ ବୁଧବାର ବେଶ ମହକିଛି। ଏ ପରିପ୍ରେକ୍ଷୀରେ ରାଉରକେଲା ସହରର ଅଗ୍ରଣୀ ଅନୁଷ୍ଠାନ ପରିଚୟ ଦୀର୍ଘ ୧୮ ବର୍ଷ ହେଲାଣି ରଜପର୍ବକୁ ମହୋତ୍ସବ ଭାବରେ ପାଳନ କରି ଆସୁଥିବାବେଳେ ଚଳିତବର୍ଷ ରଜପର୍ବକୁ ପୁଣି ଥରେ ମହୋତ୍ସବ ସହକାରେ ଭଞ୍ଜଭବନ ପ୍ରେକ୍ଷାଳୟରେ ଆୟୋଜନ କରିଛି। ରଜପର୍ବ ସଭିଙ୍କ ପାଇଁ ଉଲ୍ଲାସ ଏବଂ ଆନନ୍ଦ ଉତ୍ସାହ ଭରା ପ୍ରତିପାଦନ କରିବା ନେଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଅନ୍ତର୍ଜାତୀୟ ନୃତ୍ୟ କାର୍ଯ୍ୟକ୍ରମ ଶୀର୍ଷକରେ ପହିଲି ରଜ-୨୦୨୩ ମହୋତ୍ସବକୁ ଆୟୋଜନ କରିଛି। ମହୋତ୍ସବର ଉଦ୍‌ଘାଟନୀ ସମାରୋହ ଶିବିରରେ ରାଜସ୍ଥାନର ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଯୋଗଦେଇ ମହୋତ୍ସବର ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ନାଟ୍ୟକାର ଡ. ସମର ମୁଦାଲି ଏବଂ ରାଉରକେଲା ମାନବିକତା ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ସେଠୀ ଯୋଗଦେଇ ରଜ ପର୍ବର ମହନୀୟତା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ପଞ୍ଚାନନ ପାତ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଏହାପରେ ରାଜ୍ୟ ଓ ରାଜ୍ୟ ବାହାରର ୭୨ଜଣ ଓଡିଆ ନୃତ୍ୟଶିଳ୍ପୀ ଓଡିଶୀ ନୃତ୍ୟ ପରିବେଷଣ କରିବା ସହିତ ରଜଗୀତ ସହ ଦୋଳିରେ ଝୁଲି ଭଞ୍ଜଭବନରେ ରଜର ମହକ ଖେଳାଇ ଦେଇଥିଲେ। ଏହା ପରେ ୧୪ଟି ରାଜ୍ୟସ୍ତରୀୟ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗ୍ରୁପ ଡ୍ୟାନ୍ସ ପରିବେଷଣ ହୋଇଥିଲା। ଶ୍ରେଷ୍ଠ ଗ୍ରୁପ ଡ୍ୟାନ୍ସ ଭାବେ ଶ୍ରୀ ଜଗନ୍ନାଥ କଳା ପରିଷଦ ନୃତ୍ୟଶିଳ୍ପୀଙ୍କର ନୃତ୍ୟ ପ୍ରତିଭା ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିଲା। ବିଶେଷ ଅତିଥି ଭାବରେ ଧରିତ୍ରୀର ପ୍ରତିନିଧି ବିପ୍ଳବରଞ୍ଜନ ଦାଶଙ୍କୁ ମହୋତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରକ ମଣ୍ଡଳୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲୋକକଳା ଆସିଷ୍ଟାଣ୍ଟ ପ୍ରଫେସର ମମତା ସାହୁ ଏବଂ ବନାରସ ଅରଜିତ କଥକ ନୃତ୍ୟଗୁରୁ ଜ୍ୟୋତି ନାୟକ ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟ ଚାତୁରତାର ମୂଲ୍ୟାଙ୍କନ ଦାୟିତ୍ୱ ତୁଲାଇଥିଲେ। ଅତିଥିମାନେ ମମତା ସାହୁ ଏବଂ ଭାରତୀୟ ଥିଏଟରର ବରିଷ୍ଠ ବ୍ୟକ୍ତିତ୍ୱ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ।

### ସିପେଟରେ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ନିଯୁକ୍ତି

ରାଉରକେଲା,୧୪।୬ (ବିପ୍ଳବ ରଞ୍ଜନ ଦାଶ): ଆରଏସପି ଦ୍ୱାରା ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ସିପେଟ), ଭୁବନେଶ୍ୱରରେ ମେସିନ ଅପରେଟର-ପ୍ଲାଷ୍ଟିକ ପ୍ରୋସେସିଙ୍ଗ(ଏମଓ-ପିପି)ରେ ୬ମାସ ସାର୍ଟିଫିକେଟ ପାଠ୍ୟକ୍ରମ ନିମନ୍ତେ ପ୍ରାୟୋଜିତ ସମସ୍ତ ୩୦ଜଣ ବଞ୍ଚିତ ଶ୍ରେଣୀ ଛାତ୍ରୀଛାତ୍ର ଦକ୍ଷତା ବିକାଶ ପାଠ୍ୟକ୍ରମର ସଫଳ ସମାପ୍ତି ପରେ କ୍ୟାମ୍ପସ ପ୍ଲେସମେଣ୍ଟରେ ନିଯୁକ୍ତି ଅଫର ଲାଭ କରିଛନ୍ତି। ସେକ୍ଟର-୨୦ ପାର୍ଶ୍ୱାଞ୍ଚଳର ବିକାଶ ପ୍ରତିଷ୍ଠାନ ମଧରେ ସିଏସଆର ବିଭାଗ ଦ୍ୱାରା ଜୁନ୍ ୧୨ରେ ଆୟୋଜିତ ଏକ ଉଦ୍‌ଯାପନୀ ଅଧିବେଶନରେ ବିଇ ଓ ଆଇଇଡି ବିଭାଗର ଜିଏମ ଇନଚାର୍ଜ ଚୈତାଳୀ ଦାସ ଅଧକ୍ଷତା ଗ୍ରହଣ କରି ଦ୍ୱିତୀୟ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ କୋର୍ସ ସମ୍ପୂର୍ଣ୍ଣ ପ୍ରମାଣପତ୍ର ଓ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ମୁନମୁନ ମିତ୍ରା,ଏଜିଏମ୍ ଟିବି ଟପ୍ପୋ ଓ ସିଏସଆର ବିଭାଗ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗଛ ତଳେ ପଲିଥିନ ବାନ୍ଧି କଟୁଛି ଜୀବନ

ରାଉରକେଲା,୧୪।୬ (ଦିନେଶ ମିଶ୍ର)


ପଲିଥିନ ତଳେ ଜୀବନ ବିତାଉଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗରିବ ବାସହୀନ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ରାଉରକେଲା ସ୍ମାର୍ଟସିଟିରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାହା ଏମାନଙ୍କ ପାଇଁ ବିଭିନ୍ନ ଯୋଜନା ସତେ ଯେପରି ସାତସପନ ପାଲଟିଛି। ଏଭଳି ଦୃଶ୍ୟ ସ୍ମାର୍ଟସିଟି ରାଉରକେଲା ଛେଣ୍ଡ ଅଞ୍ଚଳରେ ଥିବା ଇସିଆର ବ୍ଲକ ଘର ନଂ.୧୧୧ ସମ୍ମୁଖରେ ଥିବା ଖୋଲା ପାର୍କ ଭିତରେ ଦେଖିବାକୁ ମିଳିଛି। ଏହି ପାର୍କ ଭିତରେ ଥିବା ଏକ ବେଲଗଛ ମୂଳରେ ଚାରିଖଣ୍ଡ ବାଉଁଶ ପୋତି ତା'ଉପରେ କିଛି ପଲିଥିନ ବାନ୍ଧି ୬୦ ବର୍ଷୀୟା ବୃଦ୍ଧା ଶ୍ରୀମତୀ ଚୌରସିଆ ବାସ କରନ୍ତି। ସ୍ୱାମୀ ବବନ ଚୌରସିଆ ଭିନ୍ନକ୍ଷମ ଓ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିବାରୁ ସେ ସର୍ବଦା ବିଛଣାରେ ପଡି ରହିଛନ୍ତି। ଫଳରେ ବୃଦ୍ଧା ବୟସରେ ଶ୍ରୀମତୀ ପାର୍କ ଚାରିପଟେ ଥିବା ବିଭିନ୍ନ ଘରକୁ ଯାଇ ବାସନକୁସନ ମାଜି ଯାହା ଦୁଇ ମୁଠା ଆଣନ୍ତି ସେଥିରେ ଦୁଇଜଣ ଖାଇପିଇ ବଞ୍ଚନ୍ତି। ସରକାର ଆବାସ ଯୋଜନାରେ ଗରିବମାନଙ୍କୁ ପକ୍କାଘର ସ୍ୱପ୍ନ ଦେଖାଉଥିବାବେଳେ ଏହି ଦମ୍ପତିଙ୍କ ପାଇଁ ମୁଣ୍ଡଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ କି ଦୁଇଓଳି ଦୁଇମୁଠା ଖାଇବାକୁ ଦାନା ନାହିଁ। ଏତିକିରେ ଶ୍ରୀମତୀଙ୍କ ଦୁଃଖ ସରିନି। ସ୍ୱାମୀଙ୍କ ପକ୍ଷଘାତ ଓ ଭିନ୍ନକ୍ଷମତା ଯୋଗୁ ତାଙ୍କର ବାମଗୋଡ ଓ ଡାହାଣ ହାତ କାମ କରୁନାହିଁ। ଏପରି ଅବସ୍ଥାରେ ଶ୍ରୀମତୀ ପ୍ରତିଦିନ ପେଟକୁ ମୁଠାଏ ଦାନା ଓ ଅଣ୍ଟାକୁ ଖଣ୍ଡେ କନା ପାଇଁ ଜୀବନ ସହ ସଂଘର୍ଷ କରି ଦିନ କାଟୁଛନ୍ତି। ପେଟର ଜ୍ୱାଳାକୁ ସେ ନିଜେ ସମ୍ଭାଳି ପାରୁ ନ ଥିବାବେଳେ ଭିନ୍ନକ୍ଷମ ସ୍ୱାମୀଙ୍କ ବା କଣ ଭରଣପୋଷଣ କରିବ ବୋଲି ଶ୍ରୀମତୀ କାନ୍ଦିକାନ୍ଦି ବଖାଣିଛନ୍ତି। ଆଜିକୁ ୨୦ ବର୍ଷ ତଳେ ଶ୍ରୀମତୀ ଛେଣ୍ଡ ସ୍ଥିତ ଏଲସିଆର ବ୍ଲକରେ ଥିବା ଜଣେ ଶିଳ୍ପପତିଙ୍କ ଘରେ ଚାକରାଣୀ ଭାବେ କାମ କରୁଥିଲେ। ସେହି ସମୟରେ ତାଙ୍କ ସ୍ୱାମୀ ବବନ ହନୁମାନ ବାଟିକାରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ତାଙ୍କ ମାଲିକଙ୍କର ଇସିଆର ବ୍ଲକରେ ଏକ ଛୋଟିଆଘର ଥିବାବେଳେ ଶ୍ରୀମତୀ ଦିନସାରା ମାଲିକ ଘରେ କାମ କରି ରାତିରେ ସ୍ୱାମୀଙ୍କ ସହ ଇସିଆର ଘରେ ବାସ କରୁଥିଲେ। ସ୍ୱାମୀ ବବନ ୨୦୧୬ ମସିହାରେ ନଭେମ୍ବର ରାତିରେ ହନୁମାନ ବାଟିକାରୁ ଘରକୁ ଫେରୁଥିବାବେଳେ ଏକ ଟ୍ରକ ଧକ୍କା ଦେବାରୁ ତାଙ୍କ ବାମଗୋଡ ଭାଙ୍ଗି ଯାଇଥିଲା। ସେଦିନ ଠାରୁ ତାଙ୍କ ବାମଗୋଡ ଅଚଳ ହୋଇ ପଡିବାରୁ ସେ ଶଯ୍ୟାରେ ପଡି ରହିଥିଲେ । ସ୍ୱାମୀଙ୍କ ଏଭଳି ଅବସ୍ଥା ହେତୁ ଶ୍ରୀମତି ତାଙ୍କ ମାଲିକଙ୍କ ଘରେ ନିୟମିତ କାମ ନ କରିପାରିବାରୁ ତାଙ୍କୁ ଘର ମାଲିକ କାମରୁ ବାହାର କରିଦେବା ସହ ସେ ରହୁଥିବା ଘର ମଧ୍ୟ ତାଙ୍କ ଠାରୁ ଛଡେଇ ନେଇଥିଲେ। ଫଳରେ ଶ୍ରୀମତୀ ଆଉ କୌଣସି ବାଟ ନ ପାଇ ଶେଷରେ ସ୍ୱାମୀଙ୍କୁ ଧରି କେତେବେଳ ଛେଣ୍ଡ ବସ୍‌ଷ୍ଟପ ତ ଆଉ କେତେବେଳେ ରାସ୍ତାକଡ ଗଛତଳେ ଜୀବନ କାଟୁଥିଲେ। ଏଭଳି ପରିସ୍ଥିତିରେ ଛେଣ୍ଡ ଅଞ୍ଚଳରେ ବାସ କରୁଥିବା ସମାଜସେବୀ ଦୀପକ ତିୱାରୀ ତାଙ୍କୁ ଉଦ୍ଧାର କରି ତାଙ୍କ ଘର ପାଖରେ ଥିବା ଇସିଆର ପାର୍କ ଭିତରେ ରହିବାକୁ ସହଯୋଗ କରିଥିଲେ। ଘର ଖଣ୍ଡେ ନ ପାଇ ବାରଦୁଆର ଶୁଙ୍ଘିପିଣ୍ଡା ହେଉଥିବା ଶ୍ରୀମତୀଙ୍କ ପାଇଁ ଏଭଳି ପରିସ୍ଥିତି ତାଙ୍କୁ ମୁଣ୍ଡ ଗୁଞ୍ଜିବାପାଇଁ ଏକ ରାହା ଦେଖାଇଥିଲା। ଶେଷରେ ଶ୍ରୀମତୀ ଉକ୍ତ ପାର୍କ କଣରେ ଥିବା ଏକ ବେଲଗଛ ମୂଳେ କେତେଖଣ୍ଡ ବାଉଁଶ ପୋତି ସେଥିରେ ପଲିଥିନ ଟାଙ୍ଗି ଖରା, ବର୍ଷା ଶୀତକୁ ସାମନା କରି ନିଜର ଦିନ କାଟି ଚାଲିଛନ୍ତି। ଶ୍ରୀମତୀଙ୍କ ପାଖରେ ଯୋଜନା ଭିତରେ କେବଳ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନକାର୍ଡରୁ ଚାଉଳ ୧୦ କିଲୋ ପାଇଥିବାବେଳେ ଅନ୍ୟ କୌଣସି ଯୋଜନା ନାହିଁ। ଯଦି ତାଙ୍କୁ ସରକାରୀସ୍ତରରେ ଆବାସ ଯୋଜନାରେ ଘର ଖଣ୍ଡେ ମିଳନ୍ତା' ତାହେଲେ ସେ ତାଙ୍କ ଭିନ୍ନକ୍ଷମ ସ୍ୱାମୀଙ୍କୁ ନେଇ ଯେମିତି ସେମିତି ଚଳିଯାଆନ୍ତେ ବୋଲି କହିଥିଲେ। ଏନେଇ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଷୟରେ ଆରଏମସି କମିଶନରଙ୍କ ସହ କଥାହୋଇ ସରକାରଙ୍କ ପକ୍ଷରୁ ତିଆରି ହୋଇଥିବା ଆଶ୍ରୟସ୍ଥଳକୁ ଯଥାଶୀଘ୍ର ସ୍ଥାନାନ୍ତରିତ କରିବୁ। ପରେ ତାଙ୍କ ଲାଗି କଣ ସହାୟତା ହୋଇପାରିବ ଉଦ୍ୟମ କରିବୁ ବୋଲି ମତ ପ୍ରକାଶ କରିଥିଲେ।

### ଆବାସ ଯୋଜନା ଏମାନଙ୍କ ପାଇଁ ସାତସପନ

# ନିଟ୍ ପରୀକ୍ଷାରେ ରାଉରକେଲା ଛାତ୍ରଙ୍କ ସଫଳତା

ରାଉରକେଲା,୧୪।୬ (ସଙ୍ଗୀତା ଜେନା)



ଶୁଭ୍ର ସୌରଭ ସାମଲ ଓ ହରିଓମ୍ ଗୌତମ

ନ୍ୟାଶନାଲ ଏଲିଜିବିଲିଟି କମ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ନିଜସ୍ୱ ପ୍ରଚେଷ୍ଟାରେ ସେକ୍ଟର-୧୬ର ଜଣେ ଛାତ୍ର ସଫଳତା ପାଇଥିବା ସୂଚନା ମିଳିଛି। ସେକ୍ଟର-୧୬ରେ ରହୁଥିବା ତଥା ଛେଣ୍ଡ ଇଂରାଜୀ ସ୍କୁଲର ଛାତ୍ର ଶୁଭ୍ର ସୌରଭ ସାମଲ। ମଙ୍ଗଳବାର ପ୍ରକାଶିତ ପରୀକ୍ଷାରେ ସେ ସର୍ବଭାରତୀୟ ସାଧାରଣ ବର୍ଗରେ ୬୭୨ନମ୍ବର ରଖି ୨୪୬୫ ର୍ୟାଙ୍କ ହାସଲ କରିଛନ୍ତି। ସେକ୍ଟର ୧୮ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଶିକ୍ଷକତା କରୁଥିବା ଶ୍ରୀବତ୍ସ ସାମଲ ଓ କୁଆଁରମୁଣ୍ଡା ଲଡ଼େଇସରା ସ୍କୁଲର ଶିକ୍ଷୟିତ୍ରୀ ତୁଳସୀ ବିଶ୍ୱାଳଙ୍କ ଏକମାତ୍ର ପୁତ୍ର ଶୁଭ୍ର ପିଲାବେଳୁ ଡାକ୍ତର ହେବାର ଆଶାପୋଷଣ କରିଥିଲେ। ୨୦୨୧ ମସିହାରେ ପ୍ରଥମ ଥର, ୨୦୨୨ ମସିହାରେ ନିଟ ପରୀକ୍ଷା ଦେଇଥିଲେ। ତେବେ ୨୦୨୩ ମସିହାରେ ତୃତୀୟ ଥରରେ ସେ ସଫଳତା ହାସଲ କରିଛନ୍ତି। ଚିନ୍ମୟ ଇଂରାଜୀ ସ୍କୁଲରୁ ପାଠ ଶେଷ ହେବା ପରେ ସେ ନିଟ ପାଇଁ ପ୍ରସ୍ତୁତ ହେଉଥିଲେ। କିଛି ଅନଲାଇନ ପାଠକୁ ଅନୁସରଣ କରିବା ସହ ଦୈନିକ ୧୪-୧୫ ଘଣ୍ଟା ପରିଶ୍ରମ କରୁଥିଲେ। ନିଜସ୍ୱ ପ୍ରଚେଷ୍ଟାରେ ଏହି ସଫଳତା ପାଇଥିବା ଶୁଭ୍ର ଭବିଷ୍ୟତରେ ଜଣେ ସଫଳ କାର୍ଡ଼ିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ସେହିପରି ରାଜଗାଙ୍ଗପୁର ଡାଲମିଆ ବିଦ୍ୟାମନ୍ଦିରର ହରିଓମ ଗୌତମ ସର୍ବଭାରତୀୟ ସ୍ତରରେ ୩୦୩ ର୍ୟାଙ୍କ ରଖି ସଫଳତା ହାସଲ କରିଛନ୍ତି। ଡାଲମିଆ ବିଦ୍ୟାମନ୍ଦିରର ଦ୍ୱାଦଶ ଛାତ୍ର ହରିଓମ ପ୍ରଥମ ଥରରେ ନିଟ ପରୀକ୍ଷା ୭୦୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଓସିଏଲ ଇଞ୍ଜିନିୟର ଦେବେନ୍ଦ୍ର ଗୌତମ ଓ ମାଆ ଦୀପମାଲା ଗୌତମଙ୍କ ପୁତ୍ର ହରିଓମ ଛୋଟ ବେଳୁ ଏସଓଏସ ଅଲମ୍ପିଆଡ଼ରେ ସର୍ବଭାରତୀ ସ୍ତରରେ କ୍ରମାଗତ ଭାବେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ଏସଟିଏସସିରେ ସ୍କଲାରଶିପ ପାଇବା ଡିସକଭରି ସୁପର ଲିଗ ସିଜିନ-୨ର ବିଜେତା ହୋଇଥିଲେ। ଭାବା ଇନଷ୍ଟିଚ୍ୟୁଟରୁ ଟପ ୩୫ରେ ସ୍ଥାନ ସଂରକ୍ଷଣ କରିବା ସହ ଜେଇ ମେନରେ ୯୯.୮ ପ୍ରତିଶତ ରଖି ସଫଳତା ହାସଲ କରିଥିଲେ। ହେଲେ ଡାକ୍ତର ହେବା ସ୍ୱପ୍ନ ଯୋଗୁ ଇଞ୍ଜିନିୟରିଂ କରିବାକୁ ଛାଡ଼ିଦେଇଥିଲେ। ବିଭିନ୍ନ ମହଲରୁ ଛାତ୍ର ମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ରୋଟାରି କ୍ଲବ ରିଭରସାଇଡ୍ ବରିଷ୍ଠ ସ୍ୱାସ୍ଥ୍ୟ କର୍ମଶାଳା


ସ୍ୱାସ୍ଥ୍ୟ କର୍ମଶାଳାରେ ଅତିଥି।

ରାଉରକେଲା, ୧୪।୬ (ସଙ୍ଗୀତା ଜେନା)

ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍‌ର ବହୁମୁଖୀ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବରିଷ୍ଠ ନାଗରିକମାନଙ୍କର ମୂତ୍ରାଶୟ ତଥା ମୂତ୍ରଗ୍ରନ୍ଥି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଆଲୋଚନାଚକ୍ର ଛେଣ୍ଡ୍ କଲୋନୀସ୍ଥିତ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ସି.ଡବଲ୍ୟୁ.ଏସ. ହସ୍ପିଟାଲର ୟୁରୋଲୋଜି ବିଶେଷଜ୍ଞ ଡା ଅମରେଶ ପଟ୍ଟନାୟକ ମୁଖ୍ୟ ଆଲୋଚକ ଭାବେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ମୂତ୍ରାଶୟ ତଥା ମୂତ୍ରଗ୍ରନ୍ଥି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ବିଶେଷ ଭାବରେ ପ୍ରୋଷ୍ଟେଟ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହ ଏହାର ଲକ୍ଷଣ ଏବଂ ଚିକିତ୍ସା ପଦ୍ଧତିର ବିଭିନ୍ନ ଦିଗ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। କ୍ଲବର ଅଧ୍ୟକ୍ଷ ସିଦ୍ଧିନାଥ ଜ୍ୟୋତିଷିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ସମ୍ପାଦକ ଭଗବାନ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଡା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ଏବଂ ପ୍ରୋଷ୍ଟେଟ ସମସ୍ୟା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ରୋଟାରୀକ୍ଲବ୍‌ର ଜିତେନ୍ଦ୍ର ପ୍ରସାଦ ସା, ପ୍ରତିମା ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ପରମେଶ୍ୱର ପ୍ରଧାନ, ସାଗର ସୁବୁଦ୍ଧି, ସୁଖିନ୍ଦର ସିଂହ ସେଖୋ, ଅଜୟ କୁମାର ସାହୁ, ଅଜୟ କୁମାର ବିଶ୍ୱାଳ, ଗୋପବନ୍ଧୁ ପାଠାଗାରର ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘର ହରିଶ୍ଚନ୍ଦ୍ର ଭୂମିଜ, ଗୁରୁ ଚରଣ ପଟ୍ଟନାୟକ, ଉମେଶ ଚନ୍ଦ୍ର ଜେନା, ନିର୍ମଳ କୁମାର ଆଚାର୍ଯ୍ୟ ପ୍ରମୁଖ ସହାୟତା କରିଥିଲେ। ଶରତଚନ୍ଦ୍ର ମହାନ୍ତି, ଶ୍ରୀନିବାସ ରାୟ, ସୁରେନ୍ଦ୍ର କୁମାର ପଣ୍ଡା, ରାଘବ ପଣ୍ଡିଆ, ଅଚ୍ୟୁତାନନ୍ଦ ପଟେଲ, ଅଜୟ କୁମାର ମହାନ୍ତି, ଯୋଗେଶ୍ୱର ପ୍ରଧାନ, ଆଲୋକ ବୋଷ, ବିଜୟ କୁମାର ବରାଳ, ଏସ.କେ.ପଣ୍ଡା, ଅଂଜୁ ବାରିକ, ତ୍ରିଲୋଚନ ମିଶ୍ର, ଏ.ପି.ଉପାଧ୍ୟାୟ, କୈଳାଶ ଚନ୍ଦ୍ର ସାମଲ, ଦେବରାଜ ଗଉଡ଼, ବିବେକାନନ୍ଦ ଜେନା, ଆର.କେ.ଷଡଙ୍ଗୀ, ମୁରାରି ପ୍ରଧାନ, ଗୋପାଳ ପ୍ରସାଦ ଜେନା, ନାରାୟଣ ଚନ୍ଦ୍ର ଜେନା, ଓମ୍ ପ୍ରକାଶ, ଡି.ସି. ନାୟକ, ଏସ.କେ.ମହାନ୍ତି, ଜଗବନ୍ଧୁ ଜେନା, ବି.ଏନ.ଜେନା ଏବଂ ଦିନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୀଟନାଶକ ପିଇ ମହିଳା ମୃତ

ରାଉରକେଲା,୧୪।୬(ଦିନେଶ ମିଶ୍ର)

ବିଶ୍ରାଥାନା ଅନ୍ତର୍ଗତ ଲାନକୋଇ ଅଞ୍ଚଳରେ ଜଣେ ମହିଳା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଫୁଲବାରୀ ମୁଣ୍ଡା(୩୨)। ସୂଚନାଯୋଗ୍ୟ, ଲାନକୋଇ ମୁଣ୍ଡା ବସ୍ତିରେ ଫୁଲବାରୀ ପରିବାର ସହ ବାସ କରୁଥିଲେ। ବୁଧବାର ସକାଳ ସମୟରେ ଫୁଲବାରୀ ନିଜ ପରିବାର ଲୋକ ପାଇଁ ରୋଷେଇ ସାରି ଶାଶୁଙ୍କୁ ଖାଇବାକୁ ଦେଇଥିଲେ। ପରେ କୌଣସି କଥାକୁ ନେଇ ଶାଶୁଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଶାଶୁଙ୍କ ସହ ଝଗଡା କଥାକୁ ନେଇ ସ୍ୱାମୀଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ସ୍ୱାମୀ ଉକ୍ତ କଥାକୁ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ସନ୍ଧ୍ୟା ସମୟରେ ଘରେ କେହି ନ ଥିବାବେଳେ ଫୁଲବାରୀ କବାଟ କଣରେ ଥିବା ଏକ କୀଟନାଶକକୁ ପିଇ ଦେଇଥିଲେ। ସେ ଅଚେତ ହୋଇଯିବାରୁ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଆରଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ମଝି ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପ୍ରତିରକ୍ଷା ଭିତ୍ତିକ ତାଲିମ ସମାବେଶ


ଏନ୍‌ସିସି ପ୍ରଶିକ୍ଷାର୍ଥୀ ସମାବେଶରେ ସମ୍ମିଳିତ ହୋଇଛନ୍ତି।

ରାଉରକେଲା,୧୪।୬ (ବିପ୍ଳବରଞ୍ଜନ ଦାଶ)

### ୪ ଜିଲାର ୭ଶହରୁ ଊର୍ଦ୍ଧ୍ୱ ଏନ୍‌ସିସି ପ୍ରଶିକ୍ଷାର୍ଥୀଙ୍କୁ ନେଇ ଚାଲିଛି କାର୍ଯ୍ୟକ୍ରମ

ରାଉରକେଲା ସହରର ଜେଲରୋଡସ୍ଥିତ ୯ମ ବାଟାଲିୟନ ଏନ୍‌ସିସି ଫୋର୍ସ ମୁଖ୍ୟକେନ୍ଦ୍ର ପରିସରରେ ୮ଦିନ ହେଲା ଚାଲିଛି ଏନ୍‌ସିସି ଫୋର୍ସ ପ୍ରତିରକ୍ଷା ଭିତ୍ତିକ କୌଶଳ ପ୍ରଦର୍ଶନୀ ତାଲିମ ସମାବେଶ। ୮ଦିନ ବ୍ୟାପୀ ଚାଲିଥିବା ପ୍ରତିରକ୍ଷା ତାଲିମ ସମାବେଶରେ ରାଉରକେଲା, ବଲାଙ୍ଗୀର, କେନ୍ଦୁଝର ଓ ସମ୍ବଲପୁର ଜିଲାର ବିଭିନ୍ନ ସ୍କୁଲ, କଲେଜର ୭ଶହରୁ ଊର୍ଦ୍ଧ୍ୱ ସଂଖ୍ୟକ ଏନ୍‌ସିସି କ୍ୟାଡେଟ ପ୍ରଶିକ୍ଷାର୍ଥୀଙ୍କୁ ପ୍ରତିରକ୍ଷା ତାଲିମ ଦିଆଯାଉଛି। ସମାବେଶ ଗୁରୁବାର ଯାଏଁ ଚାଲିବ। ସମାବେଶ ଏନ୍‌ସିସି କମାଣ୍ଡିଙ୍ଗ ଅଫିସର ଏସ୍‌ସି କୁଲକର୍ଣ୍ଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ରାଉରକେଲା ୯ମ ଏବଂ ୧୦ମ ବାଟାଲିୟନ ଫୋର୍ସର ସମସ୍ତ ଷ୍ଟାଫ୍ ଏବଂ ଏନ୍‌ସିସି ଅଧିକାରୀ ସମାବେଶରେ ସମ୍ମିଳିତ ହୋଇ ଏନ୍‌ସିସି କ୍ୟାଡେଟ୍ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରତିରକ୍ଷା ସମ୍ପର୍କୀତ ତାଲିମ ଦେଉଛନ୍ତି। ଚାଲିଥିବା ସମାବେଶରେ ବାଳିକା ଏବଂ ବାଳକବର୍ଗ ଏନ୍‌ସିସି କ୍ୟାଡେଟ ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରତିରକ୍ଷା ତାଲିମ ଦିଆଯାଉଛି। ସମାବେଶରେ ପ୍ରଶିକ୍ଷାର୍ଥୀଙ୍କୁ ଯୋଗ, ବ୍ୟାୟାମ, ଆତ୍ମ ପ୍ରତିରକ୍ଷା, ନାଗରିକ ପ୍ରତିରକ୍ଷା, ଅଗ୍ନି ପ୍ରତିରକ୍ଷା, ବନ୍ଧୁକ ଚାଳନା, ମାନଚିତ୍ର ମାଧ୍ୟମରେ ସ୍ଥାନ ଓ ଦିଗ ନିରୁପଣ, ସ୍ୱାସ୍ଥ୍ୟ ବିଷୟିକ ଶିକ୍ଷା, ବ୍ୟକ୍ତିଗତ ପ୍ରତିରକ୍ଷା, ବାହୁବଳ ଶିକ୍ଷାଦି ତାଲିମ ଦିଆଯାଉଛି। ଏଥିସହିତ ବିଭିନ୍ନ କ୍ରୀଡା ଆଦି ଶିବିର ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ କରିବା ନେଇ କ୍ରୀଡା ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ ହେଉଛି। ସମାବେଶକୁ ସଫଳ କରିବାରେ କ୍ୟାପଟେନ ମୀନା ଦାଶ, ବ୍ରହ୍ମା, ଲେଫ୍ଟନାଣ୍ଟ ହମିଦ, ଆର୍ଯ୍ୟ ପ୍ରକାଶ, ସେକେଣ୍ଡ ଅଫିସର ଶୁଭଶ୍ରୀ ପଟ୍ଟନାୟକ, ଥାର୍ଡ ଅଫିସର ଆଶିଷ ସମାଦ ପ୍ରମୁଖ ସୂଚାରୁ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ୟୁପି, ଚଣ୍ଡିଗଡ଼, ହରିୟାଣା, ମଣିପୁର, କର୍ନାଟକ ବିଜୟୀ

### ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍

ରାଉରକେଲା,୧୪।୬(ଦିନେଶ ମିଶ୍ର)


ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ହକି ଖେଳ।

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ତୃତୀୟ ଦିନରେ ବୁଧବାର ୫ଟି ମ୍ୟାଚ ଖେଳା ଯାଇଥିଲା। ସେଥିମଧ୍ୟରୁ ପ୍ରଥମ ମ୍ୟାଚ ଉତ୍ତରପ୍ରଦେଶ (ୟୁପି)ହକି ସହ କେରଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ହକି ଉତ୍ତରପ୍ରଦେଶ ଦଳ କେରଳକୁ ୧୧-୧ ଗୋଲରେ ପରାସ୍ତ କରିଥିଲା। ହକି ଉତ୍ତରପ୍ରଦେଶ ଦଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ଦଳ ପକ୍ଷରୁ ଶାରୁଖ ଅଲ୍ଲୀ ୨୭,୨୫ ଓ ୫୫ ମିନିଟ୍ ଓ ରାଜନ ଗୁପ୍ତା ୧୮,୬୦,୫୧ ମିନିଟରେ ଉଭୟ ହ୍ୟାଟ୍ରିକ ଗୋଲ ମାରି ଦଳକୁ ୬-୦ ଗୋଲରେ ଆଗୁଆ ରଖିଥିଲେ। ପରେ ଦଳର ଅଧିନାୟକ ଅମୀର ଅଲ୍ଲୀ ୪ ମିନିଟ୍, ହାଇଦର ଅଲ୍ଲୀ ୪୫ ମିନିଟ୍ ଓ ଅଜୟ ଯାଦବ ୨୮ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ମାରିଥିଲେ। ଖେଳର ଶେଷ ପର୍ଯ୍ୟାୟରେ ସୌରବ ଆନନ୍ଦ କୁସୁଆ ୩୦ ଓ ୩୫ ମନିଟ୍‌ରେ ଦୁଇଟି ଗୋଲମାରି ଦଳକୁ ବିଜୟୀ କରିଥିଲେ। କେରଳ ପକ୍ଷରୁ ଅଭିଜିତ କିଷ୍ଟା ୪୯ ମିନିଟ୍‌ରେ ଗୋଟିଏ ଗୋଲ ମାରିଥିଲେ। ଦ୍ୱିତୀୟ ମ୍ୟାଚ ହକି ଚଣ୍ଡିଗଡ ଦଳ ସହ ହକି ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଚଣ୍ଡିଗଡ ଦଳ ଆନ୍ଧ୍ରପ୍ରଦେଶକୁ ୧୨-୧ ଗୋଲରେ ପରାସ୍ତ କରିଥିଲା। ଚଣ୍ଡିଗଡ ଦଳ ପକ୍ଷରୁ ସୁରିନ୍ଦର ସିଂ ଖେଳର ୯, ୧୭, ୩୮, ୫୩, ୫୧ ଓ ୪୯ ମିନିଟ୍‌ରେ ସର୍ବାଧିକ ୬ଟି ଗୋଲମାରି ଥିଲେ। ପରେ ଦଳର ଫରୁଆର୍ଡ ଖେଳାଳି ପରମ୍‌ବୀର ସିଂ ୩୬, ୩୬, ୪୮ ମିନିଟ୍‌ରେ ୩ଟି ଗୋଲ ମାରିଥିଲେ। ସେହିଭଳି ଇନ୍ଦ୍ରପାଲ ସିଂ ୪୫ ମିନିଟ୍, କରମବୀର ୪୧ ମିନିଟ୍ ଓ ଅଧିନାୟକ ରମନ୍ ସିଂ ୫୮ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲମାରି ଦଳକୁ ବିଜୟୀ କରିଥିଲେ। ଆନ୍ଧ୍ରପ୍ରଦେଶ ଦଳ ପକ୍ଷରୁ କଭିରୁ ପ୍ରଦ ସାଇ ୪୪ ମିନିଟରେ ଚଣ୍ଡିଗଡ ବିପକ୍ଷରେ ଗୋଟିଏ ଗୋଲ ମାରିଥିଲେ। ୩ୟ ମ୍ୟାଚ ହକି ହରିୟାନା ସହ ହକି ହିମାଚଳ ମଧ୍ୟରେ ଖେଳା ଯାଇଥିବାବେଳେ ହରିୟାନା ଦଳ ୫-୨ ଗୋଲରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ହରିୟାନା ଦଳ ପକ୍ଷରୁ ଅଧିନାୟକ ରୋହିତ ୧୨, ୯, ୨୭ ମିନିଟ୍‌ରେ ୩ଟି ଗୋଲ ମାରିଥିଲେ। ପରେ ରୋସନ ଓ ସୁଖବିନ୍ଦର ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ହିମାଚଳପ୍ରଦେଶ ପକ୍ଷରୁ ଶ୍ୱାତିନ୍ଦର ସିଂ ୪୯ ମିନିଟ୍‌ରେ ଗୋଟିଏ ଗୋଲ ମାରିଥିଲେ। ୪ର୍ଥ ମ୍ୟାଚ ହକି ମଣିପୁର ସହ ହକି ଜାମୁକାଶ୍ମୀର ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଣିପୁର ହକି ଦଳ ୧୬-୧ ଗୋଲରେ ଜାମୁକାଶ୍ମୀରୀକୁ ପରାସ୍ତ କରିଥିଲା। ମଣିପୁର ଦଳ ପକ୍ଷରୁ ରୋହିତ ସିଂ ୧୨, ୧, ୩୯ ମିନିଟ୍‌ରେ ସର୍ବାଧିକ ୩ଟି ଗୋଲମାରିଥିବାବେଳେ ରିକି ତୋନଜାମ୍ ୧୩, ୩୧ ମିନିଟ୍ ଓ ଡିଙ୍କୁ ଶର୍ମା ୭, ୬୦ ମିନିଟ୍‌ରେ ଦୁଇଟି ଗୋଲ ମାରିଥିଲେ। ପରେ ଅଧିନାୟକ ଲୁଆଙ୍ଗ, ମାକ୍ସ ସିଂ,ରିକି, ତାଲିମ ପ୍ରିୟବ୍ରତ ଦୁଇଟି ଲେଖାଏଁ ଗୋଲମାରି ଥିଲେ। ଶେଷରେ ସୋରେମ ଗୋଟିଏ ଗୋଲମାରି ଦଳକୁ ବିଜୟୀ କରିଥିଲେ। ଜାମୁକାଶ୍ମୀର ପକ୍ଷରୁ ରାଜବୀର ସିଂ ୯ ମିନିଟ୍‌ରେ ଗୋଟିଏ ଗୋଲ କରିଥିଲେ। ଶେଷ ମ୍ୟାଚ ହକି କର୍ନାଟକ ସହ ହକି ରାଜସ୍ଥାନ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କର୍ନାଟକ ଦଳ ୪-୧ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। କର୍ନାଟକ ଦଳ ପକ୍ଷରୁ ଆରିୟାନ ଉଥାପା ଖେଳର ୨୭ ମିନିଟ୍‌ରେ ପ୍ରଥମ ଗୋଲ କରିଥିଲେ। ପରେ ନକୁଲ ମାଲନନ୍ଦ ୬୦ ମିନିଟ୍, ହାର୍ସସା ୫୧ ମିନିଟ ଓ ସପନ ଆଇଅପା ୫୯ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ରାଜସ୍ଥାନ ଦଳ ପକ୍ଷରୁ ଅନୁରାଗ ସୂତାର ୩୬ ମିନିଟ୍‌ରେ କର୍ନାଟକ ବିପକ୍ଷରେ ଗୋଟିଏ ଗୋଲ କରିଥିଲେ।

# ନ୍ୟାଶନାଲ ସିନିୟର, ମାଷ୍ଟର କିକ୍ ବକ୍ସିଂ ଚାମ୍ପିୟନଶିପ୍

ରାଉରକେଲା, ୧୪।୬ (ସଙ୍ଗୀତା ଜେନା)

### ୧୮ ଖେଳାଳି ମନୋନୀତ

ଜୁଲାଇ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜଲନ୍ଧରରେ ଅନୁଷ୍ଠିତ ହେବାକୁ ଥିବା ୱାକୋ ଇଣ୍ଡିଆ ନ୍ୟାଶନାଲ ସିନିୟର ତଥା ମାଷ୍ଟର କିକ୍‌ବକ୍ସିଂ ଚାମ୍ପିୟନସିପରେ ନିଜର ଖେଳ ପ୍ରଦର୍ଶନ କରିବା ପାଇଁ ସୁନ୍ଦରଗଡ କିକ୍ ବକ୍ସିଂ ଦଳର ୧୮ ଜଣ ଖେଳାଳିଙ୍କୁ ଚୟନ କରାଯାଇଅଛି। ବନ୍ଧମୁଣ୍ଡାର ଏହି ଖେଳାଳିମାନେ ଜଲନ୍ଧରରେ ଓଡିଶା କିକ୍ ବକ୍ସିଂ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ ଯେ ଚାମ୍ପିୟନସିପରେ ଓଡିଶା କିକ୍ ବକ୍ସିଂ ଦଳର ମୋଟ ୫୧ ଖେଳାଳି ପ୍ରଦର୍ଶନ କରିବେ। ଯେଉଁଥିରେ ସୁନ୍ଦରଗଡ କିକ୍ ବକ୍ସିଂ ଦଳର ୧୮ ଖେଳାଳି ଅନ୍ତର୍ଭୁକ୍ତ ରହିବେ। ଖେଳାଳିମାନେ ହେଲେ ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ରବୀନ୍ଦ୍ର ସିଂ, ମନୀଷା ସିନ୍ଦୁରୀ, ଅଶ୍ମାନି ମିଂଜ୍, ଜୋତିଶ କୁମାର ମହାନନ୍ଦ, ଧନଞ୍ଜୟ କୁମାର ଦାଶ, ବିବେକ ଲୋହାର, ଜୟନାଥ ତୁତୀଲ, ପ୍ରବୀଣ ଏକ୍କା, ପି ନିତିନ ରାଓ, ଅଞ୍ଜଳି ଓରାମ, ମୁସ୍କାନ ଓରାମ, ନିରାଲୀ ତିଗୀ, ଶଙ୍କର ଶାମଲ, ନିଖିଳ ଜୈସ୍ୱାଲ,ବିଲୁ ତିର୍କୀ, ଅଶୋକ କୁନୱାର। ଏହି ସମସ୍ତ ଖେଳାଳିଙ୍କ ଚୟନ ହେବା ପରେ ଜିଲାର ବିଭିନ୍ନ କ୍ରୀଡାପ୍ରେମୀ ଏହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ମନୋନୀତ ଖେଳାଳି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ଆଳରେ ଠକେଇ

**ଅଭିଯୁକ୍ତ ଗିରଫ, ଅଭିଯୋଗ ତାଲିକା ବଢ଼ିବା ଆଶଙ୍କା**

ସତ୍ୟଜିତ୍ ରାଉତ
ଭୁବନେଶ୍ୱର, ୧୪।୬

ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ନାଁରେ ୧.୩୭ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଥିବା ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳର ଗୌରାଙ୍ଗ ସାହୁ(୩୦)। ଗୌରାଙ୍ଗଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ହୋଇଥିବା ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ରହୁଥିବା ବଡ଼ମ୍ବା ଅଞ୍ଚଳର ଶ୍ରୀକାନ୍ତ ସାହୁ। ସେ ଏକ ଘରୋଇ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିବା ସହ ପାର୍ଟ ଟାଇମ୍ ଭାବରେ ରାପିଡୋ ବାଇକ୍ ଚଳାନ୍ତି। ଅଭିଯୁକ୍ତ ଗୌରାଙ୍ଗ ଗତ ଏପ୍ରିଲରେ ଚକେଇସିଆଣିରୁ ଶ୍ରୀକାନ୍ତଙ୍କୁ ରାପିଡୋରେ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାଡ଼ିଥିଲେ। ସେହି ସମୟରେ ଗୌରାଙ୍ଗ ନିଜକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ବୋଲି ପରିଚୟ ଦେଇଥିଲେ। ଏହାପରେ ବିଭିନ୍ନ କଥା କହି ବିଶ୍ୱାସ ଜନ୍ମାଇବା ପରେ ଶ୍ରୀକାନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ପୋଷ୍ଟରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଗୌରାଙ୍ଗ ଟଙ୍କା ମାଗିବାରୁ ଶ୍ରୀକାନ୍ତ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧ ଲକ୍ଷ ୩୭ ହଜାର ଟଙ୍କା ଦେଇଥିଲେ। ସେହିଭଳି ରଞ୍ଜନ କୁମାର ଦାସ ନାମକ ଜଣେ ସାଙ୍ଗଙ୍କୁ ଶ୍ରୀକାନ୍ତ ପରିଚୟ କରାଇବା ପରେ ଗୌରାଙ୍ଗ ତାଙ୍କୁ ମଧ୍ୟ ସମାନ ଭାବେ ଠକି ୪୦ ହଜାର ନେଇଯାଇଥିଲେ। ତେବେ ଶ୍ରୀକାନ୍ତ ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଏତଲା ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଉଦ୍ୟାନ କୃଷି ବିଭାଗର ୧୦ ଲକ୍ଷ ସହାୟତା

ଅନିଲ ଦାସ
ଭୁବନେଶ୍ୱର, ୧୪।୬

ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତାହତ ଯାତ୍ରୀ ଏବଂ ତାଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ରାଜ୍ୟ ଉଦ୍ୟାନ କୃଷି ବିଭାଗ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛି। ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ୮୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଉଦ୍ୟାନକୃଷି ଅଧିକାରୀ ସେବା ସଂଘର ସଭାପତି ସୂଚନା ସ୍ୱସ୍ତିକା, ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମେହେର, ତିର୍ଯ୍ୟକ୍ କୁମାର ଦାସ ଓ ସଂଘ ସଦସ୍ୟ ସୌମ୍ୟ ରଞ୍ଜନ ସେଠୀ ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି। ରାଜ୍ୟର ଯେ କୌଣସି ବିପର୍ଯ୍ୟୟ ସମୟରେ ଉଦ୍ୟାନକୃଷି ବିଭାଗ ସରକାରଙ୍କୁ ଯଥାସାଧ୍ୟ ସହାୟତା ଯୋଗାଇ ଦେବା ପାଇଁ ସର୍ବଦା ପ୍ରସ୍ତୁତ ବୋଲି ସଂଘ ସଭାପତି କହିଛନ୍ତି। ଏଥିସହିତ ଖୁବ୍ କମ୍ ସମୟ ମଧ୍ୟରେ ଏହି ପାଣ୍ଠି ଏକଜୁଟ କରି ପାରିଥିବାରୁ ବିଭାଗର ସମସ୍ତ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


## ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, PBX-2340170, Fax:2340096

**TENDER INVITATION NO.OSSC/Engg-85/2023**

**No.CAD-951:** Managing Director, Odisha State Seeds Corporation Ltd. invites Percentage Rate tenders in Double Cover System through ONLINE MODE ONLY for the works below.

Value in Rs.

| Sl. No. | Name of work | Cost of work without GST Labour Cess | EMD | Cost of Tender Document with GST | Completion period | Class of Contractor |
|---|---|---|---|---|---|---|
| 1 | Construction of Boundary wall over Plot No. 1118/4349, Khata No.-252, (AJA), Mouza-Hirima, District-Jharsuguda | 18,03,149.00 | 18,031.00 | 7,080.00 with GST | 120 | C or above |

**CRITICAL DATES**

| | | |
|---|---|---|
| A | Availability of Bid document | 14.40 hours on dt.16.06.2023 to 17.00 hours on dt.26.06.2023 |
| B | Last Date of Receipt of tender in the Portal | 17.00 hours on dt.26.06.2023 |
| C | Date/Time of Opening of Bid | 12.30 hours on dt.27.06.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director
OSSC Ltd., BBSR

OIPR-01106/11/0015/2324

## GOVERNMENT OF ODISHA
No.B-340:
## OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI
Phone:06842-254004 Email:sernbphulbani@gmail.com

**INVITATION FOR BIDS (IFB)**
**Bid Identification No.CCE_R and B-PLB_03 of 2023-24**

No.1019 Dated:12.06.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of Work | : | Building Works |
| 3 | No. of tenders | : | Five Nos. |
| 4 | Tender Cost | : | Rs.10,000/- (Through online) only. |
| 5 | Class of Contractor | : | B & A Class |
| 6 | Date & Time of Sale & Receipt of Bids | : | 10.00 AM of 28.06.2023 to 5.00 PM of 12.07.2023 |
| 7 | Date of Opening of Bid | : | 11.00 AM of 13.07.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0003/2324

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ
(ଅବକାରୀ ବିଭାଗ)

ପତ୍ର ସଂଖ୍ୟା: ୬୭୩୦/ଅ. ତା ୧୨.୦୬.୨୦୨୩ରିଖ

**କଟକ ଜିଲ୍ଲାରେ ୨ (ଦୁଇ) ଗୋଟି ବିଦେଶୀ ଓ ୧୧ (ଏଗାର) ଗୋଟି ଦେଶୀ ମଦ ଦୋକାନଗୁଡ଼ିକର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି।**

No. F-78: ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ କଟକ ଜିଲ୍ଲାରେ ୨ (ଦୁଇ) ଗୋଟି ବିଦେଶୀ ଓ ୧୧ (ଏଗାର) ଗୋଟି ଦେଶୀ ମଦ ଦୋକାନଗୁଡ଼ିକର ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି। ଲଟେରୀରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **"http://stateexcise.odisha.gov.in"** ୱେବସାଇଟରେ ଉପଲବ୍ଧ Form - 'B'ରେ ଅନଲାଇନ ମାଧ୍ୟମରେ ତା୧୩.୦୬.୨୦୨୩ରିଖଠାରୁ ତା୨୬.୦୬.୨୦୨୩ରିଖ (ଅପରାହ୍ନ ୫.୦୦ ଘଟିକା ମଧ୍ୟରେ) ଆବେଦନ କରିପାରିବେ। ଲଟେରୀ ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୦୩.୦୭.୨୦୨୩ରିଖ ଦିବା ୧୧.୩୦ ଘଟିକାଠାରୁ ସମ୍ମିଳନୀ ଗୃହ, ଜିଲ୍ଲାପାଳ, କଟକ କାର୍ଯ୍ୟାଳୟଠାରେ କରାଯିବ। ଦୋକାନଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀ ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ ନୋଟିସ ବୋର୍ଡରେ ଉପଲବ୍ଧ।
ବି.ଦ୍ର.: ସେବା ପାଇଁ ଟୋଲ୍ ଫ୍ରି ନମ୍ବର – ୧୮୦୦୩୪୫୬୬୫୧୩
ସେବା ସମୟ: ପ୍ରତି ସରକାରୀ ଅଫିସ୍ ଖୋଲା ଦିବସ (ସକାଳ ୧୦ରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ)।

OIPR-36019/11/0002/2324 ସ୍ୱା./- ଜିଲ୍ଲାପାଳ, କଟକ

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR
Tel:0663-2548268, Email Id:serwcirclesbp@yahoo.com

**e-Procurement No.1301/ Dated 12.06.2023**

**No.O-223:** Chief Construction Engineer, Rural Works Circle, Sambalpur on behalf of Odisha State Rural Roads Agency invites Percentage (%) bids through e-Procurement from eligible class of experienced bidders for construction of Bridges including maintenance for 5 years under Pradhan Mantri Gram Sadak Yojana PMGSY-III, Batch-I, of 2022-23.

| | | | |
|---|---|---|---|
| 1 | Name of work | : | Construction of Bridge/Bridge with Bandhara works including five year maintenance under PMGSY-III, Batch-I of 2022-23 |
| 2. | Class of Contractor | : | As mentioned in Annexure |
| 3. | No. of Packages | : | 03 Nos. of Package |
| 4. | Estimated Cost | : | Varies from Approx. Rs.344.55 Lakhs to Rs.595.25 Lakh (information in DTCN will be final) |
| 5. | Bid Submission Fee. | : | Rs.10,000/- (Non-refundable) per set of package |
| 6. | Mode of Submission of tender | : | Only through online in website. www.pmgsytenders.gov.in. |

Summary of key dates are provided below:

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & time for seeking clarification | Last date and time of submission of Original documents | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|---|
| Chief Construction Engineer, Rural Works Circle, Sambalpur | PMGSY- Online-RWCSBP-07/ 2023-24 | 19.06.2023 From 11.00 AM | 03.07.2023 upto 05.00 PM | 29.06.2023 upto 5.00 PM | 06.07.2023 by 5.00 PM | 04.07.2023 At 11.00 A.M. | Will be intimated later |

*Special Conditions: 1-EPF registration is mandatory before drawl of agreement. 2-Rate quoted by the contractor shall be excluding GST. 3. Bid submission fee and original affidavits should be submitted at the O/o. Chief Construction Engineer, Rural Works Circle, Sambalpur Or O/o. Executive Engineer/Superintending Engineer of Concern Rural Works Division.
* Details can be seen from the e-Procurement portal : www.pmgsytenders.gov.in.
* Subsequent modification/corrigendum/Addendum if required shall be appeared in the website only.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0014/2324

## THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22.
Ph: 0674-2541545, 2542921, Fax: 0674-2541543, E-mail: ophwc.od@nic.in, Website: www.ophwc.nic.in
No.CAD-944: e-procurement Notice No: - 12/OPHWC/ELECT/2023-24

**INVITATION FOR BIDS (IFB)**

**The Chief Engineer (OSPH&WC), Odisha, Bhubaneswar invites Percentage rate bid in single cover system in ONLINE MODE only, for the works as detailed below:**

| SI No | Name of the work | Approx. estimated Cost | EMD (to be paid on line) | Cost of Bid document (to be paid on line) | Class of Contractor |
|---|---|---|---|---|---|
| 1 | Supply, Erection, Testing & Commissioning of 01 No. Ten Passenger, 680 Kg., (G+2) Floor Lift including all related Civil & Electrical works with Cladding works at Annex Building of ORSAC, Bhubaneswar. | Rs.14,81,961.77 | Rs.14,820.00 | Rs.7,080.00 | Manufacturing Company (OTIS/ Mitsubishi/ Schindler) or their Authorized Agency |
| 2 | Supply, Erection, Testing & Commissioning of 01 No. Thirteen Passenger, 884 Kg., (G+2) Floor Lift including all related Civil & Electrical works with Cladding works at Academic and administrative Building of Rajendra University, Bolangir | Rs.17,83,612.20 | Rs. 17,836.00 | Rs.7,080.00 | Manufacturing Company (OTIS/ Mitsubishi/ Schindler) or their Authorized Agency |
| 3 | Availability of Bid Documents in the website | Dt.16/06/2023 to Dt.26/06/2023 upto 5.00 P.M. | | | |
| 4 | Last date /time of Receipt of Bids in the Portal | Dt.26/06/2023 upto 5.00 P.M. | | | |
| 5 | Date / time of Opening Bid | Dt.27/06/2023 at 11.30 A.M | | | |
| 6 | The Bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | | | |

**N.B. - The quoted rate should be all inclusive but excluding G.S.T.as applicable under works contract.**

OIPR-12118/11/0022/2324 Sd./- Chief Engineer

## Expression of Interest

No. PP-17:- **"Expression of Interest"** in sealed cover is invited from reputed agency for **Operating Souvenir Shop in the Premises of Odisha Crafts Museum - Kalabhoomi Bhubaneswar.**

For details of EOI, TOR etc. please visit the website: **www.sidacodisha.org.in**. The last date for submission of EOI in the Office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto **5.00 P.M.** on **05.07.2023**. The details of EOI will be available in the website **w.e.f. 14.06.2023**.

Sd./- Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel. No. +91(0)674 2350138,
E-mail: sidacorissa@gmail.com, www.sidacodisha.org.in
SIDAC
OIPR-31036/11/0009/2324

## GOVERNMENT OF ODISHA
## ST & SC DEVELOPMENT DEPARTMENT PROJECT ADMINISTRATOR, ITDA, PHULBANI
itdaphulbani@gmail.com

**"e" Procurement Notice for Building Works**
**1st Corrigendum to Identification Online Tender 02 of 2023-24 Dtd.03.06.2023**

No. CAD-947: Due to unavoidable circumstance the work Sl.No. 01 to Sl.No. 03 Identification No. PA ITDA PLB-02 of 2023-24 is hereby cancelled.

Sd./- Project Administrator
ITDA, Phulbani
OIPR-26040/11/0005/2324

No.N-23
## COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR-751013

**NOTIFICATION**

Bhubaneswar, dated the **12th June, 2023**

**RE-CHECKING/RE-ADDITION OF MARKS FOR THE ANNUAL H.S. EXAMINATION, 2023.**

**No. EC-III-13/23/2629/CHSE/** It is for information of all students who have appeared the Annual H.S. Examination, 2023 in Science, Commerce, Arts and Vocational streams except those who have been booked under Malpractice, or whose result have been withheld or declared invalid and desirous of applying for re-checking/re-addition of marks in any of the subjects/paper(s) may do so within the period **14.06.2023 to 28.06.2023** on depositing the requisite fees @ **Rs.200/-** (Rupees Two Hundred) only per paper through S.B. Collect.
The details can be viewed from the official website of Council at http: www.chseodisha.nic.in.

By order of the Chairman
Sd./- Controller of Examinations
OIPR-11003/11/0004/2324

**"e"-PROCUREMENT NOTICE** No.B-346
## GOVERNMENT OF ODISHA WORKS DEPARTMENT
E-mail: eeqcrandbbbsr@gmail.com

**Bid Identification No. DDR/RDQP-02/2023-24**

1. Deputy Director Research, R.D.&Q.P. (R&B), Odisha, Bhubaneswar, on behalf of Governor of Odisha, invites online bids/ tenders from eligible reputed /ISO Certified laboratory equipment manufacturers or their authorized distributors /dealers in double cover system for supply of one number of Konica Minolta Bizhub C 250-iA3 Digital multifunction Colour printer to the Office of the Chief Engineer, RD & QP (R&B) Odisha, Bhubaneswar, Nirman Soudha, Keshari Nagar, Unit V, Bhubaneswar- 751001 on rental basis during the financial year 2023-24 including their Maintenance,installation, commissioning & operational training under terms and conditions contained in the bid document.
2. Cost of Tender Paper : **Rs.600.00**
3. Availability of bid document on in the website : From 10.00 A.M. of 19.06.2023 to 5.00 PM of 05.07.2023
4. Date of opening of Bid : Dt.05.07.2023 at 5.30 PM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Deputy Director Research,
RD&QP (R&B), Odisha
OIPR-34167/11/0002/2324

No.CAD-938
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022
IDCO/H.O./P&C/EST/E-2036/01/2022 18364 09.06.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Construction of IDCO Towers on Turnkey mode (Design, detailed engineering and Build) at 8 (eight) different locations under 4 (four) packages. **2. Procurement Officer:** Chief General Manager (P&C), IDCO, IDCO Towers, Bhubaneswar. **3. Bid ID/Tender Reference No.** : P&C/EST/E-40/2023-24.
**4. Other details:**

| Packages | Package 1 | Package 2 | Package 3 | Package 4 |
|---|---|---|---|---|
| Locations | a.Sambalpur b.Jajpur | a.Berhampur b.Badbil | a.Balasore b. Paradeep | a.Angul b.Infovalley, Khordha |
| Period of completion | 30 (Thirty) Calendar Months | 30 (Thirty) Calendar Months | 30 (Thirty) Calendar Months | 36 (Thirty Six) Calendar Months |
| Availability of Tender online for bidding | 21.06.2023 to 28.07.2023 17.00 Hrs. | 22.06.2023 to 31.07.2023 17.00 Hrs. | 23.06.2023 to 02.08.2023 17.00 Hrs. | 26.06.2023 to 04.08.2023 17.00 Hrs. |

Further details can be seen from the e-procurement portal **www.tendersodisha.gov.in.** and Corrigendum if any will not be published in newspapers and can only be seen in e-procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C), IDCO, Bhubaneswar
OIPR-14003/11/0076/2324

## OFFICE OF THE DISTRICT COLLECTOR, NAYAGARH
(EXCISE SECTION)

**NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT**

**No. 1006/Ex. Dated: 13.06.2023**

No. F-79: Applications are invited for settlement of 03 (Three) numbers of Country Liquor Shops of Nayagarh District for the year, 2023-24 onwards by way of lottery. The persons interested to participate may apply online in "Form - B" through the portal **http://stateexcise.odisha.gov.in** from 13.06.2023 to 26.06.2023 (05.00 P.M.). Lottery will be held on 01.07.2023 at Conference Hall of Collectorate, Nayagarh from 11.00 A.M. onwards.
The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.

OIPR-36020/11/0001/2324 Sd./- Collector, Nayagarh

No.N-22
## COUNCIL OF HIGHER SECONDARY EDUCATION ODISHA
PRAJNAPITHA, SAMANTAPUR, BHUBANESWAR-751013

**NOTIFICATION**

Bhubaneswar, dated the **12th June, 2023**

**No. EC-II-(MP)-29/23/2624/CHSE/** It is hereby notified for all concerned that the candidates who have been booked under Malpractice in Arts, Science, Commerce and Vocational streams during Annual HS Examination, 2023 are required to submit written statement in their defence in the prescribed proforma as mentioned below. The written statement of defence must reach to the Controller of Examinations latest by 29th June, 2023 at 5.00 P.M. either in person or by Post.

No Postal delay will be entertained in this regard.

If the candidates who do not submit written statements in their defence within the above stipulated date & time, it will be presumed that they have nothing to say in their defence and proper action as deemed fit shall be taken on the basis of available records with the Council.

By order of the Chairman,
Sd./- Controller of Examinations

**STATEMENT OF THE CANDIDATE BOOKED UNDER M.P.**

1. Name of the Candidate:
2. Roll No:
3. Registration No:
4. Name of the HS School:
5. Subject(s) in which booked under Malpractice:
6. Whether resorted to M.P. inside the Examination Hall: (YES / NO)
7. Statement of the candidate shall be furnished in his / her own hand writing briefly: (use additional sheet if, required)

Signature of the Candidate
Address:
Date:
Mobile:

By order of the Chairman
OIPR-11003/11/0003/2324 Sd./- Controller of Examinations

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR
No. 2820 Date: 09.06.2023

**INVITATIONS FOR BIDS (IFB)**
**1st Corrigendum to Bid Identification No. C.C.E.K.C., Keonjhar No. 09/2023-24**

No. B-349: The following changes are made to the works invited vide Bid Identification No. C.C.E.K.C., Keonjhar No. 09/2023-24 vide Letter No. 2727 Dt.05.06.2023.

1. The bid documents in the website **www.tendersodisha.gov.in** will be available in the website from 11.00 hours of 17.06.2023 to 16.00 hours of 22.06.2023 for online bidding.
2. Bids shall be received only on "Online" on or before 16.00 hours of 22.06.2023.
3. Bids received "Online" shall be opened at 11.30 hours on 23.06.2023 in the Office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd./- Chief Construction Engineer
OIPR-34033/11/0020/2324 Keonjhar (R&B) Circle, Keonjhar

## CUTTACK MUNICIPAL CORPORATION
**"e" PROCUREMENT NOTICE**

No. C-564 **Tender ID: 2023_ORULB_89807**
**Bid Reference No. MC(CMC)CTC_Div.-I_No. 7/2023-24**
**Tender Call Notice No. 3113 (PW) Date: 12.06.2023**

Name of Works : Civil Works
No. of Works : 19 Nos.
Bid Value : Rs.1.88 Lakh to Rs.41.17 Lakh
Period of Completion : One Calendar Month to Four Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.14.06.2023 | 5.00 P.M. on Dt.28.06.2023 | 11.00 A.M. on Dt.04.07.2023 |

Tender details can be seen from the procurement portal: **www.tendersorissa.gov.in**.

Executive Engineer, City Div.-I
OIPR-13031/11/0026/2324

## OFFICE OF THE REGULATED MARKET COMMITTEE, JUNAGARH
**No. 410/RMC(J) Dated: 10.06.2023**

**TENDER CALL NOTICE**

No. H-12: The Sub-Collector, Dharmagarh-cum-Chairman, Regulated Market Committee, Junagarh invite rate quoted bid in sealed cover from reputed Manufacturer/Authorized Registered Dealer/Supplier for supply, installation & fixing of the Price Display Board 20 numbers in different market yard under R.M.C., Junagarh.

| Sl. No. | Name of the Item | Size of Board | Quantity (In Nos.) |
|---|---|---|---|
| 1 | Pirce Display LED Board | 10ft × 6ft | 01 |

The bid documents can be available from Dt.14.06.2023 to Dt.29.06.2023 upto 5.00 P.M. in the District website i.e. **www.kalahandi.nic.in**. The suppliers/firms should furnish their bid documents through Regd. Post/Speed Post on the envelope on or before Dt.29.06.2023 upto 5.00 P.M. and the same will be opened in presence of purchase committee on Dt.03.07.2023 at 3.00 P.M. in the Office of the Sub-Collector, Dharmagarh-cum-Chairman, RMC, Junagarh at Dharmagarh. The details of the above quotation will be downloaded from official website of Kalahandi district **(http://www.kalahandi.nic.in)** from 14.06.2023 to 29.06.2023 upto 5.00 P.M.

Sd./- Sub-Collector, Dharmagarh-cum-Chairman, R.M.C., Junagarh
OIPR-07074/11/0001/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR
E-mail- eesbprnbdivision2@gmail.com, Phone -0663-2410104
BID IDENTIFICATION No. SE / R and B / SBP II/04 (online)/2023-24

**E-procurement notice**

No.2233 /Dated.7.6.2023

**No.B-345:** The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double cover System in ONLINE MODE.

1. No. of Work : **05 (Five) Nos. (Building Works)**
2. Tender Cost : **Rs.10000/- & 6000/- & 4000/-**
3. Class of Contractor : **"B", "C" & "D" Class Contractors**
4. Availability of bid document in the website. : **18:00 Hours of 17.06.2023 to 17:00 Hours of 27.06.2023**
5. Date of Opening of Tenders : **11:30 Hours on dt.28.06.2023**
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/Cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II
OIPR-34136/11/0005/2324

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
**INVITATIONS FOR BIDS (IFB)**
E-mail ID:cebuildings_orissa@yahoo.co.in
cebuildings@rediffmail.com, Tel.-(0674)-2391523

File No- B-IV-H-(H&D)-22/2021 Lr. No.- 24722 Bhubaneswar, the 12th June, 2023
**Invitation for Bids**
No.B-350: **Bid Identification No. C.E. (B) - 09 / 2023-24**

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for construction of Building works as detailed below. | | |
| 2. | Nature of work | : | Building work |
| 3. | No. of work | : | 1 No. |
| 4. | Bid Cost. | : | Rs.10,000/- (each) |
| 5. | Class of Contractor | : | 'A'/ Special Class |
| 6. | Availability of Bid Documents in the website | : | From dt.21.06.2023 to 17.00 Hours of dt.05.07.2023. |
| 7. | Date of Opening of Bid | : | Dt.06.07.2023 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer, Buildings,
Odisha, Bhubaneswar
OIPR-34117/11/0021/2324

See Career Appointment on every Wednesday & Saturday


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନ ଅବସରରେ ଖୋଲାଯାଇଥିବା ପାନ ପସରା।


କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ପୋଡ଼ପିଠା ଖୁଆଇ ରଜ ଉତ୍ସବ ପାଳନ କରୁଛନ୍ତି।

**ଗଣପର୍ବ ରଜ ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଗାଁ ଓ ସହର ସବୁଠି ଉତ୍ସବର ମାହୋଲ୍ ଆରମ୍ଭ ହୋଇଛି। ବୁଧବାର ପହିଲି ରଜରେ ପିଠା, ମିଠା, ପାନ ସାଙ୍ଗକୁ ଦୋଳି ଖେଳରେ ମଜି ଯାଇଛନ୍ତି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଝିଅ, ବୋହୂମାନେ। ବିଶେଷକରି ତରୁଣୀମାନେ ସଜବାଜ ହୋଇ ସାଙ୍ଗସାଥୀଙ୍କ ମେଳରେ ବୁଲାବୁଲି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜର ମଜା ନେଉଛନ୍ତି। ସହରର ବିଭିନ୍ନ ହୋଟେଲ, ଅନୁଷ୍ଠାନ, କ୍ଲବ୍ ଓ ଘରୋଇ ଭାବେ ସ୍ୱତନ୍ତ୍ର ରଜ ଉତ୍ସବର ଆୟୋଜନ କରାଯାଇଥିବାବେଳେ ରଜଦୋଳି, ଝୋଟି, ରଙ୍ଗୋଲି, ସାଜସଜ୍ଜା, ରଜକୁମାରୀ ପ୍ରତିଯୋଗିତା ସହ ନାଚଗୀତର ଆସର ଖୁବ୍ ଜମୁଛି।**

# ଜମିଲା ପହିଲି ରଜ

## ଓଡ଼ିଆଣୀଙ୍କ ରଜମଉଜ

''ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ...'' ଭଳି ରଜଗୀତର ମୂର୍ଚ୍ଛନାରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବ ମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ତଥା ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସନ୍ଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନଠାରେ ଓଡ଼ିଆଣୀଙ୍କୁ ନେଇ ଆୟୋଜିତ 'ରଜ ମଉଜ'। ତ୍ରୁଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ସହ ଦର୍ଶକମାନଙ୍କୁ ପରିବେଷଣ ଏବଂ କବିତା ପାଠୋତ୍ସବ, ସଙ୍ଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଦାଶ ବେନହୁର, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ୨୦୨୩ ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ଅନୁଷ୍ଠାନ ପକ୍ଷରୁ ପରିବେଶ ଲାଗି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ବିଶିଷ୍ଟ ପରିବେଶବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କୁ 'ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା।

## ଆଜି 'ସ୍ମୃତିରେ ଅକ୍ଷୟ'

ଭୁବନେଶ୍ୱର ଉପକଣ୍ଠ ପାହାଳ ଉତ୍କଳ ହାଇଟ୍ସ୍ଥିତ କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ମହୋତ୍ସବର ପ୍ରଥମ ଦିନରେ ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ଏବଂ ଉତ୍କଳ ହାଇଟ୍ସ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାଞ୍ଜଳୀ ଆୟୋଜନ କରାଯାଇଥିଲା। ଅନ୍ନପୂର୍ଣ୍ଣା ମହିଳା ଗୋଷ୍ଠୀଙ୍କ ବିଭିନ୍ନ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ଷ୍ଟଲ, ରଜ ପାନ ଓ ରଜ ଦୋଳିର ବ୍ୟବସ୍ଥା କରାଯାଇଛି। ଶତାଧିକ ମହିଳାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ। ଗୁରୁବାର 'ସ୍ମୃତିରେ ଅକ୍ଷୟ' କାର୍ଯ୍ୟକ୍ରମ ରହିଛି।

**-ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ରାଜଧାନୀର ଗାଁ ଗାଁରେ ରଜ

ରାଜଧାନୀର ବିଭିନ୍ନ ଗାଁରେ ପହିଲି ରଜର ଆସର ଜମିଛି। ବରମୁଣ୍ଡା, ଘାଟିକିଆ, ପାତ୍ରପଡ଼ା, ନୟାପଲ୍ଲୀ ଆଦି ଗାଁର ବିଭିନ୍ନ ଆଞ୍ଚଳିକ କମିଟି ପକ୍ଷରୁ ରଜ ମହୋତ୍ସବ ଆୟୋଜନ କରାଯାଇଛି। ପଡ଼ିଆରେ ରଜଦୋଳି ଗୀତ ଗୁଞ୍ଜରିତ ହୋଇଥିବାବେଳେ ମିଠାପାନ ସହ ଭଳିକି ଭଳି ଖାଦ୍ୟ ପସରାର ମଜା ନେଇଛନ୍ତି ସହରବାସୀ।

ପାତ୍ରପଡ଼ା ଗାଁରେ ସକାଳରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା- ଭଗବାନପୁର ଯୁବ ବାହିନୀ ପକ୍ଷରୁ ଆୟୋଜିତ ୧୩ତମ ରଜ ମହୋତ୍ସବରେ ସାରା ସହର ତଥା ସହର ବାହାରୁ ଲୋକମାନେ ଯୋଗ ଦେଇଥିଲେ। ଖରାକୁ ଖାତିର ନ କରି କୁନି କୁନି ପିଲାଙ୍କଠାରୁ ବୟସ୍କମାନେ ରଜ ପର୍ବର ମଜା ନେଇଛନ୍ତି। ଦିନ ତମାମ ନେତା, ଅଭିନେତା ଓ ଅଭିନେତ୍ରୀ ଏଠାରେ ପହଞ୍ଚି ଲୋକଙ୍କ ସହ ରଜ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇଥିଲେ। ଅପରାହ୍ନରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ପହଞ୍ଚି ରଜ ଉତ୍ସବରେ ନିଜକୁ ସାମିଲ କରିଥିଲେ। ରଜ ଗୀତ ଗାଇ ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ନେବାର ସୁଯୋଗକୁ ପ୍ରଶଂସକ ହାତଛଡ଼ା କରି ନ ଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାପଲ୍ଲୀରେ ଓଲିଉଡ଼ର ବିଶିଷ୍ଟ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଘାଟିକିଆ ମେଳଣ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

**-ଅନୁରାଧା ମହାରଣା, ଭୁବନେଶ୍ୱର**


କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି।


କଟକ ବିକାଶ ଭବନରେ ଅନୁଷ୍ଠିତ ରଜ ମହୋତ୍ସବରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।


ଭୁବନେଶ୍ୱର କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ପାରମ୍ପରିକ ନୃତ୍ୟ ପରିବେଷଣ।


ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ଅନ୍ୟମାନଙ୍କ ସହ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ଦୋଳି ଖେଳୁଛନ୍ତି।


କଟକ ବିକାଶ ଭବନରେ ବୁଧବାର ଅନୁଷ୍ଠିତ ରଜ ମହୋତ୍ସବ ତଥା ଲୋକକଳା ଉତ୍ସବ ଅବସରରେ ଯୁବତୀମାନେ ପରସ୍ପରକୁ ପାନ ଖୁଆଉଛନ୍ତି।



କଟକ ବିକାଶ ଭବନରେ ଆୟୋଜିତ ରଜ ମହୋତ୍ସବରେ କଟକ ମେୟର ସୁବାସ ସିଂ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ପୋଡ଼ପିଠା ଖୁଆଇ ଦେଉଛନ୍ତି। ନିକଟରେ ଅଛନ୍ତି କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ।


ଧଉଳି ଗୋପୀନାଥପୁର ମେଳଣ ପଡ଼ିଆରେ ମା' ଦକ୍ଷୀଣଚଣ୍ଡୀ ମହିଳା ମହାସଂଘ ପକ୍ଷରୁ ଅନୁଷ୍ଠିତ ୭ମ ରଜ ଉତ୍ସବରେ ଜଣେ ମହିଳା ଦୋଳି ଖେଳୁଛନ୍ତି।


ଭୁବନେଶ୍ୱର ପାତ୍ରପଡ଼ାଠାରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ଝୁଲାଉଛନ୍ତି।

# ମନେ ରହିବ 'ଲଷ୍ଟ'

ଚଳିତ ବର୍ଷ ଫେବୃୟାରୀ ୧୬ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଲଷ୍ଟ'। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ୟାମି ଗୌତମ। ରୋଲ୍‌ଟି ଥିଲା ବିଧି ସାହାଣୀ। ଆମର ହଜିଯାଉଥିବା ପରମ୍ପରାକୁ କିପରି ରକ୍ଷା କରାଯାଇପାରିବ ସେଥିଲାଗି ଜଣେ ନାରୀ କିପରି ଅଣ୍ଟା ଭିଡିଛି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏଥିରେ ନିଜ ଭୂମିକାକୁ ଠିକ୍ ଭାବେ ତୁଲାଇ ୟାମି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ଆଉ ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଏହାର ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ ମୋତେ ସୂଚନା ଦେଲେ ସେତେବେଳେ ମୁଁ ଭାବିଥିଲି ସିନେମାଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଆଉ ଶେଷରେ ତାହା ହିଁ ହୋଇଥିଲା। କିନ୍ତୁ ବଡ଼ ପରଦାରେ ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ଚିକାଗୋ ସାଉଥ୍ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ ଏବଂ ଗୋଆରେ ଆୟୋଜିତ ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା–'ଭିକି ଡୋନର', 'ଆକ୍ସନ ଜ୍ୟାକ୍ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନି ୱେଡ୍‌ସ ସନି', 'ଭୂତ ପୋଲିସ୍' ଏବଂ 'ଏ ଥର୍ସ ଡେ'।


ୟାମି

# ଜହ୍ନ ରାତିର ସାଥୀ


ସମିତ୍

କୋଟିପତି ସତ୍ୟଜିତ ପଟ୍ଟନାୟକ ନିଜ ବ୍ୟବସାୟକୁ ନେଇ ବ୍ୟସ୍ତ। ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ସହ ସୃଷ୍ଟି ହୁଏ ବନ୍ଧୁତା। ସମୟକ୍ରମେ ଦୁହେଁ ଏକାଠି ବିଜନେସ୍ କରିବାକୁ ସ୍ଥିର କରନ୍ତି। ଏହାଭିତରେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ୍ ସହ ପ୍ରେମସମ୍ପର୍କ ଗଢ଼ିଉଠେ। ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼। ସୁନୟନା ନାମ୍ନୀ ଜଣେ ଯୁବତୀ (ଯାହାର ଆତ୍ମା ଅତୃପ୍ତ ରହିଛି) ସଂସ୍ପର୍ଶରେ ଆସିବା ପରେ କାହାଣୀରେ ଆସେ ରୋଚକ ପରିବର୍ତ୍ତନ। ତେବେ ସୁନୟନା ଆତ୍ମା କାହିଁକି ଅତୃପ୍ତ ରହିଛି ଏବଂ ପରବର୍ତ୍ତୀ ସମୟରେ ଅମିତ–ନେହାର ପ୍ରେମ କିପରି ଆଗକୁ ଆଗଉଛି ଆଉ ସତ୍ୟଜିତ ଏବଂ ଶଙ୍କରଙ୍କ ଭିତରେ ଥିବା ବନ୍ଧୁତା ଅତୁଟ ରହେ କି ନାହିଁ ତାହାର ଉତ୍ତର ସିନେମାଟି ଦେଖିଲେ ହିଁ ଜାଣିପାରିବେ। ହଁ, ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥୀ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ପିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନ୍‌ସର କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ପରଦାରେ

# ଆଦିପୁରୁଷ


'ଆଦିପୁରୁଷ' ଫିଲ୍ମରେ ପ୍ରଭାସ ଏବଂ କ୍ରିତି

ରାମାୟଣ କଥାବସ୍ତୁକୁ ଆଧାର କରି ନିର୍ମିତ ହୋଇଛି 'ଆଦିପୁରୁଷ'। ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ପ୍ରାରମ୍ଭିକ କାମ ଆରମ୍ଭ ବେଳଠାରୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ସିନେ ସମୀକ୍ଷକ ଆକଳନ କରିଛନ୍ତି ଯେ, ଚଳିତ ବର୍ଷ ଏହା ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ଭାବରେ ପରିଗଣିତ ହେବ। ଏଥିରେ ରାମ ଭୂମିକାରେ ସାଉଥ୍ ଷ୍ଟାର ପ୍ରଭାସ, ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାଁ ଏବଂ ସୀତା ରୋଲ୍‌ରେ କ୍ରିତି ସାନନ୍ ଅଭିନୟ କରିଛନ୍ତି। ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନାଭାର ତୁଲାଇଛନ୍ତି ଓମ୍ ରାଓ୍ୱତ। ପ୍ରଯୋଜନା କରିଛନ୍ତି ଟି–ସିରିଜ୍ ଏବଂ ରେଟ୍ରୋଫିଲିସ୍। ଅତ୍ୟାଧୁନିକ ଟେକ୍ନୋଲୋଜିରେ ଏହାର ଶୁଟିଂ କରାଯାଇଛି। ଫିଲ୍ମଟିର ବଜେଟ୍ ରହିଛି ୭୦୦ କୋଟି। ୧୯୯୨ରେ ରିଲିଜ୍ ହୋଇଥିବା ଜାପାନୀ ଫିଲ୍ମ 'ରାମାୟଣ : ଦ ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'କୁ ଦେଖିବା ପରେ 'ଆଦିପୁରୁଷ' ନିର୍ମାଣ କରିବାକୁ ମନ ବଳାଇଥିଲେ ଓମ୍। ଫିଲ୍ମଟିର ଟିଜର ରିଲିଜ୍ ହେବା ପରେ ତାହା ଏତେ ଲୋକପ୍ରିୟ ହେଲା ଯେ ପୂର୍ବ ବଜେଟ୍ ୪୦୦ କୋଟିକୁ ଟପି ଏହା ୭୦୦ କୋଟିରେ ପହଞ୍ଚି ଯାଇଥିଲା। ଏ ନେଇ ଓମ୍ କୁହନ୍ତି, 'ଏଥିରେ ରାମ–ସୀତା–ରାବଣ ଚରିତ୍ର ନାମକୁ ବଦଳାଇ 'ରାଘବ–ଜାନକୀ–ଲଙ୍କେଶ' ରଖାଯାଇଛି। ଆଦିପୁରୁଷ ଅର୍ଥ ହେଲା ପ୍ରଥମ ପୁରୁଷ। କିନ୍ତୁ ଏହି ଟାଇଟଲର ଅର୍ଥ ହେଉଛି ବେଷ୍ଟ ମ୍ୟାନ୍ ବା ଶ୍ରେଷ୍ଠ ପୁରୁଷ। ସୀତା ଭୂମିକା ପାଇଁ କ୍ରିତିଙ୍କୁ ସାଇନ୍ କରିବା ପୂର୍ବରୁ ଆଉ କେତେଜଣ ଅଭିନେତ୍ରୀ–ଅନୁଷ୍କା ସେଟ୍ଟି, ଅନୁଷ୍କା ଶର୍ମା, କିଆରା ଆଡ୍‌ୱାନୀ ଏବଂ କୀର୍ତ୍ତି ସୁରେଶଙ୍କ ନାମ ବିଚାରକୁ ନିଆଯାଇଥିଲା।' ଏହି ଫିଲ୍ମରେ ଅଭିନୟ କରିବା ଲାଗି ପ୍ରଭାସ ପାରିଶ୍ରମିକ ଆକାରରେ ୧୫୦ କୋଟି ନେଇଛନ୍ତି।

# ଶିବ ଅବତାର


'ଓଏମ୍‌ଜି–୨' ଫିଲ୍ମରେ ଅକ୍ଷୟ

ଖିଲାଡି ମାଷ୍ଟର ଅକ୍ଷୟ କୁମାର ଖୁବ୍ ଶୀଘ୍ର ଏକ ନୂଆ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ଅବଶ୍ୟ ଏହା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଅନେକ ଭିନ୍ନ ଭୂମିକା ତାଙ୍କୁ ଚର୍ଚ୍ଚିତ କରିବା ସହ ଦର୍ଶକଙ୍କ ନିକଟତର କରାଇବାରେ ସାହାଯ୍ୟ କରିଛି। ଏଥରର ନୂଆ ଅବତାର ହେଲା ଶିବ ଆଉ ସିନେମାଟି ହେଉଛି 'ଓଏମ୍‌ଜି ୨'। ଏହାପୂର୍ବରୁ ୨୦୧୨ରେ ତାଙ୍କ ଅଭିନୀତ 'ଓଏମ୍‌ଜି' (ଓ ମାଇଁ ଗଡ୍) ହିଟ୍ ସାବ୍ୟସ୍ତ ହୋଇଥିଲା। ସେଥିରେ ଅକ୍ଷୟଙ୍କ ବ୍ୟତୀତ ପରେଶ ରାଓ୍ୱଲ, ମିଥୁନ ଚକ୍ରବର୍ତ୍ତୀ, ଗୋବିନ୍ଦ ନାମଦେବ ମଧ୍ୟ ଅଭିନୟ କରିଥିଲେ। ୨୦୨୧ରେ ଏହାର ସିକୁଏଲ ନିର୍ମାଣ କରିବାକୁ ଚିନ୍ତା କରିଥିଲେ ଅକ୍ଷୟ ଆଉ ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ କାହାଣୀ ଗତି କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବିପୁଲ ଡି. ଶାହା, ରାଜେଶ ବହଲ ଏବଂ ଅଶ୍ୱିନୀ ବର୍ଦ୍ଦେ। ଅମିତ ରାଇଙ୍କ ନିର୍ଦ୍ଦେଶିତ 'ଓଏମ୍‌ଜି ୨'ରେ ଅକ୍ଷୟଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ୟାମି ଗୌତମ, ଅରୁଣ ଗୋଭିଲଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

# କାରଣ ଖୋଜୁଛନ୍ତି ନୁସ୍‌ରତ

ନୁସ୍‌ରତ ଭରୁଚା କେତେ ଆଶା ରଖିଥିଲେ। ଯାହା ହେଉ ପୁଣି ଏକ ଅଫର ମିଳିଛି। ଏପରି କି ନୂଆ ସିନେମାଟିରେ ଅଭିନୟ କରିବାକୁ ସେ ନିଜର ସମ୍ମତି ଜଣାଇ ସାରିଥିଲେ। କିନ୍ତୁ ରାତାରାତି କ'ଣ ହେଲା କେଜାଣି, ଦେଖିଲା ବେଳକୁ ନୁସ୍‌ରତଙ୍କୁ ଫାଇନାଲ କାଷ୍ଟିଂରୁ ଆଉଟ୍ କରିଦିଆଯାଇଥିଲା। ଏହା ପଛରେ କି କାରଣ ରହିଛି ତାହାର ଖିଅ ଏଯାଏ ସେ ଖୋଜି ପାଉନାହାନ୍ତି। ତାଙ୍କ ସ୍ଥାନରେ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ନୁସ୍‌ରତ କହନ୍ତି, 'ମୋତେ କାହିଁକି ଶେଷକୁ କାଷ୍ଟିଂରୁ ବାଦ୍ ଦିଆଗଲା, ତାହା ମୁଁ ଜାଣିପାରୁନି। ଅବଶ୍ୟ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ରାଜି ହୋଇଥିଲି, କିନ୍ତୁ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। ପ୍ରଯୋଜନା ସଂସ୍ଥା ମୋ ବଦଳରେ ଅନନ୍ୟାଙ୍କୁ ନେଇଛି। ଏହାକୁ ମୁଁ ଅଧିକ ତର୍ଜମା କରିବାକୁ ଚାହୁଁନାହିଁ। କାରଣ ଆକ୍ଟିଂ ଲାଇନ୍‌ରେ ଏମିତି ଅନେକ ଘଟଣା ଘଟିଥାଏ।' ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଡ୍ରିମ୍ ଗର୍ଲ–୨'। ଚିତ୍ରଟି ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି। ଏଥିରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ୍ ଖୁରାନା।

ନୁସ୍‌ରତ



ରିଲିଜ୍ ଅପେକ୍ଷାରେ

# ଶଙ୍କର

ଆକ୍ସନ, ରୋମାଣ୍ଟିକ୍ ଓ ସସ୍‌ପେନ୍ସ ଭରା ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର'। ନାୟକ (ଦେବା) ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଆଉ ଜଣେ ସୁନ୍ଦରୀ (ଦିବ୍ୟା) ସହ। ଦୁହେଁ ଦୁହିଙ୍କୁ ଭଲ ପାଇ ବସନ୍ତି। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ଚିତ୍ରର ବିଭିନ୍ନ ଭୂମିକାରେ ଦେବା, ସିଦ୍ଧାନ୍ତ ମହାପାତ୍ର, ଶିବା, ଦିବ୍ୟା, କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। "ରଜ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ଏହା ମୋର ଦୃଢ଼ ବିଶ୍ୱାସ ବୋଲି କୁହନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ।"


'ଶଙ୍କର' ଫିଲ୍ମରେ (ବାମରୁ) ଦେବା, ସିଦ୍ଧାନ୍ତ, ଶିବା

# ଅ ତୀ ତ ରୁ

ଚିନ୍ମୟୀ



➤ଉଦୟ ପିକ୍‌ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସୂର୍ଯ୍ୟମୁଖୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସୌମେନ୍ଦ୍ର, ମିନତି, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜିତ ଏବଂ ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଜୀବନସାଥୀ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଏଥିରେ ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅମଡ଼ାବାଟ'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଉମାକାନ୍ତ, ଅକ୍ଷୟ, ଝରଣା ଦାସ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➤ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ନିର୍ମିତ 'ବନ୍ଧନ'ର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଏଥିରେ ଗୀତାଞ୍ଜଳି, ଗୋବିନ୍ଦ, ଧୀର ବିଶ୍ୱାଳ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤'ଅଶାନ୍ତ ଗ୍ରହ' ଫିଲ୍ମର ପ୍ରଯୋଜନା କରିଥିଲେ ତୋଫାନ ତ୍ରିପାଠୀ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହି ଚିତ୍ରରେ ଶରତଙ୍କ ବ୍ୟତୀତ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ମଧ୍ୟ ଅଭିନୟ କରିଥିଲେ।

➤ରାହାସ ବିହାରୀ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ସମର୍ପଣ'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଗିରିଶ, ତନ୍ଦ୍ରା, ନିହାରିକା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଝିଲି ମିଲି'ରେ ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➤ଓଡ଼ିଆ ସିନେମା 'ତଅପୋଇ'ର ପ୍ରଯୋଜନା କରିଥିଲେ ସୁବୋଧ ଚନ୍ଦ୍ର ସାମଲ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), ଧୀର ବିଶ୍ୱାଳ, କ୍ଷଣପ୍ରଭା ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଅପେକ୍ଷାରେ ଚିନ୍ମୟୀ

ନବାଗତା ଚିନ୍ମୟୀ ମଲ୍ଲ ଓରଫ ରାନୀ। ପାଠପଢ଼ା ସହିତ ମଡେଲିଂ ସହ ଜଡ଼ିତ। ହେଲେ ତା' ଭିତରେ ବଡ଼ ପରଦାରେ ନାୟିକା ସାଜିବାର ଆଶା ରଖିଛନ୍ତି। ଅବଶ୍ୟ ୟା ଭିତରେ ତାଙ୍କୁ କେତୋଟି ଅଫର ମିଳିଛି। ନିଜର ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ସ୍କୁଲରେ ପଢୁଥିଲି ସେତେବେଳେ ଡ୍ରାମାରେ ଅଭିନୟ କରୁଥିଲି। ଡ୍ୟାନ୍ସ ଥିଲା ମୋର ଆଉ ଏକ ରୁଚି। ଏବେ ପାଠ ପଢ଼ିବା ସହ ମଡେଲିଂ ଚାଲିଛି। ବର୍ତ୍ତମାନ ଅଭିନୟକୁ କ୍ୟାରିୟର କରିବାକୁ ଆଶା ରଖିଛି। ଏ ନେଇ ତରବର ହେଲେ ତ ହେବ ନାହିଁ। ଅପେକ୍ଷା କରିବାକୁ ପଡ଼ିବ। କାରଣ ବଡ଼ ପରଦାରେ କୌଣସି ନୂଆ ଅଫର ଗ୍ରହଣ କରିବା ପୂର୍ବରୁ ମୋତେ ଗମ୍ଭୀରତା ସହ ଚିନ୍ତା କରିବାକୁ ପଡ଼ିବ। ବାକି ରହିଲା ରୋଲ୍ କଥା। ଜଣେ କଳାକାର ସବୁପ୍ରକାର ଭୂମିକା ତୁଲାଇ ପାରୁଥିବା ଦରକାର, ଆଉ ସେ ଆତ୍ମବିଶ୍ୱାସ ନିଜ ଉପରେ ରହିଛି।' ବଲିଉଡ୍‌ରେ ଶାହରୁଖ, ସଲ୍‌ମାନ ଏବଂ ଓଲିଉଡ୍‌ରେ ବାବୁସାନ୍, ଅର୍ଚ୍ଚିତା ହେଉଛନ୍ତି ତାଙ୍କ ମନପସନ୍ଦର କଳାକାର। ଇତିମଧ୍ୟରେ ସେ 'ଆଖି ପଲକରେ ତୁ' ନାମକ ଏକ ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତେବେ କଟକ ଜିଲା ସାଲେପୁରରେ ଜନ୍ମିତା ଚିନ୍ମୟୀଙ୍କ ବଡ଼ ପରଦା ଆଶା କେବେ ପୂରଣ ହେଉଛି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡ଼ିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତନିସ୍କର ନୂଆ 'ସୁନା ବଦଳ ନୀତି' ପ୍ରଚଳନ

ଭୁବନେଶ୍ୱର,୧୪।୬
(ଅଭୟ ଦାଶ)

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଏକ ଅଭିନବ ପଦକ୍ଷେପ ତଥା ସୁବିଧା 'ସୁନା ବଦଳ ନୀତି'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନାର ବର୍ଦ୍ଧିତ ଦର ମଧ୍ୟରେ ତନିସ୍କ ତା'ର ନୂଆ 'ସୁନା ବଦଳ ନୀତି' ପ୍ରଚଳନ କରିଛି। ବିଶେଷକରି ଅସ୍ଥିର ଦର ମଧ୍ୟରେ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ସେହିଭଳି ଗ୍ରାହକଙ୍କୁ ସେମାନଙ୍କ ସୁନାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ସହ ଉକ୍ତ ନୀତି ସେମାନଙ୍କୁ ବେଶ୍ ସହାୟକ ଓ ପୁରୁଣା ସୁନାକୁ ଅପ୍‌ଗ୍ରେଡ୍ କରିବାର ସୁଯୋଗ ଦେଉଛି। ଫଳରେ ସେମାନେ ତନିସ୍କର ନୂଆ ତଥା ଅତ୍ୟାଧୁନିକ ଡିଜାଇନ ପାଇପାରିବେ। ବର୍ତ୍ତମାନ ତନିସ୍କରେ ସୁନା ବଦଳ ୧,୦୦,୦୦୦ କିଲୋଗ୍ରାମର ମାଇଲଖୁଣ୍ଟ ଛୁଇଁବା ପରିପ୍ରେକ୍ଷୀରେ ଏହି ସୁନା ବଦଳ ନୀତି ଘୋଷଣା କରାଯାଇଛି। ଏପରିକି ୧୦୦ ଟନ୍ ସୁନା ବଦଳ ମାଧ୍ୟମରେ ୨୦ ଲକ୍ଷ ଗ୍ରାହକ ତନିସ୍କ ଉପରେ ସେମାନଙ୍କ ଭରସା ଦେଖାଇଛନ୍ତି ଏବଂ ଏକ୍ସଚେଞ୍ଜ ପାଇଁ ତନିସ୍କକୁ ବାଛିଛନ୍ତି। ସୁନା ଦରରେ ବୃଦ୍ଧି ଧାରା ଜାରି ରହିଥିବାବେଳେ ଗ୍ରାହକ ସେମାନଙ୍କର ପୁରୁଣା ସୁନାର ମୂଲ୍ୟ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର




ପନ୍ଥା ଆପଣାଉଛନ୍ତି। ଏହାକୁ ବଦଳାଇ ଆଧୁନିକ ଡିଜାଇନ ଗହଣା ନେଉଛନ୍ତି। ଏପରିକି ପ୍ରତି ୨୦ କ୍ୟାରେଟ୍ ଏବଂ ତଦୂର୍ଦ୍ଧ୍ୱ ମାନର ପୁରୁଣା ସୁନା ବଦଳ ଉପରେ ତନିସ୍କ ୧୦୦% ମୂଲ୍ୟ ପ୍ରଦାନ କରୁଛି। ଏହାର ସୁନା ବଦଳ ପ୍ରୋଗ୍ରାମ ଭରସା, ସ୍ୱଚ୍ଛତା ଏବଂ ଗ୍ରାହକଙ୍କ ପାଇଁ ଅଦ୍ୱିତୀୟ ମୂଲ୍ୟ ପ୍ରଦାନକୁ ସୂଚାଉଛି। ଏହି ନୂଆ ବଦଳ ନୀତି ଦେଶରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ବୈଧ। ଲୋକମାନେ ବିବାହ ଋତୁ ଏବଂ ଅନ୍ୟାନ୍ୟ ଅବସର ପାଇଁ ସୁନା କିଣିବାକୁ ଯୋଜନା କରୁଥିବାବେଳେ ଏହି ବଦଳ ନୀତିକୁ ତନିସ୍କ ପ୍ରଚଳନ କରିଛି।

ଏ ସମ୍ପର୍କରେ ଟାଇଟନ କମ୍ପାନୀ ଲିମିଟେଡ୍‌ର ଗହଣା ଡିଭିଜନ ସିଇଓ ଅଜୟ ଚାୱଲା କହିଛନ୍ତି, ଦେଶବ୍ୟାପୀ ୨୦ଲକ୍ଷ ଗ୍ରାହକଙ୍କ ଦ୍ୱାରା ୧୦୦ଟନ୍ ସୁନା ବଦଳର ଏହି ସେଲିବ୍ରେଶନ ବର୍ଷ ବର୍ଷ ଧରି ଆମ ଉପରେ ରହିଥିବା ଗ୍ରାହକଙ୍କ ଭରସା ଏବଂ ବିଶ୍ୱାସର ସଙ୍କେତ। ବର୍ତ୍ତମାନ ସୁନାର ବର୍ଦ୍ଧିତ ଦରକୁ ଦେଖିଲେ ଗ୍ରାହକଙ୍କ ପାଇଁ ଏହାର ବଦଳ ଏକ ଭଲ ନିଷ୍ପତ୍ତି। ଲକରରେ ସୁନାକୁ ପକାଇ ରଖିବା ଅପେକ୍ଷା ଏହାକୁ ବଦଳ କରିବା ଉତ୍ତମ। ଏହି ପ୍ରୋଗ୍ରାମରେ ସାମିଲହେବାକୁ ସମସ୍ତଙ୍କୁ ଆହ୍ୱାନ। ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ସୁନା ମଧ୍ୟ ତନିସ୍କ ଗ୍ରହଣ କରୁଛି। ଗ୍ରାହକ ନିଜ ସୁବିଧା ଅନୁସାରେ ଏହାକୁ ଦେଶରେ ଥିବା ଯେକୌଣସି ତନିସ୍କ ଷ୍ଟୋରରେ ବଦଳ କରିପାରିବେ। ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ବିଶାଳ ରେଞ୍ଜ ଗହଣା ଯେପରି ଗୋଲ୍ଡ ପ୍ଲେନ୍, ଗ୍ଲାସ୍ କୁନ୍ଦନ, କୁନ୍ଦନ ପୋଲ୍‌କୀ, ଓପନ୍ ପୋଲ୍‌କୀ, ପିଜେଡବ୍ଲ୍ୟୁଏସ୍, କଲର ଷ୍ଟୋନ୍ ଆଦିରେ ଉପଲବ୍ଧ।

# ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୪।୬

ଇ-କର୍ମସ ପ୍ଲାଟ୍‌ଫର୍ମ ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୬୦୦୦ରୁ ଅଧିକ ପ୍ରତିଷ୍ଠିତ ଘରୋଇ ଓ ଅନ୍ତର୍ଜାତୀୟ ଉତ୍ପାଦ ଏବଂ ଡି୨ସି ବ୍ରାଣ୍ଡଗୁଡ଼ିକରୁ ୨୦ଲକ୍ଷରୁ ଅଧିକ ଫ୍ୟାଶନ,ବିୟୁଟି ଓ ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ବର୍ତ୍ତମାନ ଲାଇଭ୍ ରହିଛି। ଏପରିକି ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ମିନ୍ତ୍ରା ପକ୍ଷରୁ ଇଓଆର୍‌ଏସ୍ ୧୮ରେ ପ୍ରତ୍ୟେକ ଫ୍ୟାଶନିଷ୍ଟାଙ୍କ ସ୍ୱପ୍ନ ପୂରଣ ହେବ ତାହା ମିନ୍ତ୍ରା ପକ୍ଷରୁ ସୁନିଶ୍ଚିତ କରାଯାଉଛି। ଏଠାରେ ମିନ୍ତ୍ରାର ୫ଟି ଆକର୍ଷଣୀୟ ଫିଚର ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି, ଯାହାକୁ ଗ୍ରାହକମାନେ ଇଓଆର୍‌ଏସ୍ ୧୮ର ଶପିଙ୍ଗ୍ କରିବା ବେଳେ ନିଶ୍ଚିତ ଭାବେ ଦେଖିବା ଓ ବ୍ୟବହାର କରିବା ଉଚିତ। ଫଳରେ ଶପରମାନଙ୍କ ଏଣ୍ଡ୍-ଟୁ-ଏଣ୍ଡ୍ ଶପିଙ୍ଗ୍ ଯାତ୍ରାକୁ ଉନ୍ନତ କରିବା ପାଇଁ ଆରମ୍ଭ କରାଯାଇଛି।

# ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ



ଭୁବନେଶ୍ୱର,୧୪।୬

ଜୋୟା ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ। ଟାଟା ଗ୍ରୁପ୍‌ର ସହଯୋଗୀ ପ୍ରତିଷ୍ଠାନ ତଥା ଟାଟା ହାଉସର ସୂକ୍ଷ୍ମ ହୀରା ବୁଟିକ୍ ଜୋୟାର ବିରଳ ଓ ପ୍ରିମିୟମ ଅଳଙ୍କାର ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଜୁନ୍ ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ବିଶେଷକରି ଭୁବନେଶ୍ୱରରେ ଜୋୟାର ପ୍ରଥମ ଟ୍ରଙ୍କ୍ ଶୋ' ପ୍ରଦର୍ଶିତ ହେବ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ଶୋ' ଗ୍ଲାମର ମହିଳାମାନଙ୍କ ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଏପରିକି ଉତ୍କର୍ଷ ତଥା ଆଖି, ସୌନ୍ଦର୍ଯ୍ୟତା ଏବଂ ଜୋୟା ସାରେଜେୱେଲାରୀ ଅନ୍ୱେଷଣର ଏକ ବ୍ୟାପକ ସମ୍ଭାର ପ୍ରଦର୍ଶିତ ଏବଂ ବିକ୍ରୟ ହେବ। ବିଶେଷକରି ଜୋୟାର ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଅନୁଭୂତିକୁ ସବୁସ୍ତରରେ ଗ୍ରାହକମାନେ ନିର୍ଣ୍ଣୟ କରୁଛନ୍ତି। ଫଳରେ ସମସାମୟିକ ତଥା କ୍ଲାସିକ୍ ଶୈଳୀରେ ଜୋୟାର ଅବିସ୍ମରଣୀୟ ଅଳଙ୍କାର ଉଭୟ ଦେଶର ଓ ବିଦେଶର ମହିଳାଙ୍କ ଚାହିଦା ଓ ଆଗ୍ରହକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥାଏ। ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀ ୨୦୨୩ ୧୬ ଜୁନ୍‌ରୁ ୧୮ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଘଣ୍ଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଜାରି ରହିବ। ଅପରପକ୍ଷରେ ଏକ କପ୍ ଚା କିମ୍ବା କଫି ସହିତ ଜୋୟାର ସୁନ୍ଦର ସଂଗ୍ରହକୁ ଅନୁସନ୍ଧାନକରି କିଛି ଅନିଚ୍ଛାକୃତ 'ସମୟ' ବିତାନ୍ତୁ। ଏପରିକି ଭାରତର ପ୍ରାଚୀନ ଷ୍ଟେପ୍‌ୱେଲସ ଦ୍ୱାରା ଅନୁପ୍ରାଣିତ ଗୋଲାପ ଏବଂ ଧଳା ସୁନାରେ ଏକ ଅଟୋଗ୍ରାଫ୍ ସଂଗ୍ରହ ସହ ପାଟେଣ୍ଟେଡ ଜୋୟା ବାଓଲି' ସେଟିଂ ଆର୍ଟେର୍ନା, ପାଟେଣ୍ଟେଡ ଆଦିର ପଥର କଟିଂ ପ୍ରଦର୍ଶିତ ଏବଂ ବ୍ୟକ୍ତିଗତ ଭାବେ ଷ୍ଟାକ୍ କିମ୍ବା ପିନ୍ଧାଯାଇପାରିବ। ବିଶେଷକରି ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଧାନ ସମୟରେ ଏକ ସହଜପଣ ଓ ମନରେ ପରିବର୍ତ୍ତନ ଆଣିପାରେ ବୋଲି ଜୋୟା ପକ୍ଷରୁ କୁହାଯାଇଛି।

# ନିଟ୍ ଫଳାଫଳରେ ଓଡିଏମ୍‌ର ବାଜିମାତ୍

ଭୁବନେଶ୍ୱର,୧୪।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଏମ୍ ପବ୍ଲିକ୍ ସ୍କୁଲ ନିଟ୍-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ପୁଣିଥରେ ବାଜିମାତ୍ କରିଛି। ଏପରିକି ସଦ୍ୟ ପ୍ରକାଶିତ ନିଟ୍-୨୦୨୩ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଅଭୂତ ପୂର୍ବ ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ସେହିଭଳି ସ୍କୁଲର ସର୍ବମୋଟ ୧୭୮ ଛାତ୍ରୀଛାତ୍ର ନିଟ୍-୨୦୨୩ ଚୟନ ତାଲିକାରେ ରହିଥିବା ବେଳେ ଦିପ୍ତେଶ କୁମାର ବେହେରା ସର୍ବଭାରତୀୟ ସ୍ତରରେ ୫୭୧ ତମ ସ୍ଥାନ ହାସଲକରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା (ବିତ୍ତ ଓ ପ୍ରଶାସନ) ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ ସଞ୍ଚାଳନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସ୍କୁଲର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ତାଙ୍କର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାଙ୍କୁ ନିଷ୍ଟର ସହାୟତା

ଭୁବନେଶ୍ୱର,୧୪।୬




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନ ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଗି ଘୋଷଣା କରିଥିବା ବେଳେ ନିଷ୍ଟର ପ୍ରତିଷ୍ଠାତା ଡ. ସୁକାନ୍ତ ମହାପାତ୍ର ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଉକ୍ତ ପରିବାରର ଯେଉଁ ପିଲାମାନେ ନିଷ୍ଟରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ କିମ୍ବା ବିଜ୍ଞାନରେ ପଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଶତ ପ୍ରତିଶତ ଏକାଡେମିକ୍ ଫି଼ଛାଡ଼ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଅପରପକ୍ଷରେ ରେଳ ଦୁର୍ଘଟଣାରେ ପୀଡ଼ିତ ପରିବାରର ସଦସ୍ୟମାନଙ୍କୁ ଉତ୍ସର୍ଗୀକୃତ ହେଲ୍‌ପ ଡେକ୍ସ +୯୧-୯୭୭୭୧୪୬୪୭୮ରେ ଯୋଗାଯୋଗ କରିବାକୁ ମହାପାତ୍ର ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସବ୍ୟସାଚୀ ରଥ, ଡିନ୍, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ଏବଂ ଡ. ପ୍ରିୟଦର୍ଶୀ ତ୍ରିପାଠୀ, ପ୍ରିନ୍ସିପାଲ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପ୍ରମୁଖ ଉପସ୍ଥିତ ରହିଛନ୍ତି ।

# ୟୁବିଆଇ ପକ୍ଷରୁ ୧.୩୪ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୪।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରର ବାଳମୁକୁଳିଠାରେ ଏକ ଜନ ସୁରକ୍ଷା ଶିବିର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଋଣମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଆଇ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜୟଗୋପାଳ ବେହେରା,ଉପ କ୍ଷେତ୍ରୀୟ ମୁଖ୍ୟ ଜି.ଏନ୍. ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଳମୁକୁଳି ଶାଖାର ଶାଖା ପ୍ରବନ୍ଧକ ସୁଶାନ୍ତ ମଲ୍ଲିକଙ୍କ ସମେତ ଉଙ୍ଗରା ଶାଖାର ଶାଖା ପ୍ରବନ୍ଧକ ରାକେଶ ଦାଶ ଓ ଯାଜପୁର ମୁଖ୍ୟ ଶାଖାର ଶାଖା ପ୍ରବନ୍ଧକ ସଚିନ ସୋନୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର କ୍ଷେତ୍ରର ବିଭିନ୍ନ ଶାଖାର ପ୍ରମୁଖ ଗ୍ରାହକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ଏପରିକି ମୋଟ ୨୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧.୩୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ଜୟଗୋପାଳ ବେହେରା ପ୍ରଦାନ କରିଥିଲେ। ସେହିଭଳି କ୍ଷେତ୍ରର ସବୁ ବର୍ଗର ଗ୍ରାହକଙ୍କ ମଧ୍ୟରେ ଜନସୁରକ୍ଷା ବୀମା ଯଥା ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ବିଷୟରେ ଅବଗତ କରାଇବା ସହିତ ଜନସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ଶାଖା ମୁଖ୍ୟମାନଙ୍କୁ ଉଭୟ ବେହେରା ଓ ଦାସ କହିଥିଲେ। ସେହିପରି ଉକ୍ତ ଶିବିର ଜରିଆରେ ମୋଟ ୬୦୦ ଜନ ସୁରକ୍ଷା ବୀମା ନାମାଙ୍କନପତ୍ର ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଶକ୍ତିପ୍ରସାଦ ରଥଙ୍କ ଦ୍ୱାରା ଉକ୍ତ ଶିବିର ଉତ୍ତମ ଭାବେ ଆୟୋଜିତ ହୋଇଥିଲା।

## ଫୁର୍‌ସତ୍

# ବିଜୟଙ୍କ ସହ ନଜର ଆସିବେ ମୃଣାଳ



ମୁମ୍ବାଇ

ଅଭିନେତ୍ରୀ ମୃଣାଳ ଠାକୁରଙ୍କ ତେଲୁଗୁ ଫିଲ୍ମ 'ସୀତାରାମମ୍' ଜରିଆରେ ସେ ଦର୍ଶକଙ୍କ ଅଧିକ ପସନ୍ଦ ହୋଇପାରିଛନ୍ତି। ସେବେଠାରୁ ତାଙ୍କୁ ଅନେକ ଫିଲ୍ମ ପାଇଁ ଅଫର ଆସୁଛି। ତେବେ ଅଭିନେତ୍ରୀ ମୃଣାଳ ଓ ଅଭିନେତା ବିଜୟ ଦେବରକୋଣ୍ଡା ଏକାଠି ନଜର ଆସିବାକୁ ଯାଉଛନ୍ତି। ଦୁହିଁଙ୍କୁ ପ୍ରଥମ ଥର ପାଇଁ ଷ୍ଟେଜ୍‌ରେ ଦେଖିବାକୁ ମିଳିବ। ନିକଟରେ ଫିଲ୍ମ ଶୁଟିଂ ଆରମ୍ଭ ହେବାର ସମୟ ଧାର୍ଯ୍ୟ ହୋଇଯାଇଛି। ଚଳଚ୍ଚିତ୍ର ନାମ ଜଣାପଡି ନ ଥିବାବେଳେ ତାହା ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିଯିବ। ଭେଙ୍କଟେଶ୍ୱର କ୍ରିଏଶନ ମାଧ୍ୟମରେ ମୁଭିକୁ ପରଶୁରାମ ପେଟ୍‌ଲା ପ୍ରଯୋଜନା କରିବେ। ବିଜୟ ବର୍ତ୍ତମାନ ଫିଲ୍ମ 'ଖୁସି'ରେ ବ୍ୟସ୍ତ ରହିଛନ୍ତି, ଯାହା ଏକ ରୋମାଣ୍ଟିକ୍ କମେଡି ମୁଭି। ତେବେ ମୃଣାଳ ୨୦୧୪ରେ ତାଙ୍କ ମରାଠୀ ଫିଲ୍ମ 'ଭିଟି ଦଣ୍ଡୁ' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଅନେକ ଫିଲ୍ମ କରିଥିବାବେଳେ 'ସୀତାରାମମ୍'ରେ ଚର୍ଚ୍ଚାକୁ ଆସିଥିଲେ। ଆଗକୁ ତାଙ୍କ ହାତରେ ଆହୁରି ଅନେକ ଫିଲ୍ମ ରହିଛି। ଯେଉଁଥିପାଇଁ ସେ ବ୍ୟସ୍ତ ଅଛନ୍ତି। ଏଥିସହ ସେ ଟେଲିଭିଜନର ଅନେକ ସିରିଏଲରେ ମଧ୍ୟ କାମ କରିଛନ୍ତି।

# ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ୨୩ ମୁଦ୍ରା ଭର୍ତ୍ତି କଲେ

**ଲଣ୍ଡନ:** ୨ ବର୍ଷର କୁକୁର ନିକଟରେ ପିଗି ବ୍ୟାଙ୍କରେ ଟଙ୍କା ଭର୍ତ୍ତି କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ବ୍ରିଟେନର ଆବେରଡିନ୍ ଅଞ୍ଚଳର କୁକୁର ଲିଓ ସ୍ପାସ୍‌ଡ ୧ ମିନିଟ୍ ଭିତରେ ପିଗି ବ୍ୟାଙ୍କରେ ୨୩ଟି ମୁଦ୍ରା ଭର୍ତ୍ତି କରିଛି। ଏହା ପୂର୍ବରୁ ୨ ବର୍ଷର କକ୍କର ସ୍ପାନିଏଲ ନାମକ କୁକୁର ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ମୁଦ୍ରା ଭର୍ତ୍ତି କରି ଏହି ରେକର୍ଡ କରିଥିଲା। ତେବେ ଲିଓକୁ ତା' ମାଲିକ ଏମିଲି ଆଣ୍ଡରସନ୍ ଦେଢ ବର୍ଷ ହେବ ଟ୍ରେନିଂ ଦେଉଛନ୍ତି।

# ସବୁଜ ଶକ୍ତି ହିଁ ସର୍ବୋତ୍ତମ

**ବି**ଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଶିଳ୍ପାୟନର ଦ୍ରୁତ ବିକାଶ ସହିତ ପ୍ରଦୂଷଣମୁକ୍ତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ପୃଥିବୀକୁ ଆସନ୍ତା ପିଢ଼ିଙ୍କ ଲାଗି ଜୀବିତ ରଖିବା ପାଇଁ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱାରୋପ କରାଯାଉଛି। ସବୁଜ ଶକ୍ତି ମଧ୍ୟରେ ପବନ ଶକ୍ତି ବିଶେଷ ଆଦୃତି ଲାଭ କରିପାରିଛି। ପବନ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୫ ରେ 'ବିଶ୍ୱ ପବନ ଦିବସ' ପାଳନ କରାଯାଇଥାଏ।

ଜାତୀୟ ପବନ ଶକ୍ତି ସଙ୍ଗଠନ ଏବଂ ପବନ ଶକ୍ତି ଉତ୍ପାଦନରେ ଜଡ଼ିତ କମ୍ପାନୀଗୁଡିକ ମିଳିତ ଭାବେ ବିଶ୍ୱର ଅନେକ ଦେଶରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ୨୦୧୧ରେ, ୪ଟି ମହାଦେଶର ୩୦ଟି ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସବୁ କାର୍ଯ୍ୟକ୍ରମରେ ଉପକୂଳ ଏବଂ ଅଫ୍‌ଶୋର ପବନ ଫାର୍ମ ପରିଦର୍ଶନ, ସୂଚନା ଅଭିଯାନ, ସହରରେ ସ୍ଥାପିତ ଟର୍ବାଇନ୍ ପ୍ରଦର୍ଶନୀ, ପବନ କର୍ମଶାଳା ଏବଂ ପବନ ପରେଡ ଅନ୍ତର୍ଭୁକ୍ତ ଥିଲା।



## ବିଶ୍ୱ ପବନ ଦିବସ

୨୦୦୭ ମସିହାରେ ପ୍ରଥମଥର ପାଇଁ ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ) ଦ୍ୱାରା ଆନୁଷ୍ଠାନିକ ଭାବେ ସଂଗଠିତ ହୋଇଥିଲା। ୨୦୦୭ରେ, ୟୁରୋପରେ ପ୍ରଥମଥର ପାଇଁ ପବନ ଦିବସ ପାଳନ କରାଯାଇଥିଲା। ପବନ ଶକ୍ତିର ଉପଯୋଗିତା ଏବଂ ଏକ ସ୍ଥାୟୀ ଉତ୍ସ ଭାବରେ ଏହାର ଅପାର ପରିସର ହୃଦୟଙ୍ଗମ ହୋଇପାରିଥିଲା। ୨୦୦୯ରେ ଗ୍ଲୋବାଲ ପବନ ଶକ୍ତି ପରିଷଦ(ଜିଇଡବ୍ଲୁଇସି) ଏବଂ ୟୁରୋପୀୟ ପବନ ଶକ୍ତି ସଂଘ ବିଶ୍ୱ ପବନ ଦିବସକୁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିଲେ । ୨୦୧୨ରେ ବିଭିନ୍ନ ଦେଶରେ ପ୍ରାୟ ୨୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପବନ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଦିବସ ଭାବେ ଏକ ଜରୁରୀ ପ୍ରାକୃତିକ ସମ୍ପଦ ରୂପେ ପବନ ଶକ୍ତି ବିଷୟରେ ସଚେତନତା ସୃଷ୍ଟି କରିଥାଏ। ପବନ ଭଳି ନବୀକରଣଯୋଗ୍ୟ ସବୁଜ ଶକ୍ତି ଉତ୍ସଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍। ସେଗୁଡ଼ିକ ମୁକ୍ତ ଏବଂ ପରିବେଶ ପାଇଁ ମଧ୍ୟ କ୍ଷତିକାରକ ନୁହେଁ। ଏହି ପ୍ରଦୂଷଣମୁକ୍ତ ସର୍ବୋତ୍ତମ ସବୁଜ ଶକ୍ତି ଉତ୍ସର ବିକାଶ ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

# ଚାକିରି ଛାଡ଼ି ଟ୍ରକ୍‌ରେ ରହୁଛନ୍ତି ମହିଳା

**ୱାଶିଂଟନ:** ଯୁଆଡ଼େ ଗଲେ ବି ଘରେ ହିଁ ସବୁଠୁ ଭଲ ନିଦ ହୋଇଥାଏ। ଏଠାରେ ଜଣେ ମହିଳା ତାଙ୍କ ଚାକିରି ଛାଡ଼ି ଟ୍ରକ୍‌ରେ ରହୁଥିବା କହିଛନ୍ତି। ଆମେରିକାର ବାସିନ୍ଦା ମୋଲି ୨ ବର୍ଷ ପୂର୍ବେ କର୍ପୋରେଟର ଚାକିରି ଛାଡ଼ି ଉତ୍ତର ଆମେରିକାର ବିଭିନ୍ନ ସ୍ଥାନକୁ ବୁଲିବାକୁ ବାହାରିଲେ। ସେଥିପାଇଁ ସେ ଏକ ଟ୍ରକ୍‌କୁ ବ୍ୟବହାର କଲେ। ସେଥିରେ ବିଭିନ୍ନ ସ୍ଥାନ ବୁଲିବା ସହ ଟ୍ରକ୍‌ରେ ହିଁ ରହିବାକୁ ଲାଗିଲେ। ତାଙ୍କସହ ତାଙ୍କ ସ୍ୱାମୀ କେନ୍ ଓ ପାଳିତ କୁକୁର ବି ଥିଲେ। ପ୍ରଥମେ ମୋଲିଙ୍କୁ ଲାଗୁଥିଲା କି ଲକ୍ଷେ ଟଙ୍କାର ଦରମା ମିଳିଲେ ଜୀବନ ଶାନ୍ତି ଲାଗିବ। ସେ ତାଙ୍କ ଚାକିରିରେ ଖୁସି ସହ ସନ୍ତୁଷ୍ଟ ବି ଥିଲେ। ହେଲେ ତାଙ୍କୁ ତାଙ୍କ ଜୀବନରେ କିଛି ଅଧା ରହିଗଲା ଭଳି ଲାଗୁଥିଲା। ସେଥିପାଇଁ ସେ ଚାକିରି ଛାଡ଼ି ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ଭଲରେ ବଞ୍ଚିବାକୁ ନିଷ୍ପତ୍ତି ନେଲେ। ସେ ଟ୍ରକ୍‌ରେ ସ୍ୱାମୀ ଓ ପାଳିତ କୁକୁରଙ୍କ ସହିତ ବୁଲିବାକୁ ଯିବା ସହ ଟ୍ରକ୍‌କୁ ତାଙ୍କ ଘର କରିସାରିଲେଣି। ଟ୍ରକ୍‌ରେ ରୋଷେଇ, ଖଟ, ରୁମ୍ ସବୁ ରହିଛି । ଫଳରେ ଟ୍ରକ୍‌ଟି ପୂରା ଘର ଭଳି ଦେଖାଯାଉଛି। ସେ ସୋସିଆଲ ମିଡିଆରେ ଲୋକଙ୍କୁ ଅଧିକାଂଶ ସମୟ ବୁଲିବାକୁ ପରାମର୍ଶ ମଧ୍ୟ କରିଥାନ୍ତି।




Classified Everyday
0674-2580101, 2549949


REAL ESTATE
SALE

Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner). D-0535

ଗୃହୋପଯୋଗୀ ଷ୍ଟିତିବାନ୍ ଫ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

GENERAL
SALE

One 4/5 Kaht with Dunlop Gaddi, one mixturegrinder for sale. 9439068944. D-75118




Asribadaa Panchakarma herbal SPA Kesharimall, Bhubaneswar. Contact : 8926173473. D-74695

Newly open health benefits SPA special offer @ 799 Jaydev Vihar. 8018429809. D-75117

Relax, Refresh your Body, Mind at Saikrupa Spa with best therapies. 8984068077. D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ଦୋଳଗୋବିନ୍ଦ ଷଡ଼ଙ୍ଗୀ
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିକ୍ଷ ଉପନିର୍ଦ୍ଦେଶକ
ଆବିର୍ଭାବ-୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨ (ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୫୮୪

୨୯ତମ ଜନ୍ମ ବାର୍ଷିକୀ

୰ସତ୍ୟ ରଞ୍ଜନ ନାୟକ (ସୋନୁ)
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।
-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୦୫୮୧

# ହ୍ୟାଟ୍ରିକ୍ ବିଜୟ ଭାରତର ଲକ୍ଷ୍ୟ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଶେଷ ଦୁଇଟି ଲିଗ୍‌ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ମଙ୍ଗୋଲିଆ ଓ ଭାନୁଆଟୁ ଏବଂ ସନ୍ଧ୍ୟା ୭ଟା ୩୦ରେ ଭାରତ ଓ ଲେବାନନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୪ ଦଳ ମଧ୍ୟରେ ଲୋବାନନର ର୍‍ୟାଙ୍କିଙ୍ଗ୍ ସବୁଠୁ ଉପରେ। ତେବେ ଭାରତ ମଧ୍ୟ ବିଶେଷ ପଛରେ ନାହିଁ। ୯୯ ର୍‍ୟାଙ୍କ୍‌ପ୍ରାପ୍ତ ଲେବାନନକୁ ଘରୋଇ ପରିବେଶରେ କଡ଼ା ଚ୍ୟାଲେଞ୍ଜ ଦେବ ୧୦୧ତମ ସ୍ଥାନରେ ଥିବା ଭାରତ। ଚଳିତ ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଛି। ନିଜର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ରେ ହରାଇଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚରେ ଭାନୁଆଟୁକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରି ସାରିଛି। ୮୦ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ ଭାରତକୁ ଫାଇନାଲରେ ପହଞ୍ଚାଇ ଦେଇଥିଲା। ୨ ମ୍ୟାଚରୁ ଭାରତ ୬ ପଏଣ୍ଟ ପାଇ ସାରିଛି। ଲେବାନନ ୨ ମ୍ୟାଚରୁ ୪ ପଏଣ୍ଟ ପାଇଥିବାରୁ ଫାଇନାଲ ପାଇଁ ଅନ୍ୟତମ ଦାବିଦାର ହୋଇଛି। ଶେଷ ଲିଗ୍‌ରେ ଦୁଇଦଳ ପରସ୍ପରକୁ ଭେଟିବାକୁ ଯାଉଥିବାରୁ ଆଗାମୀ ମ୍ୟାଚ ସମ୍ଭାବ୍ୟ ଫାଇନାଲର ରିହର୍ସାଲ ବୋଲି ଆକଳନ କରାଯାଉଛି।


କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି।

## ମଙ୍ଗୋଲିଆ ପାଇଁ ସୁଯୋଗ

ମଙ୍ଗୋଲିଆ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଦଳ ଏହାର ପ୍ରଥମ ମ୍ୟାଚରେ ଭାରତଠାରୁ ୦-୨ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଲେବାନନକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଲଶୂନ୍ୟ ଡ୍ର ରଖିଥିଲା। ମଙ୍ଗୋଲିଆ ଏବେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୮୩ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭାନୁଆଟୁର ର୍‍ୟାଙ୍କିଙ୍ଗ୍ ୧୬୪। ର୍‍ୟାଙ୍କିଙ୍ଗ୍ ଅନୁସାରେ ନିମ୍ନରେ ଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚ ଦଳର ମନୋବଳ ବୃଦ୍ଧି କରିଛି। ଏହି ଦଳ ଭାନୁଆଟୁକୁ ବଡ଼ ବ୍ୟବଧାନରେ ହରାଇ ପାରିଲେ ଆଶା ଉଜ୍ଜୀବିତ ରଖିବ। ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଯିବ। ଯଦି ଭାରତଠାରୁ ଲେବାନନ ହାରିଯାଏ ତେବେ ଏହି ଦଳର ପଏଣ୍ଟ ମଧ୍ୟ ୪ରେ ରହିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏବେ ଲେବାନନର ଗୋଲ ବ୍ୟବଧାନ +୨ ଏବଂ ମଙ୍ଗୋଲିଆର -୨ ରହିଛି।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

**ଲେବାନନ ବିପକ୍ଷ ଶେଷ ଲିଗ୍‌ମ୍ୟାଚ ଆଜି**


ଟ୍ରେନିଂ ସେସନରେ କୋଚ୍ ଇଗର ଷ୍ଟିମାକ୍ (ବାମ)।

## କେବଳ ବିଜୟ ଚାହାନ୍ତି ଷ୍ଟିମାକ୍

ଭାରତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଫାଇନାଲରେ ପ୍ରବେଶ କରି ସାରିଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚକୁ ହାଲୁକା ନେଉନାହାନ୍ତି କୋଚ୍ ଇଗର ଷ୍ଟିମାକ୍। ‘‘ଆମେ ଘରୋଇ ପରିବେଶରେ ଖେଳୁଛୁ। ପୂର୍ବ ୨ଟି ମ୍ୟାଚରେ ଆମେ କେବଳ ବିଜୟ ଲକ୍ଷ୍ୟରେ ଖେଳିଥିଲୁ। ଆଗାମୀ ମ୍ୟାଚରେ ମଧ୍ୟ ସେହି ଆଭିମୁଖ୍ୟ ରହିବ। ପୂର୍ବ ମ୍ୟାଚରେ ଲେବାନନ କିପରି ପ୍ରଦର୍ଶନ କରିଥିଲା ସେଥିରେ ଆମର କିଛି ଯାଏଆସେ ନାହିଁ। ଏହି ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ତେଣୁ ଏହି ଦଳ ବିପକ୍ଷ ମ୍ୟାଚ ଆମ ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଏହି ଦଳର ମଧ୍ୟ କିଛି ଦୁର୍ବଳତା ଅଛି। ଆମେ ଏହାକୁ ଟାର୍ଗେଟ କରିବୁ। ଏହି ମ୍ୟାଚ ନିଶ୍ଚିତ ମଜାଦାର ହେବ’’ ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଷ୍ଟିମାକ୍ ଆହୁରି କହିଛନ୍ତି ଯେ, ଭାନୁଆଟୁ ବିପକ୍ଷ ମ୍ୟାଚରେ ଆମେ ଯେପରି ଚାହୁଁଥିଲୁ ସେପରି ପ୍ରଦର୍ଶନ ହୋଇପାରି ନ ଥିଲା। ଟ୍ରେନିଂ ସେସନରେ ଆମେ ଏହାକୁ ଲକ୍ଷ୍ୟରେ ରଖି ଅଭ୍ୟାସ କରିଛୁ। ଯେତେଶୀଘ୍ର ପ୍ରତିପକ୍ଷ ଦଳକୁ ଚାପରେ ରଖିବ ସେତେ ଫାଇଦା ମିଳିବ। କାରଣ ସମୟ ଆଗେଇଲେ ସ୍ଥିତି କଷ୍ଟକର ହୋଇଚାଲିବ। ଲେବାନନ-ମଙ୍ଗୋଲିଆ ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ପ୍ରଥମ ୨ଟି ଗେମ୍‌ରେ ଆମ ଦଳର ୨୨ ଖେଳାଳି ଖେଳି ସାରିଛନ୍ତି। ତେଣୁ ଲେବାନନ ବିପକ୍ଷରେ ଆମେ ଶ୍ରେଷ୍ଠ ଇଲେଭେନ ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି।

# ଆଥଲେଟ୍‌ଙ୍କୁ ଉତ୍ସାହିତ କଲେ ଉଷା

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ଏମ୍‌ପି ପି.ଟି. ଉଷା ବୁଧବାର କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଚାଇନାର ଚେଙ୍ଗଡୁଠାରେ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍‌ରେ ଚୟନ ଟ୍ରାଏଲ୍ ଚାଲିଛି। ଉଷା ଆଥଲେଟ୍‌ଙ୍କ ସହ ଭାବ ବିନିମୟ କରିବା ଅବସରରେ ଉତ୍ସାହିତ କରିଥିଲେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଧିକରୁ ଅଧିକ ପଦକ ଜିତିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଭାରତରୁ ୧୨ ଇଭେଣ୍ଟରେ ୩୩୫ ଆଥଲେଟ୍ ଅଂଶଗ୍ରହଣ କରିବାକୁ ଯାଉଥିବା ଉଷା ଏଠାରେ ଜାଣିବାକୁ ପାଇଥିଲେ। ଭାରତୀୟ ପ୍ରତିଯୋଗୀମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଇକୋଣ୍ଡୋ, ଟେନିସ, ଉଶୁ ଓ ଭଲିବଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଏତେ ସଂଖ୍ୟାକୁ ଆଥଲେଟ୍ ପଠାଇବା ଏହା ପ୍ରଥମ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳ ଭାଗ ନେବାକୁ ଯାଉଥିବା ୧୨ ଇଭେଣ୍ଟରୁ କିଟ୍‌ରେ ୪ ବିଭାଗରେ ଚୟନ ଟ୍ରାଏଲ ଚାଲିଛି। ତାହା ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଓ ଭଲିବଲ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ ବୁଧବାର ଆରମ୍ଭ ହୋଇଛି ଏବଂ ଗୁରୁବାର ମଧ୍ୟ ଚାଲିବ। ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ବିକ୍ରାନ୍ତ ମଲିକ, ଆଶିଷ ସ୍ୱାଇଁ, ମାମାଲି ନାଗ୍, ଶିବାନୀ ପ୍ରିୟଦର୍ଶିନୀଙ୍କ ପରି କେତେକ ଓଡ଼ିଶା ଖେଳାଳି ଟ୍ରାଏଲରେ ପ୍ରଭାବୀ ପ୍ରଦର୍ଶନ କରି ଇଣ୍ଡିଆନ ୟୁନିଭର୍ସିଟି ଟିମ୍‌ରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନ ସ୍ୱରୂପ ଉଷାଙ୍କୁ ଜନଜାତୀୟ ଖେଳ ମହୋତ୍ସବର ଏକ ଟି-ଶାର୍ଟ ପ୍ରଦାନ କରିଥିଲେ। ଖେଳକୁ ପ୍ରୋତ୍ସାହନ ଦେଉଥିବାରୁ ଉଷା କିଟ୍ ଓ କିସ୍‌କୁ ପ୍ରଶଂସା କରିଥିଲେ।


ପି.ଟି. ଉଷାଙ୍କୁ ଉପହାର ସ୍ୱରୂପ ଜର୍ସି ପ୍ରଦାନ କରାଯାଉଛି।

**କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ**

# ଜୁନିୟର ରଗ୍‌ବୀ ୭ଏସ୍: ଓଡ଼ିଶାକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପୁଣେଠାରେ ଶେଷ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଲିଗ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୫୭-୦ ଓ ମଣିପୁରକୁ ୨୯-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୩୪-୦ ପଏଣ୍ଟରେ ପରାସ୍ତ କରିଛି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ୨୨-୦ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପହଞ୍ଚି ଯାଇଥିଲା। ମାତ୍ର ସେମି ଫାଇନାଲରେ ବିହାରଠାରୁ ୭-୨୪ ପଏଣ୍ଟରେ ହାରିବାରୁ ବ୍ରୋଞ୍ଜ ପଦକପାଇଁ ପ୍ଲେ-ଅଫ୍ ଖେଳିଥିଲା। ଏଥିରେ ଦଳ ୨୪-୧୨ରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ Bhubaneswar, Thursday, June 15/ 2023

# ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଲେ ଅଦିତି

**ଆର୍ଚ୍ଚେରୀ ବିଶ୍ୱକପ ଷ୍ଟେଜ୍-୩**

ମେଡେଲିନ୍, ୧୪।୬ (ପି.ଟି.)

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚ୍ଚେରୀ ବିଶ୍ୱକପ ଷ୍ଟେଜ୍-୩ କ୍ୱାଲିଫିକେଶନରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଟିନ୍ଏଜର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ଗତ ଡିସେମ୍ବରରେ ଶାରଜାରେ ଅନୁଷ୍ଠିତ ଏସିଆ କପ୍ ଲେଗ୍-୩ରେ ରୌପ୍ୟ ପଦକ ଜିତିଥିବା ୧୬ ବର୍ଷୀୟା ଅଦିତି ଏଠାରେ ସମ୍ଭାବ୍ୟ ୭୨୦ରୁ ୭୧୧ ପଏଣ୍ଟ ସ୍କୋର କରି କମ୍ପାଉଣ୍ଡ ମହିଳାଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଗତ ମେ'ରେ ଲିକୋ ଆରେଓଲା ୭୦୫ ପଏଣ୍ଟ ସହିତ ରେକର୍ଡର ଅଧିକାରୀ ଥିଲେ। ଅଦିତି ନିଜ ପ୍ରଥମ ବିଶ୍ୱକପ ସେସନରେ ଏହାଠାରୁ ଅଧିକ ସ୍କୋର କରି ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ଆମେରିକା ପକ୍ଷରୁ ଆରେଓଲା ସିନିୟର ସ୍ତରରେ ପ୍ରଥମଥର ପାଇଁ ପ୍ରତିନିଧିତ୍ୱକରି ୯ମ ସ୍ଥାନରେ ରହିଛନ୍ତି। ''ମୁଁ ବହୁତ ଖୁସି ଏବଂ ଉଲ୍ଲସିତ। ମୁଁ ଏପରି ଶୁଟ୍ କରିପାରିବି ବୋଲି ଭାବି ନ ଥିଲି। ମୁଁ ବହୁତ ଖୁସି, କାରଣ ମୋତେ ଏବେ ମାତ୍ର ୧୬ ବର୍ଷ'' ବୋଲି ଅଦିତି ପ୍ରକାଶ କରିଛନ୍ତି। ସାଥି ଆର୍ଚ୍ଚର ତଥା ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟୋତି ସୁରେଖା ଭେନାମ ଓ ଘରୋଇ ଫେଭରାଇଟ ସାରା ଲୋପେଜଙ୍କୁ ଅଦିତି ୭୨ ଆରୋ ୫୦ ମିଟର କ୍ୱାଲିଫିକେଶନରେ ପଛରେ ପକାଇ ଦେଇଥିଲେ। ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଅଦିତି, ଜ୍ୟୋତି (୭୦୮) ଓ ପ୍ରନୀତ କୌର (୭୦୦) କ୍ୱାଲିଫିକେଶନରେ ଶୀର୍ଷରେ ରହିଥିଲେ ହେଁ ମାତ୍ର ୧ ପଏଣ୍ଟ ପାଇଁ କୋରିଆ (୨୧୨୦) କରିଥିବା ବିଶ୍ୱରେକର୍ଡଠାରୁ ପଛରେ ପଡ଼ି ଯାଇଥିଲେ।


ଅଦିତି ସ୍ୱାମୀ

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

## 'ବି' ବର୍ଗରେ ଶାମ୍ ଆର୍. ଚାମ୍ପିୟନ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' ବର୍ଗ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତାମିଲନାଡୁର ଶାମ୍ ଆର. ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍. ଓ ପଶ୍ଚିମବଙ୍ଗର ବସକ ବିଶାଲ ସମାନ ୮.୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପୁରସ୍କାର ଆକାରରେ ଏହି ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୬୦,୦୦୦, ୪୫,୦୦୦ ଓ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। 'ବି' ବର୍ଗ ପ୍ରତିଯୋଗିତାରେ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ୯୭ କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯାଇଥିଲା।

# ଆଜିଠୁ ସିନିୟର ଆନ୍ତଃ ରାଜ୍ୟ ଆଥ୍ଲେଟିକ୍ସ


ଖବରଦାତା ସମ୍ମିଳନୀରେ ଅମିୟ ମଲିକ, ପାରୁଲ ଚୌଧାରୀ, ରାଧାକ୍ରିଷ୍ଣନ ନାୟାର ଓ ଜ୍ୟୋତି ୟାରାଜି।

- ଏସିଆନ ଚାମ୍ପିୟନଶିପ୍, ଏସିଆନ ଗେମ୍ସ ପାଇଁ ୨୦ରେ ଦଳ ଘୋଷଣା
- ଅଂଶଗ୍ରହଣ କରିବେନି ନୀରଜ, ଅବିନାଶ, ହିମା

ଭୁବନେଶ୍ୱର, ୧୪।୬
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଅନୁଷ୍ଠିତ ହେବ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍। ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏଏଫ୍ଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଆଥ୍ଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟାରଙ୍କ ସମେତ ସ୍ପ୍ରିଣ୍ଟର ଅମିୟ ମଲିକ୍, ଜ୍ୟୋତି ୟାରାଜୀ ଓ ଷ୍ଟିପଲଚେଜର ପାରୁଲ ଚୌଧାରୀ ଏଥିରେ ଯୋଗ ଦେଇଥିଲେ। ରାଜ୍ୟରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟବଲ ଭଳି ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚାଲିଥିବା ସମୟରେ ରାଜ୍ୟ ସରକାର ଯେଉଁଭଳି ଭାବରେ ତତ୍ପରତା ଦେଖାଇ ଏହି ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି ତାକୁ ବେଶ୍ ପ୍ରଶଂସା କରିଥିଲେ ନାୟାର। ଚଳିତ ଆନ୍ତଃରାଜ୍ୟ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଦର୍ଶନ ଆଧାରରେ ହିଁ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଆସନ୍ତା ୨୦ ତାରିଖରେ ଆଥ୍ଲେଟିକ୍ସ ଦଳ ଚୟନ କରାଯିବ ବୋଲି କହିଥିଲେ କୋଚ୍। ଏହି ଟୁର୍ନାମେଣ୍ଟରେ ନୀରଜ ଚୋପ୍ରା ଓ ଅବିନାଶ ସାବ୍‌ଲେ ଅଂଶଗ୍ରହଣ କରୁ ନ ଥିବା ବେଳେ ଆହତ କାରଣରୁ ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ଅଂଶଗ୍ରହଣ କରିବେ ନାହିଁ। ଉଭୟ ନୀରଜ ଓ ଅବିନାଶ ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ ନେବା ସହିତ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଉଭୟ ଖେଳାଳିଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଭିଜା ସମସ୍ୟା ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମଧ୍ୟ ଅଂଶଗ୍ରହଣ କରିବେ ବୋଲି କୋଚ୍ ମତ ଦେଇଥିଲେ। ଓଡ଼ିଶାର ପରିବେଶ ସାଧାରଣତଃ ଆର୍ଦ୍ରରହୁଥିଲେ ମଧ୍ୟ ଏହା ଖେଳାଳିଙ୍କ ପ୍ରଦର୍ଶନକୁ ଏତେଟା ପ୍ରଭାବିତ କରିବ ନାହିଁ ବୋଲି କୋଚ୍ କହିଛନ୍ତି। ଜାତୀୟ ରେକର୍ଡଧାରୀ ଧାବି ଜ୍ୟୋତି ୟାରାଜି ବିଦେଶରେ ଅଭ୍ୟାସ ଦ୍ୱାରା ତାଙ୍କ ପ୍ରଦର୍ଶନରେ ସ୍ଥିରତା ଆସିଛି ଏବଂ ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ନେଇ ଆଶା ପ୍ରକାଶ କରିଥିଲେ। ସେହିପରି ୨୦୨୩ରେ ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ପାରୁଲ ଚୌଧାରୀ ମଧ୍ୟ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି।

### ଟାଇମିଂରେ ଉନ୍ନତି ପାଇଁ ପ୍ରୟାସ କରିବି: ପାରୁଲ

ଚଳିତ ବର୍ଷ ମୋର ପ୍ରଦର୍ଶନରେ ଢେର ଉନ୍ନତି ଆସିଛି। ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ମୋ ଟାଇମିଂରେ ଉନ୍ନତି କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି ପାରୁଲ ଚୌଧାରୀ। ବିଦେଶର ପରିବେଶ ଏବଂ ଏଠିକାର ପରିବେଶ ମଧ୍ୟରେ ବିଶେଷ ଫରକ ରହିଛି। ତେବେ ମୁଁ ଏଠାରେ ପୂର୍ବରୁ ଖେଳି ସାରିଛି ଓ ଏଠିକାର ପରିବେଶ ସହିତ ଅଭ୍ୟସ୍ତ। ତେଣୁ ଭଲ ପ୍ରଦର୍ଶନ ନେଇ ଆଶା ରହିଛି। ଓଡ଼ିଶାରେ ସର୍ବଦା ଉନ୍ନତ ସୁବିଧା ସୁଯୋଗ ମିଳିଥାଏ। ଏହା ସହିତ ଏଠିକୁ ଆସିବା ପୂର୍ବରୁ ମୋର ପ୍ରସ୍ତୁତି ବେଶ୍ ଭଲ ରହିଛି। ଆର୍ଦ୍ରତା ଓ ଗରମକୁ ଦେଖି ଅଭ୍ୟାସ ଆରମ୍ଭ କରିବି।

### ଘରୋଇ ପରିବେଶରେ ପ୍ରଦର୍ଶନ ପାଇଁ ଉତ୍ସାହିତ: ଅମିୟ

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ନେଇ ବେଶ୍ ଉତ୍ସାହିତ ରହିଛି। ଏହା ସହିତ ଏସିଆନ୍ ଚାମ୍ପିୟନଶିପ ଓ ଏସିଆନ୍ ଗେମ୍ସ ପାଇଁ ଅନ୍ତିମ ଟ୍ରାଏଲ୍ସ ରହିଥିବାରୁ ଏକ ଚମତ୍କାର ଟାଇମିଂ ଆଶା କରୁଛି। ୟୁରୋପରେ ଅଭ୍ୟାସ କାରଣରୁ ମୋ ଟାଇମିଂ ଓ ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଛି। ମୋ ଟେକ୍‌ନିକ୍ ଓ ପ୍ରଦର୍ଶନ ଉପରେ ଦୃଢ ବିଶ୍ୱାସ ରହିଛି ବୋଲି କହିଥିଲେ ଅମିୟ। ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଖରା ହେଉଥିଲେ ହେଁ ଏହା କେବଳ ମଧ୍ୟମ ଓ ଦୂରଗାମୀ ଧାବକଙ୍କୁ ପ୍ରଭାବିତ କରିବ, ସ୍ପ୍ରିଣ୍ଟ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।

# ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି

**ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସପାଇଁ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଘୋଷଣା**

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍ଏ) ଆନୁକୂଲ୍ୟରେ ୱାର୍ଲ୍ଡ ଗେମ୍ସ-୨୦୨୩ ଆସନ୍ତା ଅଗଷ୍ଟ ୧୮ରୁ ୨୭ ପର୍ଯ୍ୟନ୍ତ ବର୍ମିଂହାମଠାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥରପାଇଁ ଦୃଷ୍ଟି ବାଧିତ କ୍ରିକେଟକୁ ସାମିଲ କରାଯାଇଛି। ତେଣୁ ଏହି ପ୍ରତିଯୋଗିତା ପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ବୁଧବାର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ସାମିଲ ହୋଇଛନ୍ତି। ସେମାନେ ହେଲେ ବାସନ୍ତି ହାଁସଦା (ବି-୨), ପଦ୍ମିନୀ ଟୁଡୁ (ବି-୧), ଝିଲି ବିରୁଆ ଓ ଫୁଲ ସୋରେନ (ଉଭୟେ ବି-୩)। ଭାରତୀୟ ଦଳରେ ବି-୧ ଓ ବି-୩ ବର୍ଗରେ ୬ ଜଣ ଲେଖାଏ ଏବଂ ବି-୨ ବର୍ଗରେ ୪ ଖେଳାଳି ରହିଛନ୍ତି। ଭାରତୀୟ ଦଳ ୱାର୍ଲ୍ଡ ଗେମ୍ସପାଇଁ ପ୍ରସ୍ତୁତି ସ୍ୱରୂପ ନିକଟରେ କାଠମାଣ୍ଡୁରେ ନେପାଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲେ। ଭାରତୀୟ ଦଳ: ବର୍ଷା ୟୁ, ଭାଲାସାନାଇନି ରାଭାନି, ସିମୁ ଦାସ, ପଦ୍ମିନୀ ଟୁଡୁ, କିଲାକା ସନ୍ଧ୍ୟା, ପ୍ରୀୟା (ସମସ୍ତେ ବି-୧), ଗଙ୍ଗାଭା ନୀଲାପ୍ପା ହରିଜନ, ସାନ୍ଦ୍ରା ଡେଭିସ କରିମାଲିକ୍କାଲ, ବାସନ୍ତି ହାଁସଦା, ପ୍ରୀତି ପ୍ରସାଦ (ସମସ୍ତେ ବି-୨), ସୁଷମା ପଟେଲ, ଏମ. ସତ୍ୟବତୀ, ଫୁଲ ସୋରେନ, ଝିଲି ବିରୁଆ, ଗଙ୍ଗା ସମ୍ଭଜି କଦମ, ଦୀପିକା ଟି.ସି. (ସମସ୍ତେ ବି-୩)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ